# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୨/୨୦୨୬ ( ୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, March 22/2026 Page 16 ₹ 7.00

୫୨ଶ ଭାଗ ୧୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 116 ମୂଲ୍ୟ₹୭/-




**ଧୂରନ୍ଧର-୨: ଦୁଇଦିନରେ ଆୟ ୨୨୬ କୋଟି**

ଆଦିତ୍ୟ ଧର୍‌ଙ୍କ ନିର୍ଦ୍ଦେଶିତ ଓ ରଣବୀର ସିଂଙ୍କ ଅଭିନୀତ ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର 'ଧୂରନ୍ଧର-୨' ମୁକ୍ତିଲାଭ କରିବାର ୨ ଦିନ ମଧ୍ୟରେ ୨୨୬.୨୭ କୋଟି ଟଙ୍କା ଆୟ କରିଛି।

୦୪

୦୮

**ପାର୍ବତୀଙ୍କୁ ଦୁଇ ସ୍ୱର୍ଣ୍ଣ**

ଚଣ୍ଡିଗଡ଼ରେ ଚାଲିଥିବା ଖେଲୋ ମାଷ୍ଟର ନ୍ୟାଶନାଲ ଗେମ୍ସରେ ଓଡ଼ିଶାର ପାର୍ବତୀ ସେଠୀ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।





୩ ମାସର ବକେୟା ଦରମା ସମେତ ୭ ଦଫା ଦାବି ନେଇ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକପାଚିକା ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନବେଳେ ଶନିବାର ଜଣେ ପାଚିକା ରାସ୍ତାରେ ଶୋଇ କାନ୍ଦି ନିଜ ଦୁଃଖ ଜଣାଉଛନ୍ତି। **(ଫଟୋ– ମନୋରଞ୍ଜନ ମିଶ୍ର)**

# କ୍ରସ୍ ଭୋଟିଂ: ବିଜେଡିର ୬ ବିଧାୟକ ନିଲମ୍ବିତ

**■ ସମସ୍ତଙ୍କ ବିଧାନସଭା ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଜଣାଇବୁ: ପ୍ରମିଳା**

**■ ପିଏସି ବୈଠକରେ ନିଆଗଲା ନିଷ୍ପତ୍ତି**

ଭୁବନେଶ୍ୱର, ୨୧।୩ (ସୁନିତ୍ ମିଶ୍ର)

କ୍ରସ୍ ଭୋଟିଂ କରିଥିବା ବିଜେଡିର ୬ ବିଧାୟକଙ୍କୁ ଶନିବାର ଦଳରୁ ନିଲମ୍ବନ କରାଯାଇଛି। ବିଧାୟକ ଚକ୍ରମଣି କହଁର, ନବ କିଶୋର ମଲିକ, ସୌଭିକ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ ଏବଂ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଲମ୍ବନ କରିଛନ୍ତି। ଦଳର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକରେ ନିଷ୍ପତ୍ତି ହେବାପରେ ଏନେଇ ଘୋଷଣା କରାଯାଇଛି। ପିଏସି ଅଧ୍ୟକ୍ଷ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଏହି ନିଲମ୍ବନ ଆଦେଶ ପ୍ରକାଶ ପାଇଛି।



ଚକ୍ରମଣି କହଁର | ନବ କିଶୋର ମଲିକ | ସୌଭିକ ବିଶ୍ୱାଳ

ସୁବାସିନୀ ଜେନା | ରମାକାନ୍ତ ଭୋଇ | ଦେବୀରଞ୍ଜନ ତ୍ରିପାଠୀ

ଗତ ୧୬ ତାରିଖରେ ଓଡ଼ିଶାର ୪ଟି ରାଜ୍ୟ ସଭା ଆସନରେ ନିର୍ବାଚନ ହୋଇଥିଲା। ଏଥିରେ ମିଳିତ ବିରୋଧୀ ଦଳ ପକ୍ଷରୁ ସ୍ୱାଧୀନ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ପ୍ରାର୍ଥୀ ହୋଇଥିଲେ। ବିଜେଡି ସବୁ ବିଧାୟକଙ୍କୁ ନେଇ ବୈଠକ କରିବା ସହ ଦତ୍ତେଶ୍ୱରଙ୍କୁ ଭୋଟ ଦେବା ଲାଗି ହ୍ୱିପ୍ ଜାରି ☞ପୃଷ୍ଠା–୪

ଇରାନ ତୈଳ ଉପରୁ କଟକଣା ହଟାଇଲେ ଟ୍ରମ୍ପ୍

........୩........

**ଆଜିର ସମ୍ପାଦକୀୟ**

**ପ୍ରକୃତ ଖଳନାୟକ**

# ଅଖା ଭିତରେ ନିଖୋଜ ନାବାଳିକାଙ୍କ ମୃତଦେହ

**ଘର ନିକଟରୁ ଜଣେ ୧୫ବର୍ଷୀୟା ନାବାଳିକା ନିଖୋଜ ହେବାର ୧୨ଘଣ୍ଟା ପରେ ଅଖା ଭିତରୁ ତାଙ୍କର ମୃତଦେହ ଜବତ ହୋଇଛି। ମୟୂରଭଞ୍ଜ ଜିଲା କରଞ୍ଜିଆ ଏନ୍ଏସି ଅଧୀନ ୧୫ନଂ. ୱାର୍ଡ ବଣସାହିରେ ଶନିବାର ସକାଳେ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତା ନାବାଳିକା ହେଲେ ମନସା ବିନ୍ଧାଣୀ। ନାବାଳିକାଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ସହ କଠୋର ଦଣ୍ଡ ଦେବାକୁ ପରିବାର ଲୋକ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଅପରପକ୍ଷରେ ଅଭିଯୋଗ ଆଧାରରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।**

କରଞ୍ଜିଆ,୨୧।୩ (କବିତା ମହାନ୍ତ)

ମନସା କରଞ୍ଜିଆର ଏକ ଘରୋଇ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢ଼ନ୍ତି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ମନସା ଘରେ ରୋଷେଇ କରୁଥିଲେ। ଏହାର କିଛି ସମୟ ପରେ ସେ ନିଖୋଜ ହୋଇଯାଇଥିବା ନେଇ ବାପା ରଞ୍ଜନ ବିନ୍ଧାଣୀ କରଞ୍ଜିଆ ଥାନାରେ ରାତିରେ ଏତଲା ଦେଇଥିଲେ। କରଞ୍ଜିଆ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଉପରେ ତାଙ୍କର ସନ୍ଦେହ ହେଉଥିବା ରଞ୍ଜନ ଏତଲାରେ ଦର୍ଶାଇଥିଲେ। ପରିବାର ଲୋକେ ରାତିରେ ଗାଁ ନିକଟରେ ପୋଲିସ ଓ ପଡ଼ୋଶୀଙ୍କ ସହଯୋଗରେ ଝିଅକୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଶନିବାର ସକାଳେ ବଣସାହିସ୍ଥିତ କାଠଡିପୋ ନିକଟରେ ଥିବା ଏକ ବାଉଁଶ ବୁଦା ପାର୍ଶ୍ୱରେ ଏକ ଅଖାବସ୍ତାରେ ମନସାଙ୍କ ମୃତଦେହ ☞ପୃଷ୍ଠା–୪







# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୨/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, March 22/2026 Page 16 ₹ 7.00

୫୨ଶ ଭାଗ ୧୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 116 ମୂଲ୍ୟ₹୭/-




**ଧୂରନ୍ଧର-୨: ଦୁଇଦିନରେ ଆୟ ୨୨୬ କୋଟି**

ଆଦିତ୍ୟ ଧର୍‌ଙ୍କ ନିର୍ଦ୍ଦେଶିତ ଓ ରଣବୀର ସିଂଙ୍କ ଅଭିନୀତ ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର 'ଧୂରନ୍ଧର-୨' ମୁକ୍ତିଲାଭ କରିବାର ୨ ଦିନ ମଧ୍ୟରେ ୨୨୬.୨୭ କୋଟି ଟଙ୍କା ଆୟ କରିଛି।

୦୪

୦୮

**ପାର୍ବତୀଙ୍କୁ ଦୁଇ ସ୍ୱର୍ଣ୍ଣ**

ଚଣ୍ଡିଗଡ଼ରେ ଚାଲିଥିବା ଖେଲୋ ମାଷ୍ଟର ନ୍ୟାଶନାଲ ଗେମ୍ସରେ ଓଡ଼ିଶାର ପାର୍ବତୀ ସେଠୀ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।





୩ ମାସର ବକେୟା ଦରମା ସମେତ ୭ ଦଫା ଦାବି ନେଇ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକପାଚିକା ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନବେଳେ ଶନିବାର ଜଣେ ପାଚିକା ରାସ୍ତାରେ ଶୋଇ କାନ୍ଦି ନିଜ ଦୁଃଖ ଜଣାଉଛନ୍ତି। **(ଫଟୋ– ମନୋରଞ୍ଜନ ମିଶ୍ର)**

# କ୍ରସ୍ ଭୋଟିଂ: ବିଜେଡିର ୬ ବିଧାୟକ ନିଲମ୍ବିତ

- **ସମସ୍ତଙ୍କ ବିଧାନସଭା ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଜଣାଇବୁ: ପ୍ରମିଳା**
- **ପିଏସି ବୈଠକରେ ନିଆଗଲା ନିଷ୍ପତ୍ତି**

**ଭୁବନେଶ୍ୱର, ୨୧।୩ (ସୁନିତ୍ ମିଶ୍ର)**

କ୍ରସ୍ ଭୋଟିଂ କରିଥିବା ବିଜେଡିର ୬ ବିଧାୟକଙ୍କୁ ଶନିବାର ଦଳରୁ ନିଲମ୍ବନ କରାଯାଇଛି। ବିଧାୟକ ଚକ୍ରମଣି କହଁର, ନବ କିଶୋର ମଲିକ, ସୌଭିକ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ ଏବଂ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଲମ୍ବନ କରିଛନ୍ତି। ଦଳର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକରେ ନିଷ୍ପତ୍ତି ହେବାପରେ ଏନେଇ ଘୋଷଣା କରାଯାଇଛି। ପିଏସି ଅଧ୍ୟକ୍ଷ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଏହି ନିଲମ୍ବନ ଆଦେଶ ପ୍ରକାଶ ପାଇଛି।



ଚକ୍ରମଣି କହଁର



ନବ କିଶୋର ମଲିକ



ସୌଭିକ ବିଶ୍ୱାଳ



ସୁବାସିନୀ ଜେନା



ରମାକାନ୍ତ ଭୋଇ



ଦେବୀରଞ୍ଜନ ତ୍ରିପାଠୀ

ଗତ ୧୬ ତାରିଖରେ ଓଡ଼ିଶାର ୪ଟି ରାଜ୍ୟ ସଭା ଆସନରେ ନିର୍ବାଚନ ହୋଇଥିଲା। ଏଥିରେ ମିଳିତ ବିରୋଧୀ ଦଳ ପକ୍ଷରୁ ସ୍ୱାଧୀନ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ପ୍ରାର୍ଥୀ ହୋଇଥିଲେ। ବିଜେଡି ସବୁ ବିଧାୟକଙ୍କୁ ନେଇ ବୈଠକ କରିବା ସହ ଦତ୍ତେଶ୍ୱରଙ୍କୁ ଭୋଟ ଦେବା ଲାଗି ହୁଇପ୍ ଜାରି ☞ପୃଷ୍ଠା–୪

**ଇରାନ ତୈଳ ଉପରୁ କଟକଣା ହଟାଇଲେ ଟ୍ରମ୍ପ୍**

......... ୩ .........

**ଆଜିର ସମ୍ପାଦକୀୟ**

**ପ୍ରକୃତ ଖଳନାୟକ**

# ଅଖା ଭିତରେ ନିଖୋଜ ନାବାଳିକାଙ୍କ ମୃତଦେହ

**ଘର ନିକଟରୁ ଜଣେ ୧୫ବର୍ଷୀୟା ନାବାଳିକା ନିଖୋଜ ହେବାର ୧୨ଘଣ୍ଟା ପରେ ଅଖା ଭିତରୁ ତାଙ୍କର ମୃତଦେହ ଜବତ ହୋଇଛି। ମୟୂରଭଞ୍ଜ ଜିଲା କରଞ୍ଜିଆ ଏନ୍‌ଏସି ଅଧୀନ ୧୫ ନଂ. ୱାର୍ଡ ବଣସାହିରେ ଶନିବାର ସକାଳେ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତା ନାବାଳିକା ହେଲେ ମନସା ବିନ୍ଧାଣୀ। ନାବାଳିକାଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ସହ କଠୋର ଦଣ୍ଡ ଦେବାକୁ ପରିବାର ଲୋକ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଅପରପକ୍ଷରେ ଅଭିଯୋଗ ଆଧାରରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।**

**କରଞ୍ଜିଆ, ୨୧।୩ (କବିତା ମହାନ୍ତ)**

ମନସା କରଞ୍ଜିଆର ଏକ ଘରୋଇ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢ଼ନ୍ତି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ମନସା ଘରେ ରୋଷେଇ କରୁଥିଲେ। ଏହାର କିଛି ସମୟ ପରେ ସେ ନିଖୋଜ ହୋଇଯାଇଥିବା ନେଇ ବାପା ରଞ୍ଜନ ବିନ୍ଧାଣୀ କରଞ୍ଜିଆ ଥାନାରେ ରାତିରେ ଏତଲା ଦେଇଥିଲେ। କରଞ୍ଜିଆ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଉପରେ ତାଙ୍କର ସନ୍ଦେହ ହେଉଥିବା ରଞ୍ଜନ ଏତଲାରେ ଦର୍ଶାଇଥିଲେ। ପରିବାର ଲୋକେ ରାତିରେ ଗାଁ ନିକଟରେ ପୋଲିସ ଓ ପଡ଼ୋଶୀଙ୍କ ସହଯୋଗରେ ଝିଅକୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଶନିବାର ସକାଳେ ବଣସାହିସ୍ଥିତ କାଠଡିପୋ ନିକଟରେ ଥିବା ଏକ ବାଉଁଶ ବୁଦା ପାର୍ଶ୍ୱରେ ଏକ ଅଖାବସ୍ତାରେ ମନସାଙ୍କ ମୃତଦେହ ☞ପୃଷ୍ଠା–୪







## ଦିଲ୍ଲୀରେ ଆଜି



ଇଦ୍-ଉଲ୍-ଫିତର ଅବସରରେ ଶନିବାର ଦିଲ୍ଲୀର ଜାମା ମସ୍‌ଜିଦଠାରେ ପିଲାମାନେ ଉତ୍ସବ ମନାଉଛନ୍ତି। (ଫଟୋ: ଚମନ ଗୌତମ)

# ପୋଲିସର ଅନ୍‌ଲାଇନ ଭିଡିଓ ଅପ୍‌ଲୋଡ୍ ନିରପେକ୍ଷ ବିଚାରରେ ବାଧକ

## ଚିନ୍ତାବ୍ୟକ୍ତ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧।୩(ପି.ଟି.)

ଲୋକେ ମୋବାଇଲ୍ ଫୋନ୍‌ରେ ଭିଡିଓ ଶୁଟ୍ କରି ତତ୍‌କ୍ଷଣାତ୍ ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରିଦେଉଥିବାରୁ ସୁପ୍ରମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଲୋକମାନଙ୍କ ଏଭଳି କାର୍ଯ୍ୟ ନିରପେକ୍ଷ ତଦନ୍ତ ପ୍ରତି ବାଧକ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି।

ପୋଲିସ ଅଭିଯୁକ୍ତଙ୍କ ଭିଡିଓ ଏବଂ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ଜନସାଧାରଣଙ୍କ ମନରେ ପକ୍ଷପାତିତା ସୃଷ୍ଟି କରୁଥିବା ଅଭିଯୋଗରେ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ବେଳେ ଖଣ୍ଡପୀଠ ଉପରୋକ୍ତ ମତ ଦେଇଛନ୍ତି। ପୋଲିସ ଗଣମାଧ୍ୟମକୁ କୌଣସି ଅପରାଧ ମାମଲା ସମ୍ପର୍କରେ ସୂଚନା ଦେବା ନେଇ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ ଅନ୍ୟ ଏକ ମାମଲାରେ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ସୋସିଆଲ ମିଡିଆ ପୋଷ୍ଟକୁ ମଧ୍ୟ ଏଥିରେ ସାମିଲ କରାଯିବା ଆବଶ୍ୟକ। ଖଣ୍ଡପୀଠ ଶୁଣାଣି ଅବସରରେ ଆବେଦନକାରୀ



ହେମେନ୍ଦ୍ର ପଟେଲଙ୍କୁ କହିଥିଲେ, ଗାଇଡ୍‌ଲାଇନ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କର। ଆଜିକାଲି ମୋବାଇଲ୍ ଫୋନ୍ ଥିବା ପ୍ରତ୍ୟେକ ବ୍ୟକ୍ତି ଗଣମାଧ୍ୟମ ବନିଯାଉଛନ୍ତି ବୋଲି ପଟେଲଙ୍କ ଓକିଲ ଗୋପାଳ ଶଙ୍କରନାରାୟଣନ କହିଥିବାବେଳେ ଖଣ୍ଡପୀଠ ଏଥିରେ ସହମତ ହୋଇଥିଲେ।

# ୬୦ ବର୍ଷ ମଧ୍ୟରେ ପ୍ରଥମ: ଇଦ୍‌ରେ ବନ୍ଦ ହେଲା ଅଲ୍ ଆକ୍‌ସା ମସ୍‌ଜିଦ୍

ଜେରୁଜେଲମ୍ ,୨୧।୩

ଇରାନ୍-ଆମେରିକା ଯୁଦ୍ଧକୁ ନେଇ ଏବେ ସମଗ୍ର ମଧ୍ୟପ୍ରାଚ୍ୟ ଅଶାନ୍ତ ହୋଇପଡ଼ିଛି। ଇରାନ୍‌ଠାରୁ ଇସ୍ରାଏଲ ଯାଏ ସବୁଠି ଭୟର ବାତାବରଣ ଦେଖାଯାଇଛି। ଇତିମଧ୍ୟରେ ଇଦ୍‌ରେ ଜେରୁଜେଲମ୍‌ସ୍ଥିତ ଅଲ୍ ଆକ୍‌ସା ମସ୍‌ଜିଦ୍‌କୁ ବନ୍ଦ କରିଦିଆଯିବା ଘଟଣା ଇସ୍‌ଲାମିକ୍ ଜଗତରେ ଉଦ୍‌ବେଗ ସୃଷ୍ଟି କରିଛି। ମକ୍କା ଏବଂ ମଦିନା ପରେ ଜେରୁଜେଲମ୍‌ସ୍ଥିତ ଏହି ମସ୍‌ଜିଦ୍ ଇସ୍‌ଲାମ ଧର୍ମାବଲମ୍ବୀଙ୍କ ପାଇଁ ବହୁ ଗୁରୁତ୍ୱବହନ କରେ। କିନ୍ତୁ ଇଦ୍ ସମୟରେ ଏହି ମସ୍‌ଜିଦ୍‌ରେ ଶ୍ରଦ୍ଧାଳୁମାନଙ୍କୁ ନମାଜପାଠ ଲାଗି ଅନୁମତି ଦିଆଯାଇ ନାହିଁ। ୧୯୬୭ରେ ଇସ୍ରାଏଲ ଓ ଆରବ ଦେଶସମୂହଙ୍କ ଯୁଦ୍ଧର ପ୍ରାୟ ୬୦ ବର୍ଷ ପରେ ଇଦ୍ ସମୟରେ ଏହି ମସ୍‌ଜିଦ୍‌କୁ ବନ୍ଦ ରଖାଯାଇଛି। ସୁରକ୍ଷା ଦୃଷ୍ଟିରୁ ଇସ୍ରାଏଲ ସରକାର ଏହାକୁ ବନ୍ଦ ରଖିଥିବା କହିଛନ୍ତି। ଶନିବାର ଇରାନ୍ ଜେରୁଜେଲମ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିଲାବେଳେ ଅଲ୍ ଆକ୍‌ସା ମସ୍‌ଜିଦ୍‌ଠାରୁ ମାତ୍ର କିଛି ଶହ ମିଟର ଦୂରରେ ଏହି କ୍ଷେପଣାସ୍ତ୍ର ମାଡ଼ ହୋଇଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି।

# ବଦଳିପାରେ ଯୁଦ୍ଧ ସ୍ଥିତି

## ଇରାନ ଅଭିମୁଖେ ୨୨୦୦ ମେରିନ୍

ତେହରାନ୍,୨୧।୩

ଇରାନ୍-ଆମେରିକା ଯୁଦ୍ଧ ଶନିବାର ୨୨ ଦିନରେ ପହଞ୍ଚିଛି। ଇତିମଧ୍ୟରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ୍‌ର ୮୦୦୦ ଗୁରୁତ୍ୱପୂର୍ଣ୍ଣ ସ୍ଥଳରେ ଆକ୍ରମଣ କରିସାରିଥିବା ପ୍ରକାଶ କରିଛନ୍ତି। ଇରାନ୍‌ର ଆଣବିକ କେନ୍ଦ୍ରଠାରୁ ଆରମ୍ଭ କରି ତୈଳ ଓ ଗ୍ୟାସ୍ ଉତ୍ପାଦନ କେନ୍ଦ୍ର ଏବଂ ସାମରିକ ଘାଟି ଉପରେ ଆକ୍ରମଣ କରାଯାଇ ସେଗୁଡ଼ିକୁ ଧ୍ୱସ୍ତ ବିଧ୍ୱସ୍ତ କରିଦିଆଯାଇଛି। ଏପରିକି ଇରାନ୍‌ର ନୌସେନା ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଯାଇଛି ବୋଲି ଆମେରିକା ଦାବି କରିଛି। ଏହାପରେ ଆମେରିକା ଇରାନ୍‌ରେ ସ୍ଥଳସେନା ମୁତୟନ କରି ଇରାନ୍‌ର ପ୍ରଶାସନିକ ଭିତ୍ତିଭୂମିକୁ ଧ୍ୱଂସ କରିବାକୁ ଉଦ୍ୟମ କରିବ ବୋଲି ସାମରିକ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ପ୍ରାୟ ୨୨୦୦ ଦୁର୍ଦ୍ଧର୍ଷ ମେରିନ୍ କମାଣ୍ଡୋଙ୍କୁ ନେଇ ଜାପାନରୁ ଇରାନ୍ ଅଭିମୁଖେ ଆସୁଥିବା ଆମେରିକାର ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ତ୍ରିପୋଲି ଏହି ଆକଳନକୁ ସ୍ପଷ୍ଟ କରିଛି। ଉପଗ୍ରହ ଚିତ୍ର ସଙ୍କେତ ଅନୁଯାୟୀ ଏହି ଯୁଦ୍ଧ ଜାହାଜ ଏବେ ଭାରତ ମହାସାଗରର ଦକ୍ଷିଣ ଭାଗ ଅତିକ୍ରମ କରିଛି। ଇରାନ୍‌ରେ ପହଞ୍ଚିବାକୁ ଏହି ଯୁଦ୍ଧ ଜାହାଜକୁ ଆଉ ଅଳ୍ପ କିଛି ଦିନ ଲାଗିବ। ଏହାପରେ ଇରାନ୍‌ରେ ଯୁଦ୍ଧ ସ୍ଥିତି ବଦଳିଯିବ ବୋଲି କୁହାଯାଉଛି।



ଦକ୍ଷିଣ ଭାରତ ମହାସାଗର ଅତିକ୍ରମ କରିସାରିଥିବା ଆମେରିକା ଯୁଦ୍ଧଜାହାଜ ୟୁଏସ୍‌ଏସ୍ ତ୍ରିପୋଲି।

ଇରାନ୍‌ରେ ସ୍ଥଳସେନା ମୁତୟନକୁ ନେଇ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ କୌଣସି ସଙ୍କେତ ଦିଆଯାଇ ନ ଥିଲେ ମଧ୍ୟ ବିଚଳିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କୌଣସି ସମୟରେ କିଛି ବି ନିଷ୍ପତ୍ତି ନେଇପାରନ୍ତି। ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା କାରଣରୁ ଆମେରିକା ସମେତ ବୈଶ୍ୱିକ ସ୍ତରରେ ଯେଉଁଭଳି ଅର୍ଥନୈତିକ ଅସଙ୍ଗତି ବଢ଼ିଚାଲିଛି , ତାହା ଏବେ ଟ୍ରମ୍ପ୍‌ଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। କାରଣ ଅନ୍ତର୍ଜାତୀୟ ସ୍ତରରେ କ୍ରୁଡ୍ ତୈଳ ବ୍ୟାରେଲ ପିଛା ୧୨୦ ଡଲାର ନିକଟବର୍ତ୍ତୀ ହୋଇଥିବାରୁ ଆମେରିକା ସମେତ ବିଭିନ୍ନ ଦେଶରେ ମୁଦ୍ରାସ୍ଫୀତି ସ୍ଥିତି ଉତ୍କଟ ହେବା ଆଶଙ୍କା ବଢ଼ାଇଛି। ଆମେରିକାରେ ଆଗକୁ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଥିବାରୁ ମହଙ୍ଗାମାଡ଼ ଟ୍ରମ୍ପ୍‌ଙ୍କ ପାଇଁ କାଳ ହେବ ବୋଲି ଆଶଙ୍କା କରାଯାଉଥିବାରୁ ରାଷ୍ଟ୍ରପତି ଟ୍ରମ୍ପ୍ ହର୍ମୁଜ୍ ଦେଇ ତୈଳ ଯୋଗାଣକୁ ନିଶ୍ଚିତ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଇରାନ୍ ଉପକୂଳ ସମେତ ଖର୍ଗ ଦ୍ୱୀପରେ ଇରାନ୍‌ର ତୈଳ ଭିତ୍ତିଭୂମିକୁ କବ୍‌ଜା କରିବାକୁ ଟ୍ରମ୍ପ୍ ସ୍ଥଳସେନା ମୁତୟନ କରିପାରନ୍ତି ବୋଲି କୁହାଯାଉଛି।

# ୧ କୋଟି ଇରାନୀୟ ରିଆଲ୍ ମୂଲ୍ୟ ୬୫୦ ଟଙ୍କା




ତେହରାନ୍,୨୧।୩

ଇରାନ୍ ବିରୋଧରେ ଗତ କିଛି ବର୍ଷ ଧରି ଆମେରିକା ଆର୍ଥିକ କଟକଣା ଲାଗୁ କରିଆସିଥିଲାବେଳେ ଇରାନ୍‌ର ଅର୍ଥନୀତି ବହୁମାତ୍ରାରେ ପ୍ରଭାବିତ ରହିଆସିଛି। ଏବେ ଯୁଦ୍ଧକୁ ନେଇ ଇରାନ୍‌ର ଆର୍ଥିକ ସ୍ଥିତି ଆହୁରି ଜଟିଳ ହୋଇପଡ଼ିଛି। ଯୁଦ୍ଧ ସ୍ଥିତିରେ ଇରାନ୍ କେନ୍ଦ୍ରୀୟ ବ୍ୟାଙ୍କ ୧୦ ନିୟୁତ ବା ୧ କୋଟି ମୂଲ୍ୟବର୍ଗର ନୋଟ୍(ରିଆଲ୍) ଛାପିଥିବା ଦେଖିବାକୁ ମିଳିଛି। ଇରାନ୍‌ରେ ବର୍ତ୍ତମାନ ମୁଦ୍ରାସ୍ଫୀତି ବଢ଼ିବା ସହ ନୋଟ୍‌ର ମାତ୍ରାଧିକ ଅଭାବ ଦେଖାଯାଇଛି। ସାଧାରଣରେ ଦୈନିକ ଅର୍ଥ କାରବାରକୁ ଦୃଷ୍ଟିରେ ରଖି ଇରାନ୍ ସରକାର ଏହି ମୂଲ୍ୟବର୍ଗର ନୋଟ୍ ଛାପିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ଏହି ନୋଟ୍ ଆସିବା ପରେ ବ୍ୟାଙ୍କ ଏବଂ ଏଟିଏମ୍ କାଉଣ୍ଟରଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କିନ୍ତୁ ପ୍ରକୃତରେ ଏହି ନୋଟ୍‌ର ମୂଲ୍ୟ ଅନ୍ତର୍ଜାତୀୟ ସ୍ତରରେ ବହୁତ୍ କମ୍ ରହିଛି। ୧ କୋଟି ମୂଲ୍ୟବର୍ଗର ଏହି ରିଆଲ ଆମେରିକୀୟ ୭ ଡଲାର ଏବଂ ଭାରତର ୬୫୦ ଟଙ୍କା ସହ ସମାନ ବୋଲି ଜଣାପଡ଼ିଛି।

# ଏଆଇ ପ୍ରସ୍ତୁତ ମୋଦିଙ୍କ ଆପତ୍ତିଜନକ ଫଟୋ ଶେୟାର କରିଥିବା ଯୁବକ ଗିରଫ

ନୂଆଦିଲ୍ଲୀ,୨୧।୩

ଏଆଇ ସହାୟତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆପତ୍ତିଜନକ ଫଟୋ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ଶେୟାର କରିଥିବା ବିହାରର ସିଦ୍ଧନାଥ କୁମାରଙ୍କୁ ଦିଲ୍ଲୀ ପୋଲିସ ଗିରଫ କରି ଜେରା ପାଇଁ ନେଇଛି। ଅଭିଯୁକ୍ତ ଜଣକ ପୂର୍ବରୁ ଭାଜପାର ଜଣେ ବିଧାୟିକା ଏବଂ ଜଣେ ବିଦେଶୀ ମହିଳା ନେତ୍ରୀଙ୍କ ପରିବର୍ତ୍ତିତ ଫଟୋ ଶେୟାର କରିଥିଲେ ବୋଲି ପୋଲିସ କହିଛି।

# ହର୍ମୁଜ ପାରହେବ ଆଉ ୨ ଭାରତୀୟ ଟ୍ୟାଙ୍କର

ନୂଆଦିଲ୍ଲୀ,୨୧।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ବିଶ୍ୱର ପ୍ରମୁଖ ତୈଳ ପରିବହନ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ଅବରୋଧ କରିଥିବାବେଳେ ଭାରତରେ ତରଳୀକୃତ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ଯୋଗାଣ ସମସ୍ୟା ସୃଷ୍ଟି ହୋଇଛି। ତେବେ ସମୁଦ୍ରରେ ଅଟକି ଥିବା ୨ଟି ଏଲ୍‌ପିଜି ବୋଝେଇ ଭାରତୀୟ ଟ୍ୟାଙ୍କର ଉକ୍ତ ସାମୁଦ୍ରିକ ପଥ ଅତିକ୍ରମ କରିବାକୁ ଯାଉଛି। ସମୁଦ୍ରରେ ଅନେକ ଶହ ଜାହାଜ ଅଟକି ରହିଥିବାବେଳେ ୟୁନାଇଟେଡ୍ ଆରବ ଏମିରେଟ୍ସର ଶାରଜା ନିକଟରେ ଅଟକି ରହିଥିବା



୨ ଭାରତୀୟ ଟ୍ୟାଙ୍କର ପାଇନ୍ ଗ୍ୟାସ୍ ଏବଂ ଜାଗ୍ ବସନ୍ତ ଖୁବ୍‌ଶୀଘ୍ର ଭାରତ ଅଭିମୁଖେ ଯାତ୍ରା କରିବାକୁ ଯାଉଥିବା ଜାହାଜ ଚଳାଚଳ ତଥ୍ୟ ଓ ବାଣିଜ୍ୟିକ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ୩ଟି ଏଲ୍‌ପିଜି ଟ୍ୟାଙ୍କର ଭାରତ ଆସିଥିଲା।

# ଉପସାଗରୀୟ ଶାନ୍ତି, ସ୍ଥିରତା ପାଇଁ ମୋଦି-ପେଜେଶ୍‌କିଆନ ଆଲୋଚନା

ନୂଆଦିଲ୍ଲୀ ,୨୧।୩

ଇରାନ୍-ଆମେରିକା ଯୁଦ୍ଧ ୪ ସପ୍ତାହରେ ପହଞ୍ଚିଥିବାବେଳେ ଉପସାଗରୀୟ ଅଞ୍ଚଳ ସ୍ଥିତି ବେଳକୁ ବେଳ ଗମ୍ଭୀର ହେବାରେ ଲାଗିଛି। ଏହାଛଡ଼ା ତୈଳ ଓ ଗ୍ୟାସ୍ ଯୋଗାଣ ଶୃଙ୍ଖଳ ଅଧିକ ମାତ୍ରାରେ ବାଧାପ୍ରାପ୍ତ ହୋଇଥିବାରୁ ବୈଶ୍ୱିକ ସମସ୍ୟା ମଧ୍ୟ ଉତ୍କଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେଶ୍‌କିଆନଙ୍କ ସହ କଥାବାର୍ତ୍ତା କରିଛନ୍ତି। ଇଦ୍ ଏବଂ ଫାର୍ସୀ ନବବର୍ଷ ନୋରୁଜ୍ ପାଳନ ଅବସରରେ ମୋଦି ପେଜେଶ୍‌କିଆନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉପସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାକୁ କାମନା ଜଣାଇଛନ୍ତି। ଇରାନ୍‌ର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣକୁ ମୋଦି ନିନ୍ଦା କରିଥିଲାବେଳେ ଆରବ ଦେଶ ସମୂହରୁ ଇନ୍ଧନ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହେବା ଉଚିତ ବୋଲି କହିଛନ୍ତି। ହର୍ମୁଜ୍ ସମେତ ଅନ୍ୟ ସାମୁଦ୍ରିକ ପଥରେ ଜାହାଜ ଚଳାଚଳର ସ୍ୱାଧୀନତା ଏବଂ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଯୋଗାଣ ଶୃଙ୍ଖଳକୁ ସ୍ୱାଭାବିକ କରିବାକୁ ମୋଦି ଆହ୍ୱାନ ଜଣାଇଛନ୍ତି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରେ ମୋଦି ରାଷ୍ଟ୍ରପତି ପେଜେଶ୍‌କିଆନଙ୍କ ସହ ଦ୍ୱିତୀୟଥର ଲାଗି ଆଲୋଚନା କରିଛନ୍ତି।

# କଲେଜ ଛାତ୍ରଙ୍କୁ ଗୁଳିକରି ହତ୍ୟା

ବାରାଣସୀ,୨୧।୩

ଉତ୍ତରପ୍ରଦେଶର ବାରାଣସୀସ୍ଥିତ ଉଦୟ ପ୍ରତାପ କଲେଜ କ୍ୟାମ୍ପସ୍‌ରେ ବ୍ୟକ୍ତିଗତ ଶତ୍ରୁତାରୁ ସୂର୍ଯ୍ୟପ୍ରତାପ ସିଂ ନାମକ ୨୩ ବର୍ଷୀୟ ସ୍ନାତକ ଛାତ୍ରଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ସହପାଠୀ ମନଜିତ ଚୌହାନ ଗୁଳିକରି ହତ୍ୟା କରିଛନ୍ତି। ଘଟଣାକୁ ନେଇ କଲେଜରେ ଗୋଷ୍ଠୀ ସଂଘର୍ଷ ଘଟିଥିବାବେଳେ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରାଯିବାକୁ ସିଂଙ୍କ ବାପା ଦାବି କରିଛନ୍ତି।

# ଗୋରକ୍ଷକ ଫାର୍ସା ବାବାଙ୍କୁ ଟ୍ରକ୍ ମଡ଼ାଇ ହତ୍ୟା ଅଭିଯୋଗ

## ମଥୁରାରେ ଜୋର୍‌ଦାର ବିକ୍ଷୋଭ

ମଥୁରା,୨୧।୩

ଉତ୍ତରପ୍ରଦେଶର ମଥୁରା ନିକଟ ଆଗ୍ରା-ଦିଲ୍ଲୀ ରାଜପଥରେ ଏକ ଟ୍ରକ୍ ମାଡ଼ିଯିବାରୁ ଫାର୍ସା ବାବା ଭାବେ ପରିଚିତ ଗୋରକ୍ଷକ ଚନ୍ଦ୍ରଶେଖରଙ୍କ ମୃତ୍ୟୁ ଘଟିଛି। ଶନିବାର ଭୋର ୪ଟା ବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଅନ୍ୟପକ୍ଷରେ ବାବାଙ୍କୁ ଟ୍ରକ୍ ମଡ଼ାଇ ହତ୍ୟା କରାଯାଇଥିବା ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ଅପରାହ୍ଣରେ ଆଗ୍ରା-ଦିଲ୍ଲୀ ରାଜପଥ ଅବରୋଧ କରିବା ସହ ଜୋର୍‌ଦାର ବିକ୍ଷୋଭ କରିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।



ଚନ୍ଦ୍ରଶେଖର ଓରଫ ଫାର୍ସା ବାବା

ବାବାଙ୍କ ସମର୍ଥକମାନଙ୍କ ଅଭିଯୋଗ ଅନୁଯାୟୀ, ଏକ ଗୋରୁ ବୋଝେଇ ଟ୍ରକ୍‌କୁ ଅଟକାଇବାକୁ ଫାର୍ସା ବାବା ଓ ତାଙ୍କ ଅନୁଗାମୀମାନେ ଉଦ୍ୟମ କରୁଥିବାବେଳେ ଚୋରାଚାଲାଣକାରୀମାନେ ଟ୍ରକ୍ ମଡ଼ାଇ ଦେଇଥିଲେ। ମଥୁରା ଜିଲା ପ୍ରଶାସନ କହିବା ଅନୁଯାୟୀ, ଗୋରୁ ଚାଲାଣ ସନ୍ଦେହରେ ବାବା ଓ ତାଙ୍କ ସମର୍ଥକମାନେ ରାଜପଥରେ ଏକ କଣ୍ଟେନର ଟ୍ରକ୍‌କୁ ଅଟକାଇଥିଲେ, ଯେଉଁଥିରେ ନାଗାଲାଣ୍ଡ ପଞ୍ଜୀକୃତ ନମ୍ବର ରହିଛି। ତେବେ ଯାଞ୍ଚ ବେଳେ ଟ୍ରକ୍‌ରେ ସାବୁନ୍, ଫିନାଇଲ ଓ ସାମ୍ପୋ ଯାଉଥିବା ଜଣାପଡ଼ିଥିଲା। ଏହି ସମୟରେ ରାଜସ୍ଥାନ ପଞ୍ଜୀକୃତ ଅନ୍ୟ ଏକ ଟ୍ରକ୍ ଆସିଥିଲା। ଭୋର ସମୟରେ ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନ କମ୍ ହେଉଥିବାରୁ ଟ୍ରକ୍‌ଟି ଗୋରକ୍ଷକ ଟିମ୍‌କୁ ଧକ୍କା ଦେଇଥିଲା ବୋଲି ଜିଲାପାଳ ଚନ୍ଦ୍ରପ୍ରକାଶ ସିଂ କହିଛନ୍ତି। ଏହା ସତ୍ତ୍ୱେ ବାବାଙ୍କୁ ଜାଣିଶୁଣି ଟ୍ରକ୍ ମଡ଼ାଇ ଦିଆଯାଇଥିବା ଅଭିଯୋଗରେ ଲୋକେ ରାସ୍ତା ଅବରୋଧ କରିବା ସହ ଟେକାମାଡ଼ କରିଥିଲେ। ପ୍ରଶାସନ ଓ ପୋଲିସ ଅଧିକାରୀମାନେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଘଟଣାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଭାରତୀୟ ନୌସେନାରେ ସାମିଲହେବ 'ଫ୍ରିଗେଟ୍ ତାରାଗିରି'

ନୂଆଦିଲ୍ଲୀ ,୨୧।୩

ଏପ୍ରିଲ ୩ରେ ଭାରତୀୟ ନୌସେନାରେ ଅତ୍ୟାଧୁନିକ ଯୁଦ୍ଧ ଜାହାଜ 'ଷ୍ଟେଲ୍ଥ ଫ୍ରିଗେଟ୍ ତାରାଗିରି(ଏଫ୍ ୪୧)' ସାମିଲ ହେବ। ବିଶାଖାପାଟନାମ ଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜନ ହେବାକୁ ଥିବା ଏକ ବିଶେଷ କାର୍ଯ୍ୟକ୍ରମରେ ଏହାର ଲୋକାର୍ପଣ କରାଯିବ। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ କରାଯାଇଥିବା ଏହି ଯୁଦ୍ଧ ଜାହାଜ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରଠାରୁ ଆରମ୍ଭ କରି ଏମ୍‌ଆର୍‌ଏସ୍‌ଏମ୍ ଏୟାର ଡିଫେନ୍ସ ସିଷ୍ଟମ୍, ଅତ୍ୟାଧୁନିକ ରାଡାର୍ , ଗନ୍ ଏବଂ ଟର୍ପିଡୋ ଭଳି ବହୁ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ ରହିଛି। ଷ୍ଟେଲ୍ଥ ଟେକ୍‌ନୋଲୋଜି ଆଧାରିତ ଏହି ଯୁଦ୍ଧ




ଜାହାଜକୁ ଶତ୍ରୁପକ୍ଷ ଚିହ୍ନଟ କରିବା ମଧ୍ୟ ଦୁଃସାଧ୍ୟ। ଅପରପକ୍ଷେ ଶତ୍ରୁପକ୍ଷର ଯେକୌଣସି ଆକ୍ରମଣକୁ ପ୍ରତିହତ କରିବା ସହ ଯୁଦ୍ଧ ବିମାନ ଏବଂ ଗଭୀର ଜଳ ମଧ୍ୟରେ ଆକ୍ରମଣକୁ ଟାର୍ଗେଟ କରିବାକୁ ମଧ୍ୟ ଏହା ସକ୍ଷମ। ମେକ୍ ଇନ୍ ଇଣ୍ଡିଆ ଯୋଜନାରେ ଭାରତୀୟ ନୌସେନାର ୧୭ଏ କ୍ଲାସ୍ ପ୍ଲାଟଫର୍ମରେ ଏହାକୁ ନିର୍ମାଣ କରାଯାଇଛି। ନୌସେନାରେ ଏହି ଯୁଦ୍ଧ ଜାହାଜ ସାମିଲ ହେବା ପରେ ଭାରତର ଶକ୍ତି ଆହୁରି ମଜଭୁତ ହେବ ବୋଲି କୁହାଯାଇଛି।

ଧରିତ୍ରୀ 52 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୨/୨୦୨୬ | Bhubaneswar, Sunday, March 22/2026 | ପୃଷ୍ଠା-୩

# ଲକ୍ଷ୍ୟଭେଦ କ୍ଷମତା ଲୁଚାଇଥିଲା ଇରାନ୍

## ୪,୦୦୦ କି.ମି. ଦୂର ଆମେରିକା-ବ୍ରିଟେନ୍ ସେନାଘାଟିକୁ ମିଶାଇଲ ମାଡ଼

ମଧ୍ୟପ୍ରାଚ୍ୟ ଯୁଦ୍ଧ ଥମିବାର ନାଁ ନେଉନାହିଁ, ବରଂ ଦିନକୁଦିନ ଅଧିକ ଉଗ୍ର ହେବାରେ ଲାଗିଛି । ଇରାନ୍ ଉପରେ ଆମେରିକା-ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍ ଜାରି ରହିଥିବାବେଳେ ତେହରାନ୍ ଏହାର ମୁହଁତୋଡ଼ ଜବାବ ଦେବାକୁ ପଛାଉ ନାହିଁ। ଏହି କ୍ରମେ ଶନିବାର ଇରାନ୍ ପକ୍ଷରୁ ଭାରତୀୟ ମହାସାଗରସ୍ଥିତ ଡିଏଗୋ ଗାର୍ସିଆରେ ଥିବା ଆମେରିକା-ବ୍ରିଟେନ୍‌ର ସାମରିକ ଘାଟି ଉପରେ ବାଲିଷ୍ଟିକ୍ ମିଶାଇଲ୍ ଆକ୍ରମଣ କରାଯାଇଛି। ତେହରାନ୍ ନିଜ ଦୂରଗାମୀ କ୍ଷେପଣାସ୍ତ୍ରର ଭେଦ କ୍ଷମତାକୁ ୨,୦୦୦ କି.ମି. ଭିତରେ ସୀମିତ ରଖିଥିବା ନେଇ ପୂର୍ବରୁ ପ୍ରକାଶ କରିଥିବାବେଳେ ଇରାନ୍‌ରୁ ପ୍ରାୟ ୪,୦୦୦ କି.ମି. ଦୂରରେ ଥିବା ପାଶ୍ଚାତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସେନାଘାଟିକୁ ଟାର୍ଗେଟ କରିଛି। ତେହରାନ୍‌ର ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଏହାର ଅଘୋଷିତ ମାରକ କ୍ଷମତାକୁ ନେଇ ପ୍ରଶ୍ନ ଉଠିଛି । ଏଭଳି ସ୍ଥିତିରେ ଇରାନ୍‌ର ନତାଞ୍ଜ ଆଣବିକ ସମ୍ବର୍ଦ୍ଧନ କେନ୍ଦ୍ରକୁ ଆକାଶମାର୍ଗରୁ ପୁଣି ଟାର୍ଗେଟ କରାଯାଇଛି। ଯୁଦ୍ଧ ୨୨ତମ ଦିନରେ ପହଞ୍ଚିଥିବାବେଳେ ଆଗକୁ ଆକ୍ରମଣ ଆହୁରି ତୀବ୍ରତର ହେବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍ଜ ଚେତାବନୀ ଦେଇଛନ୍ତି ।




ଦୁବାଇ,୨୧।୩(ଏ.ପି./ଅଲ୍-ଜଜିରା)

ଇରାନ୍ ବିରୋଧରେ ଆମେରିକା-ଇସ୍ରାଏଲ୍‌ର ଯୁଦ୍ଧ ଚତୁର୍ଥ ସପ୍ତାହରେ ପ୍ରବେଶ କରିବା ସହ ଏହାର ପରିସର ବୃଦ୍ଧି ପାଇଛି। ଇରାନ୍ ପକ୍ଷରୁ ଶନିବାର ପ୍ରାୟ ୪,୦୦୦ କି.ମି. ଦୂରରେ ଥିବା ଆମେରିକା-ବ୍ରିଟେନ୍‌ର ସେନାଘାଟି ଉପରେ ଦୂରଗାମୀ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଛି। ଭାରତ ମହାସାଗରରେ ଥିବା ଡିଏଗୋ ଗାର୍ସିଆ ବେସ୍‌ରେ ମିଶାଇଲ୍ ମାଡ଼ର ତାତ୍ପର୍ଯ୍ୟ ହେଉଛି ଏହି ଯୁଦ୍ଧ ଏବେ ରଣନୈତିକ ଭୂଗୋଳ ପରିସୀମା ଅତିକ୍ରମ କରିସାରିଛି। ପୂର୍ବରୁ ଇରାନ୍ ନିଜ ଲକ୍ଷ୍ୟଭେଦ କ୍ଷମତା ୨,୦୦୦ କି.ମି.ରେ ସୀମିତ ବୋଲି ଘୋଷଣା କରିଥିବାବେଳେ ଏହାର ୨ ଗୁଣ ଦୂରରେ ଥିବା ସେନାଘାଟିକୁ ଆକ୍ରମଣ କରିବା ପରେ ବିଶ୍ୱ ବିସ୍ମିତ ହୋଇଛି। ସମ୍ଭବତଃ ଇରାନ୍ ଇଣ୍ଟରମିଡିଏଟ୍ ରେଞ୍ଜ ବାଲିଷ୍ଟିକ୍ ମିଶାଇଲ (ଆଇଆର୍‌ବିଏମ୍) ପ୍ରୟୋଗ କରି ଅଧିକ ଦୂରରେ ଥିବା ସ୍ଥାନରେ ଆକ୍ରମଣ କରିପାରେ ; ଏହି ଆଶଙ୍କା ଏବେ ଦୃଢ଼ୀଭୂତ ହେବାରେ ଲାଗିଛି। ରଣନୈତିକ ଦୃଷ୍ଟିକୋଣରୁ ଡିଏଗୋ ଗାର୍ସିଆକୁ ଆକ୍ରମଣ ଛୋଟ କଥା ନୁହେଁ, ବରଂ ଆମେରିକାର ବୈଶ୍ୱିକ ଶକ୍ତି ଭାବମୂର୍ତ୍ତି ଉପରେ ପ୍ରଚଣ୍ଡ ପ୍ରହାର। କାରଣ ଏହି ସେନାଘାଟିରେ ଆମେରିକା ନିଜ ଭାରି ବମ୍ବର ଓ ସର୍ଭିଲାନ୍ସ ଏୟାରକ୍ରାଫ୍ଟଗୁଡ଼ିକୁ ମହଜୁଦ ରଖିଥାଏ। ଶତ୍ରୁପକ୍ଷର କଳ୍ପନା ବାହାରେ ତେହରାନ୍ ଆକ୍ରମଣ କରିବା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଇରାନ୍‌ର ଜଣେ ମନ୍ତ୍ରୀ କହିଛନ୍ତି। କେବଳ ଏତିକି ନୁହେଁ, ଡିଏଗୋ ଗାର୍ସିଆକୁ ଟାର୍ଗେଟ ☞ ପୃଷ୍ଠା-୪

## ଇରାନ୍ ତୈଳ ଉପରୁ କଟକଣା ହଟାଇଲେ ଟ୍ରମ୍ପ୍

ୱାଶିଂଟନ/ତେହରାନ୍,୨୧।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହୁ ହୁ ହୋଇ ବଢ଼ିଚାଲିଥିବାବେଳେ ଏହାକୁ ପ୍ରଶମିତ କରିବା ପାଇଁ ଆମେରିକା ସମୁଦ୍ରରେ ଅଟକି ରହିଥିବା ଇରାନୀୟ ତୈଳ ବିକ୍ରି ଉପରୁ ସାମୟିକ ଭାବେ କଟକଣା ହଟାଇଛି। ମାସକ ପାଇଁ କଟକଣା ହଟାଯାଇଥିବାବେଳେ ବିଶ୍ୱ ବଜାରେ ୧୪୦ ନିୟୁତ ବ୍ୟାରେଲ୍ ଇରାନୀୟ ତୈଳ ଉପଲବ୍ଧ ହେବ ବୋଲି ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି। ତେବେ ଏହି ସାମୟିକ ରିହାତି କେବଳ ଜାହାଜରେ ଲୋଡ୍ ହୋଇଥିବା ତୈଳ ପାଇଁ ସୀମିତ। ନୂଆ କ୍ରୟ କିମ୍ବା ଉତ୍ପାଦନକୁ ଅନୁମତି ମିଳିବ ନାହିଁ ବୋଲି ବେସେଣ୍ଟ Xରେ ଲେଖିଛନ୍ତି।

ଇରାନ୍ ଯୁଦ୍ଧ ପୂର୍ବରୁ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ଦର ବ୍ୟାରେଲ୍ ପ୍ରତି ୭୦ ଡଲାର ରହିଥିବାବେଳେ ଏବେ ତାହା ୧୧୯.୫୦ ଡଲାରରେ ପହଞ୍ଚିଛି। ଦର ହ୍ରାସ ଲକ୍ଷ୍ୟରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ସୀମିତ ସମୟ ପାଇଁ ଇରାନ୍ ତୈଳ ଉପରୁ କଟକଣା ହଟାଇଥିବାରୁ ଭାରତୀୟ ରିଫାଇନେରି କମ୍ପାନୀଗୁଡ଼ିକ ସେଠାରୁ ତୈଳ କିଣା ଆରମ୍ଭ କରିବାକୁ ଯୋଜନା କରୁଛନ୍ତି। ଭାରତ ଏବେ ସମୁଦ୍ରରେ ଅଟକି ରହିଥିବା ରୁଷିଆ ତୈଳ କିଣୁଛି। ସେହିପରି ଅନ୍ୟ କେତେକ ଦେଶ ମଧ୍ୟ ଇରାନ୍ ତୈଳ ☞ ପୃଷ୍ଠା-୪

## ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା-ଇସ୍ରାଏଲ୍‌ର ବୋମାମାଡ଼

ତେହରାନ୍,୨୧।୩

ଇରାନ୍‌ର ନତାଞ୍ଜ ଆଣବିକ କେନ୍ଦ୍ର ଉପରେ ଆମେରିକା ଏବଂ ଇସ୍ରାଏଲ ଶନିବାର ବୋମାମାଡ଼ କରିଛନ୍ତି। ଏହି ଆଣବିକ କେନ୍ଦ୍ରର ୟୁରାନିୟମ୍ ଏନରିଚ୍‌ମେଣ୍ଟ ୟୁନିଟ୍‌କୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି ବୋଲି ଇରାନ୍‌ର ଆଣବିକ ଶକ୍ତି ସଂଗଠନ ପକ୍ଷରୁ କୁହାଯାଇଛି। ତେବେ ଏହି ୟୁନିଟ୍‌ରୁ କୌଣସି ରେଡିଓ ଆକ୍ଟିଭ୍ ବିକିରଣ ହୋଇ ନାହିଁ ବୋଲି କୁହାଯାଇଛି। ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ଇରାନ୍ ଉପରେ ମିଳିତ ଆକ୍ରମଣ କରାଯିବା ପରେ ଏହି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରାଯାଇଥିଲା। ସେତେବେଳେ ଏହି କେନ୍ଦ୍ରର ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ଡିଂ ଏବଂ ଭିତ୍ତିଭୂମି ନଷ୍ଟ ହୋଇଯାଇଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଥିଲା। ଏହାଛଡ଼ା ଏହି ଘଟଣାକୁ ଜାତିସଂଘର ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇଏଇଏ) ଦ୍ୱାରା ମଧ୍ୟ ସ୍ପଷ୍ଟ କରାଯାଇଥିଲା। ତେବେ ଶନିବାର ଦ୍ୱିତୀୟଥର ପାଇଁ ନତାଞ୍ଜ କେନ୍ଦ୍ର ଉପରେ ଆକ୍ରମଣ କରାଯାଇଥିବାରୁ ଆଇଏଇଏ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ବାରମ୍ବାର ଆକ୍ରମଣ ଦ୍ୱାରା ରେଡିଓ ଆକ୍ଟିଭ୍ ରଶ୍ମି ବିକିରଣ ହେବାର ଭୟ ରହିଥିବାରୁ ଏହା ମାନବସମାଜ ପାଇଁ ଭୟଙ୍କର ସ୍ଥିତି ଉତ୍ପନ୍ନ କରିବ ବୋଲି ଆଇଏଇଏ କହିଛି। ଯେକୌଣସି ସ୍ତରରେ ଆଣବିକ ଦୁର୍ଘଟଣା ଏଡ଼ାଇବାକୁ ଇସ୍ରାଏଲ ଏବଂ ଆମେରିକା ସମ୍ପୃକ୍ତ ଅଞ୍ଚଳରେ ଆକ୍ରମଣ ନ କରିବାକୁ ଉକ୍ତ ଏଜେନ୍ସି ପରାମର୍ଶ ଦେଇଛି।

## ଆଉ ଦୁଇଦିନ ବର୍ଷା, କମିଲା ତାତି

ଭୁବନେଶ୍ୱର,୨୧।୩(ବନ୍ଦନା ସେଠୀ)

ପଶ୍ଚିମା ବାୟୁ ତଥା ଝଡ଼ ପ୍ରବାହ ସହ ଘୂର୍ଣ୍ଣବଳୟ ପ୍ରଭାବରେ ରାଜ୍ୟରେ ଆହୁରି ଦୁଇଦିନ ବର୍ଷା ହେବ। ରବିବାର କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଘଡ଼ଘଡ଼ି ସହ ବର୍ଷା ପବନ ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର ଓ ମଙ୍ଗଳବାର ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ବୁଧବାର କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲାରେ ଘଡ଼ଘଡ଼ି ସହ ବର୍ଷା ପବନ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା। ଝାରସୁଗୁଡା ଲଇକେରାଠାରେ ସର୍ବାଧିକ ୧୦୪ ମି.ମି. ବର୍ଷା ରେକର୍ଡ ହୋଇଥିବାବେଳେ କିର୍‌ମିରାଠାରେ ୯୬.୪ ମି.ମି., ☞ ପୃଷ୍ଠା-୪

## ଖୁବ୍‌ଶୀଘ୍ର ସକାଳୁଆ ସ୍କୁଲ

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)

ଖୁବ୍‌ଶୀଘ୍ର ସକାଳୁଆ ହେବ ସ୍କୁଲ। ରାଜ୍ୟରେ ତାପମାତ୍ରା ସହ ଖରା ପ୍ରକୋପ ଅଧିକ ରହୁଛି। ମାର୍ଚ୍ଚରେ ବିଭିନ୍ନ ସ୍ଥାନରେ ଅସହ୍ୟ ଗରମ ଅନୁଭବ ହେଉଛି। ଏମିତିକି କିଛି ଜିଲାରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲାଣି। ଏଥିପାଇଁ ସରକାର ସକାଳୁଆ ସ୍କୁଲ ପାଇଁ ଚିନ୍ତା କରୁଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପାଣିପାଗ ବିଭାଗର ଆକଳନ ଅନୁସାରେ ଆଗକୁ ଖରାର ପ୍ରକୋପ ଅସହ୍ୟ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ ପାଇଁ ନିଷ୍ପତ୍ତି ନିଆଯିବ। ତେବେ କେବେ ସ୍କୁଲରେ ସକାଳୁଆ ପାଠପଢ଼ା ହେବ ସେନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀମାନେ ସ୍ଥିତିକୁ ଦେଖି ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି।

## କମର୍ସିଆଲ୍ ଏଲ୍‌ପିଜି ଆବଣ୍ଟନ କୋଟା ୫୦%କୁ ବୃଦ୍ଧି

ଉପକୃତ ହେବେ ହୋଟେଲ, ରେଷ୍ଟୁରାଣ୍ଟ, ଶିଳ୍ପସଂସ୍ଥା

ନୂଆଦିଲ୍ଲୀ,୨୧।୩(ପି.ଟି.)

ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଯୋଗୁ ବିଶ୍ୱ ଶକ୍ତି ବଜାର ଅସ୍ଥିର ହୋଇପଡ଼ିଛି। ଏହି ସଙ୍କଟ ସମୟରେ ଭାରତ ସରକାର ଦେଶର ବ୍ୟବସାୟିକ କ୍ଷେତ୍ରକୁ ଆଶ୍ୱସ୍ତି ଦେବା ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ଶନିବାର କମର୍ସିଆଲ୍ ଏଲ୍‌ପିଜି ଆବଣ୍ଟନ କୋଟାକୁ ଅତିରିକ୍ତ ୨୦% ବଢ଼ାଇ ମୋଟ ୫୦% କରିଛନ୍ତି। ଏହାଦ୍ୱାରା ହୋଟେଲ, ରେଷ୍ଟୁରାଣ୍ଟ, ଶିଳ୍ପ ସଂସ୍ଥା, ଗୋଷ୍ଠୀ ରୋଷଇଶାଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟଗୁଡ଼ିକ ଉପକୃତ ହେବେ। ସେଗୁଡ଼ିକୁ ଏହି ଅତିରିକ୍ତ ଗ୍ୟାସ୍ ଯୋଗାଇ ଦିଆଯିବ। ସଙ୍କଟ ସମୟରେ ଘରୋଇ ଯୋଗାଣକୁ ବଜାୟ ରଖିବାକୁ ଯାଇ ସରକାରଙ୍କ ପକ୍ଷରୁ କମର୍ସିଆଲ୍‌ଏଲ୍‌ପିଜି ଆବଣ୍ଟନ କୋଟାକୁ କମାଇ ଦିଆଯାଇଥିଲା। ଫଳରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ



ଏଲ୍‌ପିଜି ଯୋଗାଣ ହ୍ରାସ ପାଇଥିଲା।

ସରକାର ସ୍ପଷ୍ଟ କରିଛନ୍ତି ଯେ ରୋଷେଇ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ଅଛି। ଲୋକଙ୍କୁ ପ୍ୟାନିକ ବୁକିଂ ନ କରିବାକୁ ଏବଂ ହୋମ୍ ଡେଲିଭରି ଉପରେ ଭରସା ରଖିବାକୁ ପରାମର୍ଶ ଦିଆଯାଇଛି। ତେବେ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ ଅଧିକ ଗ୍ୟାସ୍ ଚାହୁଁଛନ୍ତି, ସେମାନଙ୍କୁ ପାଇପ୍ ନାଚୁରାଲ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ପାଇଁ ଆବେଦନ କରିବାକୁ ପଡ଼ିବ ବୋଲି କୁହାଯାଇଛି। ସରକାର ଦୀର୍ଘକାଳୀନ ଭାବେ ସିଲିଣ୍ଡର ଉପରୁ ନିର୍ଭରଶୀଳତା କମାଇବାକୁ ଚାହୁଁଛନ୍ତି। କଳାବଜାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଗ୍ୟାସ ଚୋରାଚାଲାଣ ଓ କଳାବଜାର ରୋକିବା ପାଇଁ ଦେଶସାରା ପ୍ରାୟ ୩,୫୦୦ ଚଢ଼ାଉ କରାଯାଇଛି ଏବଂ ଅନେକ ସିଲିଣ୍ଡର ଜବତ କରାଯାଇଛି। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଗ୍ୟାସ ମହଜୁଦ ଏବଂ କଳାବଜାର ଉପରେ ତୀକ୍ଷ୍ଣ ନଜର ରଖିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପ ଯୋଗୁ ବଜାରରେ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି କିଛିମାତ୍ରାରେ ନିୟନ୍ତ୍ରଣକୁ ଆସିପାରେ।

## ଓଡ଼ିଶୀ ନୃତ୍ୟାଙ୍ଗନା ମଧୁମିତାଙ୍କ ପରଲୋକ

ନୂଆଦିଲ୍ଲୀ,୨୧।୩ (ପି.ଟି.)

ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ମଧୁମିତା ରାଉତଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥାଇ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶନିବାର ସକାଳ ୬ଟା ୨୨ ମିନିଟ୍ ସମୟରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା ବୋଲି ତାଙ୍କ ଭାଇ ମନୋଜ ରାଉତ କହିଛନ୍ତି। ଶନିବାର ଅପରାହ୍ନରେ ଦିଲ୍ଲୀର ଲୋଧି କ୍ରେମେଟୋରିୟମ୍‌ରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।

ମଧୁମିତା ତାଙ୍କ ୨ ସାନଭାଇ ମନୋଜ ଓ ମନ୍ମଥଙ୍କ ସହ ରହୁଥିଲେ।


ମଧୁମିତା ରାଉତ

ଓଡ଼ିଶୀ ଗୁରୁ ମାୟାଧର ରାଉତଙ୍କ କନ୍ୟା ମଧୁମିତା ଓଡ଼ିଶୀ ନୃତ୍ୟର ପ୍ରସାର ପାଇଁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଓ ସ୍ୱୀକୃତି ପାଇଛନ୍ତି। ୧୯୯୭ରେ ତାଙ୍କୁ ଭାରତ ନିର୍ମାଣ ପୁରସ୍କାର, ୨୦୧୦ରେ ଓଡ଼ିଶା ରାଜ୍ୟ ଘୁଙ୍ଗୁର ସମ୍ମାନ ଏବଂ ୨୦୧୧ରେ ଓଡ଼ିଶା ଲିଭିଂ ଲିଜେଣ୍ଡ ଆୱାର୍ଡ ମିଳିଥିଲା। ସେ ଭାରତର ବିଭିନ୍ନ ନୃତ୍ୟୋତ୍ସବରେ ଅଂଶଗ୍ରହଣ କରିବା ସହ ଆୟର୍ଲାଣ୍ଡ, ନେଦରଲାଣ୍ଡସ୍, ଜର୍ମାନୀ, ବେଲ୍‌ଜିୟମ, ହଙ୍ଗେରି, ଅଷ୍ଟ୍ରିଆ, ସ୍ପେନ୍, ମରକ୍କୋ, ଫ୍ରାନ୍ସ, ପର୍ତ୍ତୁଗାଲ, ଜାପାନ ଓ ଆମେରିକାରେ ନୃତ୍ୟ ପରିବେଷଣ କରିଥିଲେ।

ମଧୁମିତା କେବଳ ନୃତ୍ୟଶିଳ୍ପୀ ନ ଥିଲେ, ସେ କବିତା ରଚନା କରିବା ସହ ଗୋଏଥେଙ୍କ କବିତା ଉପରେ ନୃତ୍ୟ ସଂଯୋଜନା ଏବଂ ନେଦରଲାଣ୍ଡସ୍‌ରେ ବାଲିନୀୟ ନୃତ୍ୟଶିଳ୍ପୀ ଦିଆ ତାନ୍ତ୍ରିଙ୍କ ସହ ଫ୍ୟୁଜନ ଡ୍ୟାନ୍ସ କରିଥିଲେ।



ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର,
୨୨ ମାର୍ଚ୍ଚ, ୨୦୨୬



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଖିଳ ଭାରତୀୟ ବ୍ରାହ୍ମଣ ସମ୍ମିଳନୀ, ସ୍ଥାନ: ଓଡ଼େସା ସଭାଗୃହ, କେଶରୀ ଟକିଜ୍ ପଛ, ସମୟ: ସକାଳ ୯ଟା ୩୦।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ୨୬ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଦଧିଚି କଲେଜ ଅଫ୍ ଫାର୍ମାସି ପକ୍ଷରୁ ଫାର୍ମା ଅନ୍ୱେଷଣ-୨୦୨୬ କାର୍ଯ୍ୟକ୍ରମ, ସ୍ଥାନ: ଦ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ, ଓଡ଼ିଶା ଷ୍ଟେଟ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ମହାନ ବିପ୍ଳବୀ ଶହୀଦ ଭଗତ ସିଂହଙ୍କ ବଳିଦାନ ଦିବସ ଉପଲକ୍ଷେ ଏକ ସଭା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଧଉଳି ଚାରୁକଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖରପୁର ଶାଖାର ବାର୍ଷିକୋତ୍ସବ ପାଳନ, ସ୍ଥାନ: ବୌଦ୍ଧିକ ମଣ୍ଡପ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳାଦ୍ରି ବିହାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଳ ସମ୍ପଦ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ 'ବିଶ୍ୱ ଜଳ ଦିବସ-୨୦୨୬' ସମାରୋହ, ସ୍ଥାନ: କନଭେନଶନ ସେଣ୍ଟର, ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାରତୀୟ ଜନତା ମଜ୍‌ଦୁର ସେଲ୍ ପକ୍ଷରୁ ଓଡ଼ିଶା ରାଜ୍ୟ ଯୁବ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଇଭେଣ୍ଟ ସ୍କୋୟାର, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ଲେଖିକା ସଂସଦର ବାର୍ଷିକ ଉତ୍ସବ ଏବଂ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ ସଭାକକ୍ଷ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସ୍ୱୟମ ସଙ୍ଗୀତ ଗ୍ରୁପ୍ ପକ୍ଷରୁ ଅଭୁଲା ଅତୀତ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା ୩୦।
- 'ଚଲାପଥ' ର ୫୪ତମ ମହୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ

- କଟକ କ୍ଲବ ପକ୍ଷରୁ ଶାନ୍ତି ମେମୋରିଆଲ ହସ୍ପିଟାଲ ଓ ନାରାୟଣ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ରକ୍ତଦାନ ଶିବିର, ସ୍ଥାନ: କ୍ଲବ ପରିସର, ବାରବାଟୀ ଦୁର୍ଗ, ସମୟ: ସକାଳ ୮ଟା।
- ଇଗଲ କ୍ଲବ ପକ୍ଷରୁ ୧୯ତମ ରକ୍ତଦାନ ଶିବିର, ସ୍ଥାନ: ଆନ୍ଧ୍ରବାଲା ବାଳିକା ଉପ୍ରା ବିଦ୍ୟାଳୟ, ଦିୱାନବଜାର, ସମୟ: ପୂର୍ବାହ୍ନ ୧୦ଟା।
- ଷ୍ଟେଟ ବ୍ୟାଙ୍କ ପେନ୍‌ସନର୍ସ ଆସୋସିଏଶନ ଭୁବନେଶ୍ୱର ସର୍କଲର ୩୨ତମ ସାଧାରଣ ପରିଷଦ ବୈଠକ, ସ୍ଥାନ: ଶହୀଦ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଦା ଆନନ୍ଦ ପରିବାର ପକ୍ଷରୁ ୪ଟି ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସିଡିଏ ସେକ୍ଟର-୬, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ମହିଳା ସମ୍ମିଳନୀ, ଶ୍ରୀଗଣେଶଜିଉ ମନ୍ଦିର ପଡ଼ିଆ, ଛତ୍ରବଜାର, ସମୟ: ମଧ୍ୟାହ୍ନ ୧୨ଟା।
- କଟକ ମହାନଗର ନିଗମ ପକ୍ଷରୁ ଜିଲାସ୍ତରୀୟ ପୁସ୍ତକ ମେଳା 'କଟକ ସାହିତ୍ୟ ସରୋବର'ର ତୃତୀୟ ଦିବସ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- କଲାବିଲା ସାଂସ୍କୃତିକ ପରିଷଦର ଆଲୋଚନାଚକ୍ର ଓ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।
- ଅମ୍ରିତା ମିତ୍ରଙ୍କ ପ୍ରଥମ ଶିଶୁଗଳ୍ପ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ସଂସ୍କୃତି ବିହାର ୬୪ତମ ବାର୍ଷିକ ଉତ୍ସବ ଅବସରରେ ଗୀତିନାଟ୍ୟ 'ଗଜପତି ପୁରୁଷୋତ୍ତମ ଦେବ' ମଞ୍ଚସ୍ଥ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଯୁବ ମୋର୍ଚ୍ଚାର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସାହିଯାତ ପାଇଁ ଶାନ୍ତି କମିଟି ବୈଠକ, ସ୍ଥାନ: ସୁନ୍ଦରା ଜାଗା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ସାଇବର ଇନଭେଷ୍ଟିଗେଶନ୍ ଟ୍ରେନିଂ ପ୍ରୋଗ୍ରାମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଭଦ୍ରକ

- ଇଚ୍ଛାପୁର-ବରଗଡ଼ା ସେତୁ ଉଦ୍‌ଘାଟନ, ସ୍ଥାନ: ଇଚ୍ଛାପୁର, ଭଦ୍ରକ, ସମୟ: ସକାଳ ୯ଟା।
- ପ୍ରେମପୃଥିବୀ ପରିବାରର ପୁସ୍ତକ ପର୍ବ, ସ୍ଥାନ: ଆରଡ଼ିଛକ ପ୍ରେମନଗର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦୁଝର

- ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ମିଡିଆ ମୈତ୍ରୀ କପ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କେନ୍ଦ୍ରୀୟ ଖେଳ ପଡ଼ିଆ, ଯୋଡ଼ା, ସମୟ: ସକାଳ ୭ଟା।

## ମୟୂରଭଞ୍ଜ

- ପ୍ରତିଭା ଚୟନ କାର୍ଯ୍ୟକ୍ରମ, ସ୍ଥାନ:ବାରିପଦା ଷ୍ଟାଡିୟମ, ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା, କରିଆ ମିନି ଷ୍ଟାଡିୟମ, କଚେରୀ ପଡିଆ ରାଇରଙ୍ଗପୁର, ସମୟ: ସକାଳ ୭ଟା ୩୦।

## ଗଞ୍ଜାମ

- ସାହିତ୍ୟ ସଭା, ସ୍ଥାନ: ଭଞ୍ଜନଗର ଆର୍‌ଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ଅଷ୍ଟପ୍ରହରୀ ନାମ ଯଜ୍ଞର ନଗର କୀର୍ତ୍ତନ, ସ୍ଥାନ: ଯାଉଁଳି ପୋଖରୀ ମଠ, ସମୟ: ସକାଳ ୯ଟା।

## ଅନୁଗୋଳ

- ଅନୁଗୋଳ ପରିବେଶପ୍ରେମୀ ନାଗରିକଙ୍କ ଦ୍ୱାରା ଲୋକ ଅଧିକାର ଯାତ୍ରା ରାଲି ଓ ସାଧାରଣ ସଭା, ସ୍ଥାନ: ଅନୁଗୋଳ ବାଜି ରାଉତ ଛାତ୍ରାବାସ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ନୀଳାଚଳ ସାରସ୍ୱତ ନିଗମାନନ୍ଦ ଆଶ୍ରମର ବାର୍ଷିକ ଉତ୍ସବ, ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ନିଗମାନନ୍ଦ ଆଶ୍ରମ ନୁଆବଜାର, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନ ପକ୍ଷରୁ ଜଳ ଅର୍ପଣ ଦିବସ ପାଳନ. ସ୍ଥାନ: ଭଣଗାଁ, ଚାନ୍ଦୋଳ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର

- ଯଯାତି ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସ୍ୱୟଂ ପାଢୀ ଓ ତାଙ୍କ ଦଳଙ୍କ ନୃତ୍ୟ, ସଙ୍ଗୀତ ପରିବେଷଣ, ସ୍ଥାନ : ଜିଲା ପ୍ରଶାସନିକ ଭବନ ପଡିଆ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼

- ସରକାରୀ ଓକିଲଙ୍କ କର୍ମଶାଳାର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ପରିସର, ସମୟ:ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ।

## କୋରାପୁଟ

- ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ, ସ୍ଥାନ: ଶିକ୍ଷକ ଭବନ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସିଦ୍ଧେଶ୍ୱେରୀ ଧର୍ମ ସଂସଦ ପକ୍ଷରୁ କବି ପ୍ରଭାକର ପାଣିଗ୍ରାହୀଙ୍କ ସାହିତ୍ୟ କୃତୀ ଉପରେ ଆଲୋଚନା, ସ୍ଥାନ: ପାଣିଟାଙ୍କିସ୍ଥିତ ଜୀବନ କ୍ଲବ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ଲନ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା
- ସହରାଞ୍ଚଳ ଝୁମାଳ ସମାଜ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସକାଳ ୯ଟା।

## ରାଉରକେଲା

- ସାଇବର ଅପରାଧ କର୍ମଶାଳା, ୩ୟ ଦିବସ, ସ୍ଥାନ: ବିପିୟୁଟି, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୭, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟସ୍ତରୀୟ ନାଟ୍ୟ ମହୋତ୍ସବ ପ୍ରଥମ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ରାତି ୭ଟା।

## ବରଗଡ଼

- ମହିଳାଙ୍କ ବିଶାଳ କଳସଯାତ୍ରା, ସ୍ଥାନ: ରଣେଶ୍ୱର ରାମଚଣ୍ଡୀ ମନ୍ଦିର, ନୃସିଂହନାଥ, ପାଇକମାଳ, ସମୟ: ସକାଳ ୭ଟା ୩୦।
- ରୌପ୍ୟ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଲିଟିଲ ଏଞ୍ଜେଲସ୍ ପବ୍ଲିକ ସ୍କୁଲ, ବରପାଲି, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ରଜକ ସେବା ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଜୁନାଗଡ଼ ଆର୍‌ଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭବାନୀପାଟଣା ପ୍ରାଥମିକ ଶିକ୍ଷକ ଭବନ, ସମୟ: ପୂର୍ବାହ ୧୧ଟା।

## ଦେବଗଡ଼

- ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ରିଆମାଳ ବ୍ଲକ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍ପାଦିକା ଗୋଷ୍ଠୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ଜାମୁନାଳୀ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ଲୋକ ମହୋତ୍ସବ ମାଳେଶ୍ରୀର ତୃତୀୟ ସନ୍ଧ୍ୟା, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ବୀରମହାରାଜପୁର, ସମୟ:ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଫ୍ଲଡ୍ ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: କୋମନା ବ୍ଲକ ଭେଳା ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ରାତ୍ର ୮ଟା।

## ଝାରସୁଗୁଡ଼ା

- କନକଦୁର୍ଗା ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: କନକଦୁର୍ଗା ମନ୍ଦିର, ରେଲୱେ ଷ୍ଟେଶନ ଛକ, ଝାରସୁଗୁଡ଼ା, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ଦ୍ୱିଜା ନକ୍ଷତ୍ରରେ ରହିଥିବାରୁ ପାରିବାରିକ ସ୍ଥିରତା, ଲୋକ ସମ୍ପର୍କରେ ଉନ୍ନତି ସାଙ୍ଗକୁ ବନ୍ଧୁମିଳନରୁ ଆନନ୍ଦିତ ରହିବେ। ମନ ଅନୁଯାୟୀ କାମ କରିପାରିବେ। ପ୍ରତ୍ୟେକ କାମରେ କିଛିଟା ଦ୍ୱନ୍ଦ୍ୱ ଓ ଆଶା, ଆଶଙ୍କା ମଧ୍ୟରେ ମନ ହଲ୍‌ଚଲ୍ ରହିବ। ଯାତ୍ରା, ବ୍ୟବସାୟ, ସୁସ୍ଥତା, ପ୍ରତିଯୋଗିତା, ଜମିଜମା କାରବାର ଦିଗରୁ ଦିନଟି ବହୁତ ଭଲ।

**ବୃଷ** ଆଜିର କର୍ମକ୍ଷେତ୍ରରେ ଶେଷ ସମୟରେ କାମଟି ବିଗିଡ଼ିଯିବାର ସମ୍ଭାବନା ରହିଛି। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ବାଣିଜ୍ୟ, ଆଲୋଚନା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଏକାଦଶସ୍ଥ ରବି ହେତୁ କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି, ସେହି ସବୁ ପ୍ରତ୍ୟେକ ଦିଗ ଅନୁକୂଳ ରହିବ।

**ମିଥୁନ** ଗୁରୁଙ୍କ ଶୁଭଦୃଷ୍ଟି ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଶୁକ୍ରଙ୍କ ସହ ରବିଙ୍କ ସମ୍ପର୍କରୁ ପାରିବାରିକ ସ୍ତରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ବ୍ୟବସାୟରେ ଉନ୍ନତ ମାନର ଫଳ ମିଳିବ।

**କର୍କଟ** ଭାଗ୍ୟଭାବରେ ଉଚ୍ଚସ୍ଥ ଶୁକ୍ର ପ୍ରଭାବରେ ମନୋରଞ୍ଜନ କିମ୍ବା ଭ୍ରମଣ ଦିଗରେ ମନ ବଳାଇବେ। ଅଧିକାଂଶ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ କାରଣରୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବହୁଦିଗରୁ ସମ୍ପର୍କୀୟଙ୍କ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** ଧନାଧିପ ବୁଧ ପାପଗ୍ରହ ରାହୁଙ୍କ ସଂଯୋଗ ହେତୁ ଧନହାନି ହେତୁକ ଟେନ୍‌ସନ ଲାଗିରହିବ। ନିଜ ଲୋକମାନଙ୍କୁ ଯେତିକି ଖୁସିରେ ରଖିବାକୁ ଚାହିଁଲେ ମଧ୍ୟ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ ତାହା ସହଜରେ କରାଇ ଦେବନାହିଁ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ।

**କନ୍ୟା** ବଳହୀନ ବୁଧ ମିତ୍ର କ୍ଷେତ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ବିଶେଷ ଗୁରୁତର ହେବନାହିଁ। ଅଭାବ ପୂରଣ ସକାଶେ ବହୁ ଚେଷ୍ଟା ପରେ ଋଣ ସୂତ୍ରରେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା କରିପାରନ୍ତି। ସାହିତ୍ୟ, ରାଜନୀତି, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିବ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ବିଭିନ୍ନ କଥା କହିପାରନ୍ତି।

**ତୁଳା** ରାଶି ପ୍ରତି ଚନ୍ଦ୍ର ଏବଂ ବୃହସ୍ପତିଙ୍କ ଦୃଷ୍ଟି ଯୋଗୁ ଯାହା ଆଶା କରୁଛନ୍ତି, ତାହା ପାଇବାରେ ଅସୁବିଧା ହେବନାହିଁ। ବିଭିନ୍ନ ବିଷୟରେ ଦୁଶ୍ଚିନ୍ତାଜନିତ ମନ ଭଲ ରହି ନ ପାରେ। ସାଧାରଣ କଥାରେ ତର୍କ ଓ ବିବାଦ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିବ। ଅବହେଳା ଓ କାଳକ୍ଷେପଣ ନୀତି ହେତୁ କାମରେ ପ୍ରତିବନ୍ଧକ ସୃଷ୍ଟିହେବ।

**ବିଛା** ଦୈହିକ ସୁସ୍ଥତା, ଅର୍ଥାଭାବ, ଭଲ ଚିନ୍ତା ଓ କାମ କଲେ ମଧ୍ୟ ମନର ଅଭାବ ସମସ୍ତ ଅସୁଖର କାରଣ ପାଲଟିଯିବ। ଷଷ୍ଠସ୍ଥ ଚନ୍ଦ୍ର ପ୍ରଭାବରେ ଯାହାକୁ ଯାହା କହିବେ ତାହା ନିଶ୍ଚିତ ଗ୍ରହଣଯୋଗ୍ୟ ହେବନାହିଁ। ରାଜନୈତିକ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ବିଜୟୀ ହେବେ ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ ସମସ୍ୟାଜନିତ ଟେନ୍‌ସନ ଲାଗିରହିବ। ଅଫିସ୍‌ରେ କିଛି ବିଚାର ନ କରି ଅନ୍ୟକୁ ବିଶ୍ୱାସ କରି ହଇରାଣରେ ପଡ଼ିବେ। ପରିବହନ, ଛୋଟ ଦୋକାନ, ହୋଟେଲ ଆଦିରୁ ସୁଫଳ ମିଳିବ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ରାଦି ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହୋଇପାରନ୍ତି।

**ମକର** କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ସକାଳୁ କୌଣସି ଶୁଭ ଖବର ମନକୁ ଆମୋଦିତ କରିପାରେ। ପରିଜନଙ୍କ ସହିତ ବନ୍ଧୁଗୃହକୁ କିମ୍ବା ଭ୍ରମଣରେ ଯିବାକୁ ସଜବାଜ ହୋଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ରାଜନୀତି, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ।

**କୁମ୍ଭ** ଉପଚୟସ୍ଥ ଚନ୍ଦ୍ରଙ୍କ ଅଶୁଭତ୍ୱରୁ କାର୍ଯ୍ୟବ୍ୟସ୍ତତା ଜନିତ ମାନସିକ ଚାପ ବୃଦ୍ଧି ହେତୁ ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ। ନିଜ ଲୋକଙ୍କ କାର୍ଯ୍ୟକଳାପରେ ବିବ୍ରତ ହୋଇପାରନ୍ତି। ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସାଙ୍ଗକୁ ସମ୍ମାନିତ ମଧ୍ୟ ହୋଇପାରନ୍ତି।

**ମୀନ** ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ କର୍ମକ୍ଷେତ୍ର ଏବଂ ସାମାଜିକ ସ୍ତରରେ ସୁପ୍ରତିଷ୍ଠିତ ହେବେ। ସଭାସମିତି, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଆସିବ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ପରିସ୍ଥିତି ତାଡ଼ନାରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

ଆଜି ମାର୍ଚ୍ଚ ୨୨ ତାରିଖ, ବିଶ୍ୱ ଜଳ ଦିବସ, ଶ୍ରୀମନ୍ଦିରରେ ବାଡିନସିଂହ ବିଜେ, ଚୈତ୍ର ଶୁକ୍ଳ ଚତୁର୍ଥୀ ରବିବାର। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୨ ଗତେ ୦୧।୫୩ ମଧ୍ୟେ, ଘ.୦୧।୨୩ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୪ ଗତେ ଘ.୦୫।୫୪ ମଧ୍ୟେ ରାହୁକାଳ।

# ଧୂରନ୍ଧର-୨: ଦୁଇଦିନରେ ଆୟ ୨୨୬ କୋଟି

**ମୁମ୍ବାଇ,୨୧।୩**

ଆଦିତ୍ୟ ଧର୍‌ଙ୍କ ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର 'ଧୂରନ୍ଧର-୨' ମୁକ୍ତିଲାଭ କରିବାର ୨ ଦିନ ମଧ୍ୟରେ ମୋଟ ୨୨୬.୨୭ କୋଟି ଟଙ୍କା ଆୟ କରିଛି। ରଣବୀର ସିଂ ଅଭିନୀତ ଉକ୍ତ ଚଳଚ୍ଚିତ୍ରର ବୁଧବାର ପେଡ୍ ପ୍ରିଭ୍ୟୁରୁ ୪୩ କୋଟି ଟଙ୍କା ଆୟ ହୋଇଥିବାବେଳେ ଗୁରୁବାର ମୁକ୍ତିଲାଭର ପ୍ରଥମ ଦିନରେ ୧୦୨.୫୫ କୋଟି ଏବଂ ଶୁକ୍ରବାର ଦ୍ୱିତୀୟ ଦିନରେ ୮୦.୭୨ କୋଟି ଟଙ୍କା ଆୟ ହୋଇଥିବା ଏକ ଟ୍ରେଡ୍ ଟ୍ରାକିଂ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି। ମୁକ୍ତିଲାଭର ପ୍ରଥମ ଦିନରେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟିକେଟ ବିକ୍ରି ହୋଇଥିଲା। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବରରେ ମୁକ୍ତିଲାଭ କରିଥିବା 'ଧୂରନ୍ଧର' ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୧,୩୦୦ କୋଟି ଟଙ୍କା ଆୟ କରିଥିଲା। ଜ୍ୟୋତି ଦେଶପାଣ୍ଡେ ଏବଂ ଲୋକେଶ ଧର୍‌ଙ୍କ ଦ୍ୱାରା ନିର୍ମିତ 'ଧୂରନ୍ଧର: ଦି ରିଭେଞ୍ଜ'ରେ ରଣବୀର ସିଂଙ୍କ ସହ ଅଭିନେତା ଆର୍. ମାଧବନ, ଅର୍ଜୁନ ରାମପାଲ, ସଞ୍ଜୟ ଦତ୍ତ, ସାରା ଅର୍ଜୁନ ଏବଂ ରାକେଶ ବେଦୀ ଅଭିନୟ କରିଛନ୍ତି। ଫିଲ୍ମଟି ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ, ତାମିଲ, କନ୍ନଡ ଏବଂ ମାଲାୟଲମ୍ ଭାଷାରେ ରିଲିଜ୍ ହୋଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଢ଼ଣା ପଡ଼ିଛି ଗୋଡ଼ଣାଯାଏ**
**ତୁଣ୍ଡ ଶୁଭୁଅଛି ରେମୁଣା ଯାଏ ।**

ଲଜ୍ଜା ନାରୀର ଭୂଷଣ। ଶାଶୁଘରେ ନୂଆକରି ପାଦ ଥାପିଥିବା ବୋହୂ ମୁଣ୍ଡରେ ଓଢ଼ଣା ପକେଇ ରହିଥାଏ, ଯାହାକି ତା'ର ଲଜ୍ଜାଶିଳା ଗୁଣକୁ ସୂଚାଇଥାଏ। ତେବେ କିଛି ବୋହୂ ଅତି ଉଚ୍ଚ ସ୍ୱରରେ କଥା ହୋଇ ନିଜର ଔଦ୍ଧତ୍ୟ ଦେଖାଇଥାନ୍ତି। ଏପରିସ୍ଥଳେ ଉକ୍ତ ମୁଖରା ବୋହୂ ପ୍ରତି ଅନାଦର ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଷା ଯାକରେ ଖୁଦୁରୁକୁଣୀ**
**ଯାତ ଯାକରେ ତିରିବିଣୀ ।**

ମା' ମଙ୍ଗଳାଙ୍କ ନାମରେ କରାଯାଉଥିବା ଓଷାକୁ ଭାଲୁକୁଣୀ ବା ଖୁଦୁରୁକୁଣୀ ଓଷା କୁହାଯାଇଥାଏ। ଅବିବାହିତ ଭଉଣୀ ନିଜ ଭାଇର ଶୁଭମନାସିବା ନେଇ ଏହି ଓଷାକୁ ପାଞ୍ଚ ପାଳି ପର୍ଯ୍ୟନ୍ତ ଅତି ନିଷ୍ଠା ଓ ଭକ୍ତିର ସହିତ ପାଳନ କରିଥାନ୍ତି। ସେହିପରି ତ୍ରିବେଣୀରେ ବୁଡ଼ ପକାଇଲେ ବ୍ୟକ୍ତିର ସକଳ ପାପ ଧୋଇ ହୋଇ ଯାଉଥିବା ନେଇ ଲୋକବିଶ୍ୱାସ ରହିଆସିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଅବଶିଷ୍ଟାଂଶ

## କ୍ରସ୍ ଭୋଟିଂ: ବିଜେଡିର ୬ ...



ନବୀନ ନିବାସରେ ଶନିବାର ଅନୁଷ୍ଠିତ ପିଏସି ବୈଠକ।

କରିଥିଲା। ମାତ୍ର ଦଳ ସହ ରହି ଶେଷ ସମୟରେ ବିଜେଡିର ଉପରୋକ୍ତ ୬ ବିଧାୟକ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଭୋଟ ଦେଇ ଦଳର ହୁଇପ୍ ଭାଙ୍ଗିଥିଲେ। ଏହା ପରଠାରୁ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏନେଇ ଗତ ୧୭ ତାରିଖରେ କ୍ରସ୍ ଭୋଟିଂ କରିଥିବା ୬ ଜଣ ବିଧାୟକଙ୍କୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଗତ ୨୦ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା କ୍ରସ୍ ଭୋଟିଂ କରିବା ଏବଂ ଦଳୀୟ ହୁଇପ୍ ଭଙ୍ଗକରିଥିବାର କାରଣ ଦର୍ଶାଇବାକୁ ଦଳ ପକ୍ଷରୁ ନୋଟିସରେ ଉଲ୍ଲେଖ କରାଯାଇଥିଲା। ଏହାର ଉତ୍ତର ଯାହା ୬ ବିଧାୟକ ଦେଇଛନ୍ତି, ଦଳ ସେଥିରେ ସନ୍ତୁଷ୍ଟ ହୋଇପାରିନାହିଁ। ଦଳର ଶୃଙ୍ଖଳା କମିଟି ସେମାନଙ୍କ ଉତ୍ତରରେ ସନ୍ତୁଷ୍ଟ ହୋଇ ନ ଥିବା ଶନିବାର ନବୀନ ନିବାସଠାରେ ଅନୁଷ୍ଠିତ ପିଏସି ବୈଠକକୁ ରିପୋର୍ଟ ମାଧ୍ୟମରେ ଜଣାଇଛି। ଫଳରେ ପିଏସି କ୍ରସ୍ ଭୋଟିଂ କରିଥିବା ସମସ୍ତଙ୍କୁ ନିଲମ୍ବନ କରିବାକୁ ନିଷ୍ପତ୍ତି ନେଇଛି। ଦଳ ବିରୋଧୀ କାର୍ଯ୍ୟକ୍ରମ, ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବାରୁ ସେମାନେ ଦଳର ଆଭ୍ୟନ୍ତରୀଣ ନିଷ୍ପତ୍ତିକୁ ଭଙ୍ଗକରିବା ଏବଂ ଦଳୀୟ ନେତୃତ୍ୱଙ୍କ ନିଷ୍ପତ୍ତିକୁ ଅବମାନନା କରିବା ଅଭିଯୋଗରେ ନିଲମ୍ବନ ସମ୍ପର୍କିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ବୈଠକ ଶେଷ ହେବାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରମିଳା କହିଛନ୍ତି, ଦଳ ବିରୋଧୀ କାର୍ଯ୍ୟ ଲାଗି ୬ ବିଧାୟକଙ୍କୁ ନିଲମ୍ବନ କରାଯାଇଛି। ଏନେଇ ପିଏସିରେ ନିଷ୍ପତ୍ତି ହୋଇଛି। ୬ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଲାଗି ଦଳ ପକ୍ଷରୁ ବାଚସ୍ପତିଙ୍କୁ ଲେଖି ଜଣାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବିଜେଡିରୁ ନିଲମ୍ବନ ହୋଇଥିବା ବିଧାୟକମାନଙ୍କ ମଧ୍ୟରୁ ଅଧିକାଂଶ ସେମାନେ ନେଇଥିବା ନିଷ୍ପତ୍ତି ଠିକ୍ ବୋଲି ବିଭିନ୍ନ ଫୋରମରେ ଯୁକ୍ତି ବାଢୁଛନ୍ତି।

# ବିଧାୟିକାଙ୍କୁ ନିଲମ୍ବନ ପରେ ବିଜେଡି ଛାଡିଲେ ବସ୍ତା ବ୍ଲକ ସଭାପତି

**ବସ୍ତା, ୨୧।୩(ହରି ଶଙ୍କର ପାଢ଼ୀ)**

ରାଜ୍ୟ ସଭା ନିର୍ବାଚନରେ କ୍ରସ ଭୋଟିଂ ନେଇ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ବିଜେଡି ଦଳରୁ ଶନିବାର ନିଲମ୍ବିତ କରିଛି। ବସ୍ତା ନିର୍ବାଚନମଣ୍ଡଳୀ ମଧ୍ୟରୁ ବସ୍ତା ବ୍ଲକ୍‌ରେ ଅନୀଲ କୁମାର ମହାନ୍ତି ଏବଂ ବାଲିଆପାଳ ବ୍ଲକ୍‌ରେ ଗୋବିନ୍ଦ ଦାସ ବିଜେଡିର ମଙ୍ଗ ଧରିଥିଲେ। ତେବେ ନିକଟରେ ବାଲେଶ୍ୱରର ପୂର୍ବତନ ଏମ୍‌ପି ତଥା ବସ୍ତା ବିଧାୟିକାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ଜେନା ଶଙ୍ଖ ଦଳ ଛାଡି ପଦ୍ମ ଧରିଛନ୍ତି। ତାଙ୍କ ସହ ବସ୍ତା ବ୍ଲକର ବିଜେଡି ଚେୟାରମ୍ୟାନ, ବାଲିଆପାଳ ବ୍ଲକର ସଭାପତି ଗୋବିନ୍ଦ ଦାସଙ୍କ ସହ କେତେକ ସରପଞ୍ଚ, ସଦସ୍ୟ ଭାଜପାରେ ଯୋଗ ଦେଇଛନ୍ତି। ତେବେ ବିଧାୟିକାଙ୍କ ନିଲମ୍ବନକୁ ବିରୋଧ କରି ଶନିବାର ବସ୍ତା ବ୍ଲକ ବିଜେଡି ସଭାପତି ଅନିଲ କୁମାର ମହାନ୍ତି, ଯୁବ ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, ଜିଲା ଯୁବ ସାଧାରଣ ସମ୍ପାଦକ ରାଜେଶ କୁମାର ଗିରି ବିଜେଡିରୁ ଇସ୍ତଫା ଦେଇଛନ୍ତି। ଫଳରେ ବିଜେଡି ଏବେ ବସ୍ତା ନିର୍ବାଚନମଣ୍ଡଳୀରେ ମୁରବି ଶୂନ୍ୟ ହୋଇପଡ଼ିଛି। ତେବେ ବସ୍ତା ଓ ବାଲିଆପାଳ ବ୍ଲକରେ ବିଜେଡିର ମଙ୍ଗୁଆଳ କିଏ ହେବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ଇରାନ୍ ତୈଳ...

କିଣିବାକୁ ଆଗ୍ରହୀ ଥିବାବେଳେ ଅନ୍ତର୍ଜାତୀୟ କ୍ରେତାମାନଙ୍କ ପାଇଁ ସମୁଦ୍ରରେ ତେହରାନ୍‌ର ବଳକା ଅଶୋଧିତ ତୈଳ ଗଚ୍ଛିତ ନ ଥିବା ଏହାର ମନ୍ତ୍ରଣାଳୟ କହିଛି। ମୁମ୍ବାଇରେ ଥିବା ଇରାନ୍ ବାଣିଜ୍ୟିକ ଦୂତାବାସ ପକ୍ଷରୁ ଏକ ବିବୃତି ଜରିଆରେ କୁହାଯାଇଛି, ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ଯୋଗାଇବା ପାଇଁ ତେହରାନ୍ ପାଖରେ ଅତିରିକ୍ତ ତୈଳ ମହଜୁଦ ନାହିଁ। ତୈଳ କିଣୁଥିବା ଦେଶଗୁଡ଼ିକୁ ପୁନର୍ବାର ଆଶ୍ୱାସନା ଦେବା ଏବଂ ବଜାର ମନୋଭାବ ପରିଚାଳନା କରିବା ଲକ୍ଷ୍ୟରେ ଆମେରିକା ଟ୍ରେଜେରି ବିଭାଗ କଟକଣା ହଟାଇବା କଥା କହିଥିବା ଇରାନ୍ କନ୍‌ସୁଲେଟ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କଟକଣା ଲାଗିଥିବା ଇରାନ୍ ତୈଳକୁ ଚାଇନା ଶସ୍ତାରେ ମହଜୁଦ କରି ରଖିଥିବା ଆମେରିକୀୟ ଅଧିକାରୀ ଅଭିଯୋଗ କରିଛନ୍ତି।

## ଆଉ ଦୁଇଦିନ...

ମୟୂରଭଞ୍ଜ ଜାମଦାଠାରେ ୭୪ ମି.ମି., ସୁନ୍ଦରଗଡ଼ ରାଜଗାଙ୍ଗପୁରଠାରେ ୭୦.୨ ମି.ମି., କୁଚ୍‌ରାରେ ୬୦ ମି.ମି., ମହିରାଡ୍ୟାମ୍‌ରେ ୫୨ ମି.ମି., ଗୁରୁଣ୍ଡିଆରେ ୪୮ ମି.ମି. ବର୍ଷା ହୋଇଥିଲା। ସେହିପରି ବର୍ଷା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବାଧିକ ତାପମାତ୍ରା ହ୍ରାସ ପାଇଛି। ଶନିବାର ପାରଳାଖେମୁଣ୍ଡିଠାରେ ସର୍ବୋଚ୍ଚ ତାପମାତ୍ରା ୩୫.୬ ଡିଗ୍ରୀ ଓ ବୌଦ୍ଧରେ ୩୫.୨ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଅନ୍ୟ ସ୍ଥାନଗୁଡିକରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ତଳେ ରହିଥିଲା।

## ଲକ୍ଷ୍ୟଭେଦ କ୍ଷମତା...

କରି ଇରାନ୍ ମଧ୍ୟପ୍ରାଚ୍ୟ ସଂଘର୍ଷକୁ ଭାରତ ମହାସାଗରୀୟ ଅଞ୍ଚଳକୁ ଟାଣିଆଣିଛି। ଅର୍ଥାତ୍ ଆମେରିକା ପାଇଁ ଆଉ କୌଣସି ସ୍ଥାନ ନିରାପଦ ନୁହେଁ ବୋଲି ତେହରାନ୍ ସଙ୍କେତ ଦେଇଛି। ଏହା ପୂର୍ବରୁ ଆମେରିକା ପକ୍ଷରୁ ଭାରତ ମହାସାଗରୀୟ ଅଞ୍ଚଳର ଶ୍ରୀଲଙ୍କା ନିକଟରେ ଇରାନ୍‌ର ଏକ ତୈଳ ଜାହାଜକୁ ଆକ୍ରମଣ କରାଯାଇଥିବାବେଳେ ଇରାନ୍ ସଦ୍ୟ ଆକ୍ରମଣ ଜରିଆରେ ଜଣାଇ ଦେଇଛି ଯେ, ଏହା ପାଇଁ ମଧ ଇଣ୍ଡିଆନ୍ ଓସେନ୍ ରିଜିଅନ୍ ଅପହଞ୍ଚ ନୁହେଁ। କୁହାଯାଉଛି ଯେ ଇରାନ୍ ଉତ୍କ୍ଷେପଣ କରିଥିବା ୨ଟି ଆଇଆର୍‌ବିଏମ୍ ମଧ୍ୟରୁ ଗୋଟିଏ ଟାର୍ଗେଟକୁ ହିଟ୍ କରିଥିବାବେଳେ ଅନ୍ୟଟି ଲକ୍ଷ୍ୟଚ୍ୟୁତ ହୋଇଯାଇଛି। ତେବେ ଏଠାରେ ହିଟ୍ କିମ୍ବା ମିସ୍‌ର ବୈଷୟିକ ପରିଣାମ ବଡ଼କଥା ନୁହେଁ। ସୂତ୍ରରୁ ଜଣାପଡ଼ିଛି, ଆମେରିକା ଏକ ଏସ୍‌ଏମ୍-୩ ଇଣ୍ଟରସେପ୍ଟର ଫାୟାର କରିଥିଲା। ତେବେ ଏହା କେତେ ଫଳପ୍ରଦ ହୋଇଛି ତାହା ଜଣାପଡ଼ିନାହିଁ। ବିଶ୍ଳେଷକଙ୍କ ମତରେ ଭୂରାଜନୈତିକ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଏକ ପ୍ରତ୍ୟକ୍ଷ ଚ୍ୟାଲେଞ୍ଜ ଦେବାରେ ସକ୍ଷମ ହୋଇଛି ବୋଲି ବୁଝିବାକୁ ପଡ଼ିବ।

## ଅଖା ଭିତରେ ନିଖୋଜ...

ଦେଖି ମହୁଲ ଓ କୁସୁମ ସାଉଁଟିବାକୁ ଆସିଥିବା ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ମନସାଙ୍କ ମୃତଦେହ ଚିହ୍ନଟ କରି କରଞ୍ଜିଆ ଥାନାକୁ ଜଣାଇଥିଲେ। ପାଞ୍ଚପୀଢ଼ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ, କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ସବ୍‌ଇନ୍ସପେକ୍ଟର ସୁଧାଂଶୁ ସେଠୀ, ଭାରତୀ ନାଏକ ଓ ସହକାରୀ ସବ୍ ଇନ୍ସପେକ୍ଟର ସାଲ୍‌ଖାନ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଇଛି। ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଛି। ବ୍ୟବଚ୍ଛେଦପାଇଁଉପଖଣ୍ଡଚିକିତ୍ସାଳୟକୁପଠାଯାଇଛି। ବ୍ୟବଚ୍ଛେଦ ପରେ ନାବାଳିକା ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ପୋଲିସ ସମସ୍ତ ଦିଗ ଉପରେ ତର୍ଜମା କରି ତଦନ୍ତ କରୁଛି ବୋଲି କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଧାନ କହିଛନ୍ତି। ଶୁକ୍ରବାର ରଞ୍ଜନଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ନିଖୋଜ ମାମଲା (ନଂ.୧୧୧/୨୬) ରୁଜୁ ହୋଇଛି।




# ଆଗକୁ ଶିକ୍ଷକଙ୍କୁ ନିୟମିତ ନିଯୁକ୍ତି ଦିଆଯିବ: ମନ୍ତ୍ରୀ

**ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)**

### ବନ୍ଦ ସ୍କୁଲ ପୁନଃ ଖୋଲିବାକୁ ପଦକ୍ଷେପ ନେଉଛନ୍ତି ସରକାର

ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଶିକ୍ଷକମାନେ ଯେପରି ରାଜରାସ୍ତାରେ ନ ବସିବେ, ପିଲାଙ୍କ ପାଠପଢ଼ାକୁ ଯେପରି ଗୁରୁତ୍ୱ ଦେବେ, ସେଥିପାଇଁ ଶୁକ୍ରବାର ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକଙ୍କୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ନିୟମିତ କରିଛନ୍ତି। ନିଯୁକ୍ତି ପାଇଥିବା ଦିନରୁ ହିଁ ସେମାନଙ୍କୁ ନିୟମିତ କରାଗଲା। ମୁଖ୍ୟମନ୍ତ୍ରୀଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ସେହିପରି ଆଗକୁ ଶିକ୍ଷା କ୍ଷେତ୍ରରେ ଯେତେବେଳେ ଶିକ୍ଷକ ନିଯୁକ୍ତି କରାଯିବ, ସମସ୍ତଙ୍କୁ ନିୟମିତ ଭାବେ ନିଯୁକ୍ତି ଦିଆଯିବ ବୋଲି ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଲେ, ପୂର୍ବ ସରକାର ରାଜ୍ୟରେ ୫ହଜାରରୁ ଉର୍ଦ୍ଧ୍ୱ ସ୍କୁଲ ବନ୍ଦ କରିଦେଇଥିଲେ। ହେଲେ ଆମ ସରକାର ଆସିବା ପରେ ଯେଉଁଠି ପିଲା ଅଛନ୍ତି, ସେମାନେ ଦୂର ସ୍କୁଲକୁ ଯାଉଛନ୍ତି, ସେଭଳି ଜାଗାରେ ବିଦ୍ୟାଳୟ ପୁନଃ ଖୋଲିବାକୁ ନିଷ୍ପତ୍ତି ନିଆଯିବ। ଏଥିପାଇଁ ଜିଲାର ଯାଞ୍ଚ କମିଟି ପକ୍ଷରୁ ସେମିତି କିଛି ପ୍ରସ୍ତାବ ଆସିଲେ, ରାଜ୍ୟ କମିଟି ତାହାର ଯାଞ୍ଚ ଓ ତର୍ଜମା କରିବ। ଏହାପରେ ଯଦି ଆବଶ୍ୟକତା ରହିଥିବା ନେଇ କମିଟି ସରକାରଙ୍କୁ ରିପୋର୍ଟ ଦେବ, ତେବେ ସେଠାରେ ପୁନଃ ବିଦ୍ୟାଳୟ ଖୋଲାଯିବ। ଇତିମଧ୍ୟରେ ୪୦ଟି ସ୍କୁଲକୁ ରି-ଓପନ କରି ପାଠପଢ଼ାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି।

# ଚଳନ୍ତା ବସ୍‌ରେ ଲାଗିଲା ନିଆଁ

### ଅଳ୍ପକେ ବର୍ତ୍ତିଲେ ଚିତ୍ରକୋଣ୍ଡା ବିଧାୟକଙ୍କ ସମେତ ୩୯ ଯାତ୍ରୀ

**ପଟ୍ଟାଙ୍ଗି,୨୧।୩(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୀମାନ୍ତ ଆନ୍ଧ୍ରପ୍ରଦେଶ ବିଜୟନଗରମ ଜିଲା ଅଧୀନ ରାମ୍ଭଦ୍ରପୁରମ ନିକଟ ତାରାପୁରମ ଗ୍ରାମ ନିକଟରେ ଓଡ଼ିଶାର ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ଶୁକ୍ରବାର ରାତିରେ ନିଆଁ ଲାଗିଥିଲା। ଏଥିରୁ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ସମେତ ୩୯ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ମାଲକାନଗିରି ଜିଲା କାଳିମେଳା ଅଭିମୁଖେ ନୀଳକଣ୍ଠେଶ୍ୱର ନାମକ ଏକ ଘରୋଇ ସ୍ଲିପର ବସ୍(ଓଡି୦୨-ସିଏଚ୍-୪୦୦୨)ରେ ପ୍ରାୟ ୩୯ ଯାତ୍ରୀ ଫେରୁଥିଲେ। ହଠାତ୍ ରାତିରେ ଆନ୍ଧ୍ରର ତାରାପୁରମ ଗ୍ରାମ ନିକଟରେ ବସ୍‌ରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ବସ୍ ଡ୍ରାଇଭର ଶୁକଦେବ ବେହେରା ଶୋଇଥିବା ବେଳେ ଅନ୍ୟ ସହଯୋଗୀ ଡ୍ରାଇଭର ଦାଶରଥି ପୃଷ୍ଟି ଗାଡ଼ି ଚଳାଉଥିଲେ। ବସ୍ ଚାଲୁଥିବା ଅବସ୍ଥାରେ କିଛି ଫାଟିବା ଶବ୍ଦ ଶୁଣି ଶୁକଦେବଙ୍କ ନିଦ ଭାଙ୍ଗିଯାଇଥିବା ସେ କହିଛନ୍ତି। ଏହା ପରେ ସେ ସହଯୋଗୀ ଡ୍ରାଇଭରଙ୍କୁ ବସ୍ ରଖିବାକୁ କହିଥିଲେ। ବସ୍‌ରୁ ତଳକୁ ଓହ୍ଲାଇ ଦେଖିବାରୁ ପଛ ଚକା ପାଖରେ ଥିବା ହାଉଜିଙ୍ଗ ନିକଟ ଓ୍ୱାୟାରରୁ ନିଆଁ ବାହାରୁଥିବା ଜାଣିଥିଲେ। ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଏହା ପରେ ବସ୍‌ରୁ ଗ୍ୟାସ୍ କାଢ଼ି ଲିଭାଇବା ସମୟରେ ବସ୍‌ର ବେଲୁନ ଫାଟିଯିବାରୁ ନିଆଁ ଅଣାୟତ୍ତ ହୋଇଯାଇଥିବା ଡ୍ରାଇଭର କହିଛନ୍ତି। ବସ୍ ଭିତରୁ ସମସ୍ତ ଯାତ୍ରୀଙ୍କୁ ବାହାରକୁ ବାହାରିବାକୁ କହିଥିଲେ। ବସ୍‌ରେ ଥିବା ଭୁବନେଶ୍ୱରରୁ ଚିତ୍ରକୋଣ୍ଡା ଫେରୁଥିବା ବିଧାୟକ ଖିଲ ବାହାରକୁ ଡେଇଁ ପଡ଼ିଥିଲେ। ଏଥିସହ ଯାତ୍ରୀଙ୍କୁ ବାହାରକୁ ବାହାର କରିବାରେ ଡ୍ରାଇଭରଙ୍କୁ ସହଯୋଗ କରିଥିଲେ। ସ୍ୱାଇଲ ନୀଳକଣ୍ଠେଶ୍ୱର ନାମକ ଅନ୍ୟ ଏକ ବସ୍‌ରେ ସମସ୍ତ ଯାତ୍ରୀଙ୍କୁ ଜୟପୁର ପଠାଇବାରେ ବିଧାୟକ ସହଯୋଗ କରିଥିଲେ। ସମସ୍ତ ଯାତ୍ରୀଙ୍କ ଜିନିଷ ଉଦ୍ଧାର କରାଯାଇଥିଲା। ଅଳ୍ପ କିଛି ସାମଗ୍ରୀ ପୋଡ଼ିଯାଇଥିବା ଜଣାପଡ଼ିଛି। ଜଣେ ମହିଳା ତାଙ୍କ ସୁନାଗହଣା ବାହାରକରି ବସ୍‌ରେ ରଖିଥିବା ବେଳେ ଏହା ପୋଡ଼ିଯାଇଥିଲା। ଆନ୍ଧ୍ର ପୋଲିସ ଉକ୍ତ ପୋଡ଼ିଯାଇଥିବା ସୁନାଗହଣାକୁ ମହିଳାଙ୍କୁ ଫେରାଇଥିଲା। ଆନ୍ଧ୍ର ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



# ବି.ଏଡ୍. ପ୍ରବେଶିକା ପରୀକ୍ଷା ପାଇଁ ୨୩ରୁ ଆବେଦନ

**ଭୁବନେଶ୍ୱର,୨୧।୩ (ସୁଚିସ୍ମିତା ସାହୁ)**

୨ବର୍ଷିଆ ବି.ଏଡ୍, ବିଏଚ୍.ଏଡ୍. ଓ ଏମ୍.ଏଡ୍. ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ସୋମବାରଠାରୁ ଏପ୍ରିଲ ୬ ମଧ୍ୟରେ ଆଶାୟୀ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଆବେଦନ ସମୟରେ କୌଣସି ତ୍ରୁଟି ଥିଲେ ୭ ତାରିଖରେ ସଂଶୋଧନ କରିପାରିବେ। ଆବେଦନକାରୀଙ୍କ ସମସ୍ତ ତଥ୍ୟ ଓକାକ୍ ପକ୍ଷରୁ ୧୩ ତାରିଖରେ ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି)କୁ ପ୍ରଦାନ କରାଯିବ। ମେ ୨୭ରେ ଏସ୍‌ଏସ୍‌ବି ୱେବ୍‌ସାଇଟ୍‌ରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ମେ' ୩୧ରେ ବି.ଏଡ୍. ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଜୁନ୍ ୩ରେ ବିଏଚ୍.ଏଡ୍. ଓ ଏମ୍.ଏଡ୍. ପ୍ରବେଶିକା ପରୀକ୍ଷା ହେବ। ଜୁନ୍ ୪ରେ ପ୍ରୋଭିଜନାଲ ଆନ୍‌ସାର କି ପ୍ରକାଶ ପାଇବା ପରେ ଉତ୍ତରକୁ ନେଇ କୌଣସି ଅସନ୍ତୋଷ ଥିଲେ ୫ରୁ ୭ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଚୂଡ଼ାନ୍ତ ଆନ୍‌ସାର କି କେବେ ପ୍ରକାଶ ପାଇବ, ସେନେଇ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ। ସ୍ନାତକ ପରୀକ୍ଷାଫଳ ପ୍ରକାଶ ପାଇ ନ ଥିଲେ ମଧ୍ୟ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିପାରିବେ। ରେଜଲ୍ଟ ବାହାରିବା ପରେ ତାକୁ ଅପ୍‌ଡେଟ୍ କରିବେ। ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ବୃତ୍ତିରାଶି ପାଇଁ ଆବେଦନ ସମୟରେ ହିଁ ରେସିଡେଣ୍ଟ ସହ ଜାତି ଓ ଆୟ ପ୍ରମାଣପତ୍ରର ଆବଶ୍ୟକତା ରହିଛି। ଆବେଦନ ପୂର୍ବରୁ ଏସବୁ ପ୍ରମାଣପତ୍ର ପ୍ରସ୍ତୁତକରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

# ଏପ୍ରିଲ ୮ରେ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ରକ୍ତଦାନ ଶିବିର

**ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)**

ଆସନ୍ତା ଏପ୍ରିଲ ୮ରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ରକ୍ତଦାନ ଶିବିର ଆୟୋଜନ ହେବ। ଏନେଇ ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। ଆସନ୍ତା ଏପ୍ରିଲ ୧ରୁ ୧୪ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯିବ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏପ୍ରିଲ ୮ରେ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏନ୍‌ସିସି/ ଏନ୍‌ଏସ୍‌ଏସ୍/ୟୁଥ୍ /ରେଡକ୍ରସ/ ରୋଭର୍ସ ରେଞ୍ଜର୍ସ ତରଫରୁ ରକ୍ତଦାନ ଶିବିରର ଆୟୋଜନ କରାଯିବ ବୋଲି ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ଶିକ୍ଷାନୁଷ୍ଠାନରେ ପରୀକ୍ଷା ବା ଅନ୍ୟକୌଣସି ଅପରିହାର୍ଯ୍ୟ କାରଣରୁ ଉକ୍ତଦିନ ରକ୍ତଦାନ ଶିବିର ଆୟୋଜନ ସମ୍ଭବ ନ ହେବ, ତେବେ ଏହାକୁ ଓଡ଼ିଆ ପକ୍ଷ ପାଳନ ଅବଧି ମଧ୍ୟରେ ରହିଥିବା ଯେକୌଣସି ଦିନରେ କରାଯାଇପାରିବ ବୋଲି କୁହାଯାଇଛି। ରକ୍ତଦାନ ଶିବିର ଆୟୋଜନ ପରେ ଶିବିରର ବିବରଣୀକୁ ହିମ୍ସ ପୋର୍ଟାଲରେ ଅପ୍‌ଲୋଡ଼ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

DVARA KGFS

**PUBLIC NOTICE**

**DVARA KGFS ଶାଖା ସ୍ଥାନାନ୍ତର ନୋଟିସ୍**

**DVARA KGFS (DVARA Kshetriya Gramin Financial Services Private Limited)** ତାର ଗ୍ରାହକମାନଙ୍କୁ ଜଣାଇବାକୁ ଚାହୁଁଛି ଯେ ପ୍ରଶାସନିକ ସୁବିଧା ହେତୁ, ବୁଡାମ୍ବ ଏବଂ ଛେଣ୍ଡିପଦା ସ୍ଥିତ କାର୍ଯ୍ୟ କରୁଥିବା ଶାଖା ୦୧ ଏପ୍ରିଲ ୨୦୨୬ ଠାରୁ ନିମ୍ନଲିଖିତ ଶାଖାଗୁଡିକରୁ ତାର ସମସ୍ତ ଆର୍ଥିକ ସେବା ପ୍ରଦାନ ଜାରି ରଖିବ।

**FOR BUDHAMBA: Kalasandhapur, Aska, Ganjam, Odisha-761111,** ବୁଡାମ୍ବ ପାଇଁ- କାଳସନ୍ଧପୁର, ଆସ୍କା, ଗଞ୍ଜାମ, ଓଡ଼ିଶା-୭୬୧୧୧୧

**FOR CHHENDIPADA: At- Similipada, Po- Angul, Dist- Angul, Odisha-759122** ଛେଣ୍ଡିପଦା ପାଇଁ: ଗ୍ରାମ- ଶିମିଳିପଡା, ପୋଷ୍ଟ- ଅନୁଗୁଳ, ଜିଲ୍ଲା- ଅନୁଗୁଳ, ଓଡ଼ିଶା- ୭୫୯୧୨୨

# ସୋମବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବ ବିଜେଡି

**ଭୁବନେଶ୍ୱର,୨୧।୩ (ସୁନିତ୍ ମିଶ୍ର)**

### ପ୍ରତାପଙ୍କ ବାସଭବନରେ ଗଣ୍ଡଗୋଳ ଘଟଣା

ରାଜ୍ୟ ସଭା ନିର୍ବାଚନରେ ବିଜେଡିରୁ ୬ ଜଣ ବିଧାୟକ କ୍ରସ୍ ଭୋଟିଂ କରିଥିଲେ। ଏହାସହ ବିଜେଡିରୁ ନିଲମ୍ବନ ହୋଇଥିବା ୨ ଜଣ ବିଧାୟକ ମଧ୍ୟ ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ଏହାପରଠାରୁ ବିଜେଡି ପକ୍ଷରୁ ଦଳ ବିରୋଧୀ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା ଛାତ୍ର, ଯୁବ ଓ ବିଧାୟକମାନଙ୍କୁ ନିଲମ୍ବନ କରାଯାଉଛି। ଶୁକ୍ରବାର କେତେଜଣ ବିଜୁ ଯୁବ ଓ ଛାତ୍ର ଜନତା ଦଳ ନେତାଙ୍କୁ ଦଳର ଉପ ସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ନିଲମ୍ବନ କରାଯାଇଥିଲା। ଦଳର ଜଣେ ନେତାଙ୍କ କହିବା କଥା, ଏହି ଯୁବ ଓ ଛାତ୍ର ନେତାମାନେ ଗୁରୁବାର ଯେତେବେଳେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଘର ସମ୍ମୁଖରେ ବିଜେଡି ପକ୍ଷରୁ ପ୍ରତିବାଦ କଲେ ସେମାନେ ଓଲଟା ଦିଗରେ କାର୍ଯ୍ୟକଲେ। ସେମାନେ ଦେବୀଙ୍କୁ ସମର୍ଥନକରି ଦଳ ବିପକ୍ଷରେ ବାହାରିଥିଲେ। ସେଥିଲାଗି ସେମାନଙ୍କୁ ନିଲମ୍ବନ କରାଯାଇଥିଲା।

ଏହାପରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରତାପ ଜେନାଙ୍କ ବାସଭବନ ବାହାରେ ନିଲମ୍ବିତ କେତେଜଣ ଯୁବ ଓ ଛାତ୍ର ନେତା ଭାଜପା ସମର୍ଥିତ ରାଜ୍ୟ ସଭା ପ୍ରାର୍ଥୀଙ୍କ ବିଜୟକୁ ନେଇ ବାଣ ଫୁଟାଇଥିଲେ। ଏହାପରେ ପ୍ରତାପଙ୍କ ଗେଟ୍ ଖୋଲି ତାଙ୍କ ବାସଭବନରେ ଥିବା ସିକ୍ୟୁରିଟି ଏବଂ ଘରୋଇ ସହାୟକଙ୍କୁ ମାରିଥିବା ଭିଡିଓ ବାହାରେ ପ୍ରଘଟ ହେଲା। ଏହି ଘଟଣାରେ କେତେଜଣ ଭାଜପା କର୍ମୀ ଥିବା ମଧ୍ୟ ବିଜେଡି ଅଭିଯୋଗକରି ଥାନାର ଦ୍ୱାରସ୍ଥ ହେଲା। ଏହି ଘଟଣାରେ ଶନିବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଉକ୍ତ ଘଟଣା ବିରୋଧରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ କରାଯିବ ବୋଲି କୁହାଯାଇଛି। ଦଳର ଛାତ୍ର ସଭାପତି ଇପ୍ସିତା ସାହୁ କହିଛନ୍ତି, ବିଜୁ ଲିଗାସିର ଦ୍ୱାହିଦେଇ କେତେଜଣ ସ୍ୱାର୍ଥପର ରାଜନେତା ନିଜର ଅପକର୍ମକୁ ଘୋଡ଼ାଇବା ପାଇଁ ନୂତନ ରଣନୀତି ଆପଣାଇଛନ୍ତି। ପ୍ରତାପଙ୍କ ବିରୋଧରେ ଯେପରି ହିଂସାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ବିଜୁ ବିଚାରଧାରାର ପରିପନ୍ଥୀ। ପ୍ରତାପଙ୍କ ଅନୁପସ୍ଥିତିରେ ତାଙ୍କ ବାସଭବନରେ ଦେବୀରଞ୍ଜନଙ୍କ ନାଁ ନେଇ କେତେଜଣ ମଦ୍ୟପ ଯୁବକ ଆତଙ୍କରାଜ ଖେଳାଇଲେ। ଦେବୀ ଜଣେ ଭୀରୁ, କାପୁରୁଷଙ୍କ ଭଳି କାର୍ଯ୍ୟ କରୁଛନ୍ତି। ତାଙ୍କ ବାପା ଯେଉଁଭଳି ୧୯୯୬ରେ ବିଜୁବାବୁଙ୍କ ସହ ବେଇମାନିକରି ସେହି ସମୟରେ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକଙ୍କୁ ଭୋଟ ଦେଲେ ଠିକ୍ ସେହିଭଳି ୨୦୨୬ରେ ତାଙ୍କ ପୁଅ ଦେବୀରଞ୍ଜନ ମଧ୍ୟ ଦଳ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ତାଙ୍କ ପ୍ରରୋଚନାରେ ଘଟାଯାଇଥିବା ଆତଙ୍କରାଜ ବିରୋଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଉଚିତ ଜବାବ ଦେବ ବୋଲି କୁହାଯାଇଛି।




# ଅହମଦାବାଦରେ 'ଓଡ଼ିଶା ପରବ' ଉଦ୍‌ଘାଟିତ



ଗୁଜରାଟ ଅହମ୍ମଦାବାଦଠାରେ 'ଓଡ଼ିଶା ପରବ'ର ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ରମେଶକୁମାର ସାଙ୍ଘଭିଙ୍କ ସହ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର,୨୧।୩ (ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୁଜରାଟ ଅହମଦାବାଦସ୍ଥିତ ଗୁଜରାଟ ବିଶ୍ୱବିଦ୍ୟାଳୟ କନ୍‌ଭେନ୍‌ଶନ ସେଣ୍ଟରଠାରେ ଶନିବାର 'ଓଡ଼ିଶା ପରବ' ଆରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, ଓଡ଼ିଶା ଏକ ଅନୁଭୂତିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ, ଯେଉଁଠାରେ ଐତିହ୍ୟ, ଆଧ୍ୟାତ୍ମିକତା, ପ୍ରକୃତି, ଓଡ଼ିଆ ବ୍ୟଞ୍ଜନ ଏବଂ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିର ଏକ ଅପୂର୍ବ ସମନ୍ୱୟ ରହିଛି। ସମ୍ମାନିତ ଅତିଥି ଭାବେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ହର୍ଷ ରମେଶ କୁମାର ସାଙ୍ଘଭି ଓଡ଼ିଶାର ସାଂସ୍କୃତିକ ବିଭବକୁ ଗୁଜରାଟରେ ପ୍ରଦର୍ଶିତ କରିବା ପାଇଁ ହୋଇଥିବା ଏହି ପ୍ରୟାସକୁ ପ୍ରଶଂସା କରିବା ସହ ଏହା ୨ ରାଜ୍ୟ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅହମଦାବାଦ ମ୍ୟୁନିସିପାଲ କମିଶନର ବାଞ୍ଛାନିଧି ପାଣି, ଓଡ଼ିଶା ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଲବନ୍ତ ସିଂ ଓ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓର୍‌ମାସ୍ ଏବଂ ମିଶନ ଶକ୍ତି ବିଭାଗ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତତନ୍ତ, ସୁଆଦିଆ ବ୍ୟଞ୍ଜନ ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପ୍ରଦର୍ଶିତ ହୋଇଛି। ଏହା ଅସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

> ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। – ଶ୍ରୀମା

# ପ୍ରକୃତ ଖଳନାୟକ



ଆକାର ପଟେଲ

ମୁଁ ଚାହେଁ ଇରାନ ବିଜୟୀ ହେଉ। ବିଜୟର ଅର୍ଥକୁ ଇରାନ ଏହିପରି ପରିଭାଷିତ କରେ: ଇରାନ ଉପରେ ଅନେକ ଦଶନ୍ଧି ଧରି ଆମେରିକା ଲାଗୁକରିଥିବା କଟକଣାକୁ ହଟାଇବା ଦରକାର; ଆରବ ରାଷ୍ଟ୍ରଗୁଡ଼ିକରେ ଥିବା ଏହାର ସାମରିକ ଘାଟିକୁ ହଟାଇବା ଉଚିତ; ଲେବାନନ ଉପରେ ଇସ୍ରାଏଲର ଦଖଲ ଶେଷ କରିବାକୁ ହେବ; ଏବଂ ଇରାନକୁ ଅନେକ ବର୍ଷ ଧରି ଓ ଏହି ଯୁଦ୍ଧରେ ହୋଇଥିବା କ୍ଷତିର ଭରଣା କରିବାକୁ ପଡ଼ିବ। ଯଦିଓ ଆମେରିକା ଏବଂ ଇସ୍ରାଏଲ ବୋମା ମାଡ଼ରେ ହଜାରରୁ ଊର୍ଦ୍ଧ୍ୱ ଇରାନୀଙ୍କ ମୃତ୍ୟୁ ହେବା ସହ ଅଧିକ ମୃତ୍ୟୁର ସମ୍ଭାବନା ରହିଛି, ତଥାପି ଇରାନ ଯଦି ଏସବୁ ବିଷୟକୁ ହାସଲ କରେ ତେବେ ଏହାର ସମ୍ପୂର୍ଣ୍ଣ ବିଜୟ ଘଟିବ। କମ୍ କ୍ଷମତାସମ୍ପନ୍ନ ଇରାନ ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ପ୍ରତିଦ୍ୱନ୍ଦ୍ୱୀ ଇସ୍ରାଏଲ ଏବଂ ଆମେରିକା ବିରୋଧରେ ଲଢ଼େଇ କରୁଛି। ହଁ, ଏହା ସାମରିକ ଦୃଷ୍ଟିରୁ ସେମାନଙ୍କ ତୁଳନାରେ ଦୁର୍ବଳ, କିନ୍ତୁ ଫେବୃଆରୀ ୨୮ରୁ ବିଶ୍ୱ ଯାହା ଦେଖୁଛି ସେଥିରୁ ସ୍ପଷ୍ଟ ଯେ ଏହା ଶକ୍ତିହୀନ ନୁହେଁ। ଅନ୍ୟ ରାଷ୍ଟ୍ର ତୁଳନାରେ ଏହାର ସଙ୍କଳ୍ପ ଅଧିକ ଦୃଢ଼ ରହିଛି। ଇରାନକୁ ପାଶ୍ଚାତ୍ୟ ନଷ୍ଟ କରିଦେଇଥିବାରୁ ମୋର ତା'ପ୍ରତି ସମର୍ଥନ ଅଛି। ମୂଳ କଥା ହେଉଛି, ଯେଉଁ ଦେଶଗୁଡ଼ିକ ଇସ୍ରାଏଲ ଏବଂ ଆମେରିକାକୁ ଚାହୁଁନାହାନ୍ତି ବା ସମର୍ଥନ କରୁନାହାନ୍ତି ସେମାନଙ୍କ ଉପରେ ନିଷ୍ଠୁର ଭାବରେ ବଳ ପ୍ରୟୋଗ କରୁଛନ୍ତି। ଏହି ଦୁଇ ଦେଶ ଓ ସେମାନଙ୍କ କାର୍ଯ୍ୟକୁ ପ୍ରତିରୋଧ କରାଯିବା ଉଚିତ। ଇରାନ ଉପରେ ଆମେରିକାର କଟକଣା ଏହାକୁ ବିଶ୍ୱ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବିଚ୍ଛିନ୍ନ କରିଛି, ଯାହା ତାହାର ବାଣିଜ୍ୟକୁ ଜଟିଳ କରିଦେଇଛି। ଇରାନକୁ ଦୁର୍ବଳ କରିବା ସହ ଇରାନୀଙ୍କୁ ଗରିବ ରଖିବା ପାଇଁ ଆମେରିକା ଏହା କରିଛି। ଏସବୁ ଜାତିସଂଘର କଟକଣା ନୁହେଁ, ବରଂ ଆମେରିକା ଏକପାଖିଆ ଭାବରେ ଲାଗୁ କରିଛି। ଆମେରିକା ଯେଉଁ ଦେଶକୁ ପସନ୍ଦ କରିନାହିଁ ତାହାକୁ ଆର୍ଥିକ କ୍ଷମତା ବ୍ୟବହାର କରି ହଇରାଣ କରିଛି। ଭେନେଜୁଏଲା ଏବଂ କ୍ୟୁବା କ୍ଷେତ୍ରରେ ଏଭଳି ସ୍ଥିତି ଦେଖିବାକୁ ପାଉଛୁ। ଇରାନ ସେହିସବୁ କଟକଣାକୁ ହଟାଇବା ପାଇଁ ଦାବି କରିବା ଯଥାର୍ଥ। ମୁଁ ମଧ୍ୟ ଚାହେଁ, ସେଗୁଡ଼ିକୁ ହଟାଇବା ପାଇଁ ଇରାନକୁ ଯୁଦ୍ଧରେ ଜିତିବାକୁ ପଡ଼ିବ।

ବାହାରିନ, କୁଏଟ୍, ୟୁଏଇ, ଜୋର୍ଡାନ, ଇରାକ ଏବଂ ସାଉଦି ଆରବରେ ଆମେରିକାର ସାମରିକ ଘାଟି ଅଛି। ସେଠାରେ ତାହାର ଅସ୍ତ୍ରଶସ୍ତ୍ର ଏବଂ ଏତେ ସୈନିକ କାହିଁକି ଅଛନ୍ତି? ଆମେରିକା ଏସବୁ ଦେଶରେ ଏକ ସାମ୍ରାଜ୍ୟ ଚଳାଇଛି। ଇରାନ ଏବେ କହୁଛି, ଆମେରିକୀୟ ସେନା ବିଶ୍ୱକୁ ଧମକାଇବା ଉଚିତ ନୁହେଁ ଏବଂ ନିଜ ଦେଶ ଉପରେ ଧ୍ୟାନ ଦେବା ଆବଶ୍ୟକ। ୪୦ ବର୍ଷ ପୂର୍ବେ ଦକ୍ଷିଣ ଆଫ୍ରିକା ଯେପରି ଥିଲା ଏବେ ଇସ୍ରାଏଲ ସେମିତି ଅଛି, କହିବାକୁ ଗଲେ ତା'ଠାରୁ ଆହୁରି ଖରାପ। ଏହା ଏକ ବର୍ଣ୍ଣବୈଷମ୍ୟବାଦୀ ରାଷ୍ଟ୍ର (ଏହା ଅନେକ ଲକ୍ଷ ଲୋକଙ୍କୁ ନିୟନ୍ତ୍ରଣ କରେ ଯେଉଁମାନଙ୍କର ଭୋଟ ଦେବା ଏବଂ ଅନ୍ୟ କୌଣସି ଅଧିକାର ନାହିଁ)। ଆମେରିକାଠାରୁ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ଓ ପାଣ୍ଠି ପାଇ ମଧ୍ୟପ୍ରାଚ୍ୟକୁ ଆତଙ୍କିତ କରିବା ପାଇଁ ଇସ୍ରାଏଲ ତାହାର ସାମରିକ ଶକ୍ତି ପ୍ରୟୋଗ କରିଛି, ଯାହାକୁ ବନ୍ଦ କରିବାକୁ ପଡ଼ିବ। ପ୍ରତିବନ୍ଧକ ଯୋଗୁ ଇରାନ ଅନେକ ଶହ ବିଲିୟନ ଡଲାରର କ୍ଷତି ସହିଆସୁଛି ଏବଂ ଏବର ଯୁଦ୍ଧ ପରଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଇରାନ କ୍ଷତିପୂରଣ ପାଇବା ପାଇଁ ହକଦାର ଏବଂ ଏହାକୁ ଆମେରିକା ଓ ଏହାର ସହଯୋଗୀମାନଙ୍କୁ ଦେବାକୁ ପଡ଼ିବ। ଏହିସବୁ କାରଣ ପାଇଁ ଇରାନ ଜିତୁ ବୋଲି ମୁଁ ଚାହୁଁଛି। ଇରାନ ଜିତିବାର ସମ୍ଭାବନା ଅଛି କାରଣ ଯୁଦ୍ଧ ଏହାର ନିୟନ୍ତ୍ରଣରେ ରହିଛି। ଆମେରିକା ଏବଂ ଇସ୍ରାଏଲ ଇରାନର ସ୍କୁଲ ଝିଅମାନଙ୍କୁ ହତ୍ୟା ଏବଂ ଭିତ୍ତିଭୂମି ଉପରେ ଆକ୍ରମଣ କରି ଇରାନ ଏବଂ ଏହାର ଲୋକଙ୍କୁ କଠୋର ଦଣ୍ଡ ଦେଇଛନ୍ତି। ଇରାନର ନେତାମାନଙ୍କୁ ହତ୍ୟା କରିଛନ୍ତି ଏବଂ ସମ୍ଭବତଃ ଅଧିକ ନେତାଙ୍କୁ ହତ୍ୟା କରି ପାରନ୍ତି। କିନ୍ତୁ ଦୁଇ ଦେଶ ଇରାନରେ ଶାସନ ପରିବର୍ତ୍ତନ କରିବାରେ ବିଫଳ ହୋଇଛନ୍ତି, ଯାହା ଯୁଦ୍ଧର ଲକ୍ଷ୍ୟ ଥିଲା। ଇରାନ ସେମିତି ଇସ୍‌ଲାମିକ ଗଣରାଜ୍ୟ ହୋଇ ରହିଛି। ଇରାନ ପ୍ରତିକ୍ରିୟା ସ୍ୱରୂପ ତେଲ, ଗ୍ୟାସ କିମ୍ବା କୌଣସି ଯୋଗାଣକୁ ସମୁଦ୍ର ଦେଇ ମଧ୍ୟପ୍ରାଚ୍ୟରୁ ବାହାରକୁ କିମ୍ବା ମଧ୍ୟପ୍ରାଚ୍ୟକୁ ପ୍ରବେଶ ନ କରାଇବା ଉପରେ ଧ୍ୟାନ ଦେଇଛି। ଏହାର ଜଳପଥ ଉପରେ ନିୟନ୍ତ୍ରଣ ଅଛି ଓ ବାଣିଜ୍ୟିକ ଜାହାଜଗୁଡ଼ିକୁ ହର୍ମୁଜ ଷ୍ଟ୍ରେଟ ପାର ହେବାରେ ବାଧା ଉପୁଜାଇଛି। ଆମେ ଦେଖୁଛୁ, ଆମେରିକୀୟ ଘାଟିଗୁଡ଼ିକ ଥିବା ଦେଶଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଛି। ଏହି ଦୁଇଟି ବିଷୟ ଇରାନକୁ ବିଜୟୀ ହେବା ପାଇଁ ଆବଶ୍ୟକ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାରସ୍ୟ ଉପସାଗରରେ ଜାହାଜ ଯିବା ଆସିବା ଉପରେ ନିୟନ୍ତ୍ରଣ ନ ରଖିପାରିଲେ ଅଶୋଧିତ ତେଲ ଏବଂ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇବ, ଯାହା ଯୁଦ୍ଧ ପରଠାରୁ ବଢ଼ିଚାଲିଛି। ଆମେରିକୀୟମାନେ ପେଟ୍ରୋଲ ଏବଂ ଡିଜେଲ ପାଇଁ ଅଧିକ ଦେୟ ଦେଉଛନ୍ତି ଏବଂ ଯୁଦ୍ଧ ଜାରି ରହିଲେ ଆହୁରି ଅଧିକ ଦେବେ। ଦୁର୍ଭାଗ୍ୟବଶତଃ, ସମଗ୍ର ବିଶ୍ୱ ମଧ୍ୟ ଏହି ସମସ୍ୟାରେ ପଡ଼ିଛନ୍ତି ଏବଂ କ୍ଷତିଗ୍ରସ୍ତ ହେବେ। କିନ୍ତୁ ବିଶ୍ୱ ସମୁଦାୟ ଏପର୍ଯ୍ୟନ୍ତ ମୂଳ ଅପରାଧୀ ତଥା ପ୍ରକୃତ ଖଳନାୟକ ଆମେରିକା ଏବଂ ଇସ୍ରାଏଲକୁ ଯୁଦ୍ଧ ଶେଷ କରିବାକୁ ଆହ୍ୱାନ ଦେଇନାହିଁ। କାରଣ ବିଶ୍ୱସମୁଦାୟ ସେମାନଙ୍କୁ ଭୟ କରନ୍ତି ଏବଂ ସେଥିପାଇଁ ଇରାନ ବିଜୟୀ ହେଉ ମୁଁ ଚାହୁଁଛି। ତେବେ ଏବେଠୁ ଆଗକୁ ଆମେରିକାକୁ ଯୁଦ୍ଧ ସ୍ଥିତିରେ ନାଟକୀୟ ପରିବର୍ତ୍ତନ କରିବାକୁ ପଡ଼ିବ, ଯାହା ଇରାନ ସପକ୍ଷରେ ଅଛି। ହତ୍ୟା ଏବଂ ବୋମା ମାଡ଼ କାମ କରିନାହିଁ। ଆଶା କରାଯାଏ, ଆମେରିକା ହିଂସା ବନ୍ଦ କରୁ ଏବଂ ଇରାନର ଅତି କମ୍‌ରେ ଦୁଇଟି ଦାବିରେ ରାଜି ହେଉ। ସେହି ଦାବି ହେଉଛି, ଭବିଷ୍ୟତରେ କୌଣସି ହିଂସା ନ କରିବା ଏବଂ ସ୍ଥାୟୀ ପ୍ରତିବନ୍ଧକ ଉଠାଇବାର ଗ୍ୟାରେଣ୍ଟି ଦେଉ। ଇସ୍ରାଏଲଠାରୁ ମୋର କୌଣସି ଆଶା ନାହିଁ, କାରଣ ବର୍ଷ ବର୍ଷ ଧରି ତାହା ବିଚାରହୀନ ଭାବରେ ବିନାଶ ଘଟାଇଛି। ମୁଁ ଚାହୁଁଛି ଇରାନ ଜିତୁ ଏବଂ ଏହା ହେବା ପାଇଁ ଆମେରିକାକୁ ହାରିବାକୁ ପଡ଼ିବ ନାହିଁ, ବରଂ ଏହାକୁ କେବଳ ଠିକ୍ କାମ କରିବାକୁ ପଡ଼ିବ।

Email:aakar.patel@gmail.com

# ସମାନତା: ଏକ ଛଳନା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଭାରତ ହେଉଛି ଏକ ଜନମଙ୍ଗଳ ରାଷ୍ଟ୍ର। ଏଣୁ ସରକାର ଜନସାଧାରଣଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ବିଭିନ୍ନ କ୍ଷେତ୍ରରେ ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରନ୍ତି। ସ୍କୁଲ, କଲେଜ ଖୋଲନ୍ତି। ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ଜୋତା, ଛତା, ସାଇକେଲ, ୟୁନିଫର୍ମ, ମଧ୍ୟାହ୍ନଭୋଜନ ଆଦି ଯୋଗାଇ ଦିଅନ୍ତି। ପୁନଶ୍ଚ ଉନ୍ନତ ମାନର ବିଜ୍ଞାନାଗାର ଓ ପାଠାଗାର ନିର୍ମାଣ କରନ୍ତି। ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ପାଇଁ ହସ୍‌ପିଟାଲ ଖୋଲନ୍ତି। ଉନ୍ନତ ମାନର ରୋଗ ପରୀକ୍ଷା ଯନ୍ତ୍ରପାତି ଯୋଗାଇଦିଅନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ଯେ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ସନ୍ତାନସନ୍ତତି ସରକାରୀ ସ୍କୁଲ କଲେଜରେ ପଢ଼ନ୍ତି ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହେଲେ ସେମାନେ ସରକାରୀ ହସ୍‌ପିଟାଲରେ ଚିକିତ୍ସିତ ହୁଅନ୍ତି ନାହିଁ। ସେମାନଙ୍କର ପିଲା ପଢ଼ନ୍ତି ଉତ୍ତମ ଭିତ୍ତିଭୂମି ଥିବା ବ୍ୟୟବହୁଳ ଘରୋଇ ସ୍କୁଲ କଲେଜରେ। ସେମାନେ ଚିକିତ୍ସିତ ହୁଅନ୍ତି ଉନ୍ନତ ଘରୋଇ ହସ୍ପିଟାଲରେ। ଆବଶ୍ୟକ ହେଲେ ଇଂଲଣ୍ଡ, ଆମେରିକା, ସୁଇଜରଲାଣ୍ଡର ପ୍ରଖ୍ୟାତ ହସ୍ପିଟାଲକୁ ଯାଇ ସେମାନେ ଚିକିତ୍ସିତ ହୁଅନ୍ତି। ଏହା ସୂଚାଉଛି , ସରକାରୀ ଅନୁଷ୍ଠାନଗୁଡ଼ିକ ଉପରେ ମନ୍ତ୍ରୀ, ପ୍ରଶାସକ ଓ ସରକାରୀ କର୍ମଚାରୀଙ୍କର ଆସ୍ଥା ନାହିଁ। ଏହିଭଳି ସ୍ଥିତିରେ ଜନସାଧାରଣ ରାଜନେତା, ଅଫିସର ଓ ସରକାରୀ କର୍ମଚାରୀଙ୍କୁ ବିଶ୍ୱାସ କରିବେ କିପରି? ଯେଉଁଦିନ ନେତା, ମନ୍ତ୍ରୀ, ସରକାରୀ କର୍ମଚାରୀ ସରକାରୀ ଅନୁଷ୍ଠାନଗୁଡ଼ିକରେ ଶିକ୍ଷା ଓ ଚିକିତ୍ସା ଗ୍ରହଣ କରିବେ, ସେଦିନ ଗଣତନ୍ତ୍ର ପ୍ରତିଷ୍ଠା ହେଲା ବୋଲି କହିହେବ।

ବିଶିଷ୍ଟ ଲେଖକ ମନୋଜ ଦାସ ସିଙ୍ଗାପୁର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଉପଦେଷ୍ଟା ଥିବା ସମୟର ଏକ ଘଟଣା। ସେତେବେଳେ ସିଙ୍ଗାପୁରର ରାଷ୍ଟ୍ରପତି ଥା'ନ୍ତି ଡ. ଦେବେନ୍ ନାୟାର। ପରେ ସେ ଅସୁସ୍ଥ ହୋଇପଡ଼ିଲେ। ଜରୁରୀ ଅସ୍ତ୍ରୋପଚାର ନିମନ୍ତେ ସେ ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥା'ନ୍ତି। ମନୋଜ ଦାସ ତାଙ୍କୁ ଦେଖା କରିବା ପାଇଁ ସେଠାରେ ପହଞ୍ଚିଲେ। ସମସ୍ତେ ଚିନ୍ତାମଗ୍ନ ଥା'ନ୍ତି। ସେତେବେଳେ ପହଞ୍ଚିଲେ ସିଙ୍ଗାପୁର ସ୍ୱାସ୍ଥ୍ୟ ବିଭାଗର ସର୍ବୋଚ୍ଚ ପଦାଧିକାରୀ। ସେ କହିଲେ, ଆମେରିକାର ଏକ ପ୍ରଖ୍ୟାତ ହସ୍ପିଟାଲରେ ତାଙ୍କର ଚିକିତ୍ସା ବ୍ୟବସ୍ଥା କରାଯାଇଛି ଓ ତାଙ୍କୁ ବିମାନ ଯୋଗେ ସେଠାକୁ ଶୀଘ୍ର ଯିବାକୁ ପଡ଼ିବ। ଦେବେନ୍ ନାୟାର କହିଲେ, ''ନା, ଯାହା ଚିକିତ୍ସା କରିବ ଏଠି କର। ଏହି ହସ୍ପିଟାଲ ଛାଡ଼ି ମୁଁ କୁଆଡ଼େ ଯିବି ନାହିଁ।'' ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ତାଙ୍କ ପ୍ରସ୍ତାବରେ ରାଜିହେବାକୁ ପୁଣି ଅନୁରୋଧ କରନ୍ତେ ଦେବେନ୍ କହିଲେ, ''ଆମ ଦେଶର ଚିକିତ୍ସା ବ୍ୟବସ୍ଥା ଆମେରିକା ତୁଳନାରେ କ'ଣ ନିକୃଷ୍ଟ?'' ସ୍ୱାସ୍ଥ୍ୟ ପଦାଧିକାରୀ କହିଲେ, ''ନା।'' ଦେବେନ୍ କହିଲେ, ''ଯଦି ଆମ ଡାକ୍ତରମାନେ ମଧ୍ୟ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି, ମୋ ଭଳି ଗୋଟିଏ ଲୋକ ପାଇଁ ରାଷ୍ଟ୍ରର ଏତେ ଅର୍ଥ ବ୍ୟୟ କରାଯିବ କାହିଁକି?'' ସ୍ୱାସ୍ଥ୍ୟ ବିଭାଗ ଅଫିସର କୌଣସି ଉତ୍ତର ଦେଇପାରିଲେ ନାହିଁ। ଦେବେନ୍ ନାୟାର କହିଲେ, ''ଲୋକେ କ'ଣ ଧାରଣା କରିବେ? ଆମ ରାଷ୍ଟ୍ରପତି ଯେଉଁ ଚିକିତ୍ସା ବ୍ୟବସ୍ଥା ଉପରେ ଆସ୍ଥା ରଖିପାରୁନାହାନ୍ତି, ଆମେ ସାଧାରଣ ଜନତା କେମିତି ଆସ୍ଥା ରଖିବୁ?'' ସ୍ୱାସ୍ଥ୍ୟ ଅଫିସର କହିଲେ, ''ମୋତେ କ୍ଷମା କରନ୍ତୁ। ଆପଣ ଏହି ସରକାରୀ ହସ୍ପିଟାଲରେ ହିଁ ଆରୋଗ୍ୟ ଲାଭ କରିବେ।'' ଶେଷରେ ସେ ସେଠାରେ ସୁସ୍ଥ ହେଲେ। ଭାରତର ନିର୍ବାଚିତ ପ୍ରତିନିଧି ଉଚ୍ଚ ଦରମାପ୍ରାପ୍ତ ସରକାରୀ କର୍ମଚାରୀ ପ୍ରମୁଖ ସମସ୍ତେ ଏହି ଘଟଣାରୁ ଶିକ୍ଷାଲାଭ କରିବାର ସମୟ ଆସିଛି। ଆମ ମନ୍ତ୍ରୀମାନେ କହୁଛନ୍ତି, ଆମେ ବିଶ୍ୱସ୍ତରୀୟ ହସ୍ପିଟାଲ, ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ନିର୍ମାଣ କରୁଛୁ। ଏହା ଯଦି ସତ୍ୟ, ତା'ହେଲେ ସେମାନେ ଉଚ୍ଚଶିକ୍ଷା ଓ ଚିକିତ୍ସା ପାଇଁ କାହିଁକି ରାଜ୍ୟ ଓ ଦେଶ ବାହାରକୁ ଯାଉଛନ୍ତି? ସ୍ୱାସ୍ଥ୍ୟସେବା ହେଉ ବା ଶିକ୍ଷା ହେଉ, ଶାସକ ଓ ଶାସିତଙ୍କ ପାଇଁ ସମାନ ବ୍ୟବସ୍ଥା କାହିଁ? ଗଣତନ୍ତ୍ରର ମୂଳ ନୀତି ସମାନତା ବାସ୍ତବକ୍ଷେତ୍ରରେ କାର୍ଯ୍ୟକାରୀ ନ ହୋଇ ସମ୍ବିଧାନ ପୃଷ୍ଠାରେ କେବଳ ଲିଖିତ ରହିଛି।

ଭାରତୀୟ ସମ୍ବିଧାନ ଭାରତକୁ ଏକ ସମାଜବାଦୀ ରାଷ୍ଟ୍ର ଭାବରେ ଉପସ୍ଥାପନ କରେ। ଗଣତନ୍ତ୍ରରେ ସମସ୍ତେ ସମାନ ସୁବିଧା ଓ ସୁଯୋଗ ପାଇବା କଥା। ନେତାମାନେ ନିର୍ବାଚନ ସମୟରେ ଆମେ ସମସ୍ତେ ସମାନ କହି ଭୋଟ ଭିକ୍ଷା କରନ୍ତି, ନିର୍ବାଚିତ ହୁଅନ୍ତି, ମାତ୍ର ପରବର୍ତ୍ତୀ ସମୟରେ ସେମାନେ ଉଚ୍ଚତର ସୁବିଧା ଓ ସୁଯୋଗ ଉପଭୋଗ କରନ୍ତି। ତା'ପରେ ବିଶିଷ୍ଟ ଔପନ୍ୟାସିକ ଜର୍ଜ ଅରୱେଲ୍‌ଙ୍କ ପ୍ରଖ୍ୟାତ ଉପନ୍ୟାସ 'ଆନିମଲ ଫାର୍ମ' ଦୃଶ୍ୟପଟର ପୁନରାବୃତ୍ତି ହୁଏ। ମଣିଷ ଭୋଗମୟ ଜୀବନଯାପନ କରି ଏକଛତ୍ରବାଦ ଚଳେଇଥିବାରୁ ଅରଣ୍ୟର ସମସ୍ତ



ପଶୁପକ୍ଷୀ ତା' ବିରୋଧରେ ଆନ୍ଦୋଳନ କଲେ ଓ ମଣିଷକୁ ରାଜ୍ୟରୁ ତଡ଼ିଦେଲେ। ତା' ପରେ ଶାସନ ଡୋରି ଗ୍ରହଣ କଲେ ନେପୋଲିଅନ ଓ ସ୍ନୋବଲ ନାମକ ଦୁଇ ଗ୍ରାମ୍ୟ ଶୂକର। ତିଆରି ହେଲା ସାମ୍ବିଧନିକ ନିୟମ। ତା' ଭିତରୁ କେତୋଟି ନିୟମ ହେଲା– କେହି ପଶୁ ବିଛଣାରେ ଶୋଇବେ ନାହିଁ, ମଦ୍ୟପାନ କରିବେ ନାହିଁ, ଅନ୍ୟ ପଶୁକୁ ମାରିବେ ନାହିଁ, ସମସ୍ତେ ସମାନ। ଶାସନ ଚାଲିଲା। ଘଟଣାକ୍ରମେ କ୍ଷମତା କନ୍ଦଳ ସୃଷ୍ଟି ହେଲା। ସ୍ନୋବଲ୍‌କୁ ତଡ଼ି ଦେଇ ନେପୋଲିଅନ ସମସ୍ତ କ୍ଷମତା ଅକ୍ତିଆର କଲେ। ବିଳାସବ୍ୟସନରେ ରହିଲେ। କ୍ରମେ ସବୁ ନିୟମ ପରିବର୍ତ୍ତନ କରାଗଲା। ପରିବର୍ତ୍ତିତ ନିୟମଗୁଡ଼ିକ ହେଲା– କେହି ଚାଦର ପକାଇ ବିଛଣାରେ ଶୋଇବେ ନାହିଁ, ଅତ୍ୟଧିକ ମଦ୍ୟପାନ କରିବେ ନାହିଁ, ବିନା କାରଣରେ ଅନ୍ୟ ପଶୁକୁ ମାରିବେ ନାହିଁ। ଏହିସବୁ ପରିବର୍ତ୍ତିତ ନିୟମ ଅନୁସାରେ ସେ ବିନା ଚାଦରରେ କୋମଳ ଶଯ୍ୟାରେ ଶୋଇଲା, ଅଳ୍ପ ମଦ ପିଇପାରିଲା ଓ କୌଣସି ନା କୌଣସି କାରଣ ଦର୍ଶାଇ ଅନ୍ୟ ପଶୁଙ୍କୁ ମାରିଲା। ଶେଷରେ 'ସମସ୍ତେ ସମାନ' ନିୟମକୁ ପରିବର୍ତ୍ତନ କରାଗଲା। ତାହା ହେଲା – ସମସ୍ତେ ସମାନ, ମାତ୍ର କିଛି ପ୍ରାଣୀ ଅନ୍ୟମାନଙ୍କଠାରୁ ବେଶୀ ସମାନ। ଆଜି ଏହିଭଳି ନ୍ୟାୟରେ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, କ୍ଷମତାସୀନ ସରକାରୀ କର୍ମଚାରୀ କ୍ଷମତାକୁ ଆସିବା ପୂର୍ବରୁ ସମସ୍ତେ ସମାନ ଥିଲେ। ମାତ୍ର କ୍ଷମତାକୁ ଆସିବା ପରେ ସେମାନେ ବେଶୀ ସମାନ ହୋଇଗଲେ। ଏଣୁ ସାଧାରଣ ଜନତା ସରକାରୀ ସ୍କୁଲ କଲେଜରେ ପାଠ ପଢ଼ିଲେ, ସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଲେ। ମାତ୍ର ଏହି ଉଚ୍ଚ ପଦାଧିକାରୀମାନେ ବହୁ ଅର୍ଥ ଖର୍ଚ୍ଚ କରି ଆହୁରି ବେଶୀ ସୁବିଧାପ୍ରାପ୍ତ ଘରୋଇ ଅନୁଷ୍ଠାନଗୁଡ଼ିକରେ ନିଜର ଶିକ୍ଷା ଓ ଚିକିତ୍ସା ବନ୍ଦୋବସ୍ତ କଲେ। ଗଣତନ୍ତ୍ରର ମୂଳସୂତ୍ର ସମସ୍ତେ ସମାନ ଜପି ଜପି ଶେଷରେ କିଛିଲୋକ ବେଶୀ ସମାନ ହୋଇଗଲେ।

ଭାରତରେ ନିର୍ବାଚିତ ନେତାମାନେ ଜାଣନ୍ତି ଯେ ସେମାନଙ୍କ ଆଦର୍ଶ ନୀତି ବା ଚରିତ୍ରବତ୍ତା ଲାଗି ଲୋକେ ତାଙ୍କୁ ଭୋଟ ଦେଇନାହାନ୍ତି। ଏ ଦେଶରେ ସୁଯୋଗ୍ୟ ବ୍ୟକ୍ତି ପରାଜିତ ଓ ମୂଢ଼ ବ୍ୟକ୍ତି ବିଜୟୀ ହେବାର ଅନେକ ଉଦାହରଣ ଅଛି। ତେଣୁ ଥରେ ଜିତିଗଲେ ପୁଣି କ୍ଷମତାକୁ ଆସିହେବ ବୋଲି କିଛି ନିଶ୍ଚିତତା ନାହିଁ। ଏଣୁ ଥରକରେ ଯେତେ ସୁବିଧା ସୁଯୋଗ ଅଛି, ସେସବୁକୁ ଉପଯୋଗ କରିବା ପାଇଁ ଚେଷ୍ଟା କରନ୍ତି ନିର୍ବାଚିତ ନେତାମାନେ। ରାଜନୀତି ତାଙ୍କ ପାଇଁ ଦେଶସେବାର ମାଧ୍ୟମ ନ ହୋଇ ଆମୋଦ ଓ ଅହଂତୃପ୍ତିର ସୁଯୋଗ ହୁଏ। ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ ସମୟର କଥା। ହେଷ୍ଟିଂସ୍ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲେଖିଥିଲେ, ଥାଟ ନ ଥିଲେ ଭାରତୀୟମାନେ ଆମକୁ ଶାସକ ଜାତିର ମାନ୍ୟତା ଦେବେ ନାହିଁ। ଏଣୁ ଗୋଟିଏ ପ୍ରକାଣ୍ଡ ପ୍ରାସାଦରେ ଗଭର୍ନର ଜେନେରାଲ ରହିବା ଆବଶ୍ୟକ। ଅସାଧାରଣ କୋଠା ଦେଖିଲେ ହିଁ ସେମାନେ ମହାନ୍ ଶାସକ ରହୁଛନ୍ତି ବୋଲି ମନେକରିବେ। ହେଷ୍ଟିଂସ୍ ଭାରତୀୟଙ୍କ ସମ୍ପର୍କରେ ଯେଉଁ ଆକଳନ କରିଥିଲେ, ବୋଧହୁଏ ଏବେ ବି ତାହା ସତ୍ୟ। ତେଣୁ ଆମ ମନ୍ତ୍ରୀ, ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ପ୍ରମୁଖ ସମସ୍ତେ ଅସାଧାରଣ ଜୀବନଯାପନ କରିବାକୁ ପସନ୍ଦ କରନ୍ତି।

– ଟିଟିଲାଗଡ଼, ମୋ: ୭୦୦୮୩୬୯୯୨୦

# ଜଳ ନୋବେଲ ବିଜେତା

**ବ୍ୟକ୍ତିତ୍ୱ**



କଭେ ମଦାନୀ

ବର୍ତ୍ତମାନର ଭୂରାଜନୈତିକ ଓ ଅର୍ଥନୈତିକ ସ୍ଥିତି ଇରାନ୍ ଓ ଆମେରିକା-ଇସ୍ରାଏଲ ଯୁଦ୍ଧ ଯୋଗୁ ଘୋର ପ୍ରଭାବିତ। ଏହାକୁ ନେଇ ପୃଥିବୀ ସନ୍ତ୍ରସ୍ତ। ଏଭଳି ସ୍ଥଳେ ୨୨ ମାର୍ଚ୍ଚରେ ପାଳନ କରାଯାଉଛି ବିଶ୍ୱ ଜଳ ଦିବସ। ସ୍ୱଚ୍ଛ ଜଳ ଟିକେ ପାଇବା ପାଇଁ ଆଜି ପ୍ରାଣିଜଗତ ଯେଭଳି ସଙ୍କଟର ସମ୍ମୁଖୀନ ହେଲାଣି, ତାହା ସକାଶେ ଖୁବ୍‌ଶୀଘ୍ର ବିଶ୍ୱମାନବ ତୃତୀୟ ବିଶ୍ୱଯୁଦ୍ଧ ଦେଖିବ ବୋଲି କରାଯାଉଥିବା ଆକଳନର ଆଭାସ ମିଳିଲାଣି। କାରଣ ବିଶ୍ୱରେ ଯେତିକି ମଧୁର ଜଳ ଉପଲବ୍ଧ ହେଉଛି ତାହା ବ୍ୟାପକ ଭାବେ ପ୍ରଦୂଷିତ ହେବାରେ ଲାଗିଥିବାରୁ ମଣିଷ ତିଷ୍ଠିବା ଉପରେ ଘୋର ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏହି ପରିପ୍ରେକ୍ଷୀରେ ନିରାପଦ ଜଳ ପାଇଁ ଯେଉଁ ସରକାରୀ, ବେସରକାରୀ ସଙ୍ଗଠନ ଓ ବ୍ୟକ୍ତିବିଶେଷ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସବୁ ସ୍ତରରେ ସମର୍ଥନ ମିଳିବା ସମୟର ଆବଶ୍ୟକତା ହୋଇପଡ଼ିଲାଣି। ଯୁଦ୍ଧ ପାଇଁ ଇରାନ୍‌କୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏହି ଭୂମିର ସନ୍ତାନ କଭେ ମଦାନୀ ଜଳ ସଂରକ୍ଷଣ ଦିଗରେ ନେଇଥିବା ପଦକ୍ଷେପ ଯୋଗୁ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୨୬ ସକାଶେ ସେ 'ଷ୍ଟକ୍‌ହୋମ ଜଳ ପୁରସ୍କାର' ବିଜେତା ହୋଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ସମସ୍ତେ ଜାଣିବାର ଏକ ସୁନ୍ଦର ଅବକାଶ ସୃଷ୍ଟି ହୋଇଛି।

'ଜଳର ନୋବେଲ ପୁରସ୍କାର' ନାମରେ ପରିଚିତ ଷ୍ଟକ୍‌ହୋମ ଜଳ ପୁରସ୍କାର ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଜଳ ସମ୍ବନ୍ଧୀୟ ସମ୍ମାନ। ୧୯୯୧ରେ ଏହା ପ୍ରତିଷ୍ଠା ହୋଇଥିଲା। ବିଶ୍ୱର ଜଳ ସମ୍ପଦର ସଦ୍‌ବ୍ୟବହାର ଓ ସୁରକ୍ଷା ପାଇଁ ଅବଦାନ ରଖୁଥିବା ବ୍ୟକ୍ତି ଓ ସଙ୍ଗଠନଗୁଡ଼ିକୁ ସେବେଠାରୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ଷ୍ଟକ୍‌ହୋମ ଜଳ ଫାଉଣ୍ଡେଶନ ଏହି ପୁରସ୍କାରକୁ ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ ସହଯୋଗରେ ପ୍ରଦାନ କରେ। ବିଶ୍ୱ ଜଳ ଦିବସ ପୂର୍ବରୁ ବିଜେତାଙ୍କ ନାମ ଘୋଷଣା କରାଯାଏ ଓ ଅଗଷ୍ଟରେ 'ବିଶ୍ୱ ଜଳ ସପ୍ତାହ' ସମୟରେ ଷ୍ଟକ୍‌ହୋମରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ସମ୍ମାନ ପ୍ରଦାନ କରାଯିବାର ବିଧି ରହିଛି।

ମଦାନୀ ଇରାନ୍ ରାଜଧାନୀ ତେହରାନ୍‌ରେ ୧୯୮୧ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତାପିତା ଜଳ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ସେ ତେହରାନ୍‌ରେ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିଥିଲେ ଏବଂ ୨୦୦୩ରେ ଉତ୍ତର-ପଶ୍ଚିମ ଇରାନ୍‌ର ତାବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ସିଭିଲ ଇଞ୍ଜିନିୟରିଂରେ ବିଏସ୍‌ସି ଡିଗ୍ରୀ ହାସଲ କରିଥିଲେ। ପରେ ସ୍ୱିଡେନ୍‌ର ଲ୍ୟୁଣ୍ଡ୍ ବିଶ୍ୱବିଦ୍ୟାଳୟରୁ ଜଳସମ୍ପଦରେ ଏମ୍‌ଏସ୍‌ସି ଏବଂ ଆମେରିକାର କାଲିଫର୍ନିଆ ବିଶ୍ୱବିଦ୍ୟାଳୟରୁ ସିଭିଲ୍ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂରେ ପିଏଚ୍‌ଡି କରିଥିଲେ। ସେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ୱାଟର ସାଇନ୍ସ ଆଣ୍ଡ୍ ପଲିସି ସେଣ୍ଟାରରୁ ପରିବେଶ ନୀତି ଓ ଅର୍ଥନୀତିରେ ପୋଷ୍ଟ-ଡକ୍ଟରାଲ ମଧ୍ୟ କରିଥିଲେ। ୨୦୧୦ ଆଡ଼କୁ ମଦାନୀ ସେଣ୍ଟ୍ରାଲ ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ସିଭିଲ, ଏନଭାଇରନ୍‌ମେଣ୍ଟାଲ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ଶନ ଇଞ୍ଜିନିୟରିଂ ଆସିଷ୍ଟାଣ୍ଟ ପ୍ରଫେସର ଥିଲେ, ଯେଉଁଠାରେ ସେ ହାଇଡ୍ରୋ-ଏନ୍‌ଭାଇରନ୍‌ମେଣ୍ଟାଲ ଏଣ୍ଡ୍ ଏନର୍ଜି ସିଷ୍ଟମ୍ସ ଆନାଲିସିସ (ଏଚ୍‌ଇଇଏସ୍‌ଏ) ଗବେଷଣା ଗ୍ରୁପ୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଥିଲେ। ୨୦୧୩ରେ ସେ ଇମ୍ପେରିଆଲ କଲେଜ ଲଣ୍ଡନର ସେଣ୍ଟର ଫର୍ ଏନଭାଇରନ୍‌ମେଣ୍ଟାଲ ପଲିସିରେ ଯୋଗ ଦେଇଥିଲେ। ସେଠାରେ ସେ ୨୦୧୩ରୁ ୨୦୧୭ଯାଏ ବିଭିନ୍ନ ପଦବୀରେ ରହି ସିଷ୍ଟମ୍ସ ଆନାଲିସିସ ଓ ପଲିସିରେ ରିଡର ଭାବରେ କାର୍ଯ୍ୟ କରିଥିଲେ।

ଜଣେ ଶିକ୍ଷାବିତ୍ ଓ ପରିବେଶବିତ୍ ଭାବେ ତାଙ୍କ କାର୍ଯ୍ୟ ଅନ୍ତର୍ଜାତୀୟ ସ୍ୱୀକୃତି ପାଇବାକୁ ଲାଗିଥିଲା। ମଦାନୀ ୨୦୧୭ରେ ଇରାନ୍‌ର ପୂର୍ବତନ ଉପରାଷ୍ଟ୍ରପତି ଇସା କଲାନ୍ତାରୀଙ୍କ ଦ୍ୱାରା ଇରାନ୍ ପରିବେଶ ବିଭାଗର ଅନ୍ତର୍ଜାତୀୟ ବ୍ୟାପାର, ଉଦ୍ଭାବନ ଓ ସାମାଜିକ-ସାଂସ୍କୃତିକ ସଂଯୋଗର ଡେପୁଟି ଭାବରେ ନିଯୁକ୍ତ ହୋଇଥିଲେ। ଇରାନ ପହଞ୍ଚିବା ମାତ୍ରେ ସେ ଇସ୍‌ଲାମିକ ରେଭୋଲ୍ୟୁସନାରୀ ଗାର୍ଡ କର୍ (ଆଇଆର୍‌ଜିସି) ଅଧିକାରୀଙ୍କ ଦ୍ୱାରା କିଛି ଘଣ୍ଟା ନଜରବନ୍ଦୀ ହୋଇଥିଲେ। ଏପରିକି ତାଙ୍କ ଫୋନ ଓ କମ୍ପ୍ୟୁଟର ମଧ୍ୟ ଜବତ କରାଯାଇଥିଲା। ସମୟକ୍ରମେ ୨୦୧୭ରୁ ୨୦୧୮ ପର୍ଯ୍ୟନ୍ତ ସେ ଇରାନ୍ ଡେପୁଟି ଭାଇସ୍-ପ୍ରେସିଡେଣ୍ଟ ହୋଇଥିଲେ। ବିଚାରଧାରା ଓ ପରିବେଶ ସମ୍ବନ୍ଧୀୟ ଉତ୍ତମ କାର୍ଯ୍ୟ ପାଇଁ ସେ ଇରାନ୍‌ର ଅନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ଆଲୋଚନା ଜାତୀୟ କମିଟିର ଅଧ୍ୟକ୍ଷ ସହ ଇରାନ-ଆଫଗାନିସ୍ତାନ ଜଳ ଉପରେ ଆଲୋଚନା କାର୍ଯ୍ୟଦଳର ସଦସ୍ୟ ଥିଲେ। ସେ ଇରାନ୍‌ର ପ୍ରମୁଖ ପରିବେଶ କୂଟନୈତିକ ଭାବେ ନିଜର ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ହେଲେ ୨୦୧୮ ଫେବୃଆରୀରେ ଆଇଆର୍‌ଜିସି ଦ୍ୱାରା ଗିରଫ ହୋଇଥିଲେ। ଏପ୍ରିଲରେ ସେ ରାଜନୈତିକ ପଦ ସହ ଦେଶ ମଧ୍ୟ ଛାଡ଼ି ଦେଇଥିଲେ।

ଜଳ, ପରିବେଶ ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଜାତିସଂଘ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାନ(ୟୁଏନ୍‌ୟୁ-ଆଇଏନ୍‌ଡବ୍ଲୁଇଏଚ୍)ର ନିର୍ଦ୍ଦେଶକ ମଦାନୀଙ୍କୁ ୨୦୨୬ର ଷ୍ଟକ୍‌ହୋମ ଜଳ ପୁରସ୍କାରର ବିଜେତା ଘୋଷଣା କରାଯିବା ପରେ ସେ କହିଛନ୍ତି, 'ମୁଁ ଆଶା କରୁଛି ଯେ ଏବର ବିଭାଜିତ ବିଶ୍ୱ ମଧ୍ୟରେ ଏହି ସମ୍ମାନ ଓ ବିଶ୍ୱ ଜଳ ଦିବସ ସ୍ମରଣୀୟ ହେବ। ଜଳ ରାଜନୀତି ପାଇଁ ଅପେକ୍ଷା କରେ ନାହିଁ। ଜଳ ଦେବାଳିଆ (ୱାଟର ବାଙ୍କରପ୍‌ଟସି) ଏକ ସାଧାରଣ ବିପଦ ଯାହା ପ୍ରତ୍ୟେକ ସୀମାକୁ ଅତିକ୍ରମ କରିଥାଏ। ଏହା ଏକ ଅବସ୍ଥାକୁ ବୁଝାଏ, ଯେଉଁଠାରେ ଜଳ ଅଭାବ ଆଉ ଅସ୍ଥାୟୀ ସଙ୍କଟ ନୁହେଁ, ବରଂ ଦୀର୍ଘକାଳୀନ ପ୍ରଣାଳୀଗତ ବିଫଳତାର ପ୍ରତିଫଳନ'। 'ଗ୍ଲୋବାଲ ୱାଟର ବାଙ୍କରପ୍‌ଟସି ରିପୋର୍ଟ'ର ଲେଖକ ମଦାନୀ ଯୁକ୍ତି ବାଢ଼ିଛନ୍ତି ଯେ, ବିଶ୍ୱ ୨୦୨୬ ଜାନୁଆରୀରେ ପୃଥିବୀବ୍ୟାପୀ ଜଳ ଦେବାଳିଆ ଯୁଗରେ ପ୍ରବେଶ କରିଛି, ଅନେକ ନଦୀ ଅବବାହିକା ଓ ଜଳଭଣ୍ଡାର ଐତିହାସିକ ସ୍ତରକୁ ପୁନରୁଦ୍ଧାର କରିବାରେ ଅସମର୍ଥ। ଏଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ଏହି ପରିପ୍ରେକ୍ଷୀରେ ସେ ଉକ୍ତ ପୁରସ୍କାରକୁ ଇରାନ୍‌ବାସୀଙ୍କ ସହ ଅନ୍ୟ ଯେଉଁମାନେ ତାଙ୍କ ସହ ରହିଥିଲେ ସେମାନଙ୍କୁ ଉତ୍ସର୍ଗ କରିଛନ୍ତି। ଯୁଦ୍ଧ ଜର୍ଜରିତ ଇରାନରେ ଜନ୍ମିତ ମଦାନୀ ନିରାପଦ ଜଳ ପାଇଁ ଯେଉଁଭଳି ପଦକ୍ଷେପ ନେଇ ଶାନ୍ତିର ବାର୍ତ୍ତା ଦେଉଛନ୍ତି, ସେ ନିଶ୍ଚିତ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ନାଗପୁର ନିବାସୀ ଅଶୋକ ଡେଭାନିଙ୍କୁ ବୟସ ଏବେ ୭୪। ପରିଣତ ବୟସରେ କର୍ମତତ୍ପରତା ତାଙ୍କୁ ଭିନ୍ନ ପରିଚୟ ଦେଇଛି। ସେ ଅଦରକାରୀ ୱେଡିଂ କାର୍ଡରୁ ଘରଚଟିଆଙ୍କ ପାଇଁ ବସା ତିଆରି କରୁଛନ୍ତି। ୩୮ ବର୍ଷର ବ୍ୟାଙ୍କିଂ କ୍ୟାରିୟରରୁ ଅବସର ନେବା ପରେ ସେ ଏହି କାମ କରିଆସୁଛନ୍ତି। ଏବେ ସୁଦ୍ଧା ସେ ୨,୭୨୫ ବସା ତିଆରି କରିସାରିଲେଣି। ଏହା ବ୍ୟତୀତ ନାଗପୁରର ବିଭିନ୍ନ ସ୍କୁଲରେ କର୍ମଶାଳାର ଆୟୋଜନ କରି ପିଲାଙ୍କୁ ଘରଚଟିଆ ବସା ତିଆରିର କୌଶଳ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ଏଥିରେ ଗ୍ରାମାୟଣ ଏନଜିଓ ତାଙ୍କୁ ସହଯୋଗ କରୁଛି। ୨୦୧୪ରେ ସେ ଏକ ମାଗାଜିନରୁ ଘରଚଟିଆଙ୍କ ବଂଶ ଲୋପ ପାଇଯାଉଥିବା ବିଷୟରେ ପଢ଼ି ସେମାନଙ୍କ ବଂଶ ବୃଦ୍ଧିର ଅଭିନବ ଉପାୟ ଆପଣାଇବା ଲାଗି ନିଷ୍ପତ୍ତି ନେଇଥିଲେ। ଏବଂ ଅଦରକାରୀ ୱେଡିଂ କାର୍ଡରେ ବସା ତିଆରି କରିବା ଆରମ୍ଭ କରିଥିଲେ। ସେବେଠାରୁ ସେ ମାସକୁ ୨୫ରୁ ୨୭ଟି ବସା ତିଆରି କରି ଆସୁଛନ୍ତି। ଲୋକଙ୍କୁ ଘରଚଟିଆ ବସା ସେ ମାଗଣାରେ ଦେଉଛନ୍ତି। ଚଳିତବର୍ଷ ମାର୍ଚ୍ଚ ଶେଷସୁଦ୍ଧା ସେ ନାଗପୁରର ୨୦ଟି ସ୍କୁଲରେ ଘରଚଟିଆ ସଂରକ୍ଷଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ମାର୍ଚ୍ଚ ୧୯୭୭**

- ଲୋକସଭା ନିର୍ବାଚନରେ ଶ୍ରୀମତୀ ଗାନ୍ଧୀ ଓ ତାଙ୍କ ଦଳର ଘୋର ବିପର୍ଯ୍ୟୟ ଘଟିବାର ସ୍ପଷ୍ଟ ସୂଚନା ପ୍ରକାଶ ପାଇବା ଫଳରେ ୩୦ ବର୍ଷବ୍ୟାପୀ ଏକଚାଟିଆ କ୍ଷମତାଧିକାରର ଅବସାନ ଆସନ୍ନ।
- ଦେଶରେ ପ୍ରବର୍ତ୍ତନ ହୋଇଥିବା ଜାତୀୟ ଜରୁରୀ ପରିସ୍ଥିତିକୁ ଅସ୍ଥାୟୀ ରାଷ୍ଟ୍ରପତି ରୂପେ କାର୍ଯ୍ୟ କରୁଥିବା ଉପରାଷ୍ଟ୍ରପତି ଶ୍ରୀ ବି.ଜି. ଜତ୍ତି ନିଜସ୍ୱ କ୍ଷମତା ବଳରେ ଉଠାଇ ଦେଇଛନ୍ତି।

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | | | | 9 |
| | | 2 | | 1 | 6 | 3 | | |
| 4 | | 9 | 5 | | | | | 2 |
| | | | 6 | | 7 | 5 | | |
| 3 | | 8 | | | | 6 | 9 | |
| | | | | | 3 | | | |
| | 9 | | | | | | | |
| | 6 | | | 3 | | | 8 | |
| | | 4 | 2 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 8 | 2 | 5 | 6 | 4 | 7 |
| 6 | 2 | 7 | 1 | 4 | 3 | 9 | 8 | 5 |
| 4 | 8 | 5 | 9 | 6 | 7 | 3 | 1 | 2 |
| 7 | 4 | 6 | 5 | 9 | 1 | 8 | 2 | 3 |
| 5 | 3 | 2 | 4 | 8 | 6 | 7 | 9 | 1 |
| 1 | 9 | 8 | 7 | 3 | 2 | 5 | 6 | 4 |
| 2 | 5 | 9 | 6 | 7 | 4 | 1 | 3 | 8 |
| 8 | 7 | 4 | 3 | 1 | 9 | 2 | 5 | 6 |
| 3 | 6 | 1 | 2 | 5 | 8 | 4 | 7 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଇଚ୍ଛାମୃତ୍ୟୁକୁ ଅନୁମତି

ମହାଶୟ,

ଜୀବନ ଅମୂଲ୍ୟ, କିନ୍ତୁ କେବେ କେବେ ଦୀର୍ଘ ଯନ୍ତ୍ରଣା ଓ ନିରାଶା ମଧ୍ୟରେ ଏହା ଏକ ଭାର ହୋଇଯାଏ। ସେତେବେଳେ ମନରେ ପ୍ରଶ୍ନ ଉଠେ ମର୍ଯ୍ୟାଦା ସହିତ ବଞ୍ଚିବା ଯଦି ଅସମ୍ଭବ, ତେବେ ମର୍ଯ୍ୟାଦା ସହିତ ବିଦାୟ ନେବାର ଅଧିକାର ମଣିଷଙ୍କୁ କାହିଁକି ମିଳିବ ନାହିଁ? ସମ୍ପ୍ରତି ସର୍ବୋଚ୍ଚ ନ୍ୟାୟାଳୟ ହରିଶ ରାଣାଙ୍କୁ ଇଚ୍ଛାମୃତ୍ୟୁ ଅନୁମତି ଦେଇ ଏହି ସମ୍ବେଦନଶୀଳ ପ୍ରଶ୍ନକୁ ଜାତୀୟ ଆଲୋଚନାର କେନ୍ଦ୍ରକୁ ଆଣିଛନ୍ତି। ଦୀର୍ଘ ସମୟ ଧରି ଅଚେତନ ଅବସ୍ଥାରେ ଥିବା ହରିଶଙ୍କ ଜୀବନ ଚିକିତ୍ସା ଯନ୍ତ୍ର ଉପରେ ନିର୍ଭର କରୁଥିଲା। ଡାକ୍ତରମାନେ ସୁସ୍ଥ ହେବାର ଆଶା ନ ଥିବା ସ୍ପଷ୍ଟ କରିଥିଲେ। ଏପରି ସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟ ମାନବିକ ଦୃଷ୍ଟିକୋଣ ଅବଲମ୍ବନ କରି ଜୀବନ ରକ୍ଷା ଯନ୍ତ୍ର ପ୍ରତ୍ୟାହାରକୁ ଅନୁମତି ଦେଲେ। ଏହା କେବଳ ଏକ ନ୍ୟାୟିକ ରାୟ ନୁହେଁ, ବରଂ ମଣିଷର ଯନ୍ତ୍ରଣା ପ୍ରତି ସମ୍ବେଦନଶୀଳତାର ଏକ ଉଦାହରଣ। ତଥାପି ଇଚ୍ଛାମୃତ୍ୟୁ ସହ ନୀତି, ଧର୍ମ, ଆଇନ ଓ ଚିକିତ୍ସା ବିଜ୍ଞାନର ଅନେକ ପ୍ରଶ୍ନ ଜଡ଼ିତ। କେହି ଏହାକୁ ମାନବୀୟ ପଦକ୍ଷେପ ଭାବେ ଦେଖନ୍ତି, ଆଉ କେହି ଦୁରୁପଯୋଗର ଆଶଙ୍କା କରନ୍ତି। ସେହିପରି ଏପରି ନିଷ୍ପତ୍ତି ପାଇଁ ସ୍ପଷ୍ଟ ନିୟମ ଅତ୍ୟାବଶ୍ୟକ।

– ସିଦ୍ଧାର୍ଥ କର ମହାପାତ୍ର, ରଘୁନାଥପୁର, ବାରିପଦା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖରେ ପିକ ଦେଖରେ ଶୁକ
ଲଭିଛି କବି କି ଗୁରୁ ଦୁଃଖ
ତୁମରି ସ୍ୱର ନୁହେଁ ମଧୁର,
କରିଛି ତାକୁ ମଉନ ମୂକ।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଭାରତୀୟ ବଂଶୋଦ୍ଭବ ବିଚାରପତିଙ୍କୁ ଜେଲ

ଟେକ୍ସାସ୍ : ହାଇପ୍ରୋଫାଇଲ୍ ମନି ଲଣ୍ଡରିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ଭାରତୀୟ ବଂଶୋଦ୍ଭବ ବିଚାରପତିଙ୍କୁ ଆମେରିକାର ଟେକ୍ସାସ୍‌ରେ ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। କେ. ପି. ଜର୍ଜ ନାମକ ଏହି ଭାରତୀୟ ବଂଶୋଦ୍ଭବ ଫୋର୍ଟ ବେଣ୍ଡ କାଉଣ୍ଟି ଅଦାଲତରେ ବିଚାରପତି ଭାବେ କାର୍ଯ୍ୟ କରୁଥିଲେ। ଟେକ୍ସାସ୍‌ରେ ଭାରତୀୟ ବଂଶୋଦ୍ଭବଙ୍କ ମହଲରେ ତାଙ୍କର ଯଥେଷ୍ଟ ପ୍ରଭାବ ରହିଥିଲା । ହେଲେ ସେ ବଡ଼ ଧରଣର ଅର୍ଥ ହେରଫେରରେ ଲିପ୍ତଥିବା ଜଣାପଡ଼ିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଜର୍ଜ ନିର୍ବାଚନ ପ୍ରଚାର ପାଣ୍ଠିରୁ ୪୬,୦୦୦ ଡଲାର ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଶିବାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଝଡ଼ବର୍ଷା: ଗୁଜରାଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଦିଗପହଣ୍ଡି,୨୧।୩(ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଆଡ଼ପଡ଼ା ଗ୍ରାମର ଯୋଗେନ୍ଦ୍ର ପ୍ରଧାନ (୫୫)ଙ୍କ ଗୁଜରାଟରେ ମୃତ୍ୟୁ ଘଟିଛି। ଶନିବାର ମଧ୍ୟାହ୍ନରେ ତାଙ୍କ ମୃତଦେହ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଗାଁରେ ପହଞ୍ଚିଥିଲା। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଖବରରୁ ଜଣାପଡିଛି, ଯୋଗେନ୍ଦ୍ର ଗୁଜରାଟର ପାଟଣା ସହରରେ ଥିବା ଏକ କମ୍ପାନୀରେ ଶ୍ରମିକ ରୂପେ କାମ କରନ୍ତି। କିଛିକିଛି ମାସ ବ୍ୟବଧାନରେ ସେ ଗାଁକୁ ଆସି କିଛି ଦିନ ରହି ପୁଣି ଗୁଜରାଟ ଫେରିଯାନ୍ତି। ୪ମାସ ତଳେ ଯୋଗେନ୍ଦ୍ର ଗାଁକୁ ଆସି କିଛି ଦିନ ରହି ପାଟଣା ଫେରିଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ପାଟଣା ସହରସ୍ଥିତ ଏକ କମ୍ପାନୀରେ କାମସାରି ଯୋଗେନ୍ଦ୍ର ରହୁଥିବା ବସାକୁ ଫେରୁଥିଲେ। ସେ ଆସୁଥିବା ବେଳେ ହଠାତ୍ ଝଡ଼ବର୍ଷା ହୋଇଥିଲା। ବର୍ଷା ଛାଡିଲେ ଯିବାକୁ ସେ ରାସ୍ତାକଡର ଏକ ଗଛମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ଝଡବର୍ଷାରେ ଗଛର ଏକ ବଡ ଡାଳ ଭାଙ୍ଗି ଯୋଗେନ୍ଦ୍ରଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସେଠାକାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ହସ୍ତାନ୍ତର କରିଥିଲା।

# ଗାଁ ଦାଣ୍ଡରେ ବୁଲିଲା ଦନ୍ତା



ଗାଁ ଦାଣ୍ଡରେ ଦନ୍ତାହାତୀ ବୁଲୁଥିବା ଦୃଶ୍ୟ।

**ଢେଙ୍କାନାଳ,୨୧।୩ (ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡ଼ଙ୍ଗୀ ରେଞ୍ଜ୍ ଅଞ୍ଚଳରେ ଗତ ୩ ଦିନ ହେବ ଗ୍ରାମଗୁଡ଼ିକରେ ଗୋଟିଏ ଗୋଠଛଡ଼ା ଦନ୍ତାହାତୀ ଦିନ ବେଳେ ଗାଁ ଦାଣ୍ଡରେ ବୁଲୁଥିବା ଦେଖାଯାଇଛି। ଶୁକ୍ରବାର ଏହି ହାତୀଟି କାଶୀପୁର, ଲହଡା ଆଦି ଗ୍ରାମରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଦିନବେଳେ ଗାଁ ଦାଣ୍ଡରେ ଦନ୍ତାହାତୀକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। ଛୋଟ ପିଲାଠାରୁ ଆରମ୍ଭ କରି ଯୁବକ ଓ ବଡ଼ଲୋକମାନେ ମଧ୍ୟ ହାତୀ ପଛରେ ଯାଉଥିବା ଦେଖାଯାଇଥିଲା। ହାତୀଟି ଗାଁ ଦାଣ୍ଡରେ ଚାଲୁଥିବା ବେଳେ ଲୋକଙ୍କୁ ଗୋଡ଼ାଇବା କିମ୍ବା କୌଣସି ପ୍ରକାର ଉପଦ୍ରବ କରୁ ନ ଥିବା ଦେଖାଯାଇଛି। କେତେକ ଯୁବକ ମୋବାଇଲରେ ହାତୀ ଚାଲୁଥିବାର ଫଟୋ ଓ ଭିଡିଓ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଜଣାପଡ଼ିଛି।

# ଦୁର୍ଘଟଣାରେ ମା' ମୃତ, ବାପା ଗୁରୁତର

### ଝିଅ ବାହାଘର ଖବର ଦେବାକୁ ଯାଉଥିଲେ

**ଚଣ୍ଡିଖୋଲ,୨୧।୩ (ପ୍ରଦୀପ୍ତ କୁମାର ପୃଷ୍ଟି)**

ଝିଅ ବିବାହ ପାଇଁ ବନ୍ଧୁ ନିମନ୍ତ୍ରଣ କରିବାକୁ ଯିବାବେଳେ ସଡ଼କ ଦୁର୍ଘଟଣାରେ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଗୁରୁତର ହୋଇଛନ୍ତି। ଶନିବାର ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ବଡ଼ଚଣା ଓଭରବ୍ରିଜ୍ ଉପରେ ଏହି ଦୁର୍ଘଟଣା ଘଟିଛି। କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମର ରମେଶ ଚନ୍ଦ୍ର ବେହେରା ତାଙ୍କ ସ୍ତ୍ରୀ ସୌଦାମିନୀ ବେହେରା(୪୫)ଙ୍କୁ ଏକ ବାଇକରେ ନେଇ ସାନ ଭଉଣୀ ଘର ସିଦ୍ଧିପୁରକୁ ଆସିଥିଲେ। ଏପ୍ରିଲରେ ସେମାନଙ୍କ ଝିଅ ବାହାଘର ସ୍ଥିର ହୋଇଥିବା ଜଣାଇଥିଲେ। ତେବେ ଉଭୟ ନିଜ ଗ୍ରାମକୁ ଫେରୁଥିବାବେଳେ ବଡ଼ଚଣା ଓଭରବ୍ରିଜ୍‌ରେ ସେମାନଙ୍କ ବାଇକକୁ ଏକ ୧୪ ଚକିଆ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ସୌଦାମିନୀ ତଳକୁ ଛିଟିକି ପଡ଼ିଥିଲେ। ଟ୍ରକ୍‌ଟି ତାଙ୍କ ଉପରେ ଚଢ଼ି ଯାଇଥିଲା। ଖବର ପାଇ ବଡ଼ଚଣା ପୋଲିସ ପହଞ୍ଚି ଗୁରୁତର ସୌଦାମିନୀ ଓ ରମେଶ ଚନ୍ଦ୍ରଙ୍କୁ ବଡ଼ଚଣା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ସୌଦାମିନୀଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଚାଳକ ଉତ୍ତରପ୍ରଦେଶର ସୁରେନ୍ଦ୍ର କୁମାରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

# ଭଡ଼ା ସୀମା ହଟିଲା , ମହଙ୍ଗା ହୋଇପାରେ ବିମାନ ଯାତ୍ରା

**ନୂଆଦିଲ୍ଲୀ ,୨୧।୩**

ଘରୋଇ ବିମାନ ଯାତ୍ରା ଭଡ଼ା ପାଇଁ କେନ୍ଦ୍ର ସରକାର ଲଗାଇଥିବା ସୀମାକୁ ଶନିବାର ହଟାଇ ଦେଇଛନ୍ତି। ଭଡ଼ା ସୀମା ପ୍ରତ୍ୟାହାର ପରେ ଆଗକୁ ବିମାନ ଯାତ୍ରା ମହଙ୍ଗା ହୋଇପାରେ ବୋଲି ଆଶଙ୍କା ଦେଖାଯାଇଛି। ୨୦୨୫ ଡିସେମ୍ବରରେ ଇଣ୍ଡିଗୋ ବିମାନ ସମସ୍ୟାକୁ ନେଇ ସରକାର ଘରୋଇ ବିମାନ ଯାତ୍ରା ଭଡ଼ା ପାଇଁ ଅସ୍ଥାୟୀ ଭାବେ ସର୍ବୋଚ୍ଚ ସୀମା ଲାଗୁ କରିଥିଲେ। ଘରୋଇ ରୁଟ୍‌ରେ କୌଣସି ସ୍ଥାନକୁ ଯାତ୍ରା ପାଇଁ ବିମାନ ଭଡ଼ା ୧୮,୦୦୦ ଟଙ୍କାରୁ ଅଧିକ ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ହେଲେ ଏବେ ଏହି ସୀମାକୁ ହଟାଇ ଦିଆଯାଇଛି। ଗତ ବର୍ଷ ଅପରେଶନ ସିନ୍ଦୂର ବେଳେ ପାକିସ୍ତାନ ତାହାର ଏୟାରସ୍ପେଶ୍ ବନ୍ଦ କରିଦେଇଥିବାରୁ ଅନ୍ୟ ରୁଟ୍ ଦେଇ ବିମାନ ଉଡ଼ାଣ କରୁଥିଲା। ଏଥିପାଇଁ ବିମାନ କମ୍ପାନୀଗୁଡିକୁ କ୍ଷତି ସହିବାକୁ ପଡୁଥିଲା। ବର୍ତ୍ତମାନ ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ପୁଣି ବିମାନ କମ୍ପାନୀଗୁଡିକ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ବିଭିନ୍ନ ରୁଟ୍‌ରେ ବିମାନ ଚଳାଚଳରେ ପ୍ରତିବନ୍ଧକ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ବିମାନ କମ୍ପାନୀଙ୍କ ପାଇଁ ଆର୍ଥିକ ସମସ୍ୟା ବଢାଇଛି। ଏଭଳି ସ୍ଥିତିରେ ରୁଟ୍ ସମ୍ପ୍ରସାରଣ କରିବା ଏବଂ ଗୋଟିଏ ରୁଟ୍‌ରେ ଅଧିକ ବିମାନ ପରିଚାଳନା କରିବା ସମ୍ଭବ ହେବ ନାହିଁ ବୋଲି ଫେଡେରେଶନ ଅଫ୍ ଇଣ୍ଡିଆନ ଏଆରଲାଇନ୍ସ କହିବା ପରେ କେନ୍ଦ୍ର ସରକାର ଭଡ଼ା ସୀମା ପ୍ରତ୍ୟାହାର କରିଛନ୍ତି ବୋଲି କୁହାଯାଇଛି।

# ୨ ଗୁଣା ତରଳୁଛି ହିମାଳୟ ଗ୍ଲେସିୟର

**କାଠମାଣ୍ଡୁ,୨୧।୩(ପି.ଟି.)**



ହିନ୍ଦୁକୁଶ ହିମାଳୟରେ ଥିବା ଗ୍ଲେସିୟର ୨୦୦୦ରୁ ପୂର୍ବାପେକ୍ଷା ୨ ଗୁଣ ହାରରେ ତରଳୁଛି। ୧୯୯୦ରୁ ୨୦୨୦ ମଧ୍ୟରେ ୧୨ ପ୍ରତିଶତ ଅଞ୍ଚଳ ଗ୍ଲେସିୟର ହରାଇଲାଣି ବୋଲି ଆଇସିଆଇଏମ୍‌ଓଡି ( ଅନ୍ତର୍ଜାତୀୟ ସମନ୍ୱିତ ପର୍ବତ ବିକାଶ କେନ୍ଦ୍ର) ଦ୍ୱାରା ପ୍ରସ୍ତୁତ ୨ଟି ରିପୋର୍ଟରେ କୁହାଯାଇଛି। ପ୍ରତିବର୍ଷ ମାର୍ଚ୍ଚ ୨୧ରେ ବିଶ୍ୱ ଗ୍ଲେସିୟର ଦିବସ ପାଳନ ହେଉଥିଲାବେଳେ କାଠମାଣ୍ଡୁସ୍ଥିତ ଆଇସିଆଇଏମ୍‌ଓଡି ମୁଖ୍ୟାଳୟ ଉକ୍ତ ରିପୋର୍ଟ ପ୍ରକାଶ କରିଛି, ଯେଉଁଥିରେ ଅଞ୍ଚଳର ଗ୍ଲେସିୟରରେ କିଭଳି ପରିବର୍ତ୍ତନ ହେଉଛି, ତାହାର ଏକ ବିସ୍ତୃତ ପ୍ରମାଣ ଦିଆଯାଇଛି। ୫୦ ବର୍ଷ ଧରି ହିମାଳୟ ଗ୍ଲେସିୟର ଉପରେ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୧୯୭୫ରୁ ମୋଟ ୨୭ ମିଟର ବହଳର ଗ୍ଲେସିୟର ବରଫ ତରଳିଛି। ମେରୁ ଅଞ୍ଚଳକୁ ବାଦ୍‌ଦେଲେ ହିମାଳୟ ପର୍ବତମାଳାରେ ସର୍ବାଧିକ ବରଫ ରହିଥାଏ। ଏସିଆ ମହାଦେଶର ଅନ୍ୟୂନ ୧୦ ବୃହତ୍ ନଦୀକୁ ଏହା ଜଳ ଯୋଗାଇ ବହୁ କୋଟି ଲୋକଙ୍କୁ ଖାଦ୍ୟ, ଜଳ, ଶକ୍ତି ଓ ଜୀବିକା ଯୋଗାଇବାରେ ସହାୟକ ହୋଇଥାଏ ବୋଲି ରିପୋର୍ଟରେ କୁହାଯାଇଛି। ଗ୍ଲେସିୟର ଅଞ୍ଚଳର ପ୍ରାୟ ୭୮ ଭାଗ ସମୁଦ୍ର ପତ୍ତନଠାରୁ ୪,୫୦୦ରୁ ୬,୦୦୦ ମିଟର ଉଚ୍ଚତା ମଧ୍ୟରେ ଅବସ୍ଥିତ, ଯେଉଁଠି ଉଚ୍ଚତା ବଢ଼ିବା ସହ ତାପମାତ୍ରା ବୃଦ୍ଧିର ହାର ମଧ୍ୟ ଅଧିକ ହୋଇଥାଏ ବୋଲି ରିପୋର୍ଟରେ କୁହାଯାଇଛି।

# ପଞ୍ଜାବ ଅଫିସରଙ୍କ ଆତ୍ମହତ୍ୟାର ସିବିଆଇ ତଦନ୍ତ ଦାବି

### ଇସ୍ତଫା ଦେଲେ ପରିବହନ ମନ୍ତ୍ରୀ

**ଚଣ୍ଡିଗଡ଼,୨୧।୩(ପି.ଟି.)**



ଲଲଜିତ ସିଂ ଭୁଲ୍ଲାର

ପଞ୍ଜାବ ରାଜ୍ୟ ପଣ୍ୟାଗାର ନିଗମ (ପିଏସ୍‌ଡବ୍ଲୁସି)ର ଜିଲା ପରିଚାଳକ ଗଗନଦୀପ୍ ସିଂ ରାନ୍ଧଓ୍ୱାଙ୍କ ଆତ୍ମହତ୍ୟାକୁ ନେଇ ବିବାଦ ଦେଖାଦେଇଛି। ଏହି ଘଟଣାରେ ଭଗଓ୍ୱନ୍ତ ମାନ୍ ସରକାରଙ୍କୁ ରାଜ୍ୟର ବହୁ ନେତା ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ନିନ୍ଦା କରିଛନ୍ତି। କେଉଁ ପରିସ୍ଥିତିରେ ରାନ୍ଧଓ୍ୱା ଆତ୍ମହତ୍ୟା କଲେ ତାହା ଜାଣିବା ପାଇଁ ଘଟଣାର ସିବିଆଇ ତଦନ୍ତ ଦାବି ହୋଇଛି। ବିବାଦ ଜୋର୍ ଧରିବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ପରିବହନ ମନ୍ତ୍ରୀ ଲଲଜିତ ସିଂ ଭୁଲ୍ଲାର ଶନିବାର ଇସ୍ତଫା ଦେଇଛନ୍ତି। ରାନ୍ଧଓ୍ୱା ଶୁକ୍ରବାର ବିଷପିଇ ଆତ୍ମହତ୍ୟା କରିଥିଲେ। ତେବେ ଏହି ଚରମ ନିଷ୍ପତ୍ତି ନେବା ପୂର୍ବରୁ ସେ ଏକ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ, ଯେଉଁଥିରେ ସେ ଆତ୍ମହତ୍ୟା ପାଇଁ ରାଜ୍ୟ ପରିବହନ ମନ୍ତ୍ରୀ ଭୁଲ୍ଲାରଙ୍କୁ ଦାୟୀ କରିଥିଲେ। ଅଭିଯୋଗ ଅନୁଯାୟୀ ଭୁଲ୍ଲାର ତାଙ୍କର ଜଣେ ରାଜନୈତିକ ସହଯୋଗୀଙ୍କୁ ପଣ୍ୟାଗାର ଟେଣ୍ଡର ଦେବା ପାଇଁ ରାନ୍ଧଓ୍ୱାଙ୍କ ଉପରେ ଚାପ ପକାଉଥିଲେ। ସେ ମନା କରିବାରୁ ମନ୍ତ୍ରୀ ତାଙ୍କୁ ବସଭବନକୁ ଡାକି ମାଡ଼ ମାରିବା ସହ ବ୍ଲାକ୍‌ମେଲ୍ କରିବା ଉଦ୍ଦେଶ୍ୟରେ କ୍ୟାମେରା ଆଗରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ସ୍ୱୀକାର କରିବାକୁ ବାଧ୍ୟ କରିଥିଲେ।

# ୧୫ ଲକ୍ଷ ନେଇ ବିବାହ ପରେ ନକଲି ଆଇଏଏସ୍ ଅଫିସର ଫେରାର

**ଗୋରଖପୁର,୨୧।୩**

ନିଜକୁ ଆଇଏଏସ୍ ଅଧିକାରୀ କହି ବିବାହ କରିଥିବା ଜଣେ ଯୁବକ ୧୫ ଲକ୍ଷ ଟଙ୍କା ଯୌତୁକ ନେଇ ଫେରାର୍ ହୋଇଯିବା ଘଟଣା ଉତ୍ତରପ୍ରଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣା ଉତ୍ତରପ୍ରଦେଶର ଗୋରଖପୁରରେ ଘଟିଛି। ମିଳିଥିବା ସୂଚନା ଅନୁସାରେ ଇଟାଓ୍ୱାର ପ୍ରୀତମ୍ କୁମାର ନିଶାଦ ନିଜକୁ ଆଇଏଏସ୍ ଅଫିସର ପରିଚୟ ଦେଇ ଝିଅଘର ଲୋକଙ୍କ ବିଶ୍ୱାସ ଭାଜନ ହେବା ଲାଗି ଅଫିସ୍ ସେଟ୍‌ଅପ୍‌ରେ ଫଟୋ ଦେଖାଇବା ସହିତ କେତେକ ରାଜନେତାଙ୍କ ସାଙ୍ଗେ ଏକ ସାକ୍ଷାତ୍‌କାରରେ ବସିଥିବା ଏକ ନ୍ୟୁଜ୍ ଚ୍ୟାନେଲର ଭିଡ଼ିଓ ମଧ୍ୟ ଦେଖାଇଥିଲେ। କନ୍ୟାଘର ଲୋକେ ଏହାକୁ ବିଶ୍ୱାସ କରିନେଇଥିଲେ ଏବଂ ବିବାହ ଭାଙ୍ଗିଯିବା ଭୟରେ ଖୋଳାତାଡ଼ କରି ନ ଥିଲେ। ବିବାହର କିଛି ଦିନ ପୂର୍ବରୁ ବିବାହ ଖର୍ଚ୍ଚ ଲାଗି ପ୍ରୀତମ୍ କନ୍ୟା ଘର ଲୋକଙ୍କୁ ୧୫ ଲକ୍ଷ ଟଙ୍କା ମାଗିଥିଲେ। ନିର୍ବନ୍ଧ ଦିନ କନ୍ୟାଘର ଲୋକ ୫ ଲକ୍ଷ ଟଙ୍କା ଓ ପରେ ଆଉ ୧୦ ଲକ୍ଷ ଟଙ୍କା ଦେଇଥିଲେ। ଏହାଛଡ଼ା ଧୁମଧାମ୍‌ରେ ହୋଇଥିବା ବିବାହ ଉତ୍ସବ ପାଇଁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। କିନ୍ତୁ ବିବାହ ପରଦିନ ସତ୍ୟ ସାମ୍ନାକୁ ଆସିଥିଲା। ପ୍ରୀତମ୍‌ଙ୍କ ଘର ଦେଖି କନ୍ୟା ଜଣକ ହତବାକ୍ ହୋଇଯାଇଥିଲା ବେଳେ ତାଙ୍କ ଉପରେ ଅତ୍ୟାଚାର ମଧ୍ୟ ଆରମ୍ଭ ହୋଇଯାଇଥିଲା। ପୂର୍ବରୁ ଅନ୍ୟ ୨ ଜଣଙ୍କୁ ବିବାହ କରିଥିବା ପ୍ରୀତମ୍ କନ୍ୟାଙ୍କୁ ବିକ୍ରି କରିଦେବା ଲାଗି ମଧ୍ୟ ଉଦ୍ୟମ କରିଥିଲେ। ଏଭଳି ଖବର ପାଇ କନ୍ୟାଘର ଲୋକେ ପ୍ରୀତମ୍‌ଙ୍କ ଘରେ ପହଞ୍ଚିବା ପୂର୍ବରୁ ପ୍ରୀତମ୍ ନିଜ ପରିବାର ଲୋକଙ୍କ ସହ ଫେରାର ହୋଇଯାଇଥିଲେ। ପ୍ରୀତମ୍‌ଙ୍କ ବିରୋଧରେ ମାନବଚାଲାଣ ଅଭିଯୋଗ ଥିବା ପୋଲିସ୍ ଜାଣିବା ପରେ ତାଙ୍କୁ ଧରିବା ଲାଗି ଅନୁସନ୍ଧାନ ଆରମ୍ଭ କରିଛି।


# Classified Everyday

0674-2580101, 9692975378



MATRIMONIAL

GROOM WANTED

49ବୟସ୍କା ଅଙ୍ଗନବାଡି supervisor divorce ବ୍ରାହ୍ମଣ ଝିଅଙ୍କୁ ବର ଦରକାର। 9776705242. D-3670

37ବୟସ୍କା Widow ଅନାଥ କରଣ Govt. nurseଙ୍କ ପାଇଁ ଘରଜ୍ୱାଇଁ ଦରକାର Urgent. 8249280543. D-3669



REAL ESTATE

SALE

3BHK Sophisticated Flat at BJB Nagar/ 2100sqft. Gharabari Land at Uttara, Bhubaneswar. Call- 8917520527. D-3708

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

**DO U NEED TO INVEST on property/Immediately house purpose ???? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452.**

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

Residential **Flat 3 Number** in **Geetanjali Apartments Bhubaneswar** Size **(865, 725, 1154) Sqft.** is available for sale.

Residential **Flat 2 number** in **Dev Apartments Cuttack** Size **(1112, 1058) Sqft.** and one shop **(240) Sqft.** is available for sale.

Residential Flat in **Varun Plaza Sambalpur** Size **1238 Sqft.** is available for sale. May send their offer on **email id: CPMT@dalmiabharat.com. Contact Person Bharat Kumar Pandey, Contact Number: 9582088780.** D-3711

**Land near BALASORE Town for Sale. Residential Plot 19 decimals near Harihat in Village SINDHIA near Balighat and 278 decimals all in Village SAHUPADA near BALASORE-Baripada National Highway suitable for farmhouse, apartment, institute. Please contact immediately - 7656861995, 8763744316.** D-75866

**A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse.** D-3540

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649



BUSINESS

**Urgently required Second hand Racks for supermarket in Bhubaneswar, Contact: 8240127783.** D-3703





**Godown and Showrrom near Pathargadia, Sibamandira 200ft. Road. Mob. 9938060592.** D-3544





All types of physiotherapy and massage contact 9556924059 / 7656969134. D-3668


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### AFFIDAVIT

By virtue of an affidavit No. C.F.No. 15 dated- 19.01.2026 sworn before the Executive Magistrate, Rampur, Subarnapur, Odisha, I, Gyanendra Sahu, S/O.- Late Gouranga Sahu, Village/P.O./ P.S.- Dunguripali, Dist.- Subarnapur declare that I have changed my name from Gyanendra Kumar Sahu to Gyanendra Sahu. Henceforth, I shall be known as Gyanendra Sahu for all purpose. D-3713

By virtue of an affidavit dtd. 19.03.2026 sworn before Executive Magistrate, Bhadrak, I, Behera Pradeep Sambhunath, S/o.- Sambhunath Behera, Vill./P.O.- Paliabindha, P.S.- Tihidi, Dist.- Bhadrak, Odisha, At present Santkabir Society Street No. 1, Pedak Road, Rajkot, Gujarat declare that I have an LIC policy bearing No. 582299078. Where in my name is mentioned Kunumunu Behera. I further declare that Behera Pradeep Sambhunath and Kunumunu Behera, S/o.- Sambhunath Behera same and one person. D-3712

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ ।

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ପ୍ରଣତୀ ମିଶ୍ର**
ଆବିର୍ଭାବ: ୦୧।୦୧।୧୯୭୪
ତିରୋଧାନ: ୧୨।୦୩।୨୦୨୬
ଆଜି ଏହି ପବିତ୍ର ଏକାଦଶାହ ତିଥି ଅବସରରେ ପରିବାରର ସମସ୍ତ ସଦସ୍ୟଙ୍କ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଆପଣଙ୍କ ଅମରାତ୍ମା ଚିରଶାନ୍ତି ଲଭୁ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
କିଶୋର କୁମାର ମିଶ୍ର, କେଦାରଶ୍ୱର ମିଶ୍ର, ଦୀପ୍ତିମୟୀ ମିଶ୍ର, ଚେତନ୍ ମହାପାତ୍ର, ଲାଲି, ଗୁଡୁ, ଲୋରି, ସଞ୍ଜୀବ, ଲିଟିଲ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୭୦୯

### ୧୬ତମ ଶ୍ରାଦ୍ଧବାର୍ଷିକୀ



**୰ସଦାଶିବ ପ୍ରଧାନ**
(ନୀଳଚକ୍ର ନଗର, ପୁରୀ)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଝିଅ: ମଞ୍ଜୁବାଳା, ମମତା, ଜ୍ୱାଇଁ- କାହ୍ନୁ, ବିଶ୍ୱଜିତ୍, ନାତି: ଚିନ୍ମୟ, ତନ୍ମୟ ଏବଂ ପରିବାରବର୍ଗ ।
ଧ-୩୭୧୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ



**୰ମାନମୟୀ ଦାସ**
ଆବିର୍ଭାବ: ୦୧/୦୧/୧୯୬୬
ତିରୋଧାନ: ୨୨/୦୩/୨୦୨୫
ଆପଣଙ୍କ ସ୍ନେହ, ସରଳତା, ସଚ୍ଚୋଟତା ଓ ନିଃସ୍ୱାର୍ଥ ମଣିଷପଣିଆ ଆମମାନଙ୍କ ପାଇଁ ଚିରନ୍ତନ ସ୍ମୃତି ଓ ପଥ ପ୍ରଦର୍ଶକ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ
ଧ-୧୦୪




# ହରିୟାଣା ଚାମ୍ପିୟନ: ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ ପଦକ





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଜୟନ୍ତୀ ବେହେରାଙ୍କୁ ପଦକ ପ୍ରଦାନ କରୁଛନ୍ତି, ନିକଟରେ ଅଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଚାମ୍ପିୟନ ହରିୟାଣା ଦଳ। (ଫଟୋ ବିକାଶ ନାୟକ)

**ଭୁବନେଶ୍ୱର,୨୧ା୩(ଅନାଦି କର)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୮ ରାଜ୍ୟର ୧୪୦୦ରୁ ଊର୍ଦ୍ଧ୍ୱ ପାରା ଆଥଲେଟ୍ ଭାଗ ନେଇଥିବା ବେଳେ ହରିୟାଣା ୩୯ ସ୍ୱର୍ଣ୍ଣ ସହ ମୋଟ ୯୫ ପଦକ ସହ ଚାମ୍ପିୟନ ହୋଇଛି। ସେହିଭଳି ତାମିଲନାଡୁ ୫୧ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଆୟୋଜକ ଓଡ଼ିଶା ୫ ସ୍ୱର୍ଣ୍ଣ ଓ ମୋଟ ୧୭ ପଦକ ସହ ନବମ ସ୍ଥାନରେ ରହିଛି।

## ଜାତୀୟ ପାରା ଆଥଲେଟିକ୍ସ ଉଦ୍‌ଯାପିତ

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ବିଭାଗ କମିଶନର କମ୍ ସଚିବ ସଚିନ ରାମଚନ୍ଦ୍ର ଯାଦବ, ପାରା ଅଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଉପ ସଭାପତି ସତ୍ୟପ୍ରକାଶ ସାମଲ, ସାଧାରଣ ସମ୍ପାଦକ ଜୟବନ୍ତ ଜିଏଚ୍, ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ, ପାରା ଆଥଲେଟିକ୍ସ ଚେୟାରମ୍ୟାନ ସତ୍ୟ ନାରାୟଣ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣାଠାରେ ଏକ ଅତ୍ୟାଧୁନିକ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ କରାଯିବାର ଯୋଜନା ରହିଛି। ୧୨୦ ଏକର ଜାଗାରେ ସମସ୍ତ ଇଭେଣ୍ଟକୁ ସୁହାଇଲା ଭଳି ଭିତ୍ତିଭୂମି ନିର୍ମାଣ କରାଯିବ। ଏଥିଲାଗି ୧୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବାର ଯୋଜନା ରହିଛି। ସେହିଭଳି ପିସିଆଇ ସାଧାରଣ ସମ୍ପାଦକ ଜୟବନ୍ତ ଜିଏଚ୍ ପ୍ରକାଶ କରିଥିଲେ ଯେ, ଆମେ ଓଡ଼ିଶାରେ ସମସ୍ତ ପାରା ଇଭେଣ୍ଟ ଆୟୋଜନ କରିବାକୁ ଚାହୁଁ। ଏଠାରେ ଖୁବ ଭଲ ଭିତ୍ତିଭୂମି ସହ ସରକାରଙ୍କ ଭରପୂର ସମର୍ଥନ ମିଳୁଛି।

ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିନ ତଥା ଶନିବାର ଓଡ଼ିଶାର ପାରା ଆଥଲେଟ୍‌ମାନେ ୧ ସ୍ୱର୍ଣ୍ଣ ଓ ୫ ରୌପ୍ୟ ଜିତିଛନ୍ତି। ସୁଚିତ୍ରା ପରିଡ଼ା ମହିଳା ଜାଭେଲିନ ଥ୍ରୋ ଏଫ୍‌୫୫ ଇଭେଣ୍ଟରେ ୧୭.୮୦ ଦୂରତା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ପୁରୁଷ ୫୦୦ ମିଟର ଦୌଡ଼ ଟି୧୧ ଇଭେଣ୍ଟରେ ଜଦୁନାଥ ମାଝୀ (୧୭:୫୯.୦୬ ସେକେଣ୍ଡ), ପୁରୁଷ ଲଙ୍ଗ ଜମ୍ପ ଟି୪୭ ଇଭେଣ୍ଟରେ ସ୍ୱାଧୀନ ମେହର (୬.୬୨ ମି.), ପୁରୁଷ ୨୦୦ ମି, ଦୌଡ଼ ଟି୩୭ ଇଭେଣ୍ଟରେ ସ୍ୱସ୍ତିକ ସାହୁ (୨୫.୨୫ ସେ.), ମହିଳା ୨୦୦ ମି. ଦୌଡ଼ ଟି୧୨ ଇଭେଣ୍ଟରେ ଜାନକୀ ଓରାମ (୨୮.୪୩ ସେ.), ମହିଳା ୨୦୦ ମି. ଦୌଡ଼ ଟି୪୭ ଇଭେଣ୍ଟରେ ଜୟନ୍ତୀ ବେହେରା (୨୭.୯୫ ସେ.) ରୌପ୍ୟ ପଦକ ହାସଲ କରିଛନ୍ତି।

# ମହିଳା ଏସିଆନ କପ୍: ଜାପାନ ଚାମ୍ପିୟନ

**ସିଡ୍‌ନୀ,୨୧ା୩(ଏପି)**

ଚଳିତ ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଜାପାନ ଚାମ୍ପିୟନ ହୋଇଛି। ଶନିବାର ଷ୍ଟାଡିୟମ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଫାଇନାଲରେ ମାଇକା ହାମାନୋଙ୍କ ଗୋଲ ବଳରେ ଜାପାନ ୧–୦ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଏହି ସଫଳତା ପାଇଛି। ୨୧ ବର୍ଷୀୟା ହାମାନୋ ୧୭ତମ ମିନିଟ୍‌ରେ ମିଡ୍ ଫିଲ୍ଡରୁ ପାଇଥିବା ପାସକୁ ଗୋଲରେ ପରିଣତ କରିଥିଲେ, ଯାହା କି ଦଳର ବିଜୟ ଲାଗି ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ମହିଳା ଏସିଆନ କପ୍ ଟୁର୍ନାମେଣ୍ଟର ଗତ ୪ ସଂସ୍କରଣରେ ଏହା ଜାପାନର ତୃତୀୟ ଟାଇଟଲ। ଏଥିପୂର୍ବରୁ ଜାପାନ ୨୦୧୪ ଓ ୨୦୧୮ରେ ଚାମ୍ପିୟନ ହୋଇଥିଲା। ଉଭୟ ଥର ଫାଇନାଲରେ ଅଷ୍ଟ୍ରେଲିଆ ପରାସ୍ତ ହୋଇଥିଲା। ଏସିଆର ଟପ୍ ମହିଳା ଦଳ ଜାପାନ ଏହି ଟୁର୍ନାମେଣ୍ଟରେ ୬ ମ୍ୟାଚ୍ ଖେଳିଥିବା ବେଳେ ମାତ୍ର ଗୋଟିଏ ଗୋଲ ବରଣ କରିଥିଲା। ଏହି ଟୁର୍ନାମେଣ୍ଟରୁ ଆସନ୍ତା ବର୍ଷ ବ୍ରାଜିଲରେ ହେବାକୁ ଥିବା ମହିଳା ଫିଫା ବିଶ୍ୱକପ୍ ଲାଗି ୬ ଦଳ ଯୋଗ୍ୟତା ହାସଲ କରିଛନ୍ତି। ମିଡିଲ ଇଷ୍ଟରେ ଯୁଦ୍ଧ ଚାଲୁଥିବା ବେଳେ ଇରାନ ଏହି ୧୨ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ଖେଳୁଥିବାରୁ ଏହା ଚର୍ଚ୍ଚାର ବିଷୟ ପାଲଟି ଥିଲା। ଇରାନ ଦଳର ୭ ଖେଳାଳି ପ୍ରାରମ୍ଭିକ ଭାବେ ଅଷ୍ଟ୍ରେଲିଆରେ ଆସାଇଲମ ଲାଗି ଅନୁରୋଧ କରିଥିଲେ। ହେଲେ ଅଷ୍ଟ୍ରେଲିଆ ସରକାରଙ୍କ ଅନୁମତି ପରେ ସେମାନଙ୍କ ମଧ୍ୟରୁ ୫ ଜଣ ଦଳ ସହ ଫେରି ଯାଇଥିଲେ।

# ଏଲ୍ଆଇସି ସ୍ପୋର୍ଟ୍ସ କ୍ଲବର ରୋମାଞ୍ଚକ ବିଜୟ




ପ୍ଲେୟର ଅଫ ଦି ମ୍ୟାଚ୍ ସମ୍ବିତ ବେଜାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**କଟକ,୨୧ା୩(କୁମାରଶ୍ରୀ)**

## ଓସିଏ କ୍ଲବ ଲିଗ୍

କଟକରେ ଚାଲିଥିବା ଓସିଏ କ୍ଲବ ଲିଗ୍‌ର ଏକ ମ୍ୟାଚ୍‌ରେ ଏଲ୍ଆଇସି ସ୍ପୋର୍ଟ୍ସ କ୍ଲବ ୧ ଉଇକେଟରେ ସହିଦ ସ୍ପୋର୍ଟିଂକୁ ହରାଇଛି। ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଏଲ୍ଆଇସି ଅଧିନାୟକ ସାୱନ ପହରିୟା ଟସ୍ ଜିତି ସହିଦ ସ୍ପୋର୍ଟିଂକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଓମ୍ ଟି. ମୁଣ୍ଡେଙ୍କ ୫୮ରନ, ଅଧିନାୟକ ରାଜେଶ ମହାନ୍ତିଙ୍କ ୪୯ରନ ସହାୟତାରେ ସହିଦ ସ୍ପୋର୍ଟିଂ ୮ ଉଇକେଟ ହରାଇ ୨୫୧ରନ ସଂଗ୍ରହ କରିଥିଲା। ସମ୍ବିତ ବେଜା ୪୧ରନ ବ୍ୟୟ କରି ୪ଟି ଉଇକେଟ ଦଖଲ କରିଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସତ୍ତ୍ୱେ ୪୯ତମ ଓଭରରେ ୯ଉଇକେଟ ହରାଇ ଏଲ୍ଆଇସି ସ୍ପୋର୍ଟ୍ସ କ୍ଲବ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ରୋହିତ ହଡକେ ୪୧ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ସହିଦ ସ୍ପୋର୍ଟିଂର ପଙ୍କଜ ଯାଦବଙ୍କୁ ୩ଟି ଉଇକେଟ ମିଳିଥିଲା। ସମ୍ବିତ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଡ୍ରିମ୍ସ ଗ୍ରାଉଣ୍ଡରେ ୟୁନିୟନ ସ୍ପୋର୍ଟିଂ ୪ ଉଇକେଟରେ ସନରାଇଜ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସନରାଇଜର ଇନିଂସ ୯୧ରନରେ ସୀମିତ ରହିଥିଲା। ୟୁନିୟନ ପକ୍ଷରୁ ବାଦଲ ବିଶ୍ୱାଳ ଏବଂ ବିଶ୍ୱଜିତ ପ୍ରଧାନ ଉଭୟ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୯.୫ ଓଭରରେ ୬ ଉଇକେଟ ହରାଇ ୟୁନିୟନ ବିଜୟୀ ହୋଇଥିବା ବେଳେ ଉପେନ୍ଦ୍ର ଯାଦବ ଅପରାଜିତ ୨୭ରନ କରିଥିଲେ। ବାଦଲ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ବାରବାଟୀ ଷ୍ଟାଡିୟମରେ ଏସ୍‌ବିଆଇ କ୍ଲବ ୬ ଉଇକେଟରେ ବିଶ୍ୱଭାରତୀକୁ ଏବଂ ସନସାଇନ ଗ୍ରାଉଣ୍ଡରେ ସନସାଇନ କ୍ଲବ ୨୬ରନରେ ଆମେଚର କ୍ଲବକୁ ହରାଇଥିଲା।

# ପାର୍ବତୀଙ୍କୁ ଦୁଇ ସ୍ୱର୍ଣ୍ଣ



**ଭୁବନେଶ୍ୱର,୨୧ା୩(ଅନାଦି କର)**

ଚଣ୍ଡିଗଡ଼ରେ ଚାଲିଥିବା ଖେଲୋ ମାଷ୍ଟର ନ୍ୟାଶନାଲ ଗେମ୍ସରେ ଆନ୍ତର୍ଜାତୀୟ ଆଥଲେଟ୍ ପାର୍ବତୀ ସେଠୀ ଶନିବାର ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଡିସ୍କସ୍ ଥ୍ରୋରେ ୪୦.୫୫ ମିଟର ଦୂରତା ହାସଲ କରିଥିବା ବେଳେ ସଟ୍ ପୁଟରେ ୧୦.୪୫ ମି. ଥ୍ରୋ ସହିତ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଓଡ଼ିଶାର ପ୍ରଥମ ମହିଳା ଡିସକସ୍ ଥ୍ରୋୟର ହେଉଛନ୍ତି ପାର୍ବତୀ। ସେ ଇଣ୍ଡିଆନ ରେଲୱେ ବିଭାଗରେ କାର୍ଯ୍ୟରତ। ଆଗକୁ ଦକ୍ଷିଣ କୋରିଆରେ ୱାର୍ଲ୍ଡ ମାଷ୍ଟର ଆଥଲେଟ୍ ମିଟ ହେବ। ରାଜ୍ୟ ସରକାର ସହଯୋଗ କଲେ, ମୁଁ ରାଜ୍ୟ ପାଇଁ ପଦକ ଜିତିବା ଆଶା ରଖିଛି ବୋଲି ପାର୍ବତୀ କହିଛନ୍ତି।

# ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟ୍‌ବଲ: ଫାଇନାଲରେ ୟୁନିଟ୍-୬

**ଭୁବନେଶ୍ୱର,୨୧ା୩(ଅନାଦି କର)**

ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ପ୍ରଥମ ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଅଲ ଓଡ଼ିଶା ଫୁଟବଲ ଚାମ୍ପିୟନଶିପ୍‌ରେ ୟୁନିଟ-୬ ଆଥ୍‌ଲେଟିକ୍ସ ଆସୋସିଏଶନ ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ୟୁନିଟ୍-୬ ଆଥ୍‌ଲେଟିକ୍ସ ଆସୋସିଏଶନ ୨-୧ ଗୋଲରେ ରାଧାରମଣ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ସୁରେଶ ଖଡ଼ିଆ (୧୬ତମ ମିନିଟ୍) ଓ ଲାଗୋ (୪୫ତମ) ଗୋଲ କରିଥିବାବେଳେ ୫୩ତମ ମିନିଟ୍‌ରେ ରାଧାରମଣ କ୍ଲବ ପକ୍ଷରୁ ଅବିନାଶ ମୁଦୁଲି ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ସୁରେଶ ଖାଦିଆଙ୍କୁ ୩ ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ମ୍ୟାଚ୍‌ରେ ଅତିଥି ଭାବେ ବିଏଏ ଉପସଭାପତି ଭାଗ୍ୟଧର ଜଗଦେବ, କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା, ସମ୍ପାଦକ ଡ. ସୌର୍ଯ୍ୟ ରଞ୍ଜନ ପରିଜା, ଆୟୋଜକ ସମ୍ପାଦକ ପ୍ରଦୀପ କୁମାର ରାଉତରାଏ ଉପସ୍ଥିତ ଥିଲେ।




ପ୍ଲେୟର ଅଫ୍ ଦି ମ୍ୟାଚ୍ ସୁରେଶ ଖଡ଼ିଆଙ୍କୁ ପୁରସ୍କୃତ କରାଯାଉଛି।

# ୫୦ ମିଟର ଫ୍ରିଷ୍ଟାଇଲରେ କାମେରନଙ୍କ ବିଶ୍ୱ ରେକର୍ଡ

**ଶେନ୍‌ଝେନ,୨୧ା୩(ଚାଇନା)**

ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ସନ୍ତରଣକାରୀ କାମେରନ ମ୍ୟାକ୍‌ଏଭଏ ପୁରୁଷ ୫୦ମିଟର ଫ୍ରିଷ୍ଟାଇଲରେ ୧୭ବର୍ଷ ଧରି ରହିଥିବା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଅଷ୍ଟ୍ରେଲିଆର ଏହି ୩୧ବର୍ଷୀୟ ଶେନଝେନ୍‌ରେ ଅନୁଷ୍ଠିତ ଚାଇନା ଓପନରେ ୨୦.୮୮ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ନୂଆ କିର୍ତ୍ତୀମାନ ଅର୍ଜନ କରିଛନ୍ତି। ପୂର୍ବରୁ ଏହି ରେକର୍ଡର ଅଧିକାରୀ ଥିବା ବ୍ରାଜିଲିଆନ ସେସାର ସିଏଲୋ ୦.୦୩ ସେକେଣ୍ଡ ଆଗୁଆ ରେସ୍ ଶେଷ କରିଥିଲେ। ସିଏଲୋ ତାଙ୍କ ବିଶ୍ୱ ରେକର୍ଡ ୨୦୦୯ 'ସୁପର ସୁଟ୍' ଯୁଗରେ ସୁଇମିଂରେ ୨୦.୯୧ ଟାଇମିଂରେ ପ୍ରତିଷ୍ଠା କରିଥିଲେ। ସିଲୋ ସୋସିଆଲ ମିଡିଆ ଜରିଆରେ ତୁରନ୍ତ ମ୍ୟାକ୍‌ଏଭଏଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଟୁଇଟ୍ କରିଛନ୍ତି; କଙ୍ଗ୍ରାଟ୍ସ, କାମ୍।

# ୨୩ରୁ ଜାତୀୟ ସିନିୟର ହ୍ୟାଣ୍ଡବଲ

**ଭୁବନେଶ୍ୱର,୨୧ା୩(ଅନାଦି କର)**

ଆସନ୍ତା ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ହରିୟାଣାର କୁରୁକ୍ଷେତ୍ରଠାରେ ୫୪ତମ ଜାତୀୟ ସିନିୟର ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ଓଡ଼ିଶା ଦଳ ଶନିବାର ଟ୍ରେନ ଯୋଗେ ଯାତ୍ରା କରିଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସୁମନ୍ତ କୁମାର ସାହୁ, ବିଶ୍ୱନାଥ କହର, ଅନିଲ ପାତ୍ର, କ୍ଷୀତିଶ ଚନ୍ଦ୍ର ଖଟେଇ, ଭୋଳାନାଥ ଖଟୁଆ, ସୁରେଶ କୁମାର ସେଠୀ, ଅଜିତ ସାହୁ, ସରୋଜ ନାୟକ, ଅଶୋକ ବେହେରା, ରାଜେଶ ନାୟକ, ଜ୍ୟୋତିରଞ୍ଜନ ଲେଙ୍କା, ସୁବ୍ରତ ଦାସ, ଓମ୍ ପ୍ରକାଶଦାସ ମହାପାତ୍ର, ଦିବ୍ୟଜ୍ୟୋତି ମହାପାତ୍ର, ସୁବାସ ମାଝୀ, ରୁଦ୍ରପ୍ରସାଦ ରାଉତ, ନୀଳମଣି ମଣ୍ଡଳ, ଶାନ୍ତନୁ ବିଶ୍ୱାଳ। ଦଳ ସହିତ ପ୍ରଶିକ୍ଷକ ଭାବେ ପ୍ରଭାତ କୁମାର ଦଳେଇ, ପ୍ରବନ୍ଧକ ଭାବେ ଛାୟାକାନ୍ତ ମହାନନ୍ଦା ଯାତ୍ରା କରିଛନ୍ତି। ଓଡ଼ିଶା ଦଳକୁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ପକ୍ଷରୁ ସମ୍ପାଦକ ବୀରେନ କୁମାର ବେହେରା, ସଭାପତି ଗୋପୀନାଥ ସାହୁ, କୋଷାଧ୍ୟକ୍ଷ ଉପେନ୍ଦ୍ର କୁମାର ଦାସ, ସୋମନନ୍ଦ ବିହାରୀ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

# ୱିମ୍ବଲଡନ ଓପନରେ ଭିଡିଓ ରିଭ୍ୟୁ ବ୍ୟବସ୍ଥା

**ଲଣ୍ଡନ, ୨୧ା୩ (ଏପି)**

ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍‌ରେ ଚଳିତବର୍ଷ ପ୍ରଥମ ଥର ଭିଡିଓ ରିଭ୍ୟୁ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଅଲ୍ ଇଂଲଣ୍ଡ କ୍ଲବ ତରଫରୁ ଶନିବାର ଏହା ଘୋଷଣା କରାଯାଇଛି। ବିଶ୍ୱର ଏହି ସର୍ବ ପୁରାତନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ସେଣ୍ଟର କୋର୍ଟ, କ୍ଲବର ଦ୍ୱିତୀୟ ସର୍ବବୃହତ୍ ଷ୍ଟାଡିୟମ ନମ୍ବର-୧ କୋର୍ଟ ବ୍ୟତୀତ ଅନ୍ୟ ୪ଟି କୋର୍ଟରେ ଏହି ଟେକ୍ନୋଲୋଜି ଉପଲବ୍ଧ ହେବ।

# ଓସ୍‌ଜାର ଏଜିଏମ୍ ଅନୁଷ୍ଠିତ

**ଭୁବନେଶ୍ୱର,୨୧ା୩(ଅନାଦି କର)**

ଓଡ଼ିଶା ଜର୍ନାଲିଷ୍ଟ ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ଶନିବାର ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ସାଧାରଣ ପରିଷଦ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। ସଂଘର ୨୦୨୫-୨୬ ବର୍ଷର ଆର୍ଥିକ ରିପୋର୍ଟ ପ୍ରଦାନ କରାଯିବା ସହ ୨୦୨୬-୨୭ ବର୍ଷ କାର୍ଯ୍ୟ ଖସଡ଼ା ନିର୍ଦ୍ଧାରଣ ହୋଇଥିଲା। ଏହି ଅବସରରେ ଓସ୍‌ଜାର ନୂଆ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସନ୍ଦୀପ ମିଶ୍ର ସଭାପତି ପଦ ବଜାୟ ରଖିଥିବା ବେଳେ ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ତପନ କୁମାର ସ୍ୱାଇଁ ସାଧାରଣ ସମ୍ପାଦକ ଓ ସୁରେଶ କୁମାର ସ୍ୱାଇଁ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ହିମାଂଶୁପତି ମିଶ୍ର, ସଞ୍ଜୀବ ବିଶ୍ୱାଳ, ଦେବୀପ୍ରସନ୍ନ ମହାନ୍ତି ଏବଂ ଯୁଗ୍ମ ସମ୍ପାଦକ ଭାବେ ଦେବାଶିଷ ସୁନ୍ଦରାୟ, ଶୁଭଲକ୍ଷ୍ମୀ ବଳ, ବିମଳ କୁମାର ରାଉଳ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ କେ. ରବି, ସମ୍ବିତ ମହାପାତ୍ର, ଜ୍ଞାନରଂଜନ ମିଶ୍ର, ଡି. ନିରଞ୍ଜନ ରେଡ୍ଡୀ, ଶକ୍ତି ପ୍ରସାଦ ନନ୍ଦ, ବେଣୁଧର ଦାସ, ତୁଷାର କୁମାର ସେନାପତି ସଦସ୍ୟ ଭାବେ ରହିଛନ୍ତି। ସନ୍ଦୀପ ମିଶ୍ର ପୌରୋହିତ୍ୟ କରିଥିବା ବେଳେ ସମୀକ୍ଷା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଯୋଗଦେଇଥିବା ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର ସଦସ୍ୟ।

# ହର୍ଷିତଙ୍କ ପରେ ଆକାଶ ଦୀପ ଆଇପିଏଲ୍‌ରୁ ବାହାର

**କୋଲକାତା, ୨୧ା୩ (ପି.ଟି.)**

ଭାରତ ସିମର ଆକାଶ ଦୀପ୍‌ଙ୍କ ପିଠିର ନିମ୍ନ ଭାଗରେ ଆଘାତ ଲାଗିଛି। ଫଳରେ ସେ ଅତି କମ୍‌ରେ ୮ ସପ୍ତାହ ଖେଳିପାରିବେନି। ଏଥିପାଇଁ ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିପାରିବେ ନାହିଁ। କୋଲକାତା ନାଇଟ୍ ରାଇଡର୍ସ (କେକେଆର) ପେସ୍ ବାହିନୀକୁ ଆଉ ଏକ ଧକ୍କା। ଏହି ଡାହାଣହାତୀ ପେସ୍ ବୋଲର ଜୁନ୍ ପ୍ରାରମ୍ଭରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯିବାକୁଥିବା ଏକମାତ୍ର ଟେଷ୍ଟ ମ୍ୟାଚ ପାଇଁ ଉପଲବ୍ଧ ହେବେ କି ନା ସେ ନେଇ ସନ୍ଦେହ ଦେଖାଦେଇଛି। ୨୯ବର୍ଷୀୟ ଏହି ବେଙ୍ଗଲ ପେସର ଗତଥର ଜମ୍ମୁ କଶ୍ମୀର ରଣଜୀ ଟ୍ରଫି ସେମିଫାଇନାଲ ଖେଳିଥିଲେ। ପ୍ରଥମ ଇନିଂସରେ ସେ ୧୩ ଓଭର ଏବଂ ଦ୍ୱିତୀୟ ଇନିଂସରେ ୭ ଓଭରରୁ କମ୍ ବୋଲିଂ କରିଥିଲେ। ଏହାପରଠାରୁ ସେ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ରିହାବିଲିଟେଶନରେ ଅଛନ୍ତି। ଗତ ବୁଧବାର ଏଠାରେ କେକେଆରର ପ୍ରସ୍ତୁତି କ୍ୟାମ୍ପ ଆରମ୍ଭ ହୋଇଛି। ଆକାଶ ଦୀପ ଏଥିରେ ଯୋଗ ଦେଇ ନ ଥିଲେ। ଡାହାଣ ଆଣ୍ଠୁରେ ଲିଗାମେଣ୍ଟ ଇଞ୍ଜୁରୀ ପାଇଁ ହର୍ଷିତ ରାଣା ଏବଂ ୧୮କୋଟି ଟଙ୍କାରେ କ୍ରୟ ହୋଇଥିବା ଶ୍ରୀଲଙ୍କାର ମାଥିଶା ପଥିରାଣା ଗ୍ରୋଇନ୍ ଇଞ୍ଜୁରୀ ପାଇଁ ପୂର୍ବରୁ ଟୁର୍ନାମେଣ୍ଟରୁ ବାହାର ହୋଇ ସାରିଛନ୍ତି। ଫଳରେ ଦଳରେ ପେସ୍ ବୋଲରଙ୍କ ଅଭାବ ଦେଖାଦେଇଛି। ଆକାଶ ଦୀପ ଓ ହର୍ଷିତଙ୍କ ଅନୁପସ୍ଥିତିରେ ଫ୍ରାଞ୍ଚାଇଜ୍ ନିକଟରେ ଘରୋଇ ବିକଳ୍ପ ଭାବେ ବୈଭବ ଆରୋରା, କାର୍ତ୍ତିକ ତ୍ୟାଗୀ ଏବଂ ପୁନର୍ବାର ଫିଟ୍ ହୋଇ ଫେରିଥିବା ଉମରାନ ମଲିକ ରହିଛନ୍ତି। ବିସିସିଆଇର ନିର୍ଦ୍ଦେଶକ୍ରମେ ବାମହାତୀ ସିମର ମୁସ୍ତାଫିଜୁର ରହମନଙ୍କୁ ଚଳିତବର୍ଷ ପ୍ରାରମ୍ଭରୁ ରିଲିଜ କରିଦିଆଯାଇଛି। କେକେଆର୍ ତୁରନ୍ତ ତାଙ୍କ ସ୍ଥାନରେ ଜିମ୍ବାୱେର ଦ୍ରୁତ ବୋଲର ବ୍ଲେସିଂ ମୁଜରାବାନୀଙ୍କୁ ଦଳରେ ସାମିଲ କରିଥିଲା। ଅଭିଷେକ ନାୟରଙ୍କଠାରୁ କୋଚିଂ ନେଉଥିବା ତଥା ଅଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ ଏହି ଫ୍ରାଞ୍ଚାଇଜ୍ ବର୍ତ୍ତମାନ ଆଇପିଏଲ୍ ଅଭିଜ୍ଞତା ରଖିଥିବା ପେସ୍ ବୋଲରମାନଙ୍କ ମଧ୍ୟରୁ ବଦଳ ଖେଳାଳି ଚୟନ କରିବ। ସେମାନଙ୍କ ମଧ୍ୟରେ ଆକାଶ ମାଧୱାଲା, ନବଦୀପ ସଇନି, ସିମରନଜିତ୍ ସିଂ, କେଏମ୍ ଅସିଫ ଓ ସନ୍ଦୀପ ୱାରିଅର ଅନ୍ୟତମ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଦୃଷ୍ଟି ଆକର୍ଷଣକାରୀ ଖେଳାଳି ହେଲେ ମାଧୱାଲ। ୨୦୨୩ ଏଲିମିନେଟରରେ ସେ ମୁମ୍ବାଇ ତରଫରୁ ଖେଳି ମାତ୍ର ୫ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ଏପ୍ରିଲ ୨୯ରେ ଆଇପିଏଲ୍ ଓପନର ଖେଳିବା ଲାଗି ମୁମ୍ବାଇ ଯିବା ପୂର୍ବରୁ ଟିମ୍ ମ୍ୟାନେଜମେଣ୍ଟ ଦଳ ଚୂଡ଼ାନ୍ତ କରିବ। ଦଳ ଏପ୍ରିଲ ୨୯ରେ ମୁମ୍ବାଇ ଗସ୍ତ କରିବ।



ଆକାଶ ଦୀପ

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୨/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, March 22/2026 Page 16 ₹ 7.00
୫୨ଶ ଭାଗ ୧୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 116 ମୂଲ୍ୟ ₹୭/-

# ପୂର୍ବତନ ବିଧାୟକଙ୍କୁ ବାସନ୍ଦକଲା ଭତରା ସମାଜ

### ଅନ୍ୟ ଜାତିରେ ଝିଅ ବିବାହ କରାଉଥିବାରୁ ବୈଠକ କରି ନିଷ୍ପତ୍ତି ନେଇଛି ସମାଜ

ଡାବୁଗାଁ,୨୧।୩(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଅନ୍ୟ ଜାତିରେ ନିଜ ଝିଅଙ୍କୁ ବାହାଦେବାକୁ ଯାଉଥିବାରୁ ତାଙ୍କ ପରିବାରକୁ ଭତରା ସମାଜ ପକ୍ଷରୁ ବାସନ୍ଦ କରାଯିବା ଖବର ପଦାକୁ ଆସିଛି। ଶନିବାର ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଧାମନାଗୁଡ଼ା ଗ୍ରାମ ସ୍ଥିତ ମାଁ ଦାନ୍ତେଶ୍ୱରୀ ମନ୍ଦିର ପରିସରରେ ନବରଙ୍ଗପୁର ଜିଲା ଅଖିଳ ଭାରତୀୟ ଭତରା ବିକାଶ ପରିଷଦର ଏକ ବୈଠକ ଜିଲା ସଭାପତି ଜଗନ୍ନାଥ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତେବେ ଖବର ଲେଖାଯିବା ସୁଦ୍ଧା ଏ ନେଇ ବିଧାୟକ ପ୍ରଧାନୀଙ୍କ କୌଣସି ମତାମତ ମିଳିପାରିନାହିଁ।

ସୂଚନାନୁଯାୟୀ ଆସନ୍ତା ଏପ୍ରିଲରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଜୟପୁରର ଏକ ବ୍ରାହ୍ମଣ ପରିବାରରେ ଝିଅ ବାହାଘର କରିବାକୁ ଯାଉଛନ୍ତି। ଏ ନେଇ ଗତ ଫେବୃଆରୀରେ ନିର୍ବନ୍ଧ ସରିଛି। ଏ କଥା ଜଣାପଡ଼ିବା ପରେ ନବରଙ୍ଗପୁର ଜିଲାର ୧୦ ବ୍ଲକ୍‌ର ଭତରା ସମାଜର ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନେ ଶନିବାର ଏକ ବୈଠକ କରିଥିଲେ। ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ସମାଜର ନିୟମ ଉଲ୍ଲଂଘନକରି ନିଜ ଝିଅର ବିବାହ ଅନ୍ୟ ଜାତିରେ କରାଉଥିବା ନେଇ ଆଲୋଚନା ହୋଇଥିଲା। ଏହାପରେ ବ୍ଲକ୍‌ର ସମାଜ ସଭାପତି ଓ କର୍ମକର୍ତ୍ତାଙ୍କ ନିଷ୍ପତ୍ତିକ୍ରମେ ପୂର୍ବତନ ବିଧାୟକ ପ୍ରଧାନୀଙ୍କ ପରିବାରକୁ ଭତରା ସମାଜରୁ ବାସନ୍ଦ କରାଯାଇଛି। ଏହି ବୈଠକରେ ଜିଲା ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ, ତେନ୍ତୁଳିଖୁଣ୍ଟି ବ୍ଲକ୍ ସଭାପତି ସୂର୍ଯ୍ୟ ରନ୍ଧାରୀ, ଚନ୍ଦାହାଣ୍ଡି ବ୍ଲକ୍ ସଭାପତି ସରିନ୍ଦ୍ର ଶରୀ, ଝରିଗାଁ ବ୍ଲକ୍ ସଭାପତି ସଦାନନ୍ଦ ଭତ୍ରା, ଡାବୁଗାଁ ବ୍ଲକ ସଭାପତି ମୋହନ ନାୟକଙ୍କ ସମେତ ୧୦ ବ୍ଲକ୍‌ର ସଭାପତି, ସମ୍ପାଦକ, ନାଏକ, ମହାନାଏକ, ପାଇକ ତଥା ସମାଜର ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।



ସଦାଶିବ ପ୍ରଧାନୀ

# ଜଙ୍ଗଲରେ ନିଆଁ ଲଗାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

### ମନୁଷ୍ୟକୃତ ବନାଗ୍ନିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ

### ୨ବର୍ଷରେ ୫୫୮ ବର୍ଗ କି.ମି. ଜଙ୍ଗଲ ବୃଦ୍ଧି

ଭୁବନେଶ୍ୱର,୨୧।୩(ବନ୍ଦନା ସେଠୀ)



ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ। ଏହା ଆମ ଜୀବନ ଓ ଜୀବିକାର ଆଧାର। ତେଣୁ ଜଙ୍ଗଲ ନିଆଁ ଏବଂ ମନୁଷ୍ୟ–ବନ୍ୟଜନ୍ତୁ ସଂଘର୍ଷ ରୋକିବା ଦିଗରେ ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ। ବିଶେଷକରି ମନୁଷ୍ୟକୃତ ଜଙ୍ଗଲ ନିଆଁ କ୍ଷେତ୍ରରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଲୋକସେବା ଭବନ କନ୍‌ଭେନ୍‌ଶନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମନୁଷ୍ୟକୃତ ବନାଗ୍ନିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିସହ ସେ ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତାକୁ ଆହୁରି ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଲେ, ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନସଚେତନତା ଜରିଆରେ ଓଡିଶା ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଛି। ଗତ ୨ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କି.ମି. ବନ ଓ ବୃକ୍ଷ ଆବରଣ ବୃଦ୍ଧି ଘଟିଛି। ବର୍ତ୍ତମାନ ରାଜ୍ୟର ସମୁଦାୟ ଭୂମି କ୍ଷେତ୍ରର ୩୭.୬୩% ଅର୍ଥାତ ୫୮,୫୯୭ ବର୍ଗ କି.ମି. ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ। ଏକ୍ ପେଡ୍ ମା' କେ ନାମ୍ ଅଭିଯାନରେ ରାଜ୍ୟରେ ଗୋଟିଏ ଦିନରେ ୧.୪୯ କୋଟି ଚାରାରୋପଣ ସହିତ ବର୍ଷକ ମଧ୍ୟରେ ୮କୋଟିରୁ ଅଧିକ ଗଛ ଲଗାଯାଇଛି। ଜଙ୍ଗଲ ସହିତ ଅର୍ଥନୀତି ଜଡିତ। ଏ କ୍ଷେତ୍ରରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପରିବେଶ ଓ ଶିଳ୍ପାୟନ ମଧ୍ୟରେ ଉପଯୁକ୍ତ ସମନ୍ୱୟକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ଜଙ୍ଗଲ କେବଳ ପରିବେଶ ପାଇଁ ନୁହେଁ, ବରଂ ଆମ ରାଜ୍ୟ ତଥା ଦେଶର ବିକାଶ ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ, ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳ ଓ ଜଙ୍ଗଲ ଅଧିବାସୀଙ୍କ ବିକାଶକୁ ଗୁରୁତ୍ୱ ଦେଇ ନିରନ୍ତର କାର୍ଯ୍ୟ କରାଯାଉଛି। ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଲୋକଙ୍କ ଜୀବନ ଜୀବିକାକୁ ଆଗକୁ ନେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଆଦିବାସୀ ଅଧ୍ୟୁଷିତ ଜିଲାଗୁଡିକରେ ଏସବୁ କାର୍ଯ୍ୟକୁ ଆହୁରି କ୍ରିୟାଶୀଳ କରାଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଲେ, ୨୦୩୬ ଓ ୨୦୪୭ ବେଳକୁ ଓଡିଶା ଅର୍ଥନୀତିର ଅଭିବୃଦ୍ଧି ସହିତ ବ୍ୟାପକ ନିଯୁକ୍ତି ଲକ୍ଷ୍ୟ ରହିଛି। ପର୍ଯ୍ୟଟନ କ୍ଷେତ୍ରରୁ କେବଳ ୨୫ଲକ୍ଷ ନିଯୁକ୍ତି ପାଇଁ ଯୋଜନା ରହିଛି। ଆମକୁ ଜଙ୍ଗଲକୁ ଇକୋନୋମିକାଲ କଣ୍ଟ୍ରିବ୍ୟୁଟର ଭାବେ ଗଢି ତୋଳିବା ସହ ଗ୍ରୀନ୍ ଇକୋନୋମି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍ତମ ପ୍ରଦର୍ଶନକାରୀ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନଙ୍କୁ ସମ୍ମାନିତ କରିଥିଲେ। ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପୁସ୍ତକ ଉନ୍ମୋଚନ କରିଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ସ୍ୱାଗତ ଭାଷଣ ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଡ. କେ. ମୁରଗେଶନ ଧନ୍ୟବାଦ ଅର୍ପଣ କରିଥିଲେ।




# ଗଜପତିରେ ହେବ ବିମାନ, ରେଳସେବା ସମ୍ପ୍ରସାରଣ

## ଦାବି ରଖିଲେ ବିଧାୟକ ରୂପେଶ ପାଣିଗ୍ରାହୀ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)




କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାଇଡୁଙ୍କୁ ସାକ୍ଷାତକରି ଦୁଇଟି ରେଳର ସମ୍ପ୍ରସାରଣ ଓ ପାରଳାଖେମୁଣ୍ଡି ନିକଟରେ ଏକ ମିନି ବିମାନବନ୍ଦର ସ୍ଥାପନ ପାଇଁ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ ଦାବି ରଖିଛନ୍ତି। ପାତପାଟନମଠାରେ ମନ୍ତ୍ରୀଙ୍କୁ ସାକ୍ଷାତକରି ବିଧାୟକ ପାଣିଗ୍ରାହୀ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଗୁଣପୁରଠାରୁ ବିଶାଖାପାଟଣା ଯାଉଥିବା ଟ୍ରେନ୍‌କୁ ହାଇଦ୍ରାବାଦ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଓ ଭଦ୍ରକରୁ ଆସି ପଲାସାଠାରେ ରହୁଥିବା ଟ୍ରେନ୍‌କୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ବିଧାୟକ ଦାବି ଜଣାଇଛନ୍ତି। ଏହାସହ ଏହି ଅଞ୍ଚଳରେ ଏକ ମିନି ବିମାନବନ୍ଦର ସ୍ଥାପନକରିବା ପାଇଁ ମଧ୍ୟ ଆଲୋଚନା କରିଛନ୍ତି। ଗଜପତି ଜିଲାର ବିଭିନ୍ନ ଅଞ୍ଚଳରୁ ଅନେକ ଲୋକ ଚାକିରି,ବ୍ୟବସାୟ ଓ ପାଠପଢ଼ା ନିମନ୍ତେ ହାଇଦ୍ରାବାଦ, ଚେନ୍ନାଇ,ଦିଲ୍ଲୀ, ବେଙ୍ଗାଲୁରୁ,କଟକ, ଭୁବନେଶ୍ୱର ମୁମ୍ବାଇ, କୋଲକାତା ଆଦି ସହରକୁ ଯାତାୟାତ କରୁଛନ୍ତି। ତେଣୁ ଜିଲା ସହ ବିଭିନ୍ନ ଅଞ୍ଚଳକୁ ରେଳ ଓ ବିମାନରେ ଗମନାଗମନର ସୁବିଧା ସୃଷ୍ଟି କରିବା ପାଇଁ ବିଧାୟକ କେନ୍ଦ୍ରମନ୍ତ୍ରୀଙ୍କଠାରେ ଦାବି ରଖିଛନ୍ତି । ତେବେ ଦିଲ୍ଲୀ ଫେରିବା ପରେ ରେଳ ବିଭାଗ ଓ ବିମାନ ସେବା ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ନାଇଡୁ କହିଛନ୍ତି।

# ଭାରତରେ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ପଶ୍ଚିମ ଏସିଆ ସଙ୍କଟ ଯୋଗୁ ବିଶ୍ୱ ଶକ୍ତି ବଜାରରେ ଅନିଶ୍ଚିୟତା ବଢ଼ିଥିବା ସମୟରେ ଭାରତ ୨ୟ ବର୍ଷ ପାଇଁ ୧ ବିଲିୟନ ଟନ୍ (୧ ବିଟି) କୋଇଲା ଉତ୍ପାଦନର ମାଇଲଖୁଣ୍ଟ ହାସଲ କରିଛି। କୋଇଲା ମନ୍ତ୍ରଣାଳୟର ଏକ ବିବୃତିରେ କୁହାଯାଇଛି, କୋଇଲା କ୍ଷେତ୍ରରେ ନିରନ୍ତର ଓ ସମନ୍ୱିତ ପ୍ରୟାସ ଏବଂ ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ମୂଲ୍ୟବାନ୍ ଅବଦାନ ଯୋଗୁ ଦେଶ ମାର୍ଚ୍ଚ ୨୦ରେ ଦ୍ୱିତୀୟ ବର୍ଷ ପାଇଁ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଲକ୍ଷ୍ୟ ସଫଳତାର ସହ ହାସଲ କରିଛି। ଏହି ଉଚ୍ଚ ଓ ନିରନ୍ତର ଉତ୍ପାଦନ ଦେଶର ବଢୁଥିବା ଶକ୍ତି ଚାହିଦାକୁ ପୂରଣ କରିବାରେ ସହାୟକ ହୋଇଛି ଏବଂ କୋଇଲା ଆଧାରିତ ଥର୍ମାଲ ପାୱାର ପ୍ଲାଣ୍ଟଗୁଡ଼ିକରେ ରେକର୍ଡ କୋଇଲା ଷ୍ଟକ୍ ବଜାୟ ରଖିବାରେ ବିଦ୍ୟୁତ୍ କ୍ଷେତ୍ରକୁ ସମର୍ଥନ ଯୋଗାଇଛି ବୋଲି ଅଧିକାରୀମାନେ କହିଛନ୍ତି। ଏହା ଦେଶର ଆର୍ଥିକ ବୃଦ୍ଧି ଗତିକୁ ଯଥେଷ୍ଟ ମାତ୍ରାରେ ସମୃଦ୍ଧ କରୁଛି।

# ଫାର୍ମବିର ନୂଆ ଲୋଗୋ ଓ ପ୍ୟାକେଜିଂ ଉନ୍ମୋଚିତ




ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ରାଜ୍ୟର ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ଫାର୍ମବି ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଫାର୍ମବି ୟୁନିଟ୍ ସମିଟ୍ -୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ରୁଚି ଫୁଡ୍ ଲାଇନ୍‌ର ଅଧ୍ୟକ୍ଷା ସଙ୍ଗୀତା ସାହୁ ଓ ଫାର୍ମବିର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶିକା ରଶ୍ମି ସାହୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଅନୁଷ୍ଠାନର ନ୍ୟାଶନାଲ ସେଲ୍ସ ହେଡ୍ ରବୀନ୍ଦ୍ର କୁମାର, ଜୋନାଲ ସେଲ୍‌ସ ହେଡ୍ ବିବେକ ଚନ୍ଦ୍ର ବ୍ରାଣ୍ଡ ଡେଭେଲପମେଣ୍ଟ ସହଯୋଗୀ ବିଜିତେଶ୍ ମଲ୍ଲିକ ଓ ଭାଚାସ୍ପତି ଶୁକ୍ଳା ଏହି ଅବସରରେ କମ୍ପାନୀର ସ୍ୱତନ୍ତ୍ର ଲୋଗୋ ଓ ପ୍ୟାକେଜିଂ ଉନ୍ମୋଚନ କରାଯାଇଥିଲା। ପୂର୍ବ ଭାରତର ଅଗ୍ରଣୀ ଖାଦ୍ୟ ଉତ୍ପାଦନକାରୀ ଉଦ୍ୟୋଗ ରୁଚି ଫୁଡ୍‌ଲାଇନ୍‌ର ପ୍ରତିଷ୍ଠାତା ତଥା ଓଡ଼ିଶାର ମସଲା ସମ୍ରାଟ ସ୍ୱର୍ଗତ ଡ. ଶରତ କୁମାର ସାହୁଙ୍କ ଆଦର୍ଶ ଓ ଅଭିଜ୍ଞତାର ଏକ ନୂତନ ଉଦ୍ୟୋଗ ଫାର୍ମବିର ପ୍ରତିଷ୍ଠାତା ରଶ୍ମି ସାହୁ କମ୍ପାନୀ ସମ୍ପର୍କରେ ବିଶେଷ ସୂଚନା ଦେଇଛନ୍ତି । ଫାର୍ମବି ସବୁବେଳେ ଖାଉଟିମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଶୁଦ୍ଧତା ପାଇଁ ଉତ୍ସର୍ଗୀକୃତ ବୋଲି ପ୍ରକାଶ କରିଥିଲେ । ବ୍ୟବସାୟ ବ୍ୟତୀତ ଫାର୍ମ ବି ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା, ଚାଷୀମାନଙ୍କ ଠାରୁ ସିଧାସଳଖ ଦ୍ରବ୍ୟ କ୍ରୟକରି ସେମାନଙ୍କୁ ସୁଲଭ ପ୍ରାପ୍ୟ ଦେବା ତଥା ଓଡ଼ିଶାର ଅନେକ ସାମାଜିକ କାର୍ଯ୍ୟକ୍ରମର ଗୁରୁଦାୟିତ୍ୱ ବହନ କରିଛି।

# ଜେଏସ୍‌ଡବ୍ଲ୍ୟୁ ଏନର୍ଜି ପକ୍ଷରୁ ଜାତୀୟ ସୁରକ୍ଷା ଦିବସ



ଜେଏସ୍‌ଡବ୍ଲ୍ୟୁର ସୁରକ୍ଷା କର୍ମୀଙ୍କ ଦ୍ୱାରା ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ମକ୍ ଡ୍ରିଲ୍ କରାଯାଉଛି

ଝାରସୁଗୁଡ଼ା, ୨୧।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସାହାଜବାହାଲସ୍ଥିତ ଜେଏସ୍‌ଡବ୍ଲ୍ୟୁ ଏନର୍ଜିଠାରେ ଶନିବାର ୫୫ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ବଏଲର ଓ କାରଖାନା ବିଭାଗର ସ୍ୱରୂପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଝାରସୁଗୁଡା ବଏଲର ଓ କାରଖାନା ବିଭାଗର ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ, ପ୍ଲାଣ୍ଟ ହେଡ୍ ବଳିରାମ ଯାଦବ ଏବଂ ସୁରକ୍ଷା ବିଭାଗ ମୁଖ୍ୟ ସନ୍ଦୀପ ପାଣିଗ୍ରାହୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚାରପାଲି, ତିଲିଆ, କୁମ୍ଭାରବନ୍ଧ ଏବଂ ସାହଜବାହାଲ ଅଞ୍ଚଳର ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ଠିକା ଶ୍ରମିକମାନଙ୍କ ମଧ୍ୟରେ ପୋଷ୍ଟର ତିଆରି, ସ୍ଲୋଗାନ ଏବଂ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ଲାଣ୍ଟ ପରିସର ମଧ୍ୟରେ ଏକ ନିରାପଦ କାର୍ଯ୍ୟ ପରିବେଶ ସୃଷ୍ଟିକରିବା ପାଇଁ ଏକ ସଚେତନତା ରାଲି ମଧ୍ୟ କରାଯାଇଥିବା ବେଳେ ନିୟାମକ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଅଗ୍ନିକାଣ୍ଡର ପ୍ରତିରୋଧ ଏବଂ ପ୍ରସ୍ତୁତି ନେଇ ଏକ ବୈଧାନିକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓପିଜିସି, ଜେଏସ୍‌ଡବ୍ଲ୍ୟୁ, ବିପିଏସ୍‌ଏଲ୍ ଏବଂ ବେଦାନ୍ତର ପ୍ରତିନିଧିମାନେ ଯୋଗଦେଇଥିଲେ। ସୁରକ୍ଷା ବିଭାଗର ପରିଚାଳକ ସୁମନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ୨.୦ ଦ୍ରୁତ ଅଭିବୃଦ୍ଧି ପାଇଁ ଦୃଢ଼ ନୀତି ପ୍ରବର୍ତ୍ତନ ଆବଶ୍ୟକ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ଥିଙ୍କ୍ ଚେଞ୍ଜ ଫୋରମ ପକ୍ଷରୁ 'ଓଡ଼ିଶା ୨.୦: ଭାରତର ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକରୁ ଶିକ୍ଷା ନେଇ ଏକ ନୂତନ ଅଭିବୃଦ୍ଧି ମଡେଲ ନିର୍ମାଣ' ଶୀର୍ଷକ ଏକ ନୂତନ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ସମ୍ପର୍କରେ ଥିଙ୍କ୍ ଚେଞ୍ଜ ଫୋରମର ମହାସଚିବ ରଙ୍ଗନାଥ ଟି. କହିଛନ୍ତି, 'ଓଡ଼ିଶା ୨.୦ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଆଞ୍ଚଳିକ ସନ୍ତୁଳିତ ଏବଂ କାର୍ଯ୍ୟାନ୍ୱୟନ ଚାଳିତ ଅଭିବୃଦ୍ଧିର ଏକ ମଡେଲ ଭାବରେ ନିଜକୁ ପୁନଃ ସ୍ଥାପନ କରିବାର ସୁଯୋଗ ରଖିଛି। ମାତ୍ର ଏଥିପାଇଁ ଅତୀତ ଏବଂ ଭାରତର ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକରୁ ଶିକ୍ଷା ଗ୍ରହଣ କରିବା, ସ୍ଥିରତା ସହିତ ନୀତି ଲାଗୁ କରିବା, କାର୍ଯ୍ୟାନ୍ୱୟନ ପ୍ରତିବନ୍ଧକଗୁଡ଼ିକୁ ଦୂରକରିବା ଏବଂ ଉପର ଏବଂ ନିମ୍ନଗାମୀ ଶିଳ୍ପ ଇକୋସିଷ୍ଟମ, ନିଯୁକ୍ତି ଆବଶ୍ୟକ। ଖଣି ମନ୍ତ୍ରଣାଳୟର ଭାରତୀୟ ଖଣି ବ୍ୟୁରୋର ପୂର୍ବତନ ନିୟନ୍ତ୍ରକ ଜେନେରାଲ ଏବଂ ଖଣିନୀତି ବିଶେଷଜ୍ଞ ଆର୍. କେ. ସିହ୍ନା କହିଛନ୍ତି, ଓଡ଼ିଶାରେ ବକ୍ସାଇଟ୍ ଖଣି, ଲୁହାଖଣି ପରି ସମାନ ଗତିରେ ଅଗ୍ରଗତି କରିନାହିଁ। ଯଦି ଏହି ଅସୁବିଧାଗୁଡ଼ିକୁ ସଂଶୋଧନ କରା ନ ଯାଏ, ଡାଉନଷ୍ଟ୍ରିମ୍ ମୂଲ୍ୟ ଶୃଙ୍ଖଳ ନିର୍ମାଣ ପାଇଁ ଏକ ସୁଚିନ୍ତିତ ରଣନୀତି ସହ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକ କ୍ଷେତ୍ରର ପ୍ରକୃତ ଅର୍ଥନୈତିକ ଏବଂ ସାମାଜିକ ଗୁଣକରୁ କେବଳ ଏକ ଅଂଶ ହାସଲକରି ଚାଲିବେ। ଓଡ଼ିଶାରେ ଭାରତର ପ୍ରାୟ ୫୧% ବକ୍ସାଇଟ୍ ସଂରକ୍ଷଣ ଅଛି ଏବଂ କେବଳ ଓଡ଼ିଶାର ଦକ୍ଷିଣ-ପଶ୍ଚିମ ବେଲ୍ଟରେ ଏହାର ୮୫% ରହିଛି। ତଥାପି ଏହି ଜମାର ଏକଚତୁର୍ଥାଂଶରୁ କମ୍ ସକ୍ରିୟ ଖଣିଜ ଉତ୍ପାଦନ ଅଧୀନରେ ଅଛି, ଯାହା ସ୍ପଷ୍ଟ ଭାବରେ ଅବ୍ୟବହୃତ ରହିଛି। ପଶ୍ଚିମ ଓଡ଼ିଶାର ଲାଞ୍ଜିଗଡ଼ରେ ଥିବା ଏକ ଆଲୁମିନା ରିଫାଇନେରି ଉପରେ ଏକ କେସ୍ ଷ୍ଟଡିକୁ ଏକ ଦବିଯାଇଥିବା ନିବେଶର ଉଦାହରଣ ଭାବରେ ଦସ୍ତାବିଜ କରାଯାଇଛି। ଏହି ମେଗା ନିବେଶର ସମ୍ପୂର୍ଣ୍ଣ ଅର୍ଥନୈତିକ ଗୁଣକ କେବଳ ସ୍ଥାନୀୟ ବକ୍ସାଇଟ୍ ଉପଲବ୍ଧତାରେ ନୀତି କାର୍ଯ୍ୟକାରିତା ଚ୍ୟାଲେଞ୍ଜ ଯୋଗୁ ଅଟକି ରହିଛି। ଏହି ଖଣିଗୁଡ଼ିକ ଖୋଲିବା ସରକାରଙ୍କ ପାଇଁ ଦ୍ରୁତ ଫଳାଫଳ ହାସଲ କରିବା ନିମନ୍ତେ ଅତ୍ୟନ୍ତ ଜରୁରୀ। ମହିନ୍ଦ୍ରା ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ନୀଳଞ୍ଜନ ବଣିକ କହିଛନ୍ତି, ରାଜ୍ୟ ସରକାର ଏବଂ ଲାଞ୍ଜିଗଡ଼ ରିଫାଇନେରି ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ସ୍ଥାନୀୟ ବକ୍ସାଇଟ୍ ବିଶୋଧନରୁ ପ୍ରାପ୍ତ ବାର୍ଷିକ ଲାଭର ୫% ସ୍ଥାନୀୟ ସମ୍ପ୍ରଦାୟର କଲ୍ୟାଣ ପାଇଁ ଖର୍ଚ୍ଚ କରାଯିବା କଥା। ସ୍ଥାନୀୟ ଖଣି କାର୍ଯ୍ୟକ୍ଷମ ନ ହେବାରୁ ଏହି ପାଣ୍ଠିଗୁଡ଼ିକ ଅନୁପଲବ୍ଧ ରହିଛି, ଯାହା ସ୍ଥାନୀୟ ଲୋକଙ୍କୁ ଏକ ପ୍ରମୁଖ ଆର୍ଥିକ ପ୍ରୋତ୍ସାହନରୁ ବଞ୍ଚିତ କରିଛି। ପୂର୍ବତନ ଖଣି ନିର୍ଦ୍ଦେଶକ ଦୀପକ ମହାନ୍ତି କହିଛନ୍ତି, ଡିଏମ୍‌ଏଫ୍ ସମ୍ପଦର ଏକ ଅଂଶକୁ ଗ୍ରାମ ସମ୍ପ୍ରଦାୟ ଦ୍ୱାରା ସିଧାସଳଖ ପରିଚାଳନା କରିବାକୁ ଅନୁମତି ଦିଆଯାଇପାରେ। ସମସ୍ତ ବିକାଶ ପ୍ରକଳ୍ପ କ୍ଷେତ୍ରରେ ଘଟୁଥିବା ନିଷ୍କ୍ରିୟ ପ୍ରାପ୍ତାଧିକାରୀ ହେବା ପରିବର୍ତ୍ତେ ଲାଭର ସକ୍ରିୟ ପ୍ରାପ୍ତକର୍ତ୍ତା ହେବେ।

# ଟିପିଏନ୍‌ଓଡିଏଲ୍‌କୁ ଓଏଚ୍‌ଏସ୍‌ଏସ୍‌ଏଆଇ ସୁରକ୍ଷା ପୁରସ୍କାର




ଟିପିଏନ୍‌ଓଡିଏଲ୍‌କୁ ସମ୍ମାନିତ କରାଯାଉଛି।

ବାଲେଶ୍ୱର, ୨୧।୩(ବାଞ୍ଛାନିଧି ଦେ)

ଗୋଆରେ ଅନୁଷ୍ଠିତ ୧୦ମ ବାର୍ଷିକ ଓଏଚ୍‌ଏସ୍‌ଏସ୍‌ଏଆଇ ସ୍ୱାସ୍ଥ୍ୟ ସୁରକ୍ଷା ପରିବେଶ(ଏଚ୍‌ଏସ୍‌ଇ) ଉତ୍କର୍ଷ ଏବଂ ଇଏସ୍‌ଜି ଗ୍ଲୋବାଲ ପୁରସ୍କାର ୨୦୨୬ରେ ଟିପିଏନ୍‌ଓଡିଏଲ୍ ୬-ତାରକା ମୂଲ୍ୟାଙ୍କନ ସହିତ 'ଓଏଚ୍‌ଏସ୍‌ଏସ୍‌ଏଆଇ ସୁରକ୍ଷା ପୁରସ୍କାର (ସ୍ୱର୍ଣ୍ଣ ବର୍ଗ)'ରେ ସମ୍ମାନିତ ହୋଇଛି। କମ୍ପାନୀର ଦୃଢ଼ ସୁରକ୍ଷା ନୀତି ତଥା ପାରିବେଶିକ, ସାମାଜିକ ଏବଂ ସୁଶାସନ ପରିଚାଳନା କ୍ଷେତ୍ରରେ ଉତ୍କର୍ଷ ପାଇଁ ଟିପିଏନ୍‌ଓଡିଏଲ୍‌କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଥିସହ ଟିପିଏନ୍‌ଓଡିଏଲ୍‌ର ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ରଙ୍କୁ ସଂସ୍ଥାରେ 'ସୁରକ୍ଷା ସର୍ବୋପରି' କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ବୈଦ୍ୟୁତିକ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଚେଷ୍ଟା ପାଇଁ 'ଇଏଚ୍‌ଏସ୍ ମେଣ୍ଟର ଆୱାର୍ଡ'ରେ ମଧ୍ୟ ପୁରସ୍କୃତ କରାଯାଇଛି। ଏହି ଅବସରରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା ନେଇ ସଂସ୍ଥା ପକ୍ଷରୁ ବହୁବିଧ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ଷେତ୍ରରେ ଆଧୁନିକ ବୈଷୟିକ ଜ୍ଞାନକୌଶଳ ତଥା ସୁରକ୍ଷା ପ୍ରଣାଳୀର କଡ଼ାକଡି କାର୍ଯ୍ୟାନ୍ୱୟନ, ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସେ କହିଥିଲେ।

# ଡ. କିରଣ ବେଦୀଙ୍କ ବେଦାନ୍ତ ଝାରସୁଗୁଡ଼ା ପରିଦର୍ଶନ



ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ଭାରତର ପ୍ରଥମ ମହିଳା ଆଇପିଏସ୍ ଅଫିସର ଓ ରମଣ ମାଗାସେସେ ପୁରସ୍କାରପ୍ରାପ୍ତ ଡ. କିରଣ ବେଦୀ ଶନିବାର ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା କାରଖାନା ପରିଦର୍ଶନ କରିଛନ୍ତି। ସେ ୧୦୦୦ରୁ ଅଧିକ କର୍ମଚାରୀ, ସମୁଦାୟ ସଦସ୍ୟ ଓ ପରିବାରକୁ ସମ୍ବୋଧନ କରି ଉଦ୍ଦେଶ୍ୟପୂର୍ଣ୍ଣ କାର୍ଯ୍ୟ, ସହାନୁଭୂତିପୂର୍ଣ୍ଣ ନେତୃତ୍ୱ ଓ ମହିଳାଙ୍କ ଅଧିକ ଅଂଶଗ୍ରହଣର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ବେଦାନ୍ତର ଅଧ୍ୟକ୍ଷା ପ୍ରିୟା ଅଗରୱାଲ ହେବ୍ବର ଓ ସିଇଓ ସି. ଚନ୍ଦ୍ରୁ କମ୍ପାନୀର ମହିଳା କେନ୍ଦ୍ରିକ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ। ଡ. ବେଦୀ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀର ସଦସ୍ୟାମାନଙ୍କୁ ଭେଟିଥିଲେ ଓ ବିଶେଷ କ୍ଷମତାସମ୍ପନ୍ନ ନୂତନ କର୍ମଚାରୀଙ୍କୁ ଅଫର ଲେଟର ପ୍ରଦାନ କରିଥିଲେ। ସେ ମହିଳା ନେତୃତ୍ୱାଧୀନ ଟିମ୍‌ଗୁଡ଼ିକୁ ମଧ୍ୟ ପରିଦର୍ଶନ କରିଥିଲେ।

# ଡିଏଭି ସାବିତ୍ରୀ ଜିନ୍ଦଲରେ ବାର୍ଷିକ ଉତ୍ସବ 'ଆକାଂକ୍ଷା' ପାଳିତ




ଛେଣ୍ଡିପଦା,୨୧।୩(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଲା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ଆକାଂକ୍ଷା' ଓ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମ ଦିବସ ବିଦ୍ୟାଳୟର ଅଧ୍ୟକ୍ଷ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଆକାଂକ୍ଷାର ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଏଭି ସହ ଆଞ୍ଚଳିକ ଅଧିକାରୀ ଜୋନ୍-ଜି ତଥା ତାଳଚେର ଟିଟିପିଏସ୍ ଡିଏଭି ଅଧ୍ୟକ୍ଷା ଜ୍ୟୋତି ମିଶ୍ର, ଜିନ୍ଦଲ ଷ୍ଟିଲର ଡିଜିଏମ୍ ସିଏସ୍‌ଆର୍ ଆଶୁତୋଷ ମିଶ୍ର, ଡେପୁଟି ମ୍ୟାନେଜର ତାପସ କୁମାର ମହାନ୍ତି, ସହ ଆଞ୍ଚଳିକ ଅଧିକାରୀ ତଥା ଅଧ୍ୟକ୍ଷ ଡିଏଭି କଳିଙ୍ଗ ଏରିଆ ତାଳଚେର ପି.କେ. ପଣ୍ଡା, କ୍ଲଷ୍ଟର ମୁଖ୍ୟ ତଥା ତାଳଚେର ଅନନ୍ତବିହାର ଡିଏଭିର ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ, ଡିଏଭି ଏମ୍‌ସିଏଲ୍ ଡେରା ଅଧ୍ୟକ୍ଷା ଶୁକ୍ଲା ଚକ୍ରବର୍ତ୍ତୀ, ଡିଏଭି ଏନ୍‌ଟିପିସି କଣିହାଁର ଅଧ୍ୟକ୍ଷ ସଦାନନ୍ଦ ହୋତା, ଡିଏଭି ଏନ୍‌ଟିପିସି ଟିଟିପିଏସ୍‌ର ଅଧ୍ୟକ୍ଷା ସଙ୍ଗୀତା ପଟ୍ଟନାୟକ, ତାଳଚେର ଡିଏଭି ଲିଙ୍ଗରାଜର ସଂଯୁକ୍ତା ପୃଷ୍ଟି, ଅଧ୍ୟକ୍ଷା ଡିଏଭି ବାଳିକା ଉଚ୍ଚ ବିଦ୍ୟାଳୟ ସିଡବ୍ଲୁଏସ ସୁଜାତା ସାମଲ, ଅଧ୍ୟକ୍ଷ ଓପି ଜିନ୍ଦଲ ପବ୍ଲିକ ସ୍କୁଲ ଅଶ୍ୱିନୀ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଓପିଜିସି ଦ୍ୱାରା ୧,୫୭୦ ଲୋକଙ୍କ ଚକ୍ଷୁ ପରୀକ୍ଷା

ବେଲପାହାଡ଼,୨୧।୩(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଧୀନ ୫ଟି ଗ୍ରାମପଞ୍ଚାୟତରେ ଓପିଜିସି ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ତେଲେନପାଲି, ଦଳଗାଁ, ତିଲିଆ, ରେମେଣ୍ଡା ଏବଂ କୁମାରବନ୍ଧରେ ଆଦି ଅଞ୍ଚଳରେ ଏପରି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ଶିବିରରେ ମୋଟ ୧,୫୭୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧,୩୫୬ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଏହି ପରୀକ୍ଷା ସମୟରେ ୧୧୪ ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ହୋଇଥିଲେ। ଝାରସୁଗୁଡ଼ାସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟରେ ସେମାନଙ୍କ ନିଃଶୁଳ୍କ ଅପରେଶନ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଚକ୍ଷୁ ପରୀକ୍ଷା, ଚଷମା ଏବଂ ମୋତିଆବିନ୍ଦୁ ଅପରେଶନର ସମସ୍ତ ଖର୍ଚ୍ଚ ଓପିଜିସି ବହନ କରିଥିଲା। ଓପିଜିସି ନିର୍ଦ୍ଦେଶକ (ଅପରେଶନ) ଅଞ୍ଜନା ରଞ୍ଜନ ଦାଶ, ସିନିୟର ଭାଇସ୍ ପ୍ରେସିଡେଣ୍ଟ (ଅପରେଶନ) ସୁକାନ୍ତ ମହାପାତ୍ର, ଇବ୍ ଥର୍ମାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଙ୍ଗୀତା ପଣ୍ଡା, ସିଏସ୍‌ଆର୍ ଉପଦେଷ୍ଟା ପ୍ରଫୁଲ୍ଲ ଧଳ ପ୍ରମୁଖ ଶିବିରଗୁଡ଼ିକରେ ଉପସ୍ଥିତ ଥିଲେ। ଓପିଜିସି ମାନବ ସମ୍ବଳ ବିକାଶର ହିମାଂଶୁ ଭୂଷଣ ବେହେରା ବିସ୍ତୃତ ସୂଚନା ଦେଇଛନ୍ତି।

# କିମ୍‌ସରେ ପେଡିଆଟ୍ରିକ୍ସ ଅପ୍‌ଡେଟ୍ ୨.୦




ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ଶିଶୁ ସ୍ୱାସ୍ଥ୍ୟସେବା ବିକାଶ କ୍ଷେତ୍ରରେ ଆଲୋଚନା କରିବା ଓ ସର୍ବୋତ୍ତମ କ୍ଲିନିକାଲ ଅଭ୍ୟାସ ବିନିମୟ ପାଇଁ କିମ୍‌ସ ଶିଶୁରୋଗ ବିଭାଗ ପକ୍ଷରୁ 'କିମ୍‌ସ ପେଡିଆଟ୍ରିକ୍ସ ଅପ୍‌ଡେଟ୍ ୨.୦' ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ନବଜାତ ଶିଶୁର ଯତ୍ନ, ଶିଶୁ ଆଘାତ, ଜନ୍ମଗତ ହୃଦ୍‌ରୋଗ ଓ ଟିକା ସମ୍ବନ୍ଧୀୟ ଅପ୍‌ଡେଟ୍ ସମ୍ପର୍କରେ ଶିକ୍ଷାଗତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କିମ୍‌ସ ଶିଶୁରୋଗ ବିଭାଗ ମୁଖ୍ୟ ଡା. ସେବାରଞ୍ଜନ ବିଶ୍ୱାଳ କହିଲେ, ଡାକ୍ତର ଓ ବିଶେଷଜ୍ଞଙ୍କ ପାଇଁ ଜ୍ଞାନ ବିନିମୟ ଦ୍ୱାରା ଡାକ୍ତରମାନେ ଅତ୍ୟାଧୁନିକ ବିକାଶ ସହ ଅପ୍‌ଡେଟ୍ ରହିବା ସହ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସାର ଗୁଣବତ୍ତା ଉନ୍ନତ କରିବାରେ ଡାକ୍ତରଙ୍କୁ ସାହାଯ୍ୟକରେ। କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ଡା. ଆର୍. ସି. ଦାସ କହିଲେ, କିମ୍‌ସରେ ଥିବା ନବଜାତ ଇଣ୍ଟେନ୍ସିଭ କେୟାର ୟୁନିଟ୍ ଓ ପେଡିଆଟ୍ରିକ୍ ଇଣ୍ଟେନ୍‌ସିଭ କେୟାର ୟୁନିଟ୍ ଓ ବହୁଳ ଭାବରେ ସ୍ୱୀକୃତିପ୍ରାପ୍ତ। ଏଠାରେ ସଫଳତାର ସହ ଶିଶୁ ଚିକିତ୍ସା ଏଣ୍ଡୋସ୍କୋପି ଓ ଶିଶୁ ଅସ୍ଥି ମଜ୍ଜା ପ୍ରତିରୋପଣ ଭଳି ଉନ୍ନତ ପ୍ରକ୍ରିୟାଗୁଡ଼ିକୁ କାର୍ଯ୍ୟକାରୀ ହେଉଛି। ପୁଣେର ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ପ୍ରମୋଦ ଡାକ୍ତର ହେବା ପୂର୍ବରୁ ଭଲ ମଣିଷ ହେବାକୁ ପ୍ରୟାସ କରିବାକୁ ଯୁବ ଡାକ୍ତରମାନଙ୍କୁ ଆହ୍ୱାନ କରିଥିଲେ। ଡାକ୍ତର ଓ ଗବେଷକମାନଙ୍କ ଦ୍ୱାରା ସନ୍ଦର୍ଭ ଓ ପୋଷ୍ଟର ଉପସ୍ଥାପନା ପାଇଁ ସମାନ୍ତରାଳ ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା। କିମ୍‌ସ ମେଡିକାଲ ଅଧୀକ୍ଷକ ଡା. ମାନସ ରଞ୍ଜନ ବେହେରା, ଶିଶୁରୋଗ ବିଶେଷଜ୍ଞ ଡା. ନିର୍ମଳ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଏସ୍‌ଏମ୍‌ଇ ଋଣ ସୁବିଧାରେ ପରିବର୍ତ୍ତନ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

୨୦୨୫-୨୬ ବଜେଟ ଅନୁସାରେ ସରକାର ଏମ୍‌ଏସ୍‌ଏମ୍‌ଇଙ୍କୁ ଅଧିକ ଋଣ ସୁବିଧା ଦେବା ପାଇଁ ମ୍ୟୁଚୁଆଲ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍‌ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ଏହି ଯୋଜନା ଅଧୀନରେ ପ୍ଲାଣ୍ଟ ଓ ମେଶିନାରି କ୍ରୟ ପାଇଁ ୧୦୦ କୋଟି ଟଙ୍କା ଯାଏଁ ଋଣରେ ଏନ୍‌ସିଜିଟିସି ଦ୍ୱାରା ୬୦% ଗ୍ୟାରେଣ୍ଟି କଭରେଜ ମିଳୁଛି। ଏମ୍‌ଏସ୍‌ଏମ୍‌ଇ ଓ ବ୍ୟାଙ୍କର ପ୍ରତିକ୍ରିୟା ଅନୁଯାୟୀ ଅଗ୍ରିମ ୫% ଯୋଗଦାନକୁ ଫେରସ୍ତ କରାଯିବ, ସର୍ଭିସ୍ ସେକ୍ଟରକୁ ଅନ୍ତର୍ଭୁକ୍ତ କରାଯାଇଛି, ମେଶିନାରି ଖର୍ଚ୍ଚ ପ୍ରୋଜେକ୍ଟ କଷ୍ଟର ୬୦% ଯାଏଁ ହ୍ରାସ କରାଯାଇଛି ଏବଂ ଗ୍ୟାରେଣ୍ଟି ୧୦ ବର୍ଷ ପରେ ଶେଷ ହେବ। ରପ୍ତାନକାରୀ ଏମ୍‌ଏସ୍‌ଏମ୍‌ଇଙ୍କ ପାଇଁ ବିଶେଷ ସୁବିଧା ରହିଛି । ଗତ ୩ ବର୍ଷରେ ୨୫% ରପ୍ତାନୀ କରିଥିବା ଲାଭଜନକ ଏକକଙ୍କୁ ୨୦ କୋଟି ଟଙ୍କାର ଗ୍ୟାରେଣ୍ଟିଡ୍ ଋଣ, ୨% ଅଗ୍ରିମ ଯୋଗଦାନ (ସର୍ବାଧିକ ୪୦ ଲକ୍ଷ), ୭୫% ଗ୍ୟାରେଣ୍ଟି କଭରେଜ, ପ୍ରଥମ ବର୍ଷ ଫି ଶୂନ୍ୟ ଓ ପରବର୍ତ୍ତୀ ବର୍ଷରେ ୦.୫୦%।

# କ୍ୟାବିନ କ୍ରୁଙ୍କ ଫିଟନେସ ନିୟମ କଡ଼ା କଲା ଏୟାର ଇଣ୍ଡିଆ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)




ଏୟାର ଇଣ୍ଡିଆ ତାଙ୍କ କ୍ୟାବିନ୍ କ୍ରୁ ପାଇଁ ଏକ କଡ଼ା ସ୍ୱାସ୍ଥ୍ୟ ଓ ଫିଟ୍‌ନେସ୍ ଅନୁପାଳନ ନୀତି ପ୍ରବର୍ତ୍ତନ କରିବାକୁ ଯାଉଛି। ଏହି ନୀତି ଅନୁଯାୟୀ କ୍ୟାବିନ କ୍ରୁ ସଦସ୍ୟଙ୍କ ବଡି ମାସ୍ ଇଣ୍ଡେକ୍ସ(ବିଏମ୍‌ଆଇ) ଅନୁସାରେ ନିୟମ ଲାଗୁହେବ। ବିଏମ୍‌ଆଇ ୧୮ରୁ ୨୪.୯ ମଧ୍ୟରେ ଥିଲେ ତାହା 'ସ୍ୱାଭାବିକ' ଓ ଗ୍ରହଣଯୋଗ୍ୟ ବୋଲି ବିବେଚନା କରାଯିବ। ଏହି ନିୟମ ମେ' ୧ରୁ କାର୍ଯ୍ୟକାରୀ ହେବ। ବିଏମ୍‌ଆଇ ୧୮ରୁ କମ୍ ଥିଲେ 'ଅଣ୍ଡରୱେଟ୍' ବୋଲି ଗଣାଯିବ ଏବଂ ଏହା ମେଡିକାଲ ମୂଲ୍ୟାଙ୍କନ ଓ ଫଙ୍କ୍ସନାଲ ଆସେସ୍‌ମେଣ୍ଟ ପାସ୍ କଲେ ଗ୍ରହଣଯୋଗ୍ୟ ହୋଇପାରିବ। ବିଏମ୍‌ଆଇ ୨୫ରୁ ୨୯.୯ ମଧ୍ୟରେ ଥିଲେ 'ଓଭରୱେଟ୍' ବୋଲି ଗଣାଯିବ ଏବଂ ଫଙ୍କ୍ସନାଲ ଆସେସ୍‌ମେଣ୍ଟ ପାସ୍ କଲେ ଗ୍ରହଣଯୋଗ୍ୟ ରହିବ। ମାତ୍ର ବିଏମ୍‌ଆଇ ୩୦ କିମ୍ବା ତା'ଠାରୁ ଅଧିକ ଥିଲେ 'ଓବେସ' ବୋଲି ଗଣାଯିବ ଏବଂ ଏହା ଗ୍ରହଣଯୋଗ୍ୟ ନୁହେଁ। ନୀତି ଅନୁଯାୟୀ, 'ଅଣ୍ଡରୱେଟ୍' କିମ୍ବା 'ଓଭରୱେଟ୍' ଥିବା କ୍ୟାବିନ କ୍ରୁକୁ ଡ୍ୟୁଟିରୁ ଡି-ରୋଷ୍ଟର କରାଯିବ ଏବଂ ଫଙ୍କ୍ସନାଲ ଆସେସ୍‌ମେଣ୍ଟ ପାସ୍ ନ କଲେ ବେତନ କଟ୍ (ଲସ୍ ଅଫ୍ ପେ) ଲାଗୁହେବ। 'ଓବେସ୍' କ୍ୟାବିନ କ୍ରୁଙ୍କ ପାଇଁ ତୁରନ୍ତ ଡ୍ୟୁଟିରୁ ବହିଷ୍କାର ଓ ବେତନ କଟ୍ ହେବ ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଏମ୍‌ଆଇ ଗ୍ରହଣଯୋଗ୍ୟ ସ୍ତରକୁ ଆଣିବାକୁ ପଡ଼ିବ। ଏହା ନ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏୟାର ଇଣ୍ଡିଆ ଏହି ନିୟମକୁ 'କ୍ୟାବିନ କ୍ରୁ ହେଲ୍‌ଥ ଆଣ୍ଡ ଫିଟ୍‌ନେସ୍ କମ୍ପ୍ଲାଏନ୍ସ ପଲିସି' ନାମରେ ପରିଚିତ କରାଇଛି। ପ୍ରାରମ୍ଭରେ ଏହା ସ୍ୱାସ୍ଥ୍ୟକର ଜୀବନଶୈଳୀ ଓ ଉପଯୁକ୍ତ ଓଜନ ବଜାୟ ରଖିବା ପ୍ରତି ସଚେତନତା ସୃଷ୍ଟିକରିବାକୁ ଲକ୍ଷ୍ୟ ରଖିଛି। ଏହି ନିୟମ ଉଡ଼ାଣରେ ଓ ଟ୍ରେନିଂରେ ଥିବା ସମସ୍ତ କ୍ୟାବିନ କ୍ରୁ ଉପରେ ଲାଗୁହେବ। ସୂଚନା ଥାଉକି, ଟାଟା ଗ୍ରୁପ୍ ୨୦୨୨ ଜାନୁଆରୀରେ ଏୟାର ଇଣ୍ଡିଆକୁ ହାସଲ କରିବା ପରେ ଗତ ୪ବର୍ଷରେ ଅଧିକାଂଶ ପୁରୁଣା କର୍ମଚାରୀଙ୍କୁ ଫେଜ୍ ଆଉଟ୍ କରାଯାଇଛି। ଏବେ କମ୍ପାନୀ ଲାଭଜନକ ହେବା ପାଇଁ ବିଭିନ୍ନ ସଂସ୍କାର ଆଣୁଛି।

**ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଛୁରାମାଡ଼**

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଚଟେରହଟିଂ ନିକଟ ଛକରେ ଶନିବାର ରାତି ପ୍ରାୟ ୮ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଛୁରାମାଡ଼ରେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ସୁରଜ ବାହାଦୁର ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଘଟଣାରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ମୋଟୁ ଗୋପଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ଗ୍ୟାସ୍ ଫିଲିଂ ବେଳେ ଭୟଙ୍କର ବିସ୍ଫୋରଣ

- ଘର ସମ୍ପୂର୍ଣ୍ଣଭାବେ ଭାଙ୍ଗିଯିବା ସହ ୪ ଗାଡ଼ି ଜଳିଗଲା
- ଗ୍ୟାସ୍ ଭରୁଥିବା ଦୋକାନୀ ଗୁରୁତର
- ବେଆଇନ ଗ୍ୟାସ୍ ଫିଲିଂକୁ ନେଇ ତନାଘନା

ଭୁବନେଶ୍ୱର,୨୧।୩(ତ୍ରିନାଥ ମହାନ୍ତି)



ବିସ୍ଫୋରଣରେ ଭାଙ୍ଗିଯାଇଥିବା ଦୋକାନ ଘର।





କଳିଙ୍ଗ ନଗର କେ-୪ ଅଞ୍ଚଳରେ ଶନିବାର ଗ୍ୟାସ୍ ଫିଲିଂ ବେଳେ ଭୟଙ୍କର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ଗ୍ୟାସ୍ ଦୋକାନୀ ବିଭୁ ଗୁରୁତର ହୋଇଥିବାବେଳେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ତାଙ୍କର ମୁଣ୍ଡ, ହାତ ଏବଂ ଛାତିରେ ଆଘାତ ଲାଗିଛି। ବିସ୍ଫୋରଣରେ ଦୋକାନ ଘର ଏବଂ ତା ନିକଟରେ ଥିବା ଏକ ହୋଟେଲ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ୪ଟି ଗାଡ଼ି ଜଳି ଯାଇଛି। ଖବରପାଇ ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଲିଭାଇଥିଲେ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଲାଗି ରହିଥିବାବେଳେ ଏହାର ପ୍ରଭାବରେ ଗ୍ୟାସ୍‌ର ଅଭାବ ଦେଖାଦେଇଛି। ଲୋକମାନଙ୍କୁ ଠିକ୍ ସମୟରେ ଗ୍ୟାସ୍ ମିଳୁ ନାହିଁ, ହେଲେ ବିଭୁ କିଭଳି ଭାବେ ଚୋରା ଗ୍ୟାସ୍ ରଖି ଫିଲିଂ କରୁଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଛି।

ମିଳିଥିବା ସୂଚନା ଅନୁସାରେ, ବିଭୁ କଳିଙ୍ଗନଗର ଛକରେ ବେଆଇନ ଭାବେ ଗ୍ୟାସ୍ ଏଜେନ୍ସି ଖୋଲିବା ସହିତ ଘର ଭିତରେ ଚୋରାରେ ବଡ଼ ଟାଙ୍କିରୁ ୫ ଲିଟର ଟାଙ୍କିକୁ ଫିଲିଂ କରୁଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ଗ୍ୟାସ୍ ଫିଲିଂ କରୁଥିବା ସମୟରେ ଅସାବଧାନତା ଯୋଗୁ ଗ୍ୟାସ୍ ଟାଙ୍କିରେ ନିଆଁ ଲାଗି ଯାଇଥିଲା। ଦୋକାନ ଭିତରେ ୧୬ଟି ବଡ଼ ଟାଙ୍କି ଓ ୫ଟି ଛୋଟ ଟାଙ୍କିରେ ନିଆଁ ଲାଗିଯାଇଥିଲା। ଏହାକୁ ବିଭୁ ଲିଭାଇବା ସମୟରେ ପ୍ରଥମେ ଗୋଟିଏ ୫ ଲିଟରିଆ ଟାଙ୍କିରେ ବିସ୍ଫୋରଣ ହୋଇଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ଟାଙ୍କି ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ମାତ୍ରା ଏତେ ପ୍ରଖର ଥିଲା ଯେ, ଏହାର ଶବ୍ଦ ଚାରିଆଡ଼େ ବ୍ୟାପି ଯାଇଥିଲା। ଭୟରେ ଲୋକେ ଘରୁ ବାହାରି ପଦାକୁ ପଳାଇ ଆସିଥିଲେ। ବିସ୍ଫୋରଣରେ ଦୋକାନ ଘର ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ଫାଟିଥିବା ଗ୍ୟାସ୍ ଟାଙ୍କି ଛିଟିକି ୫୦୦ ମିଟର ଦୂରରେ ପଡ଼ିଥିବାର ଦେଖିବାକୁ ମିଳିଥିଲା। ଗ୍ୟାସ ଟାଙ୍କିର ଲୁହା ଖଣ୍ଡ ଉଡ଼ି ଏଗାର କେଭି ତାର ଛିଣ୍ଡି ଯାଇଥିଲା। ଏପରି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିଲା। ରାସ୍ତାରେ ଯାଉଥିବା ଲୋକେ ବିସ୍ଫୋରଣ ଦେଖି ଭୟଭୀତ ହୋଇ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ନିକଟରେ ଥିବା ହୋଟେଲରେ କାମ କରୁଥିବା ଲୋକ ଓ ଖାଇବାକୁ ଆସିଥିବା ଲୋକମାନେ ଭୟରେ ଦୌଡ଼ିଥିଲେ। ସେଠାରେ ଥିବା ଦୁଇଟି ସ୍କୁଟି ଓ ଗୋଟିଏ ବାଇକ୍ ପୋଡ଼ି ଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ଏନେଇ ତମାଣ୍ଡୋ ଫାୟାର ଷ୍ଟେଶନ ଅଫିସର ଜ୍ଞାନେନ୍ଦ୍ର କୁମାର ବେହେରା କହିଛନ୍ତି, ଆମକୁ ଅଘଟଣ ନେଇ ପୂର୍ବାହ୍ନ ପ୍ରାୟ ୧୧ଟା ୪୦ ବେଳେ ଖବର ଆସିଥିଲା। ୪ଟି ଦମକଳ ଗାଡ଼ି ନିଆଁ ଲିଭାରେ ଲାଗିଥିଲା। ୨୦ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଥିଲେ। ତମାଣ୍ଡୋ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର(କଳ୍ପନା) ଅଗ୍ନିଶମ କେନ୍ଦ୍ର ଓ ଷ୍ଟ୍ରାଇକିଙ୍ଗ ଫୋର୍ସ ଟିମ୍ ନିଆଁ ଲିଭାରେ ନିୟୋଜିତ ହୋଇଥିଲେ।

# ପ୍ରତାପ ଜେନାଙ୍କ ଘର ଆଗରେ ହଙ୍ଗାମା

ଭୁବନେଶ୍ୱର,୨୧।୩(ତ୍ରିନାଥ ମହାନ୍ତି)

- ସକାଳୁ ସୁରକ୍ଷା ବୃଦ୍ଧି ସହ ୨ଜଣ ଗିରଫ
- ରାତି ଅଧରେ ସରକାରୀ କ୍ୱାର୍ଟର୍ସ ଆଗରେ ବାଣ ଫୁଟାଇବା ସହ ସୁରକ୍ଷା କର୍ମୀଙ୍କୁ ପିଟିଥିଲେ

ବିଜେଡି ନେତା ପ୍ରତାପ ଜେନାଙ୍କ ଘର ଆଗରେ ଶୁକ୍ରବାର ରାତିରେ କେତେଜଣ ଯୁବକ ହଙ୍ଗାମା କରିଥିଲେ। ଏହି ହଙ୍ଗାମା ପଛରେ ବିଜେଡିରୁ ନିଲମ୍ବିତ ଯୁବ ଓ ଛାତ୍ର ନେତାଙ୍କ ହାତ ରହିଥିବା ଅଭିଯୋଗ ହୋଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ସେମାନଙ୍କୁ ନିଲମ୍ବନ କରାଯିବାପରେ ସେମାନେ ରାଗରେ ପ୍ରତାପଙ୍କ ଘର ଆଗରେ ବାଣ ଫୁଟାଇ ହୋହଲ୍ଲା କରିବା ସହ ଆତଙ୍କରାଜ କରିଥିଲେ। ଏପରି କି ପ୍ରତାପଙ୍କ ଘର ଲୋକ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ନିଲମ୍ବିତ ନେତାଙ୍କ ହଙ୍ଗାମା ବେଳର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରି ପ୍ରତାପ ଜେନା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏପରି କି କାର୍ଯ୍ୟାନୁଷ୍ଠାନ କରା ନ ଗଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବାକୁ ବିଜେଡି ଧମକ ଦେଇଥିଲା। ଶେଷରେ ପୋଲିସ ଶନିବାର ସକାଳୁ ପ୍ରତାପଙ୍କ ଘରକୁ ଆସି ତଦନ୍ତ କରିବା ସହ ସୁରକ୍ଷା ବ୍ୟବସ୍ଥା ବଢ଼ାଇଥିଲା। ଏଘଟଣା ନେଇ କ୍ୟାପିଟାଲ ଥାନାରେ ସୁଜିତ ମିଶ୍ର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜାଗମରା ଜଗମୋହନ ନଗରର ସିଦ୍ଧାର୍ଥ କୁମାର ସ୍ୱାଇଁ ଏବଂ ହାଉସିଂବୋର୍ଡର ଦେବୀ ପ୍ରସାଦ ଲୋଙ୍କା।

ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୁକ୍ରବାର ୩ ଜଣ ଯୁବ ଓ ୭ ଜଣ ଛାତ୍ର ବିଜେଡି ନେତା ନିଲମ୍ବିତ ହୋଇଥିଲେ। ପ୍ରତାପ ଜେନାଙ୍କ ଦସ୍ତଖତ କ୍ରମେ ସେମାନଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାତିରେ ଏହି ହଙ୍ଗାମା ଦେଖିବାକୁ ମିଳିଥିଲା। ଘଟଣା ପରେ ପ୍ରତାପଙ୍କ ଘର ଆଗରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଛି। ରାତି ଅଧରେ ୧୫ରୁ ୨୦ ଯୁବକ ଆସି ଘର ଆଗରେ ହୋହଲ୍ଲା କରିଥିଲେ। ଘର ଆଗରେ ବାଣ ଫୁଟାଇ ହଙ୍ଗାମା କରିଥିଲେ। ଏହାପରେ ଶନିବାର ପ୍ରତାପ ଜେନା ପ୍ରତିକ୍ରିୟାରେ କହିଛନ୍ତି, ଯେଉଁମାନେ ଆସିଥିଲେ, ଭିଡିଓରେ ସେ ସବୁ ରହିଛି। ଯେଉଁମାନେ ସସ୍‌ପେଣ୍ଡ ହୋଇଥିଲେ ସେମାନଙ୍କ ମଧ୍ୟରୁ ମଧ୍ୟ କିଛି ଥିଲେ। ତେବେ ଘଟଣା ସମୟରେ ସେ ଘରେ ନ ଥିଲେ। ଘଟଣାର ୪୫ ମିନିଟ ପରେ ପହଞ୍ଚିବା ପରେ ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି ବୋଲି ପ୍ରତାପ କହିଛନ୍ତି। ରାତି ପ୍ରାୟ ୧୧ଟା ସମୟରେ ୧୫ ରୁ ୨୦ ଜଣିଆ ଏକ ଦଳ ତାଙ୍କ ଆବାସିକ କ୍ୱାର୍ଟର୍ସରେ ପହଞ୍ଚି ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟରତ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଅଭିଯୋଗକାରୀ ପ୍ରତିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଚାପୁଡ଼ା ଏବଂ ଲାତ ମାରି ଆକ୍ରମଣ କରିବା ସହ ହତ୍ୟା ଉଦ୍ଦେଶ୍ୟରେ ତାଙ୍କ ବେକକୁ ଚାପି ଦେଇଥିଲେ। ସେମାନେ ହସ୍ତକ୍ଷେପ କରିଥିବା କେୟାରଟେକରଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହାସହିତ ଅଭିଯୁକ୍ତମାନେ କ୍ୱାର୍ଟର୍ସ ପ୍ରବେଶଦ୍ୱାର ନିକଟରେ ବିସ୍ଫୋରକ ସଦୃଶ ସାମଗ୍ରୀ ଫିଙ୍ଗି ଆତଙ୍କ ସୃଷ୍ଟି କରିଥିଲେ। ପୂର୍ବ ଆପରାଧିକ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତ ଦେବୀ ପ୍ରସାଦ ଲେଙ୍କା କେନ୍ଦ୍ରାପଡା ଥାନାରେ ଗୋଟିଏ ମାମଲାରେ ଏବଂ ଅଭିଯୁକ୍ତ ସିଦ୍ଧାର୍ଥ କୁମାର ସ୍ୱାଇଁ କ୍ୟାପିଟାଲ ଥାନାରେ ଗୋଟିଏ ମାମଲାରେ ଜଡିତ ଥିବା ଜଣାପଡ଼ିଛି।

# ସ୍ୱେରେଜ ଟାଙ୍କିରୁ ମଣିଷର କଟାଗୋଡ଼ ଜବତ

ରାଉରକେଲା, ୨୧।୩(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୬ ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍‌ପି)ସ୍ୱେରେଜ ଟାଙ୍କିରୁ ଶନିବାର ପୂର୍ବାହ୍ନ ୧୧ଟାରେ ମଣିଷର ଏକ କଟା ଗୋଡ଼ ପୋଲିସ ଜବତ କରିଛି। ସ୍ୱେରେଜ ଟାଙ୍କିରେ ଗୋଡ଼ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ, କାରଖାନା ଅଗ୍ନିଶମ ବିଭାଗ ଓ ରାଜ୍ୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମିଳିତ ଭାବେ କଟା ଗୋଡ଼ ଉଦ୍ଧାର କରିଥିଲେ। ଏହାକୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ମର୍ଗହାଉସରେ ସଂରକ୍ଷିତ ରଖାଯାଇଛି। ତେବେ ଏହା ମହିଳାଙ୍କ କଟା ଗୋଡ଼ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କଟା ଗୋଡ଼ ସେଠାକୁ କେମିତି ଆସିଲା ତାହା ଜଣାପଡ଼ି ନ ଥିବାବେଳେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ଅନୁସନ୍ଧାନ କରୁଛି। ଆଖପାଖ ଥାନା ଅଞ୍ଚଳରୁ ନିଖୋଜ ଲୋକଙ୍କ ତାଲିକା ସଂଗ୍ରହ କରାଯାଉଛି ବୋଲି ପୋଲିସ କହିଛି।

# ଶୁକ୍ରୁ, ଟିମ୍‌କୁ ନିପାତ ଲକ୍ଷ୍ୟରେ ସୁରକ୍ଷାକର୍ମୀ

## ନିର୍ଣ୍ଣାୟକ ମୋଡ଼ରେ ମାଓବାଦୀ ମୂଳପୋଛ ଅଭିଯାନ

ଫୁଲବାଣୀ,୨୧।୩(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ମାଓବାଦୀ ମୂଳପୋଛ ଅଭିଯାନ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ମାଓବାଦୀ ନେତା ଶୁକ୍ରୁ ଓ ତାଙ୍କ ଟିମ୍‌କୁ ନିପାତ କରିବା ପାଇଁ କନ୍ଧମାଳ ଏବଂ ରାୟଗଡ଼ା ଜିଲା ସୀମାନ୍ତବର୍ତ୍ତୀ ଦୁର୍ଗମ ଜଙ୍ଗଲକୁ ଘେରାବନ୍ଦୀ କରାଯାଇଛି। ଶୁକ୍ରୁ ଏବଂ ତାଙ୍କ କେତେଜଣ ସହଯୋଗୀ ଏହି ଅଞ୍ଚଳରେ ଆତ୍ମଗୋପନ କରିଛନ୍ତି। ସେମାନଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ନିପାତ କରିବା ପାଇଁ ସୁରକ୍ଷାକର୍ମୀ ଏବେ ଉନ୍ନତ ଜ୍ଞାନକୌଶଳ ଏବଂ ଅତ୍ୟାଧୁନିକ ଡ୍ରୋନ୍‌ର ସହାୟତା ନେଉଛନ୍ତି। ଶନିବାର ଏସବୁ ଅଞ୍ଚଳରେ ଡ୍ରୋନ ଉଡ଼ାଣ ହୋଇଛି। ଏହି ଡ୍ରୋନ ୧୫ କିମି ପର୍ଯ୍ୟନ୍ତ ଉଚ୍ଚ ଆକାଶରୁ ସ୍ପଷ୍ଟ ଚିତ୍ର ଦେଉଛି। ଦିନ ରାତି ଡ୍ରୋନ ଉଡ଼ାଣ କରୁଛି। ଡ୍ରୋନରୁ ମିଳୁଥିବା ସିଗ୍‌ନାଲ ଏବଂ ଚିତ୍ର ଆଧାରରେ ସୁରକ୍ଷାକର୍ମୀ ସେମାନଙ୍କ ରଣନୀତି ପ୍ରସ୍ତୁତ କରୁଛନ୍ତି। ଏହି ଅପରେଶନରେ ଏସ୍‌ଓଜି, ଡିଭିଏଫ, ସିଆରପିଏଫ, ବିଏସ୍‌ଏଫ ଯବାନ ସାମିଲ ହୋଇଛନ୍ତି। କନ୍ଧମାଳ, ରାୟଗଡ଼ା ଏବଂ କଳାହାଣ୍ଡି ଜିଲାର ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ସିଲ୍ କରାଯାଇଛି।

# ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ

ବ୍ରହ୍ମପୁର/ପାତ୍ରପୁର, ୨୧।୩(ଉମା ଚରଣ ନେପାକ/ ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଜିଲା ଜରଡା ଥାନା ଅନ୍ତର୍ଗତ ଶୋଳାଭାଗପେଣ୍ଠ ଗ୍ରାମର ଜଣେ ଯୁବତୀଙ୍କୁ ଶନିବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବତୀ ଜଣକ ହେଲେ ଉକ୍ତ ଗ୍ରାମର କେ. ଡମ୍ବୁରୁଙ୍କ ସାନ ଝିଅ କେ.ସୁଇଟି କନିୟାରୀ(୨୦)। ଡମ୍ବୁରୁ ଛେଳି ଚରାଇବା ପାଇଁ ବାହାରକୁ ଯାଇଥିବା ବେଳେ ମାଆ କୌଣସି କାମରେ ଟିକିଟି ଯାଇଥିଲେ। ସୁଇଟି ମହାମାୟୀ ପୂଜା କରୁଥିବା ହେତୁ ଶନିବାର ଗ୍ରାମର ଗୋଲାସାହିର ଏକ ପରିବାରଙ୍କ ଘରେ ପୂଜାସାରି ଘରକୁ ଫେରିଥିଲେ। ସେ ଘରେ ଏକା ଥିବା ସୁଯୋଗ ନେଇ ସନ୍ଧ୍ୟାରେ ଜଣେ ଦୁର୍ବୃତ୍ତ ମୁହଁରେ କନାବାନ୍ଧି ଘର ଭିତରକୁ ପଶିଆସି ସୁଇଟିଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ଶରୀରରେ ୨୦ରୁ ଅଧିକ ଗଭୀର କ୍ଷତ ହୋଇଛି। ଦେହରୁ ପ୍ରଚୁର ରକ୍ତସ୍ରାବ ହୋଇଛି। ସୁଇଟିଙ୍କ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ସାଇ ପଡୋଶୀ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପୋଲିସ ତାଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀ ନେଇଛି। ଏନେଇ ଜରଡା ଥାନା ଅଧିକାରୀ ମିନାକ୍ଷୀ ଦଳବେହେରା ଘଟଣାର ଛାନ୍‌ଭିନ୍ କରୁଛନ୍ତି। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି କାହିଛନ୍ତି।

# ଦୃଷ୍ଟିହୀନ ନାବାଳିକାଙ୍କୁ ବଳାତ୍କାର ମାମଲା

## ଅଭିଯୁକ୍ତଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୨୧।୩(ପବନ ପାଣିଗ୍ରାହୀ)

ଜଣେ ଦୃଷ୍ଟିହୀନ ନାବାଳିକା(୧୫)ଙ୍କୁ ବଳାତ୍କାର ମାମଲାର କୋରାପୁଟ ଜିଲା ଜୟପୁରସ୍ଥିତ ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ସଂଘମିତ୍ରା ଦାସ ଶୁଣାଣି କରି ଅଭିଯୁକ୍ତଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡରେ ଶନିବାର ଦଣ୍ଡିତ କରିଛନ୍ତି। ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ସେମିଳିଗୁଡ଼ା ଥାନା ଅନ୍ତର୍ଗତ କାଙ୍ଗାରା ଗ୍ରାମର ଲଇଛନ ଭୋଇଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଆର୍ଥିକ ଜରିମାନାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦାୟେ ଅଧିକ ୩ ବର୍ଷ ଜେଲଦଣ୍ଡ ଭୋଗିବାକୁ ଆଦେଶ ରହିଛି।

ସୂଚନାନୁଯାୟୀ, ୨୦୨୪ରେ ଲଇଛନ କୋରାପୁଟ ଥାନା ଅଞ୍ଚଳରେ ରହୁଥିବା ଜଣକ ଘରକୁ ପୂଜାପାଠ କରିବାକୁ ଯାଇଥିଲେ। ଦୃଷ୍ଟିହୀନ ନାବାଳିକାଙ୍କ ଆଖିକୁ ଭଲ କରିବାକୁ କହି ତାଙ୍କୁ ନିଶା ଦେଇ ବଳାତ୍କାର କରିଥିଲେ। ଏ ନେଇ କୋରାପୁଟ ଟାଉନ ଥାନାରେ ୨୪।୯।୨୪ରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୨୭୩/୨୪ରେ ମାମଲା ରୁଜୁ କରିଥିଲା। ଆଦାୟ ଜରିମାନା ଟଙ୍କା ସହ ସରକାରଙ୍କ ପକ୍ଷରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପି.ସନ୍ନ୍ୟାସୀ ରାଓ ପରିଚାଳନା କରିଥିଲେ।

# ସ୍ୱାମୀଙ୍କ ଅକାଳ ବିୟୋଗରେ ସ୍ତ୍ରୀ ଛାତରୁ ଡେଇଁ ଗୁରୁତର

କଣ୍ଟାବାଞ୍ଜି,୨୧।୩(ଗୁରୁ ଦୟାଲ ହଂସ )

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା କପିଲାଭଟା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀଙ୍କ ଅକାଳ ବିୟୋଗ ଘଟିବାରୁ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ଛାତରୁ ଡେଇଁପଡି ଗୁରୁତର ହୋଇଛନ୍ତି। ମିଳିଥିବା ଖବର ଅନୁଯାୟୀ, କପିଲାଭଟା ଗ୍ରାମର ନୃପ ବିଶି କୌଣସି ରୋଗରେ ଆକ୍ରାନ୍ତ ହୋଇ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ କପିଲାଭଟା ଗ୍ରାମକୁ ଅଣାଯିବା ପରେ ସ୍ତ୍ରୀ ଦୁଃଖରେ ମ୍ରିୟମାଣ ହୋଇ ଛାତ ଉପରକୁ ଯାଇ ହଠାତ୍ ଡେଇଁପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଖରିଆର ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଖବର ମିଳିଛି। ଏନେଇ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ। ପ୍ରକାଶଥାଉ କି ନୃପ ଗତବର୍ଷ ବିବାହ କରିଥିଲେ।

# ଥଣ୍ଡା ବୋତଲରେ ଦେଶୀ ମଦ ଚାଲାଣ



ଉଦଳାରୁ ଭୁବନେଶ୍ୱର ଚାଲାଣ ହେଉଥିବା ଥଣ୍ଡାପାନୀୟ ବୋତଲରେ ଦେଶୀ ମଦ।

- ଉଦଳାରୁ ଭୁବନେଶ୍ୱର ସାଲିଆସାହିକୁ ଯାଉଥିଲା
- ବସ୍‌ରୁ ନାବାଳକଙ୍କୁ ଧରିଲା ପୋଲିସ, ଖସିଗଲେ ୨

ଉଦଳା,୨୧।୩ (ସନ୍ତୋଷ କୁମାର ବାଛିନି)

ଦାମିକା ବ୍ୟାଗ୍ ଭିତରେ ଥଣ୍ଡା ବୋତଲରେ ଦେଶୀମଦ ଚାଲାଣ କରାଯାଉଥିଲା। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ପାଟଶାଣିପୁର ଅଞ୍ଚଳରୁ ଦେଶୀମଦ ଭୁବନେଶ୍ୱର ସାଲିଆସାହିକୁ ବସ୍‌ରେ ନିଆଯାଉଥିବା ବେଳେ ଶୁକ୍ରବାର ରାତିରେ ପୋଲିସ ଚଢାଉ କରି ଧରିଛି। ମଦ ନେଇ ଯାଉଥିବା ଜଣେ ନାବାଳକ ପୋଲିସ ହାତରେ ଧରାପଡ଼ିଥିବା ବେଳେ ୨ଜଣ ଖସିଯାଇଛନ୍ତି। ମଦ ଭର୍ତ୍ତି ୩ଟି ବ୍ୟାଗ୍‌କୁ ପୋଲିସ ଜବତ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଖୁଣ୍ଟା ଅଞ୍ଚଳରୁ ଭୁବନେଶ୍ୱର ଯାଉଥିବା ଏକ ଘରୋଇ ବସ୍ ଉଦଳା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ସେହି ବସ୍‌ରେ ମଦ ଚାଲାଣ ହେଉଥିବା ଖବର ପାଇ ଉଦଳା ପୋଲିସ ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରିଥିଲା। ବସ୍‌ରେ ଯାତ୍ରୀ ସାଜି ଦେଶୀମଦ ଚାଲାଣ କରୁଥିବା ପାଟଶାଣିପୁର ଅଞ୍ଚଳର ନାବାଳକଙ୍କୁ ପୋଲିସ କାବୁ କରିଥିବା ବେଳେ ତାଙ୍କ ସହ ଥିବା ଅନ୍ୟ ୨ଜଣ ଭିଡ଼ର ଫାଇଦା ନେଇ ଖସିଯାଇଥିଲେ। ୨ଟି ବଡ଼ ବ୍ୟାଗ୍ ଥିବାବେଳେ ଗୋଟିଏ ଛୋଟ ବ୍ୟାଗ୍ ଥିଲା। ମୋଟ ୩୨ଟି ବୋତଲରେ ୬୪ ଲିଟର ଦେଶୀ ମଦ ଚାଲାଣ ହେଉଥିଲା। ମଦ ଚାଲାଣ ହେଉଥିବା ବ୍ୟାଗ୍‌ଗୁଡ଼ିକ ଉପରେ ଲାଲ୍ ରଙ୍ଗରେ ଛକି ଚିହ୍ନର କୋଡ୍ ଦିଆଯାଇଥିଲା। ଦେଶୀମଦ ସାଲିଆସାହିଠାରେ ପହଞ୍ଚାଇ ଦେଲେ ୫୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମିଳୁଥିଲା। ତେବେ ଛୋଟ ବ୍ୟାଗ୍‌ଟି ନାବାଳକଙ୍କ ଦାୟିତ୍ୱରେ ଥିବାବେଳେ ଫେରାର ହୋଇଯାଇଥିବା ୨ଜଣ ଯୁବକ ହୋଇଥିବାନେଇ ପୋଲିସ ଅନୁମାନ କରୁଛି। ଏହି ୨ଜଣଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଉଦଳା ଥାନା ଅଧିକାରୀ ବନମାଳୀ ବାରିକ କହିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୦୬/୨୬) ରୁଜୁ କରି ନାବାଳକଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ମଦ ବେପାରୀମାନେ ନିଜକୁ ଯାତ୍ରୀ ସଜାଇ ସମସ୍ତଙ୍କ ଆଖିରେ ଧୂଳି ଦେଇ ଏଭଳି ମଦ ଚାଲାଣ କରୁଥିବାରୁ ସେମାନଙ୍କ ଉପରେ ନଜର ରଖାଯାଇଥିବା ଥାନା ଅଧିକାରୀ ବାରିକ କହିଛନ୍ତି।



## ସଂକ୍ଷେପରେ

### ତ୍ରିନାଥ ଦେବଙ୍କ ବାର୍ଷିକୋତ୍ସବ

**ନିରାକାରପୁର, ୨୧।୩(ମାନସ ଚନ୍ଦ୍ର ପଟ୍ଟନାୟକ):** ଡିଆ ପଞ୍ଚାୟତ ଅଧୀନ କାଶୀପୁର ବଡ଼ପାଟଣା ଗ୍ରାମର ଇଷ୍ଟଦେବ ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ହୋମର ଆୟୋଜନ କରାଯାଇ ଗ୍ରାମର ମଙ୍ଗଳ ତଥା ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଘୃତ ଆହୁତ ଦିଆଯାଇଥିଲା। ହରିବୋଲ, ହୁଳହୁଳିରେ ଉକ୍ତ ମଣ୍ଡପରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

**ବାଘମାରୀ, ୨୧।୩(ମିହିର ରଞ୍ଜନ ମହାପାତ୍ର):** ବାଘମାରୀ ରଘୁନାଥ ଦେବ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଶୁକ୍ରବାର ଅଧିବାସ, କଳସ ଯାତ୍ରା ପରେ ଶନିବାର ପ୍ରାତଃରେ ମଙ୍ଗଳ ଆଳତି ପରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏଥିରେ ୧୧ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଛନ୍ତି। ରବିବାର ନଗରକୀର୍ତ୍ତନ ହେବ।

### ଇଦ୍-ଉଲ୍-ଫିତର ପାଳିତ

**ଖୋର୍ଦ୍ଧା, ୨୧।୩(ପ୍ରଭାତ ପାଣିଗ୍ରାହୀ):** ଭାଇଚାରା ଓ ସଦ୍‌ଭାବନାର ପର୍ବ ଇଦ୍-ଉଲ୍-ଫିତର ସୋମବାର ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେରଙ୍ଗ, ତୋଟାପଡ଼ା, ପାନବରଜ, ତରତୁଆ, ଶରଧାରପୁର, କାଇପଦର, ମୁକୁନ୍ଦପ୍ରସାଦ, ରାଉତପଡ଼ା ଅଞ୍ଚଳରେ ଥିବା ମସ୍‌ଜିଦ୍‌ରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ସୋମବାର ସକାଳେ ଇସଲାମ୍ ଧର୍ମାବଲମ୍ବୀମାନେ ଏକାଠି ହୋଇ ମସ୍‌ଜିଦ୍‌ରେ ନମାଜ ପାଠ କରିଥିଲେ। ବିଶ୍ୱ ଭ୍ରାତୃତ୍ୱ, ହିଂସା ଦ୍ୱେଷମୁକ୍ତ ପୃଥିବୀ ଗଠନ ପାଇଁ ପ୍ରାର୍ଥନା କରିଥିଲେ। ପରେ ପରସ୍ପର ମଧ୍ୟରେ ମିଠା ଖୁଆଇ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ହିନ୍ଦୁ ଭାଇମାନେ ମୁସଲମାନ ଭାଇମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ।

### ନନ୍ଦନକାନନରେ ଶାଳିଆପତନି ମୃତ୍ୟୁ

**ତ୍ରିସୁଲିଆ, ୨୧।୩(ତୁଷାର କାନ୍ତ ବେହେରା):** ନନ୍ଦନକାନନ ପ୍ରାଣୀ ଉଦ୍ୟାନର କ୍ୱାରେନଟାଇନରେ ରହୁଥିବା ମାଈ ଶାଳିଆପତନିର ଗତ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ କିଛିଦିନ ହେବ ଜରାୟୁ ରୋଗରେ ପୀଡ଼ିତ ଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ଚିକିତ୍ସା କରୁଥିଲେ ମଧ୍ୟ ତା'ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହୋଇ ନ ଥିଲା। ଶେଷରେ ତାର ମୃତ୍ୟୁ ଘଟିଥିଲା ବୋଲି ଜନ୍ତୁ ବିଭାଗ ପକ୍ଷରୁ କୁହାଯାଇଛି।

# ଅମୃତ ଉତ୍ସବ ଉଦ୍‌ଯାପିତ

**ବୋଲଗଡ଼, ୨୧।୩(ଦେବବ୍ରତ ହୋତା)**



ଅମୃତ ଉତ୍ସବ ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ପନ୍ଦର ଦୋଳ ଯାତ୍ରା ଅବସରରେ ସ୍ଥାନୀୟ ଦୋଳପଡ଼ିଆଠାରେ ବାରପଲ୍ଲୀ ଦୋଳ ଯାତ୍ରା କମିଟି ପକ୍ଷରୁ ଆୟୋଜିତ ଦ୍ୱାଦଶତମ ଅମୃତ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କଳା, ସଂସ୍କୃତି ଓ ସାମାଜିକ ସଦ୍‌ଭାବନାର ପ୍ରତିଫଳନ ହେଉଛି ମହୋତ୍ସବ ବୋଲି କହିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ଶିଳ୍ପିକା ଡ୍ୟାନ୍ସ ଗ୍ରୁପ ଓ ପୁରୀର ଏସ୍‌ଏସ୍ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ବିବିଧ ନୃତ୍ୟ ପ୍ରଦର୍ଶନ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସେହିପରି ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ କଳାକାରଙ୍କ ନୃତ୍ୟ, ଗୀତ ସହ ସ୍ଥାନୀୟ ଅଞ୍ଚଳର ବହୁ ଲୋକକଳା ଦଳ ନିପୁଣତା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଆଇନଜୀବୀ ଚିତ୍ତ ରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ବକ୍ତାଭାବେ ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ ଏବଂ ସମ୍ମାନିତ ଅତିଥିଭାବେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ବୋଲଗଡ଼ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବୋଲଗଡ଼ ଅତିରିକ୍ତ ତହସିଲଦାର ରାଜ କିଶୋର ଜେନା, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ସାମାଜିକକର୍ମୀ ପ୍ରମୋଦ କୁମାର ସାହୁ, ବାପି ଜଗଦ୍ଦେବ, ତହସିଲଦାର ବିଜୟ କୁମାର ସେଠୀ, ଶିକ୍ଷାବିତ୍ ହରିବନ୍ଧୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ମନୋଜ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀ ସ୍ମୃତି ସୁରୂପା ସାହୁ, ଭାଗ୍ୟଶ୍ରୀ ପ୍ରିୟଦର୍ଶିନୀ, ଅଧ୍ୟାପକ ଗାନ୍ଧୀ କୁମାର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଅବିନାଶ ସୁବୁଦ୍ଧି, ଶିକ୍ଷାବିତ୍ ଶ୍ରୀକାନ୍ତ କୁମାର ନାୟକ, ବ୍ୟବସାୟୀ ଆଲୋକ କୁମାର ସାହୁ, ଖବରଦାତା ଦେବବ୍ରତ ହୋତା, ଦୀପକ ପାହାଡ଼ସିଂହ, ନିରଞ୍ଜନ ନାୟକ, ସତ୍ୟନାରାୟଣ ବାରିକ, ନିରଞ୍ଜନ ସେଠୀ, ଦୁର୍ଗା ପ୍ରସାଦ ଦାସ, ସଞ୍ଜୀବ ସେଠୀ, ଗୋବିନ୍ଦ ପଣ୍ଡା, ଯଦୁନାଥ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅବିନାଶ ସୁବୁଦ୍ଧି ଏବଂ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ। ଶେଷରେ ଭୁବନେଶ୍ୱରର ଟ୍ରାକ୍ ସିଙ୍ଗର କୀର୍ତ୍ତି ଓ ସାଥୀ କଳାକାରଙ୍କ ନୃତ୍ୟ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା।



ଅମୃତ ଉତ୍ସବ ଉଦ୍‌ଯାପନୀ ଦିବସରେ ଶନିବାର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଦେବଦାସ, ଗୁରୁପ୍ରସାଦଙ୍କୁ 'ନବୀନ ସୂତ୍ରଧର କବିତା ସମ୍ମାନ'

**ଭୁବନେଶ୍ୱର, ୨୧।୩ (ସୌମ୍ୟରଞ୍ଜନ ରାଉତ)**

ନବୀନ ସୂତ୍ରଧର ଟ୍ରଷ୍ଟ ପକ୍ଷରୁ ବିଶ୍ୱ କବିତା ଦିବସ ଶନିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଅଶ୍ୱିନୀ କୁମାର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, କବିତାର ଭାଷା ସର୍ବଦା ଜନମାନସର ବୁଝିବାର ଭାଷା ହୋଇ ସମାଜକୁ ଠିକ୍ ପଥରେ ଯିବା ପାଇଁ ମାର୍ଗ ଦର୍ଶନ କରିବା ଉଚିତ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ସଂଘମିତ୍ରା ମିଶ୍ର, ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହୃଷୀକେଶ ମଲ୍ଲିକ, ସୂର୍ଯ୍ୟ ମିଶ୍ର ପ୍ରମୁଖ ଭାଷା ସାହିତ୍ୟର ବିଭିନ୍ନ ଅନାଲୋଚିତ ଦିଗ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ଦେବଦାସ ଛୋଟରାୟ ଓ ଗୀତିକାର ଗୁରୁପ୍ରସାଦ ଶତପଥୀଙ୍କୁ 'ନବୀନ ସୂତ୍ରଧର କବିତା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ୯ଜଣ ଯୁବ ଓ ପ୍ରବୀଣ ଓଡ଼ିଆ ଜାତିର ବାର୍ତ୍ତାବହଙ୍କୁ 'ନବୀନ ସୂତ୍ରଧର କବିତା ଆଶୀର୍ବାଦ ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ସାରା ରାଜ୍ୟରୁ ତଥା ରାଜ୍ୟ ବାହାରୁ ଆସିଥିବା ୮୦ରୁ ଊର୍ଦ୍ଧ୍ୱ ଓଡ଼ିଆ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଚମକ ଚାନ୍ଦିନୀ ଦାଶ, ସୁଷମା ସ୍ୱାଇଁ ଓ ଦେବଦତ୍ତ ପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ନବୀନ ଦାସ ଧନ୍ୟବାଦ ଦେଇଥିଲେ।

## ମାରୱାଡି ସମ୍ପ୍ରଦାୟ ପକ୍ଷରୁ ଗଣଗୋର ମେଳା



**ଜଟଣୀ, ୨୧।୩(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀସ୍ଥ ଗୋପୀନାଥ ଦେବ ମନ୍ଦିର ପରିସରରେ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ଜଟଣୀ ଶାଖା ପକ୍ଷରୁ ପ୍ରତି ବର୍ଷଭଳି ଚଳିତ ବର୍ଷ ମଧ୍ୟ ଗଣଗୋର ମେଳା ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ମାରୱାଡି ସମ୍ପ୍ରଦାୟର ବିଭିନ୍ନ ପାରମ୍ପରିକ ପୂଜା ଉତ୍ସବ ମଧ୍ୟରେ ଗଣଗୋର ପୂଜା ଉତ୍ସବ ଅନ୍ୟତମ। ପରମ୍ପରା ଅନୁସାରେ ଯୁବତୀମାନେ ନିଜ ପିତୃଘରେ ଈଶ୍ୱର (ଶିବ) ଏବଂ (ଗଣଗୋର)ପାର୍ବତୀଙ୍କ ମୂର୍ତ୍ତି ମାଟିରେ ନିର୍ମିତ କରି ୧୬ ଦିନ ଧରି ପୂଜାର୍ଚ୍ଚନା କରିଥାନ୍ତି। ଶନିବାର ଉଦଯାପନୀ ଦିବସରେ ସମସ୍ତ ମାରୱାଡି ମହିଳା ଯୁବତୀ ନିଜ ସୁସଜ୍ଜିତ ଗଣଗୋର ମୂର୍ତ୍ତିକୁ ସାଙ୍ଗମାନଙ୍କ ସହିତ ପାରମ୍ପରିକ ଗଣଗୋର ଗୀତ ଗାଇ ମେଳାରେ ସାମିଲ ହୋଇଥିଲେ। ଏହି ମେଳାରେ ୧୧ରୁ ଊର୍ଦ୍ଧ୍ୱ ଛୋଟ ଗଣଗୋର ଏବଂ ଗୋଟିଏ ବଡ଼ ଗଣଗୋର ମୂର୍ତ୍ତିକୁ ସୁସଜ୍ଜିତ କରି ମେଳାରେ ମହିଳାମାନେ ସାମିଲ ହୋଇଥିଲେ। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅବସରରେ ପ୍ରଥମ ପୁରସ୍କାର ନିଶିକା ସନ୍ତୁକାଙ୍କ ଦଳକୁ ମିଳିଥିଲା ବେଳେ ଦ୍ୱିତୀୟ ପୁରସ୍କାର ପ୍ରିୟା ସଂଥଳିଆ ଏବଂ ତୃତୀୟ ପୁରସ୍କାର ଅଲିଶା ସୋନୀଙ୍କ ଦଳକୁ ସେମାନଙ୍କର ସୁନ୍ଦର କଳାକୃତି ଗଣଗୋର ମୂର୍ତ୍ତି ପାଇଁ ପ୍ରଦାନ କରାଯାଇଥିଲା। ମାରୱାଡି ମହିଳାଙ୍କ ଦ୍ୱାରା ରାଜସ୍ଥାନୀ ନୃତ୍ୟ, ମ୍ୟୁଜିକ ଚେୟାର, ଶୃଙ୍ଗାର, ଅନ୍ତାକ୍ଷରୀ ଆଦି ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ମାରୱାଡି ମହିଳା ସମ୍ମିଳନୀ ଜଟଣୀ ଶାଖାର ସଭାନେତ୍ରୀ ବନ୍ଦନା ସଂଥଳିଆ, ସମ୍ପାଦିକା ଯୋଗିତା ଶର୍ମା, କୋଷାଧ୍ୟକ୍ଷ ପାୟଲ ହଲାନଙ୍କ ସହିତ ବହୁ ମହିଳା ସଦସ୍ୟ ଅଂଶଗ୍ରହଣ କରିଥିଲେ।

### ମାଙ୍କଡ଼ କାମୁଡ଼ାରେ ୫ ଆହତ

**ବାଲିଅନ୍ତା, ୨୧।୩ (ନୀଳମାଧବ ସାହୁ):** ବାଲିଅନ୍ତା ବ୍ଲକର କାକରୁଦ୍ରପୁର ପଞ୍ଚାୟତ ଅଧୀନ ଖମଙ୍ଗ ଗ୍ରାମରେ ଶନିବାର ମାଙ୍କଡ଼ କାମୁଡ଼ାରେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ଆହତ ହୋଇଛନ୍ତି। ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ ମାଙ୍କଡ଼ଟି ଗୋଡ଼ାଇବା ସହ କାମୁଡିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ହାଇୱା-ଟ୍ରକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ବାରଙ୍ଗ, ୨୧।୩(ଲିଙ୍ଗରାଜ ରାଉତ):** ଗୋଡ଼ିସାହି ଫାଣ୍ଡି ଅଧୀନ ଗୋବିନ୍ଦପୁର ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାଇୱା ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିର ଚାଳକ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ତେବେ ଗୁରୁତରଙ୍କ ପରିଚୟ ମିଳିପାରି ନାହିଁ।

## ବଧିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଟାଙ୍ଗୀ, ୨୧।୩(ରଘୁନାଥ ସାହୁ)**



ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ପଞ୍ଚାୟତର ବଧିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବନ୍ଦିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ଥାନା ଅତିରିକ୍ତ ଆଇଆଇସି ଶ୍ରଦ୍ଧା ନାୟକ, ସମ୍ମାନିତ ଅତିଥି ଏଏସ୍‌ଆଇ ଅନିରୁଦ୍ଧ ସାମନ୍ତରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର ମୋହନ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ବନବିହାରୀ ବେହେରା, ପରିଚାଳନା କମିଟି ସଭାପତି ଜୟପ୍ରକାଶ ପ୍ରଧାନ, ପ୍ରମୋଦ ସେଠୀ, ମାନସ ବେହେରା, ଭାନୁମତି ପ୍ରଧାନ, କୃଷ୍ଣଚନ୍ଦ୍ର ସୁବୁଦ୍ଧି, ଗୌରାଙ୍ଗ ଚରଣ ମୁଦୁଲି, ସତ୍ୟଭାମା ବେହେରା, କାହ୍ନୁ ବେହେରା, ନୀଳାଦ୍ରି ସିଂ, କିଶୋର ଚନ୍ଦ୍ର କର, ଲଳିତ ନାରାୟଣ ମହାପାତ୍ର, ଦୀନବନ୍ଧୁ ପୃଷ୍ଟି, ମନୋଜ ବେହେରା, ଶରତ ବେହେରା, ଲୋକନାଥ ବେହେରା, ବୈକୁଣ୍ଠ ବେହେରା ପ୍ରମୁଖ ଯୋଗଦେଇ ଚରିତ୍ର ଗଠନ ଏବଂ ସମାଜ ସେବା ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦୀନବନ୍ଧୁ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସମସ୍ତ ଅତିଥିଙ୍କ ସହିତ ପାଚିକା, ଶିଶୁ ସେବିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିଲାମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱାଗତିକା ମୁଦୁଲି, ହୁଲାସ ନାୟକ, କୁମାରୀ ବେହେରା, ସନ୍ତୋଷୀ ପରିଡ଼ା, ତିଳୋତ୍ତମା ପରିଡ଼ା, ସନ୍ଧ୍ୟାରାଣୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ନନ୍ଦନକାନନ ବସ୍‌ଷ୍ଟାଣ୍ଡରେ ଚାଳକଙ୍କୁ ସଚେତନତା

**ବାରଙ୍ଗ, ୨୧।୩(ଲିଙ୍ଗରାଜ ରାଉତ):** ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ମାଧ୍ୟମରେ ସଚେତନ କରାଯାଉଛି। ଏହିକ୍ରମରେ ଶନିବାର ନନ୍ଦନକାନନ ବସ୍‌ଷ୍ଟାଣ୍ଡରେ ଭୁବନେଶ୍ୱର ଆର୍‌ଟିଓ-୨ ପକ୍ଷରୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଓଡ଼ିଶା ଏବଂ ବିଭିନ୍ନ ରାଜ୍ୟରୁ ଯାତ୍ରୀନେଇ ଆସିଥିବା ଗାଡ଼ି ଚାଳକଙ୍କୁ ସଚେତନ କରାଯାଇଥିଲା। ବିଶେଷକରି ରାତିରେ ଗାଡ଼ି ଚଳାଇବା ବେଳେ ନିଦ ଲାଗିଲେ କ'ଣ କରିବେ, ହଠାତ୍ ଗାଡ଼ିରେ ନିଆଁ ଲାଗିଲେ କ'ଣ କରିବେ, ବିଭିନ୍ନ ସଡ଼କ ସୁରକ୍ଷା ସମସ୍ୟା, ପ୍ରତିରକ୍ଷାମୂଳକ ଡ୍ରାଇଭିଂ, ଜରୁରୀକାଳୀନ ସମୟରେ ଉପସ୍ଥିତ ବୁଦ୍ଧି ଦ୍ୱାରା ନିଜର ତଥା ସମସ୍ତଙ୍କ ସୁରକ୍ଷା, ବସ୍‌ରେ ଥିବା ଅଗ୍ନି ନିରାପତ୍ତା ଉପକରଣର ସଠିକ ବିନିଯୋଗ କରିବା ଆଦି ବିଷୟରେ ଅଧିକାରୀମାନେ ବୁଝାଇଥିଲେ।

**ସର୍ବସାଧାରଣ ନୋଟିସ**

ଏତଦ୍ୱାରା ଜଣାଉଅଛି କି, ମୁଁ ଶ୍ୱେତା ମହାରଣା, ସା-ଦୋଳମୁଣ୍ଡାଇ, ହରିପୁର, କଟକ, ପ୍ଲଟ ନଂ.- ୮୧୮ (୫୧୫), ଖାତା ନଂ.- ୧୪୭ (147), ଏରିଆ A୦.୧୦୫ ଡି., ମୌଜା- ଭୁବନେଶ୍ୱର ସହର ୟୁନିଟ୍ ନଂ-୧୧, ଜିଲ୍ଲା- ଖୋର୍ଦ୍ଧାକୁ ଜମିର ମାଲିକ ରେବିକା ଜେନା ଓଗେରଙ୍କଠାରୁ ଜମି କିଣିବା ପାଇଁ ଅଗ୍ରିମ ଦେଇ ରେଜିଷ୍ଟ୍ରି ଏଗ୍ରିମେଣ୍ଟ କରିଅଛି ଏବଂ ଚୁକ୍ତି ମିଆଦ ଖିଲାପ କରିବାରୁ ଆମ୍ଭେ ଭୁବନେଶ୍ୱର ସିଭିଲ ଜଜ୍ (ସିନିଅର) ଙ୍କ ଅଦାଲତରେ ସିଭିଲ ସୁଟ ନଂ.- ୧୧୦୩/୨୦୨୫ ରେବିକା ଜେନା ଓଗେରଙ୍କ ନାମରେ ମକଦ୍ଦମା ଦାଏର କରିଅଛି ଏବଂ ମାନ୍ୟବର କୋର୍ଟଙ୍କ ପାଖରେ ବିଚାରାଧୀନ ଅଛି । ଏବେ ଆମ୍ଭେ ଶୁଣିବାକୁ ପାଉଛୁ ରେବିକା ଜେନା ଓଗେର ଅଧିକ ଟଙ୍କା ଲୋଭରେ ସେ ପ୍ଲଟକୁ ବିକିବାକୁ ଚାହୁଁଛନ୍ତି । ଏଣୁ ଅନୁରୋଧ ଆପଣ ଭୁଲବଶତଃରେ ଜାଗାକୁ ନ ଦେଖି ଓ କାଗଜପତ୍ର ନ ଦେଖି କିଣିଲେ ଆମ୍ଭେ ଦାୟୀ ହେବୁ ନାହିଁ । ସ୍ୱା./- ଶ୍ୱେତା ମହାରଣା

## ଗଙ୍ଗୁଆ ନାଳ, ଦୟା ପଶ୍ଚିମ କେନାଲର ହେବ ପୁନରୁଦ୍ଧାର

**୩୭ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷାକଲେ ଏମ୍‌ପି ଅପରାଜିତା**

- ରାଜଧାନୀରେ ଟ୍ରାଫିକ୍ ଭିଡ଼ କମାଇବାକୁ ନିଆଯିବ ପଦକ୍ଷେପ
- ଗଙ୍ଗୁଆ ପାଇଁ ୮୭୩୬ କୋଟି, ଦୟା ୱେଷ୍ଟ କେନାଲ ଲାଗି ଖର୍ଚ୍ଚ ହେବ ୪୪୮ କୋଟି

**ଭୁବନେଶ୍ୱର, ୨୧।୩ (ବନ୍ଦନା ସେଠୀ)**



ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଚାଲିଥିବା ବିଭିନ୍ନ ବିଭାଗର ବିକାଶମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଶନିବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଦୂରକରିବାକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ପୂର୍ତ୍ତ ବିଭାଗ ଅଧୀନରେ ଥିବା ୩୭ଟି ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ଏଥିମଧ୍ୟରୁ ୩ଟି ପ୍ରକଳ୍ପର ଟେଣ୍ଡର ହୋଇଥିବାବେଳେ ବାକି ୩୪ଟି ପ୍ରକଳ୍ପର ଟେଣ୍ଡର ଯଥାଶୀଘ୍ର ହୋଇ କାର୍ଯ୍ୟ ଆରମ୍ଭ କରିବା ନେଇ ବିଭାଗୀୟ ସଚିବ ସଞ୍ଜୟ ସିଂଙ୍କ ସହ ଆଲୋଚନା କରିଥିଲେ। ସେହିପରି ଜଳ ସମ୍ପଦ ବିଭାଗ ସଚିବଙ୍କ ସହିତ ଗଙ୍ଗୁଆ ନାଳର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କାମ ସମ୍ପର୍କରେ ଆଲୋଚନା ହୋଇଥିଲା। ଗଙ୍ଗୁଆ ନାଳ ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ଦିଗରେ ମୋଟ୍ ୮ହଜାର ୭୩୬କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ଏହି ପୁନରୁଦ୍ଧାର କାର୍ଯ୍ୟ ରାଜଧାନୀ ଇଞ୍ଜିନିୟରିଂ କଲେଜ ନିକଟରୁ ଆରମ୍ଭ ହୋଇ ପ୍ରାୟ ୩୩ କି.ମି. ପର୍ଯ୍ୟନ୍ତ ଜଟଣୀ ନିକଟ କଣ୍ଟି ଗ୍ରାମ ପର୍ଯ୍ୟନ୍ତ କରାଯିବ। ଯଥାଶୀଘ୍ର କାମ ଆରମ୍ଭ କରିବା ନେଇ ବିଭାଗୀୟ ମୁଖ୍ୟ ସଚିବ ଶୁଭା ସିଂଙ୍କ ସହ ଏମ୍‌ପି ଆଲୋଚନା କରିଥିଲେ। ଏହା ସହିତ ଦୟା ୱେଷ୍ଟ କେନାଲର ପୁନରୁଦ୍ଧାର ଓ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ୪୪୮ କୋଟି ଟଙ୍କା ବ୍ୟୟ ଅଟକଳରେ ବାରଙ୍ଗଠାରୁ ଆରମ୍ଭକରି ଜଟଣୀ ପର୍ଯ୍ୟନ୍ତ ପ୍ରାୟ ୩୪.୮୬ କିଲୋମିଟର ଦୂର ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ହାତକୁ ନିଆଯାଇଛି। ସେହିପରି ସହରର ଡ୍ରେନ୍ ସମସ୍ୟା ନେଇ ବିଏମ୍‌ସି କମିଶନରଙ୍କ ସହ ଏମ୍‌ପି ଆଲୋଚନା କରିଥିଲେ। ବର୍ଷାଦିନ ପୂର୍ବରୁ ସମସ୍ତ ଡ୍ରେନେଜ ସଫେଇ ଓ ପୁନରୁଦ୍ଧାର କାମ ସାରିବାକୁ ଏମ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଏମ୍‌ସି, ପୂର୍ତ୍ତ ଓ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**GOVT. OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI**
AT/PO: PARALAKHEMUNDI, DIST: GAJAPATI.
e-mail- eemi_gajapati@yahoo.co.in eemigajapatiparalakhemundi@gmail.com
e-Procurement Notice No. 809 Date. 19/03/2026
BID IDENTIFICATION NO. MIDGJP-08/2025-26

No.32001/233/2526 : The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double** Cover System in **ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

1. Name of the work : **Improvement to Minor Irrigation Projects under Critical Scheme/ 2026-27.**
2. No. of works : **2 Nos. (Two)**
3. Estimated cost **Rs. 59.00 to 84.00 Lakhs.**
4. Class of Contractor : **"B" class Contractor**
5. Period of completion : **6 (Six)** calendar months (Including Rain Season)
6. Date and time of availability of bid documents in the portal: from **10.30 Hours of 26.03.2026 to 17.00 Hours of 04.04.2026**.
7. Last date/time for receipt of bids in the portal : **17.00 Hours of 04.04.2026**
8. Date of opening of Technical Bid: 11.00 Hours on 06.04.2026.
9. Name and address of the Officer inviting Bid : Superintending Engineer, Minor Irrigation Division, Gajapati, At/PO- Paralakhemundi, Dist.- Gajapati. PIN-761200

Further details can be seen from the e-procurement portal https://tendersodisha.gov.in

Sd./- Superintending Engineer
MI Division, Gajapati
Paralakhemundi

OIPR-32001/32013/1/25-26/0001

No.32001/232/2526

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
'e' Procurement Notice No. ACECIC - 15/2025-26

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, BHUBANESWAR | PRD-08/2025-26 | Protection to Scoured Bank on KSDR Embankment from RD.13.400 Km to 13.725 Km. | 248.90 | 249000/- (Online) | 10000/- (Online) | "B" & "A" Class | 24.03.2026 At 10.00 Hours | 07.04.2026 At 17.00 Hours | 08.04.2026 At 11.00 Hours | 06 (Six Calendar Months) |

e-mail ID : secic_dowr@yahoo.com
Further detail conditions can be seen from Govt. website www.tenderorissa.gov.in

Sd./- Additional Chief Engineer,
Central Irrigation Circle

OIPR-32001/32160/1/25-26/0001

**Bhubaneswar Smart City Limited**
5th Floor, ICOMC Tower, Bhoi Nagar, Unit-IX, Bhubaneswar- 751022
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone-0674-2548428 FAX: 0674-2540811

No.13001/709/2526
Bid Identification No. 511
**NOTICE INVITING BID**
Dt. 19-03-2026

The General Manager-I invites proposals from the agencies for Upgradation, Commissioning and Maintenance of Adaptive Traffic Signals at 50 Junctions, 6 Pelicans and 5 Blinkers along with Supply, installation, commissioning and maintenance of new Adaptive Traffic Signal Control System at 25 Locations with Emergency Vehicle Priority System, including Implementation and Maintenance of Traffic Management Analytics Solution along with Simulation and Prediction Module in Bhubaneswar City.

| Sl. No. | Name of the Work | Concerned Nodal Officer with Head quarters | EMD/Bid Security (in Rs.) (Offline) | Cost of Bid Document (in Rs.) (Offline) | Period of Service |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | Selection of agency for Upgradation, Commissioning and Maintenance of Adaptive Traffic Signals at 50 Junctions, 6 Pelicans and 5 Blinkers along with Supply, installation, commissioning and maintenance of new Adaptive Traffic Signal Control Syatem at 25 Locations with Emergency Vehicle Priority System, including Implementation and Maintenance of Traffic Management Analytics Solution along with Simulation and Prediction Module in Bhubaneswar City | General Manager-I | Rs.50,00,000/- | Rs.11,800/- (Tender Cost : Rs.10,000/- + G.S.T. Rs.1,800/-) | 6 Years and 270 Days |

1. The REQUEST FOR PROPOSAL document shall be available in the website https://tendersodisha.gov.in/ from 20-03-2026 (05:00 PM) to 04-04-2026 (05:00 P.M) for online bidding. The bidders have to participate in ONLINE bidding only. The web-site for "ONLINE BIDDING" is https://tendersodisha.gov.in/.
2. The Bidders shall submit an amount of Rs. 10,000/- +18% GST towards cost of RFP in shape of DD (Non-refundable) column No.5 drawn from any Nationalize/Scheduled Bank payable at Bhubaneswar in favour of Bhubaneswar Smart City Limited.
3. After the date & time of receipt of bid is over, the original Bid security and Demand Draft towards cost of bid documents shall be submitted in the office of the undersigned on or before 11:30 hours of 06-04-2026, during office hours on working days failing which the bid will be rejected.
4. The technical bid will be opened on 06-04-2026 at 15:30 hours in the board room of Bhubaneswar Smart City Limited, 5th Floor, ICOMC Tower, Bhoi Nagar, Unit - 9, Bhubaneswar - 751022, Odisha in the presence of bidders/representative who wish to attend. If the office happens to be closed on the schedule date of opening of the tender then the bid will be opened on the next working day at same time and same venue.
5. The Competent Authority reserves the right to postpone/cancel the REQUEST FOR PROPOSAL and intimation thereof will be sent by e-mail to the Bidders.
6. Further details with any addendum, corrigendum and cancellation can be seen from the website https://tendersodisha.gov.in/.

Sd./- General Manager-I
Bhubaneswar Smart City Limited

OIPR-13001/13070/1/25-26/0008

## ହୃଦ୍‌ଘାତରେ ପାଚିକାଙ୍କ ମୃତ୍ୟୁ

ତ୍ରିସୁଲିଆ,୨୧।୩(ତୁଷାର କାନ୍ତ ବେହେରା)

ନନ୍ଦନକାନନ ସରକାରୀ ଉଚ୍ଚ ବିଦ୍ୟାଳୟର ପାଚିକା ମଞ୍ଜୁଲତା ବେହେରାଙ୍କ ଶନିବାର ମଧ୍ୟାହ୍ନରେ ହୃଦଘାତରେ ପରଲୋକ ଘଟିଛି। ତାଙ୍କୁ ୪୭ବର୍ଷ ହୋଇଥିଲା। ସେ ନନ୍ଦନକାନନ ନିକଟ ଏକ ଘଡାଘରେ ପରିବାର ସହିତ ରହୁଥିଲେ। ହଠାତ୍ ମଞ୍ଜୁଲତାଙ୍କ ଛାତିରେ ଯାନ୍ତ୍ରଣା ହେବା ସହ ଟଳିପଡି ମୃତ୍ୟୁବରଣ କରିଛନ୍ତି ବୋଲି ସ୍ୱାମୀ ଯୁଗଳ ବେହେରା କହିଛନ୍ତି। ସେ ଦୀର୍ଘ ୧୫ବର୍ଷ ହେବ ନନ୍ଦନକାନନ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ନନ୍ଦନକାନନ କଲୋନୀ ବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମଞ୍ଜୁଲତାଙ୍କ ମୃତ ଶରୀରକୁ ନରସିଂହପୁର ଗଣଗଣା ଗ୍ରାମକୁ ନିଆଯାଇ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡପୁଅ ମନୋଜ କୁମାର ବେହେରା ମୁଖାଗ୍ନି ଦେଇଥିଲେ।

# ନିଶା ଛାଡ଼ି ପାଠମନସ୍କ ୨୦ ପିଲା

କଟକ,୨୧।୩(କୁମାରଶ୍ରୀ)

ଶୈଶବକୁ ବାନ୍ଧି ରଖିଥିଲା ନିଶା। କୋମଳ ବୟସରେ ନିଶାର କବ୍‌ଜାରେ ପଡ଼ି ସାଧାରଣ ଜୀବନଠାରୁ ଖୁବ୍ ଦୂରରେ ଥିଲେ। ବସ୍ତିରେ ଜିଉଁଥିଲେ, ସାମାଜିକ ଚଳଣୀ କ'ଣ ଜାଣି ନ ଥିଲେ। କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଉଦ୍ଧାର ହୋଇ ଅଣାଯିବା ପରେ ଏବେ ନିଶା ଛାଡ଼ି ୨୦ଜଣ ପିଲା ପାଠ ମନସ୍କ ହୋଇଛନ୍ତି। ନିତିଦିନ ବିଦ୍ୟାଳୟକୁ ଯାଉଛନ୍ତି। ଶୃଙ୍ଖଳିତ ଜୀବନ ଜିଉଁଛନ୍ତି। ସୁନ୍ଦର ଭବିଷ୍ୟତ ଗଠନର ବାଟ ଖୋଜି ପାଇଛନ୍ତି। ବସୁନ୍ଧରା ଅନୁଷ୍ଠାନ ପକ୍ଷରୁ ଖୋଲିଥିବା ନିଶାମୁକ୍ତି ଏବଂ ଦକ୍ଷତା ବିକାଶ କେନ୍ଦ୍ର 'ନବଦିଶା'ର ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଉଛି। ନିଶାମୁକ୍ତ ଶୈଶବ ଉପରେ ସଚେତନତା କାର୍ଯ୍ୟକ୍ରମ ଏବଂ ନିଶାସକ୍ତ ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନବଦିଶାର ମୂଳଲକ୍ଷ୍ୟ। ବିଡାନାସୀ ଅଞ୍ଚଳରେ ଥିବା ଏହି କେନ୍ଦ୍ରରେ ଏବେ ୨୦ଜଣ ପିଲା ରହୁଛନ୍ତି। ଯେଉଁମାନଙ୍କ ବୟସ ୫ବର୍ଷରୁ ଆରମ୍ଭ କରି ୧୫ବର୍ଷ ବୟସ ପର୍ଯ୍ୟନ୍ତ ରହିଛି। ଏମାନଙ୍କ ମଧ୍ୟରେ ୨ଜଣ ବାଳିକା ମଧ୍ୟ ଅଛନ୍ତି। ଅଭିଭାବକଙ୍କ ଅବହେଳା ଯୋଗୁ କୋମଳ ବୟସରେ ପିଲାମାନେ ନିଶା ସେବନରେ ମାତିଥିଲେ। ମଦ, ଗଞ୍ଜେଇ, ଡେନଡ୍ରାଇଟ ଭଳି ମାରାତ୍ମକ ନିଶାର କବଳରେ ପଡ଼ିଯାଇଥିଲେ। ତେବେ ନବଦିଶା ସଙ୍ଗଠନ କଟକରେ ଆରମ୍ଭ କରାଯିବା ପରେ ଏଭଳି ଶିଶୁଙ୍କ ଭବିଷ୍ୟତ ଗଠନ ଦିଗରେ ଏବେ ଉଦ୍ୟମ ଆରମ୍ଭ ହୋଇଛି। ବିଡାନାସୀ ମ୍ୟୁନିସିପାଲିଟି ସ୍କୁଲରେ ଏହି କେନ୍ଦ୍ରର ପିଲାମାନଙ୍କ ନାମ ଲେଖାଯାଇଛି। ବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ପିଲାମାନଙ୍କ ଭିତରେ ପାଠପଢ଼ା ପାଇଁ ଉତ୍କଣ୍ଠା ବଢ଼ିଛି। ପ୍ରଥମ କିଛି ଦିନ ସେମାନେ ଅନ୍ୟ ସହ ମିଶିବା ପାଇଁ ସଙ୍କୋଚ କରୁଥିଲେ। ହେଲେ ଏବେ ଭଲ ପାଠ ପଢ଼ିବା ସହ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି।

ବସୁନ୍ଧରା ଅନୁଷ୍ଠାନର ମୁଖ୍ୟ ଶୈଳ ବେହେରାଙ୍କ କହିବା ଅନୁସାରେ, ଖୁବକମ୍ ବୟସରୁ ନିଶା ସେବନ କରି ପିଲାମାନେ ନିଜ ଜୀବନ ନଷ୍ଟ କରିବାକୁ ଲାଗିଥିଲେ। ନିଶାର ବେଡ଼ିରୁ ମୁକୁଳାଇ ସେମାନଙ୍କୁ ନୂଆ ଜୀବନ ଦେବା ପାଇଁ ଚେଷ୍ଟା କରାଯାଉଛି। ଏହା ଏକ ସାମାଜିକ ଅଭିଯାନ ବୋଲି ଶୈଳ କୁହନ୍ତି।

**ନୂଆ ଜୀବନ ଦେଉଛି 'ନବଦିଶା'**

NABADISHA De-Addiction Centre for Minors

## ରକ୍ତଦାନ କଲେ, ପଖାଳ ଖାଇଲେ



ପୁରୁଣା ଭୁବନେଶ୍ୱର,୨୧।୩(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ଆର୍ମୀ ପକ୍ଷରୁ ଶୁକ୍ରବାର ସାମନ୍ତରାପୁର ସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ପଖାଳ ଦିବସ ସହ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୩୦୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଯେଉଁମାନେ ରକ୍ତ ଦାନ କରୁଥିଲେ ସେମାନେ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ସହ ପଖାଳ ଖାଇଥିଲେ। ଏମାନଙ୍କ ସହ ବହୁ ଜନସାଧାରଣ ମଧ୍ୟ ପଖାଳ ଖାଇଥିଲେ। ୨ ହଜାରରୁ ଉର୍ଦ୍ଧ୍ୱ ଲୋକେ ଏହି ପଖାଳ ଖାଇଥିବା ଏକାମ୍ର ଆର୍ମୀ ଅଧ୍ୟକ୍ଷ କର୍ପୋରେଟର ବିରଞ୍ଚି ନାରାୟଣ ମହାଶୂପକାର କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି ମେୟର ସୁଲୋଚନା ଦାସ, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଓଡ଼ିଶା ଅଲମ୍ପିକ ସଂଘର ଅଧ୍ୟକ୍ଷ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୩୦ରୁ ଉର୍ଦ୍ଧ୍ୱ କର୍ପୋରେଟର, ସରପଞ୍ଚ ଓ ପୂର୍ବତନ କର୍ପୋରେଟର ମାନେ ଯୋଗଦେଇଥିଲେ।

# ବେଆଇନ ବାଲି ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ

**ସ୍ଥାୟୀ ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ଗ୍ରାମବାସୀ**

ତ୍ରିଶୂଳିଆ,୨୧।୩(ତୁଷାରକାନ୍ତ ବେହେରା)

ରାଜ୍ୟରେ ବେଆଇନ ବାଲିଚାଲାଣ ଉପରେ କଟକଣା ସହ ଧରପଗଡ଼ ହେଉଛି। କିନ୍ତୁ କଲ୍ୟାଣପୁର ରାଜସ୍ୱ ନିରୀକ୍ଷକ ଅଧିନସ୍ଥ କଲ୍ୟାଣପୁର ପଞ୍ଚାୟତ କୁଆଖାଇ ବାଲିଘାଟରେ ବେଆଇନ ଭାବେ ଅଧିକ ବାଲି ଉତ୍ତୋଳନ ହେଉଥିବା ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୁଆଖାଇ ନଦୀ କଲ୍ୟାଣପୁର ବାଲିଘାଟ ନିଲାମ ଦିଆଯାଇଛି।

ନିୟମାନୁଯାୟୀ, ନିଲାମଧାରୀ ବାର୍ଷିକ ୧୫ ହଜାର ସିଏମ୍ ବାଲି ଉତ୍ତୋଳନ ପାଇଁ ଅନୁମତି ପାଇଛନ୍ତି। କିନ୍ତୁ ସମସ୍ତ ନିୟମକୁ ଉଲ୍ଲଂଘନ କରି ବାଲିଘାଟର ସୀମା ଓ ନିର୍ଦ୍ଧାରିତ ଗଭୀରରୁ ଅଧିକ ବାଲି ଖନନ ହେଉଛି। ଏହାସହ ବିନା କେ ଫର୍ମରେ ବାଲିଚାଲାଣ ହେଉଛି। ଫଳରେ ଦୈନିକ ଶତାଧିକ ଟ୍ରାକ୍ଟର ଓ ହାଇୱା ଯୋଗେ ବାଲି ଚାଲାଣ ହେଉଛି। ଅଧିକ ଭାରିଯାନ ଚଳାଚଳ ଫଳରେ ହଂସପାଳ ଛକରୁ କାନପୁର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ ବାଲି ବିଛେଇ ହୋଇପଡ଼ିବା ସହ ଦୁର୍ଘଟଣା ଘଟୁଛି। ଏଥିସହ ପରିବେଶ ପ୍ରଦୂଷଣ ହେବା ସହିତ ରାସ୍ତା ଖରାପ ହେଉଛି। ଗ୍ରାମବାସୀ, ପଥଚାରୀ ତଥା ଛାତ୍ରୀଛାତ୍ର ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଛି। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଭାଗୀୟ ମନ୍ତ୍ରୀ, ଖଣି ନିଗମ, ଶାସନ ସଚିବଙ୍କୁ ଡାକ ଯୋଗେ ଅଭିଯୋଗ କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଶାନ୍ତିପୂର୍ଣ୍ଣ ଧାରଣାଦେବାକୁ ବାଧହେବେ ବୋଲି କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ ସୂଚନା ଦେଇଛନ୍ତି।

# କବିତା ଦିବସ ପାଳିଲା କେତକୀ ଫାଉଣ୍ଡେଶନ ଟ୍ରଷ୍ଟ



କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବିଶ୍ୱ କବିତା ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥିଙ୍କ ସହ କବିମାନେ।

ଭୁବନେଶ୍ୱର,୨୧।୩ (ସୌମ୍ୟରଞ୍ଜନ ରାଉତ)

ସ୍ୱାଭିମାନ ସହଯୋଗରେ କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶନିବାର ଭାରତୀୟ ବିଦ୍ୟା ଭବନରେ ବିଶ୍ୱ କବିତା ଦିବସ ସହ ବିଶ୍ୱ ଡାଉନ ସିଣ୍ଡ୍ରୋମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟିକ ଅଭିବ୍ୟକ୍ତି ଓ ସାମାଜିକ ସଚେତନତା ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ୱାଭିମାନର ପ୍ରତିଷ୍ଠାତା ଡ. ଶ୍ରୁତି ମହାପାତ୍ର ଯୋଗଦେଇ ସମାଜରେ ସମାନ ସୁଯୋଗ ଓ ସଚେତନତାର ଗୁରୁତ୍ୱ ଉପରେ ଅଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବରେ କବି ପବିତ୍ର ମୋହନ କର, ଡ଼ ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମନୁଆ ଦାସ, ଭାରତ ମାଝୀ, ଭାରଦ୍ୱାଜ ମିଶ୍ର, ସତ୍ୟ ରଞ୍ଜନ ପ୍ରହରାଜ, ରସ୍ମିତା ବେହେରା, ପବିତ୍ର ମୋହନ କରଙ୍କ ସମେତ କବିମାନେ ନିଜସ୍ୱ କବିତା ପାଠ କରିଥିଲେ। ଟ୍ରଷ୍ଟର ସଦସ୍ୟ ଜ୍ୟୋତିରଞ୍ଜନ ସ୍ୱାଇଁଙ୍କ ଦ୍ୱାରା ସ୍ୱାଗତ ଭାଷଣ ଓ କପିଳାଶ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ବାଣ ଗୋଦାମରେ ବିସ୍ଫୋରଣ ଘଟଣା | ଜଣେ କାରିଗରଙ୍କ ମୃତ୍ୟୁ

ବାଲିପାଟଣା,୨୧।୩(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ବନମାଳିପୁର ଫାଣ୍ଡି ଅନ୍ତର୍ଗତ ବାଲିକୁଦା ପାଟଣାସ୍ଥିତ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବାଣ ଗୋଦାମରେ ଗତ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ବିସ୍ଫୋରଣ ହେବାରୁ ଉକ୍ତ ଘରର ଛାତ ଫାଟିଯାଇଥିଲା। ଏହି ଦୁର୍ଘଟଣାରେ ଜଣେ ବାଣ କାରିଗର ଗୁରୁତର ଆହତ ହୋଇଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ରମେଶ ଚନ୍ଦ୍ର ସାହୁ ଓରଫ୍ ଅମନ। ଅନ୍ୟପକ୍ଷରେ ଅଗ୍ନିକାଣ୍ଡ ଯୋଗୁ ପ୍ରାୟ ୩ଲକ୍ଷ ଟଙ୍କାର ବାଣ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ସୂଚନାଥାଉ କି, ମାସରେ ବାଲିପାଟଣାର ନଟିଶୋର ଏକ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ତିନିଜଣ ଗୁରୁତର ଆହତ ହୋଇଥିଲେ। ଏପରିକି ଘରଟି କ୍ଷତିଗ୍ରସ୍ତ ହୋଇଥିଲା।

# ବାଙ୍କୀ ପ୍ରଗତି ପରିଷଦର ସାଙ୍ଗଠନିକ ବୈଠକ

## ନୀଳମୋହନ ସଭାପତି, ନିମାଇଁ ଚରଣ ସମ୍ପାଦକ

ଭୁବନେଶ୍ୱର,୨୧।୩(ସୌମ୍ୟରଞ୍ଜନ ରାଉତ)

ବାଙ୍କୀ ପ୍ରଗତି ପରିଷଦର ଏକ ସାଙ୍ଗଠନିକ ବୈଠକ ସ୍ଥାନୀୟ ଡେଲ୍‌ଟା ଛକ, ୟୁନିଟ୍-୮ସ୍ଥିତ ଜଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନୀଳମୋହନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ନିମାଇଁ ଚରଣ ଦାଶ ସାଙ୍ଗଠନିକ ବିବରଣୀ ଓ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ପ୍ରତିଷ୍ଠାତା ସଭ୍ୟ କୃତ୍ତିବାସ ପଣ୍ଡା ଓ ରଘୁରାମ ଷଡ଼ଙ୍ଗୀ, ବରିଷ୍ଠ ସଭ୍ୟ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ଚୌଧୁରୀ ସରୋଜ ମହାପାତ୍ର, ବିଶ୍ୱନାଥ ସ୍ୱାଇଁ, ଜୟଦେବ ସାମନ୍ତରାୟ, ବିଷ୍ଣୁପ୍ରସାଦ ମିଶ୍ର ପ୍ରମୁଖ ପରିଷଦର ସାଙ୍ଗଠନିକ ବୃଦ୍ଧି, ବାଙ୍କୀର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗତ ୭।୧୦।୨୦୨୫ରିଖରେ ପ୍ରଦାନ କରାଯାଇଥିବା ଦାବିପତ୍ର ଉପରେ ଆଲୋଚନା କରିଥିଲେ। ପରିଷଦର ବାର୍ଷିକ ଅଧିବେଶନ ଜୁନ ୨୧ ତାରିଖ ରବିବାର କରିବାକୁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ପରିଷଦର ମୁଖପତ୍ର 'ରେଣୁକା' ମାଗାଜିନ ପ୍ରକାଶ କରିବା ପାଇଁ ପ୍ରଫେସର ଲକ୍ଷ୍ମଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଆସନ୍ତା ୨ବର୍ଷ ପାଇଁ ପରିଷଦର କର୍ମକର୍ତ୍ତା ଭାବେ ନୀଳମୋହନ ତ୍ରିପାଠୀ(ସଭାପତି), ଚୌଧୁରୀ ସରୋଜ ମହାପାତ୍ର(ଉପସଭାପତି), ନିମାଇଁ ଚରଣ ଦାଶ(ସାଧାରଣ ସମ୍ପାଦକ), ଲକ୍ଷ୍ମଣ ମନ୍ତ୍ରୀ(ସହସମ୍ପାଦକ), ବିଷ୍ଣୁପ୍ରସାଦ ମିଶ୍ର(କୋଷାଧ୍ୟକ୍ଷ), ବିଶ୍ୱନାଥ ସ୍ୱାଇଁ (ସହ କୋଷାଧ୍ୟକ୍ଷ), ବିଷ୍ଣୁପ୍ରସାଦ ତ୍ରିପାଠୀ, ରଘୁନାଥ ଷଡ଼ଙ୍ଗୀ, ଜୟଦେବ ସାମନ୍ତରାୟ, ରାମଚନ୍ଦ୍ର ରାଉତ, ମାୟାଧର ନନ୍ଦ, ଶ୍ରୀନିବାସ ପଣ୍ଡା, ପଦ୍ମଲୋଚନ ସାହୁ, ସୁଶେନ କୁମାର ପଣ୍ଡା, ଅଧିବକ୍ତା ନୀଳମଣି ପ୍ରହରାଜ ଓ ସୁବ୍ରତ କୁମାର ନାୟକଙ୍କୁ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ପ୍ରତିଷ୍ଠାତା ସଭ୍ୟ ରଘୁନାଥ ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଶାଳିଆପତନି ମୃତ

ତ୍ରିଶୁଳିଆ,୨୧।୩(ତୁଷାର କାନ୍ତ ବେହେରା)

ନନ୍ଦନକାନନ କ୍ୱାରେନଟାଇନରେ ରହୁଥିବା ମାଈ ଶାଳିଆପତାନିର ଗତ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ କିଛିଦିନ ହେବ ଜରାୟୁ ରୋଗରେ ପୀଡ଼ିତ ଥିଲା। ବନ୍ୟପ୍ରାଣୀ ଚିକିତ୍ସକ ଚିକିତ୍ସା କରୁଥିଲେ ମଧ୍ୟ ତା'ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହୋଇ ନ ଥିଲା।

## ମାଙ୍କଡ଼ କାମୁଡ଼ାରେ ୫ ଆହତ

ବାଲିଅନ୍ତା,୨୧।୩ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର କାକରୁଦ୍ରପୁର ପଞ୍ଚାୟତ ଅଧୀନ ଖମଙ୍ଗ ଗ୍ରାମରେ ଶନିବାର ମାଙ୍କଡ଼ କାମୁଡ଼ାରେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ଆହତ ହୋଇଛନ୍ତି। ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ ମାଙ୍କଡ଼ଟି ଗୋଡ଼ାଇବା ସହ କାମୁଡିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଆତଙ୍କ ସୃଷ୍ଟି କରୁଥିବା ମାଙ୍କଡ଼କୁ ଧରିବାକୁ ସ୍ଥାନୀୟ ବାସିନ୍ଦା ବନ ବିଭାଗ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

# ପଖାଳ ଦିବସ ପାଳିତ



ପୁରୁଣା ଭୁବନେଶ୍ୱର,୨୧।୩(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ ମହତାବ ରୋଡ୍ ସ୍ଥିତ ନାରାୟଣୀ କ୍ଲବ ପରିସରରେ ଶୁକ୍ରବାର ପଖାଳ ଦିବସ ଅନୁଷ୍ଠିତ ହୋଇଯାଇଛି। ଏକାମ୍ର ସାଂସ୍କୃତିକ ପରିଷଦ ଏବଂ ନାରାୟଣୀ କ୍ଲବ ପକ୍ଷରୁ ଆୟୋଜିତ ଏହି ଦିବସରେ ବରିଷ୍ଠ ବିଜେଡି ନେତା ଦେବୀ ମିଶ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଚୁନା ମାଛ ଚଟଣି, ମାଛ ଭଜା, କଖାରୁ ଫୁଲ ଭଜା, ବଡି ବାଇଗଣ ଭର୍ତ୍ତା. ଟମାଟ ଚଟଣି, ଚିଙ୍ଗୁଡ଼ି, ପୋଟଳ ଓ ଆଳୁ ଭଜା ଭଳି ୨୦ରୁ ଉର୍ଦ୍ଧ୍ୱ ବ୍ୟଞ୍ଜନ ପଖାଳ ସହିତ ପରିବେଷଣ କରାଯାଇଥିଲା। ୧ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ପଖାଳ ଆପ୍ୟାୟିତ କରାଯାଇଥିଲା ବୋଲି ପରିଷଦ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।

**ସର୍ବସାଧାରଣ ନୋଟିସ**

ଏତଦ୍ୱାରା ଜଣାଉଅଛି କି, ମୁଁ ଶ୍ୱେତା ମହାରଣା, ସା-ଦୋଳମୁଣ୍ଡାଇ, ହରିପୁର, କଟକ, ପ୍ଲଟ ନଂ.- ୮୧୮ (୫୧୪), ଖାତା ନଂ.- ୧୪୭ (147), ଏରିଆ Ao.୧୦୫ ଡି., ମୌଜା-ଭୁବନେଶ୍ୱର ସହର ୟୁନିଟ୍ ନଂ-୧୧, ଜିଲ୍ଲା-ଖୋର୍ଦ୍ଧାକୁ ଜମିର ମାଲିକ ରେବିକା ଜେନା ଓଗେରଙ୍କଠାରୁ ଜମି କିଣିବା ପାଇଁ ଅଗ୍ରିମ ଦେଇ ରେଜିଷ୍ଟ୍ରି ଏଗ୍ରିମେଣ୍ଟ କରିଅଛି ଏବଂ ଚୁକ୍ତି ମିଆଦ ଖିଲାପ କରିବାରୁ ଆମ୍ଭେ ଭୁବନେଶ୍ୱର ସିଭିଲ ଜଜ୍ (ସିନିଅର) ଙ୍କ ଅଦାଲତରେ ସିଭିଲ ସୁଟ ନଂ.- ୧୧୦୩/୨୦୨୫ ରେବିକା ଜେନା ଓଗେରଙ୍କ ନାମରେ ମକଦ୍ଦମା ଦାଏର କରିଅଛି ଏବଂ ମାନ୍ୟବର କୋର୍ଟଙ୍କ ପାଖରେ ବିଚାରାଧୀନ ଅଛି । ଏବେ ଆମ୍ଭେ ଶୁଣିବାକୁ ପାଉଛୁ ରେବିକା ଜେନା ଓଗେର ଅଧିକ ଟଙ୍କା ଲୋଭରେ ସେ ପ୍ଲଟକୁ ବିକିବାକୁ ଚାହୁଁଛନ୍ତି । ଏଣୁ ଅନୁରୋଧ ଆପଣ ଭୁଲବଶତଃରେ ଜାଗାକୁ ନ ଦେଖି ଓ କାଗଜପତ୍ର ନ ଦେଖି କିଣିଲେ ଆମ୍ଭେ ଦାୟୀ ହେବୁ ନାହିଁ । ସ୍ୱା./- ଶ୍ୱେତା ମହାରଣା


**GOVT. OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI**
AT/PO: PARALAKHEMUNDI, DIST: GAJAPATI.
e-mail- eemi_gajapati@yahoo.co.in eemigajapatiparalakhemundi@gmail.com
**e-Procurement Notice No. 809 Date. 19/03/2026**
**BID IDENTIFICATION NO. MIDGJP-08/2025-26**

No.32001/233/2526 : The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double** Cover System in **ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.
1. Name of the work : **Improvement to Minor Irrigation Projects under Critical Scheme/ 2026-27.**
2. No. of works : **2 Nos. (Two)**
3. Estimated cost **Rs. 59.00 to 84.00 Lakhs.**
4. Class of Contractor : **"B" class Contractor**
5. Period of completion : **6 (Six)** calendar months (Including Rain Season)
6. Date and time of availability of bid documents in the portal: from **10.30 Hours of 26.03.2026 to 17.00 Hours of 04.04.2026**.
7. Last date/time for receipt of bids in the portal : **17.00 Hours of 04.04.2026**
8. Date of opening of Technical Bid: 11.00 Hours on 06.04.2026.
9. Name and address of the Officer inviting Bid : Superintending Engineer, Minor Irrigation Division, Gajapati, At/PO- Paralakhemundi, Dist.- Gajapati. PIN-761200
Further details can be seen from the e-procurement portal https://tendersodisha.gov.in

**Sd./- Superintending Engineer**
**MI Division, Gajapati**
**Paralakhemundi**
OIPR-32001/32013/1/25-26/0001


# ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ସ୍ୱର୍ଣ୍ଣ ଜୟନ୍ତୀ

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)



ସ୍ୱର୍ଣ୍ଣ ଜୟନ୍ତୀ ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ସ୍ୱର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଭୂତି ଭୂଷଣ ମହାନ୍ତି ଯୋଗଦେଇ ଭାରତର ବିକାଶ ସମ୍ବନ୍ଧୀୟ ଚିନ୍ତାଧାରା ଏବଂ ଭାରତୀୟ ଜ୍ଞାନ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ମିଜୋରାମ ପାର୍ବତ୍ୟାଞ୍ଚଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଆର. କେ. ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଖାଳର ଉଦାହରଣ ଦେବା ସହ ସ୍ୱତନ୍ତ୍ରତା, ପରିଚୟ ଏବଂ ପ୍ରତୀକବାଦ ଉପରେ କହିଥିଲେ। ଭୋପାଳର ପ୍ରଫେସର ଏସ. ଏନ. ଚୌଧୁରୀ ବରକତୁଲ୍ଲା ବିଶ୍ୱବିଦ୍ୟାଳୟର ସମ୍ମାନିତ ଅତିଥି ସ୍ୱଦେଶୀ ପରିଚୟର ବିକାଶ ପଥ ସହିତ ସମ୍ପର୍କ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅଧିବେଶନରେ ପ୍ରଫେସର ବିନୟ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ।

ଏହି ଅବସରରେ 'ବିକାଶ ଓ ଭାରତୀୟ ଜ୍ଞାନପ୍ରଣାଳୀ ଉପରେ ପୁନର୍ବିଚାର: ଏକ ସମାଜ ଶାସ୍ତ୍ରୀୟ ପ୍ରତିଫଳନ' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିନରେ ବିକାଶ, ସ୍ଥାନ ପରିବର୍ତ୍ତନ ଏବଂ ପ୍ରତିଯୋଗିତା ଉପରେ ପ୍ରଥମ ପ୍ଲିନାରୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ପିଆଇବି ଏବଂ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଏକବିଂଶ ଶତାବ୍ଦୀରେ ଗଣମାଧ୍ୟମ ଏବଂ ବିକାଶର ଭୂମିକା ଉପରେ ଆଲୋକପାତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ବାଲଗୋବିନ୍ଦ ବାବୁ ଅଧ୍ୟକ୍ଷତା କରିଥିଲେ। ଡ. ବୀରେନ୍ଦ୍ର ସୁନା ଓଡ଼ିଶାରେ ସ୍ୱଦେଶୀ ନୈତିକତା, ସାମୂହିକ ଲକ୍ଷ୍ୟ ଏବଂ ତୃଣମୂଳ ଶାସନ ବିଷୟ ଉପରେ ଆଲୋକପାତ କରିଥିଲେ। ଡକ୍ଟର ସୀମା ମଲ୍ଲିକ, ଡକ୍ଟର ସ୍ୱପ୍ନାପ୍ରଭୁ, ଡକ୍ଟର ଧୀରଜ କୁମାର, ଡକ୍ଟର ସୁଭାସିସ ସାହୁ ଏବଂ ଡକ୍ଟର ଧନଞ୍ଜୟ କୁମାର ଭାରତରେ ସ୍ୱଦେଶୀ ଜ୍ଞାନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପ୍ଲିନାରୀ ଅଧିବେଶନ ପରିବେଶ, ପରିବେଶ ବିଜ୍ଞାନ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀ ଉପରେ ପର୍ଯ୍ୟବସିତ ଥିଲା। ଆଇଆଇଟି କାନପୁରର ପୂର୍ବତନ ପ୍ରଫେସର ବିନୟ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ନାଗରାଜୁ ଗୁଣ୍ଡିମେଡା, ଶ୍ରୀଲଙ୍କା ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ଡ. ଉପୁଲ ଲେକାମଗେ, ଆମେରିକାର ୱାର୍ଲ୍ଡ ଏକାଡେମୀ ଅଫ୍ ଆର୍ଟସ ଆଣ୍ଡ ସାଇନ୍ସର ପ୍ରଫେସର ଥୋମାସ ରୟଟର, ଆମେରିକାର ସାନ୍ତାକ୍ରୁଜସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ ଏବଂ ଦକ୍ଷିଣ ଆଫ୍ରିକାର କ୍ୱାଜୁଲୁ-ନାଟାଲ ବିଶ୍ୱବିଦ୍ୟାଳୟର ଜୟନାଥନ ଗୋଭେଣ୍ଡର ପ୍ରମୁଖ ଭର୍ଚ୍ଚୁଆଲରେ ଆଲୋଚନା କରିଥିଲେ। 'ସହରାଞ୍ଚଳ ବିକାଶ, ପରିବର୍ତ୍ତନ ଏବଂ ସ୍ଥିରତା ବିଷୟବସ୍ତୁ ଉପରେ ଏକ ବୈଷୟିକ ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ସୃଜନଶୀଳ ରଚନା, କବିତା ଏବଂ କଳାକୃତି ସମ୍ବଳିତ ବାର୍ଷିକ ବିଭାଗୀୟ ପତ୍ରିକା 'ଲୁକିଙ୍ଗ ଗ୍ଲାସ ସେଲ୍ଫ' ମଧ୍ୟ ଉନ୍ମୋଚନ କରାଯାଇଥିଲା। ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ରବୀନ୍ଦ୍ର ଗରଡା ଏବଂ ସମ୍ପାଦକ ଡ. ଦୀନବନ୍ଧୁ ସାହୁ ସମାଜବିଜ୍ଞାନ ବିଦ୍ୟାର୍ଥୀଙ୍କ ପାଇଁ ସୃଜନଶୀଳ ଚିନ୍ତାଧାରାର ଆବଶ୍ୟକତା ରହିଥିବା କହିଥିଲେ। ଅନ୍ୱେଷା ପାଣିଗ୍ରହୀ ଧନ୍ୟବାଦ ଅର୍ପଣ କରିଥିଲେ।


No.32001/232/2526

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. ACECIC - 15/2025-26**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, BHUBANESWAR | PRD-08/2025-26 | Protection to Scoured Bank on KSDR Embankment from RD.13.400 Km to 13.725 Km. | 248.90 | 249000/- (Online) | 10000/- (Online) | "B" & "A" Class | 24.03.2026 At 10.00 Hours | 07.04.2026 At 17.00 Hours | 08.04.2026 At 11.00 Hours | 06 (Six Calendar Months) |

e-mail ID : secic_dowr@yahoo.com
Further detail conditions can be seen from Govt. website www.tenderorissa.gov.in

**Sd./- Additional Chief Engineer,**
**Central Irrigation Circle**
OIPR-32001/32160/1/25-26/0001



BHUBANESWAR Smart

**Bhubaneswar Smart City Limited**
5th Floor, ICOMC Tower, Bhoi Nagar, Unit-IX, Bhubaneswar- 751022
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone-0674-2548428 FAX: 0674-2540811

No.13001/709/2526
**Bid Identification No. 511**
**NOTICE INVITING BID**
**Dt. 19-03-2026**

The General Manager-I invites proposals from the agencies for Upgradation, Commissioning and Maintenance of Adaptive Traffic Signals at 50 Junctions, 6 Pelicans and 5 Blinkers along with Supply, installation, commissioning and maintenance of new Adaptive Traffic Signal Control System at 25 Locations with Emergency Vehicle Priority System, including Implementation and Maintenance of Traffic Management Analytics Solution along with Simulation and Prediction Module in Bhubaneswar City.

| Sl. No. | Name of the Work | Concerned Nodal Officer with Head quarters | EMD/Bid Security (in Rs.) (Offline) | Cost of Bid Document (in Rs.) (Offline) | Period of Service |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | Selection of agency for Upgradation, Commissioning and Maintenance of Adaptive Traffic Signals at 50 Junctions, 6 Pelicans and 5 Blinkers along with Supply, installation, commissioning and maintenance of new Adaptive Traffic Signal Control Syatem at 25 Locations with Emergency Vehicle Priority System, including Implementation and Maintenance of Traffic Management Analytics Solution along with Simulation and Prediction Module in Bhubaneswar City | General Manager-I | Rs.50,00,000/- | Rs.11,800/- (Tender Cost : Rs.10,000/- + G.S.T. Rs.1,800/-) | 6 Years and 270 Days |

1. The REQUEST FOR PROPOSAL document shall be available in the website https://tendersodisha.gov.in/ from 20-03-2026 (05:00 PM) to 04-04-2026 (05:00 P.M) for online bidding. The bidders have to participate in ONLINE bidding only. The web-site for "ONLINE BIDDING" is https://tendersodisha.gov.in/.
2. The Bidders shall submit an amount of Rs. 10,000/- +18% GST towards cost of RFP in shape of DD (Non-refundable) column No.5 drawn from any Nationalize/Scheduled Bank payable at Bhubaneswar in favour of Bhubaneswar Smart City Limited.
3. After the date & time of receipt of bid is over, the original Bid security and Demand Draft towards cost of bid documents shall be submitted in the office of the undersigned on or before 11:30 hours of 06-04-2026, during office hours on working days failing which the bid will be rejected.
4. The technical bid will be opened on 06-04-2026 at 15:30 hours in the board room of Bhubaneswar Smart City Limited, 5th Floor, ICOMC Tower, Bhoi Nagar, Unit - 9, Bhubaneswar - 751022, Odisha in the presence of bidders/representative who wish to attend. If the office happens to be closed on the schedule date of opening of the tender then the bid will be opened on the next working day at same time and same venue.
5. The Competent Authority reserves the right to postpone/cancel the REQUEST FOR PROPOSAL and intimation thereof will be sent by e-mail to the Bidders.
6. Further details with any addendum, corrigendum and cancellation can be seen from the website https://tendersodisha.gov.in/.

**Sd./- General Manager-I**
**Bhubaneswar Smart City Limited**
OIPR-13001/13070/1/25-26/0008

## ବାଙ୍କୀ ବ୍ଲକ କାର୍ଯ୍ୟାଳୟରୁ ସିସିଟିଭି ଚୋରି

ବାଙ୍କୀ, ( ଶୁଭେନ୍ଦୁ ମହାପାତ୍ର) : ବାଙ୍କୀ ବ୍ଲକର ପ୍ରାକ୍ତନ ବିଡିଓ ସଂଗ୍ରାମ କେଶରୀ ଭୋଳ ଅଫିସ କାର୍ଯ୍ୟ ଓ ଜନ ସାଧାରଣ ସୁବିଧା ଓ ଗତିବିଧି ଲକ୍ଷ୍ୟ କରିବା ଉଦ୍ଦେଶ୍ୟରେ ବ୍ଲକ କାର୍ଯ୍ୟାଳୟରେ ସିସିଟିଭି ଲଗାଇଥିଲେ। ହଠାତ୍ ବିଡିଓଙ୍କ ବଦଳି ହେବା ପରେ ପରେ ରାତାରାତି ଦୁର୍ବୃତ୍ତ ମାନେ ଅଫିସ କାର୍ଯ୍ୟାଳୟରୁ ସିସିଟିଭି ଚୋରି କରି ନେଇଥିବା ଜଣାପଡ଼ିଛି। ନୂତନ ବିଡିଓ ଭାବେ ଅଗ୍ନିଜା ଶିବଦତ୍ତ ନିଯୁକ୍ତି ଗ୍ରହଣ କରିବା ପୂର୍ବରୁ ସିସିଟିଭି ଚୋରି ହୋଇଥିବା ବେଳେ ଏ ବିଷୟରେ ସେ କିଛି ଜାଣିନଥିବ କହିଛନ୍ତି। ତଦନ୍ତ ପରେ ବ୍ଲକ କାର୍ଯ୍ୟାଳୟରୁ କିଏ ଚୋରି କରିଛନ୍ତି ତାହା ଜଣାପଡ଼ିବ ବୋଲି ବିଡିଓ ଶିବଦତ୍ତ କହିଛନ୍ତି ।

## ସଂକ୍ଷେପରେ

### ମା' ବୁଢ଼ୀ ମଙ୍ଗଳାଙ୍କ ଚନ୍ଦ୍ରଘଣ୍ଟା ବେଶ



ଟିଗିରିଆ,୨୧।୩(ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଠାକୁରାଣୀ ମା'ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତୀକ ଦୁର୍ଗାପୂଜାର ଶନିବାର ତୃତୀୟ ଦିବସରେ ମା' ଭକ୍ତମାନଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଛନ୍ତି।

### ଜୁଆଆଡ୍ଡାରେ ଚଢ଼ାଉ, ୩ ଗିରଫ

ବାରଙ୍ଗ,୨୧।୩(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ପୋଲିସ ଦାଢାପାଟଣା ଅଞ୍ଚଳର ଏକ ଜୁଆଆଡ୍ଡାରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାହୁଲ ପରିଡ଼ା, ଚନ୍ଦନ ପାତ୍ର ଏବଂ ବିନୋଦ ସେଠୀ। ଜୁଆ ସାମଗ୍ରୀ ସହିତ ୧୬,୨୦୦ ଟଙ୍କା ଜବତ କରାଯାଇଛି। ଦାଢ଼ାପାଟଣା ଗ୍ରାମରେ ଶୁକ୍ରବାର ରାତିରେ ଅପେରା ଚାଲୁଥିବା ବେଳେ ଏହାର ସୁଯୋଗରେ ଜୁଆ ଖେଳ ହେଉଥିଲା। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ଏକ ଟିମ୍ ସହ ଜୁଆଆଡ୍ଡାରେ ଚଢ଼ାଉ କରିଥିଲେ। ଅନ୍ଧାର ସୁଯୋଗ ନେଇ କେଜେଣ ଖସି ପଳାଇଥିବା ବେଳେ ୩ଜଣ ଧରାପଡ଼ିଥିଲେ।

### ହୃଦ୍‌ଘାତରେ ପାଚିକାଙ୍କ ପରଲୋକ

ତ୍ରିସୁଲିଆ,୨୧।୩(ତୁଷାର କାନ୍ତ ବେହେରା): ନନ୍ଦନକାନନ ସରକାରୀ ଉଚ୍ଚ ବିଦ୍ୟାଳୟର ପାଚିକା ମଞ୍ଜୁଲତା ବେହେରାଙ୍କ ଶନିବାର ମଧ୍ୟାହ୍ନରେ ହୃଦଘାତରେ ପରଲୋକ ଘଟିଛି। ତାଙ୍କୁ ୪୭ବର୍ଷ ହୋଇଥିଲା। ସେ ନନ୍ଦନକାନନ ନିକଟ ଏକ ଘଡାଘରେ ପରିବାର ସହିତ ରହୁଥିଲେ। ହଠାତ୍ ମଞ୍ଜୁଲତାଙ୍କ ଛାତିରେ ଯନ୍ତ୍ରଣା ହେବା ସହ ଟଳିପଡି ମୃତ୍ୟୁବରଣ କରିଛନ୍ତି ବୋଲି ସ୍ୱାମୀ ଯୁଗଳ ବେହେରା କହିଛନ୍ତି। ସେ ଦୀର୍ଘ ୧୫ବର୍ଷ ହେବ ନନ୍ଦନକାନନ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ନନ୍ଦନକାନନ କଲୋନୀରେ ଶୋକରଛାୟା ଖେଳିଯାଇଛି।

### ନନ୍ଦନକାନନରେ ଶାଳିଆପତନି ମୃତ

ତ୍ରିସୁଲିଆ,୨୧।୩(ତୁଷାର କାନ୍ତ ବେହେରା): ନନ୍ଦନକାନନ ପ୍ରାଣୀ ଉଦ୍ୟାନର କ୍ୱାରେନଟାଇନରେ ରହୁଥିବା ମାଈ ଶାଳିଆପତାନିର ଗତ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ କିଛିଦିନ ହେବ ଜରାୟୁ ରୋଗରେ ପୀଡ଼ିତ ଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ଚିକିତ୍ସା କରୁଥିଲେ ମଧ୍ୟ ତା'ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହୋଇ ନ ଥିଲା। ଶେଷରେ ତାର ମତ୍ୟୁ ଘଟିଥିଲା ବୋଲି ଜନ୍ତୁ ବିଭାଗ ପକ୍ଷରୁ କୁହାଯାଇଛି।

### ୨୩ରେ ଜାତମୁଣ୍ଡିଆରେ ଜିଲାପାଳଙ୍କ ଜନଶୁଣାଣି

ତାଳବସ୍ତ,୨୧।୩(ସୁବ୍ରତକୁମାରନାୟକ) ବାଙ୍କୀ ଜାତମୁଣ୍ଡିଆ ପଞ୍ଚାୟତ ଭବନରେ ୨୩ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏନେଇ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, କଟକର ଉପନିର୍ଦ୍ଦେଶକ ପତ୍ର ସଂଖ୍ୟା (ନଂ. ୬୦୫ /୨୦।୩ ।୨୦୨୬ ମାଧ୍ୟମରେ ସୂଚନା ଦିଆଯାଇଛି। ବାଙ୍କୀ ପ୍ରଶାସନ ତରଫରୁ ଏଥିପାଇଁ ବନ୍ଦୋବସ୍ତ କରାଯାଇଛି । ଶିବିରରେ ବାଙ୍କୀ ଓ ଡମପଡ଼ା ବ୍ଲକର ସମସ୍ତ ପଞ୍ଚାୟତର ଜନସାଧାରଣ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି।

### ହାଇୱା-ଟ୍ରକ୍ ମୁହାଁମୁହିଁ ଧକ୍କା,୨ ଗୁରୁତର

ବାରଙ୍ଗ,୨୧।୩(ଲିଙ୍ଗରାଜ ରାଉତ): ଗୋଡ଼ିସାହି ଫାଣ୍ଡି ଅଧୀନ ଗୋବିନ୍ଦପୁର ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାଇୱା ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିର ଚାଳକ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା।

# ଦେଶଭକ୍ତିରେ ଭିଜାଇଲା ସାଲ୍ୟୁଟ ତ୍ରିରଙ୍ଗା

କଟକ,୨୧।୩(କାର୍ତ୍ତିକ ସାହୁ)



ଶହୀଦ ଭବନରେ ସାଲ୍ୟୁଟ୍ ତ୍ରିରଙ୍ଗା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଶହୀଦ ଭଗତ ସିଂହ, ଜୟୀ ରାଜଗୁରୁ ଏବଂ ସୁଖଦେବଙ୍କ ପବିତ୍ର ସ୍ମୃତିରେ ରାଷ୍ଟ୍ରଭକ୍ତିର ଭାବନା ଶହୀଦ ଭବନ ପ୍ରେକ୍ଷାଳୟକୁ ଗୁଞ୍ଜରିତ କରିଥିଲା। ରାଷ୍ଟ୍ରବାଦୀ ସଂଗଠନ ସାଲ୍ୟୁଟ ତ୍ରିରଙ୍ଗା ଦ୍ୱାରା ଶନିବାର ସନ୍ଧ୍ୟାରେ ଶହୀଦମାନଙ୍କ ନାମରେ ଆୟୋଜିତ କାର୍ଯ୍ୟକ୍ରମ ଦେଶଭକ୍ତିରେ ଭିଜାଇଥିଲା ସମସ୍ତଙ୍କୁ। ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ପ୍ରଦେଶ ସଂରକ୍ଷକ ବିଜୟ ଖଣ୍ଡେଲୱାଲ, ଗଣେଶ ପ୍ରସାଦ କନ୍ଦୋଇ, ଉପେନ୍ଦ୍ର ସିଂହ, କଟକ ମାରୱାଡି ସମାଜର ଅଧ୍ୟକ୍ଷ ସଞ୍ଜୟ କୁମାର ଶର୍ମା, ପ୍ରଦେଶ ଅଧ୍ୟକ୍ଷ ଶୈଳେଶ କୁମାର ବର୍ମା, କାର୍ଯ୍ୟକ୍ରମ ସଂଯୋଜକ ମନୋଜ ଶର୍ମା, ସଚିବ କମଲ ସିକାରିଆ ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସାଲ୍ୟୁଟ ତ୍ରିରଙ୍ଗାର ଜାତୀୟ ଅଧ୍ୟକ୍ଷ ରାଜେଶ ଝା ଶହୀଦମାନଙ୍କ ବଳିଦାନକୁ ନମନ କରି ରାଷ୍ଟ୍ରସେବା ପାଇଁ ଆଗକୁ ଆସିବା ନିମନ୍ତେ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଦେଶ ସଂରକ୍ଷକ ନରେଶ ଗନେରିୱାଲ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। ଏହି ଅବସରରେ ସାହସିକତା ଓ ନିରନ୍ତର ଭାବରେ ଦେଶର ସୁରକ୍ଷାରେ ନିୟୋଜିତ ସୈନିକ ଚିତ୍ତରଞ୍ଜନ ନାୟକ, ସୁରେନ୍ଦ୍ର କୁମାର ସାହୁ, ଉଦୟନାଥ ସେଠୀ, ଶ୍ରୀକାନ୍ତ ଚନ୍ଦ୍ର ଦାସ, ଆରପିଏଫ୍ କନଷ୍ଟେବଲ ସ୍ମୃତିରଞ୍ଜନ ସାହୁ, ସରସ୍ୱତୀ ରାଉତ ଏବଂ ସୀମାରେ କର୍ତ୍ତବ୍ୟ ପାଳନ ସମୟରେ ଶହୀଦ ହୋଇଥିବା ଅମର କୁମାର ଜୟା ସିଂଙ୍କ ପରିବାର ସଦସ୍ୟଙ୍କୁ ରାଷ୍ଟ୍ର ପ୍ରହରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ମାନ ପ୍ରଦାନ ସମୟରେ ପ୍ରସ୍ତୁତ ଦେଶଭକ୍ତିମୟ ଗୀତ ସମଗ୍ର ସଭାଗୃହକୁ ଭାବବିହ୍ୱଳ କରିଥିଲା। ମୁକୁନ୍ଦ କୁମାର ସିହ୍ନା, ସୁନୀଲ କୁମାର ଶର୍ମା, ପ୍ରକାଶ ଅଗ୍ରୱାଲ, ରାଜେଶ ଚୌଧୁରୀ, ଅମନ ଚତୁର୍ବେଦୀ, ପାରଶନାଥ ଶାହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଙ୍କୀ ପ୍ରଗତି ପରିଷଦର ସାଙ୍ଗଠନିକ ବୈଠକ

## ନୀଳମୋହନ ସଭାପତି, ନିମାଇଁ ଚରଣ ସମ୍ପାଦକ

ଭୁବନେଶ୍ୱର,୨୧।୩ (ସୌମ୍ୟରଞ୍ଜନ ରାଉତ):

ବାଙ୍କୀ ପ୍ରଗତି ପରିଷଦର ଏକ ସାଙ୍ଗଠନିକ ବୈଠକ ସ୍ଥାନୀୟ ଡେଲ୍‌ଟା ଛକ, ୟୁନିଟ୍-୮ସ୍ଥିତ ଜଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନୀଳମୋହନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ନିମାଇଁ ଚରଣ ଦାଶ ସାଙ୍ଗଠନିକ ବିବରଣୀ ଓ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ପ୍ରତିଷ୍ଠାତା ସଭ୍ୟ କୃତ୍ତିବାସ ପଣ୍ଡା ଓ ରଘୁରାମ ଷଡ଼ଙ୍ଗୀ, ବରିଷ୍ଠ ସଭ୍ୟ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ଚୌଧୁରୀ ସରୋଜ ମହାପାତ୍ର, ବିଶ୍ୱନାଥ ସ୍ୱାଇଁ, ଜୟଦେବ ସାମନ୍ତରାୟ, ବିଷ୍ଣୁପ୍ରସାଦ ମିଶ୍ର ପ୍ରମୁଖ ପରିଷଦର ସାଙ୍ଗଠନିକ ବୃଦ୍ଧି, ବାଙ୍କୀର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗତ ୭।୧୦।୨୦୨୫ରିଖରେ ପ୍ରଦାନ କରାଯାଇଥିବା ଦାବିପତ୍ର ଉପରେ ଆଲୋଚନା କରିଥିଲେ। ପରିଷଦର ବାର୍ଷିକ ଅଧିବେଶନ ଜୁନ ୨୧ ତାରିଖ ରବିବାର କରିବାକୁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ପରିଷଦର ମୁଖପତ୍ର 'ରେଣୁକା' ମାଗାଜିନ ପ୍ରକାଶ କରିବା ପାଇଁ ପ୍ରଫେସର ଲକ୍ଷ୍ମଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଆସନ୍ତା ୨ବର୍ଷ ପାଇଁ ପରିଷଦର କର୍ମକର୍ତ୍ତା ଭାବେ ନୀଳମୋହନ ତ୍ରିପାଠୀ(ସଭାପତି), ଚୌଧୁରୀ ସରୋଜ ମହାପାତ୍ର (ଉପସଭାପତି), ନିମାଇଁ ଚରଣ ଦାଶ (ସାଧାରଣ ସମ୍ପାଦକ), ଲକ୍ଷ୍ମଣ ମନ୍ତ୍ରୀ (ସହସମ୍ପାଦକ), ବିଷ୍ଣୁପ୍ରସାଦ ମିଶ୍ର (କୋଷାଧ୍ୟକ୍ଷ), ବିଶ୍ୱନାଥ ସ୍ୱାଇଁ (ସହ କୋଷାଧ୍ୟକ୍ଷ), ବିଷ୍ଣୁପ୍ରସାଦ ତ୍ରିପାଠୀ, ରଘୁନାଥ ଷଡ଼ଙ୍ଗୀ, ଜୟଦେବ ସାମନ୍ତରାୟ, ରାମଚନ୍ଦ୍ର ରାଉତ, ମାୟାଧର ନନ୍ଦ, ଶ୍ରୀନିବାସ ପଣ୍ଡା, ପଦ୍ମଲୋଚନ ସାହୁ, ସୁଶେନ କୁମାର ପଣ୍ଡା, ଅଧିବକ୍ତା ନୀଳମଣି ପ୍ରହରାଜ ଓ ସୁବ୍ରତ କୁମାର ନାୟକଙ୍କୁ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ପ୍ରତିଷ୍ଠାତା ସଭ୍ୟ ରଘୁନାଥ ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଧାୟକଙ୍କ ରୋଡ୍ ଶୋ'କୁ ନେଇ ବର୍ଷିଲେ ଦେବାଶିଷ

## ଗୋବର ପାଣି ପକାଇ ବିଶୋଧିତ କଲା କଂଗ୍ରେସ

ବାଙ୍କୀ,୨୧।୩(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର) :



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ମତ ରଖୁଛନ୍ତି ।

ରାଜ୍ୟ ସଭା ନିର୍ବାଚନରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କ୍ରସ୍ ଭୋଟିଂ କରି ଦଳ ନିୟମକୁ ଉଲ୍ଲଂଘନ ସହ ବାଙ୍କୀର ସ୍ୱାଭିମାନକୁ ନଷ୍ଟ କରିଥିବା ପ୍ରସଙ୍ଗରେ ବାଙ୍କୀର ପୂର୍ବତନ କଂଗ୍ରେସ ବିଧାୟକ ଦେବାଶିଷ ପଟ୍ଟନାୟକ ଶନିବାର ପୁଣି ଥରେ ଖବରଦାତା ସମ୍ମିଳନୀରେ ବର୍ଷିଛନ୍ତି। ଦେବାଶିଷ ଉଭୟ ବିଧାୟକ ଦେବୀରଞ୍ଜନ ଏବଂ ତାଙ୍କ ବାପା ତଥା ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ ଭର୍ତ୍ସନା କରିଛନ୍ତି। ଏବିରୋଧ କଂଗ୍ରେସର ନୁହେଁ, ଏହା ସ୍ୱାଭିମାନୀ ବାଙ୍କୀବାସୀଙ୍କ ଲଢ଼େଇ ବୋଲି ଦେବାଶିଷ କହିଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ଏକ ପଥପ୍ରାନ୍ତ ସଭାରେ ଦେବାଶିଷ କହିଥିଲେ, ବାଙ୍କୀ ବିଧାୟକ ନିଜର ସ୍ୱାର୍ଥ ପାଇଁ ବାଙ୍କୀବାସୀଙ୍କ ମାନସମ୍ମାନକୁ ମାଟିରେ ମିଶାଇଛନ୍ତି। ପୂର୍ବରୁ ବିଧାୟକଙ୍କ ବାପା ପ୍ରଭାତ ତ୍ରିପାଠୀ ଚିଟ୍‌ଫଣ୍ଡ ମାମଲାରେ ଗିରଫ ହୋଇ ଜେଲ ଭୋଗି ବାଙ୍କୀ ମାଟିକୁ ବଦନାମ କରିଥିଲେ, ଯାହାକି ସାରା ଓଡ଼ିଶାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଶୁକ୍ରବାର ବାଙ୍କୀ ବିଧାୟକ ଦେବୀରଞ୍ଜନ ଏକ ରୋଡ ଶୋ' କରିଥିଲେ। ବଞ୍ଚିଥିବା ପର୍ଯ୍ୟନ୍ତ ବାଙ୍କୀବାସୀଙ୍କ ସେବା ସହ ବାପା ପ୍ରଭାତ ତ୍ରିପାଠୀ ଏବଂ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ବାଙ୍କୀର ଉନ୍ନତି କରିବେ ବୋଲି କହିବା ସହିତ ବିରୋଧୀ କଂଗ୍ରେସର ବୈମାତୃକ ମନୋଭାବ ଯୋଗୁ ବାଙ୍କୀବାସୀଙ୍କ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରି ନାହିଁ। କଂଗ୍ରେସ ସଦାବେଳେ ଉନ୍ନତିମୂଳକ କାର୍ଯ୍ୟରେ ବାଧାସୃଷ୍ଟି କରିବା ବ୍ୟତୀତ ଅନ୍ୟ କିଛି ଜାଣିନାହିଁ ବୋଲି ଦେବୀରଞ୍ଜନ କହିଥିଲେ। ବିଧାୟକ ଦେବୀରଞ୍ଜନଙ୍କ ଏଭଳି ମନ୍ତବ୍ୟ ପରେ ଶନିବାର ଦେବାଶିଷ ପୁଣି ମୁହଁ ଖୋଲିଛନ୍ତି। ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ଦେବାଶିଷ କହିଥିଲେ, ଏ ଲଢେଇ କଂଗ୍ରେସର ନୁହେଁ ବାଙ୍କୀବାସୀଙ୍କ। ବିଧାୟକ ଭୋଟ ବିକ୍ରି କରି ବାଙ୍କୀମାଟିର ଗରିମା ନଷ୍ଟ କରିଛନ୍ତି। ବାଙ୍କୀର ଯେଉଁ ଲୋକ ବିଧାୟକଙ୍କୁ ସମର୍ଥନ ଦେଇଛନ୍ତି, ସେମାନେ ମଧ୍ୟ ଲୋଭ ମୋହ ମାୟାରେ ପଡ଼ି ନିଜ ସ୍ୱାର୍ଥ ପାଇଁ ସମର୍ଥନ ଜଣାଇଛନ୍ତି। ୨୪ ବର୍ଷ ବିଜେଡି ସରକାରରେ ବାପାପୁଅ ବିଧାୟକ ରହି ବାଙ୍କୀର କୌଣସି ଉନ୍ନତିମୂଳକ କାର୍ଯ୍ୟ କରିନାହାନ୍ତି। ଯଦି ସତ୍‌ସାହସ ଅଛି ତେବେ ବାଙ୍କୀରେ ବିଧାୟକ ଥିବାବେଳେ କ'ଣ ଉନ୍ନତି କରିଛନ୍ତି, ସେନେଇ ଏକ ଜନମଞ୍ଚରେ ଉତ୍ତର ଦେଇପାରିବେ କି ବିଧାୟକ ବୋଲି ଦେବାଶିଷ ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ବାଙ୍କୀବାସୀ ବିଧାୟକଙ୍କୁ ବିରୋଧ କରିବେ। ଅନ୍ୟପଟେ କଂଗ୍ରେସ ପକ୍ଷରୁ ବାଙ୍କୀକୁ ଗୋବର ପାଣି ପକାଇ ବିଶୋଧିତ କରାଯାଇଛି। ଖବରଦାତା ସମ୍ମିଳନୀରେ ନଗର କଂଗ୍ରେସ ସଭାପତି କାଶିନାଥ ମହାପାତ୍ର, ନଗର କଂଗ୍ରେସ ଉପଦେଷ୍ଟା କ୍ଷେତ୍ରବାସୀ ଦାସ, ଯୁବକଂଗ୍ରେସ ସଭାପତି ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଇଦ ପର୍ବରେ ସାମିଲ ହେଲେ ବିଧାୟକ ରଣେନ୍ଦ୍ର

ମଙ୍ଗୁଳି-ଜଗତପୁର,୨୧।୩(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଡାଳିଯୋଡ଼ା ବ୍ରହ୍ମପୁରସ୍ଥିତ ମସଜିଦ ନିକଟରେ ଡାଳିଯୋଡ଼ା ବ୍ରହ୍ମପୁର ଓ ଜେମାଦେଇପୁର ମୁସଲିମ ବସ୍ତି ପକ୍ଷରୁ ଇଦ ପର୍ବ ଶନିବାର ପାଳିତ ହୋଇଯାଇଛି। ସେକ୍ ସାହାଜାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏକତ୍ରିତ ହୋଇ ରହି ଜାତି ଓ ମାଟି ପାଇଁ କର ବୋଲି କହିଥିଲେ। ଅନ୍ୟମାନନଙ୍କ ମଧ୍ୟରେ ସେକ ଶୋଭାନ, ସେକ ଜାହିର, ସେକ ଅମନ, ସେକ ଆଲାମ, ସେକ ଲୋକମାନ, ସୁବ ଖାଁ, ମମଦଲି ଖାଁ, କମା ଖାଁ, ସେକ ସାଦତ, ସେକ ଉମର ଖାଁ, ଅସରାଫ ଖାଁ, ସେକ ରହେମନ, ସେକ ସୋଲତାନ, ସେକ ରାଜନ, ସେକ ହସନ, ସେକ ରାହେମତ, ପିରୁ ସାହା, ଜଲିଲ ଖାଁ, ଅଜୟ ପାତ୍ର, ଅଶୋକ ପରିଡା, ରବୀନ୍ଦ୍ର ସାହୁ, ଜଗନ୍ନାଥ ଦାସ, ସରୋଜ ଖଟୁଆ, ଅମୂଲୀ ସାହୁ, ମାଧବ ବେହେରା, ପ୍ରଶାନ୍ତ ମଳିକସେକ ୟସୀମ (ମସଜିଦ ଇମାମ), ସେକ ମନନ, ସେକ ହନାନ, ସେକ ତାହିର, ବିଜୟ ଜେନା ପ୍ରମୁଖ ଇଦ ପର୍ବ ପାଳନ କରିଥିଲେ।

# ରଗଡ଼ିରେ ଇଦ୍-ଉଲ୍-ଫିତର ପାଳିତ




ତାଳବସ୍ତ, ୨୧।୩ (ସୁବ୍ରତ କୁମାର ନାୟକ)

ମାସେ ତଳେ ରମଜାନରୁ ଆରମ୍ଭ ହୋଇଥିବା ମୁସଲମାନ ସମ୍ପ୍ରଦାୟର ପର୍ବ ଶନିବାର ଇଦ୍-ଉଲ୍-ଫିତର ଦିବସରେ ଶେଷ ହୋଇଯାଇଛି। ବାଙ୍କୀର ରଗଡି, ନରଗାଙ୍ଗ ଏବଂ ପଙ୍ଗାରସିଂହ ଗ୍ରାମରେ ଏହା ମହାସମାରୋହରେ ପାଳିତ ହୋଇଯାଇଛି। ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡି ପଞ୍ଚାୟତରେ ଏହି ସମ୍ପ୍ରଦାୟର ପ୍ରାୟ ୩୦ ପରିବାର ବସବାସ କରୁଥିବାବେଳେ ସେମାନେ ଇଦ୍-ଉଲ୍-ଫିତର ଦିବସ ପାଳନ କରିଛନ୍ତି। ଏହି ଅବସରରେ ରଗଡିର ମୁସଲ୍‌ମାନ ସମ୍ପ୍ରଦାୟର ଯୁବକମାନେ ମସ୍‌ଜିଦରେ ଏକାଠି ହୋଇ ସମାଜର ମଙ୍ଗଳ କାମନା କରିଥିଲେ। ମୁଖ୍ୟ କାର୍ଯ୍ୟକର୍ତ୍ତାଭାବେ ଗ୍ରାମର ଇସିଲାମ ଖାଁ, ରହିମତୁଲା, ସମସେର୍ ଖାଁ , ଇସୁଫ ଖାନ, ସଲିଲ ଖାନ, ତାଜଦିନ ଖାଁ ପ୍ରମୁଖଙ୍କ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଆଇଆଇସି ଦିଲୀପ କୁମାର ଭୂୟାଁ ଏବଂ ଗୁରୁ ଏମ୍‌ଡି ମହତାବ ଅତିଥିଭାବେ ଯୋଗ ଦେଇଥିଲେ। ଆଲ୍ଲାଉଦ୍ଦିନ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୀତାଯଜ୍ଞ, ପ୍ରବଚନ କାର୍ଯ୍ୟକ୍ରମ

ଟିଗିରିଆ,୨୧।୩(ଜାଫର ଖାଁ )

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ରାମେଶ୍ୱର ମହାଦେବଙ୍କ ପୀଠରେ ୩୦ତମ ବାର୍ଷିକ ଗୀତାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପାଇଁ ମନୋନୀତ ବାନ୍ଧଶିଳ୍ପୀ ଶରତ କୁମାର ପାତ୍ର, ସମ୍ମାନିତ ଅତିଥିଭାବେ ନୂଆପାଟଣାସ୍ଥିତ ପତିତପାବନ ମଠର ବାବା ଧ୍ୟାନଚାନ୍ଦ ଦାସଜୀ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଯଜ୍ଞ ୨୦ ତାରିଖରୁ ଆରମ୍ଭ ହୋଇ ୨୪ରେ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହେବ ବୋଲି ଆୟୋଜକ ରାମେଶ୍ୱର ସେବା ସଂଘ ସଭାପତି କେଶବ ଚନ୍ଦ୍ର ପାତ୍ର, ସମ୍ପାଦକ ଯୋଗୀନାଥ ଅକ୍ଷିତ କହିଛନ୍ତି। ଯଜ୍ଞର ଏହି ୫ ଦିନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଅଗ୍ନି ସ୍ଥାପନ, ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ ପୂଜା, ଯଜ୍ଞ, ଗୀତା ପାଠ ଇତ୍ୟାଦି ଅନୁଷ୍ଠିତ ହେବା ସହ ପ୍ରତ୍ୟହ ମନ୍ଦିର ପରିସରରେ ପ୍ରବଚନ ଓ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାମେଶ୍ୱର ସେବା ସଂଘ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

## ଅବକାରୀ ଚଢ଼ାଉ: ୨୪୫୭ ଲିଟର ମଦ ଜବତ

ଟିଗିରିଆ,୨୧।୩(ଜାଫର ଖାଁ) ଆଠଗଡ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଟିଗିରିଆ ଥାନା ଅନ୍ତର୍ଗତ ଭୀରୁଡ଼ା (ଉପରଗଡ, ଗରପଡ଼ା, ପାଇକସାହି),ପଣସପାଟଣା ଗ୍ରାମ ଏବଂ ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ, କଟକ ସଦର ଅବକାରୀ ବିଭାଗ ଏବଂ ଜିଲା ମୋବାଇଲ ୟୁନିଟ୍‌ର ମିଳିତ ସହଯୋଗରେ ଶନିବାର ଚଢ଼ାଉ କରାଯାଇଥିଲା। ଏହି ସମୟରେ ୨୪୫୭ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ୨୧୯୧୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏହି ଘଟଣାରେ କାହାକୁ ଗିରଫ କରାଯାଇ ନାହିଁ।

# ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଜନଗଣନାର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଅଷ୍ଟମ ଜନଗଣନା ନିମନ୍ତେ ଜନଗଣନାକାରୀ, ପର୍ଯ୍ୟବେକ୍ଷକଙ୍କୁ ତାଲିମ

ଟିଗିରିଆ,୨୧।୩(ଜାଫର ଖାଁ):



ଶିବିରରେ ଯୋଗଦେଇଥିବା ଅତିଥିମାନେ ।

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡସ୍ଥିତି ପବିତ୍ର ମୋହନ ସରକାରୀ ବିଦ୍ୟାପୀଠରେ ଅଷ୍ଟମ ଜନଗଣନା ନିମନ୍ତେ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଜନଗଣନାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶରେ ବସବାସ କରୁଥିବା ବ୍ୟକ୍ତିମାନଙ୍କ ଗୃହର ଅବସ୍ଥା, ସେମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ, ବ୍ୟକ୍ତିଙ୍କ ଭାଷା ଓ ଅର୍ଥନୈତିକ କାର୍ଯ୍ୟକଳାପ ସମେତ ବିଭିନ୍ନ ଦିଗକୁ ନେଇ ଏହି ଜନଗଣନା କରାଯିବ। ଏହାଦ୍ୱାରା ଦେଶ ଅଧିକ ସୁଦୃଢ଼ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଏବଂ ସହକାରୀ ତହସିଲଦାର ଗଙ୍ଗାଧର ନାୟକଙ୍କ ପରିଚାଳନରେ ଆୟୋଜିତ ହେଉଥିବା ଏହି ତାଲିମ ଶିବିରର ପ୍ରଥମ ପର୍ଯ୍ୟାୟରେ ୪୨ ଜଣ ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଫିଂଗୋ ହାଁସଦା ଯୋଗଦେଇଥିଲେ। ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ଅଧ୍ୟାପକ କ୍ୟାପଟେନ ଲକ୍ଷ୍ମୀଧର ସାହୁ ଏବଂ ଟିଗିରିଆ ବ୍ଲକ ବିଏସ୍‌ଏସ୍‌ଓ ଦିଲୀପ କୁମାର ପ୍ରଧାନ ତାଲିମ କାର୍ଯ୍ୟକୁ ସଞ୍ଚାଳନ କରୁଛନ୍ତି। ତହସିଲ କାର୍ଯ୍ୟାଳୟ ପକ୍ଷରୁ ଲୁସନା ପ୍ରଧାନ ସମସ୍ତ ସହଯୋଗ ପ୍ରଦାନ କରୁଥିବାବେଳେ ଏହି ଶିବିର ୪ ପର୍ଯ୍ୟାୟରେ କରାଯିବ ଏବଂ ମୋଟ ୧୬୯ ଜଣ ଜନଗଣାକାରୀ ଓ ପର୍ଯ୍ୟବେକ୍ଷକ ତାଲିମ ନେବେ ବୋଲି ସୂଚନା ଦେଇଛନ୍ତି। ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନ କରିଥିଲେ।


## ସର୍ବସାଧାରଣ ନୋଟିସ

ଏତଦ୍ୱାରା ଜଣାଉଅଛି କି, ମୁଁ ଶ୍ୱେତା ମହାରଣା, ସା-ଦୋଳମୁଣ୍ଡାଇ, ହରିପୁର, କଟକ, ପ୍ଲଟ ନଂ.- ୮୧୮ (୪୧୪), ଖାତା ନଂ.- ୧୪୭ (147), ଏରିଆ A୦.୧୦୫ ଡି., ମୌଜା- ଭୁବନେଶ୍ୱର ସହର ୟୁନିଟ୍ ନଂ-୧୧, ଜିଲ୍ଲା- ଖୋର୍ଦ୍ଧାକୁ ଜମିର ମାଲିକ ରେବିକା ଜେନା ଓଗେରଙ୍କଠାରୁ ଜମି କିଣିବା ପାଇଁ ଅଗ୍ରିମ ଦେଇ ରେଜିଷ୍ଟ୍ରି ଏଗ୍ରିମେଣ୍ଟ କରିଅଛି ଏବଂ ଚୁକ୍ତି ମିଆଦ ଖିଲାପ କରିବାରୁ ଆମ୍ଭେ ଭୁବନେଶ୍ୱର ସିଭିଲ ଜଜ୍ (ସିନିଅର) ଙ୍କ ଅଦାଲତରେ ସିଭିଲ ସୁଟ ନଂ.- ୧୧୦୩/୨୦୨୫ ରେବିକା ଜେନା ଓଗେରଙ୍କ ନାମରେ ମକଦ୍ଦମା ଦାଏର କରିଅଛି ଏବଂ ମାନ୍ୟବର କୋର୍ଟଙ୍କ ପାଖରେ ବିଚାରାଧୀନ ଅଛି । ଏବେ ଆମ୍ଭେ ଶୁଣିବାକୁ ପାଉଛୁ ରେବିକା ଜେନା ଓଗେର ଅଧିକ ଟଙ୍କା ଲୋଭରେ ସେ ପ୍ଲଟକୁ ବିକିବାକୁ ଚାହୁଁଛନ୍ତି । ଏଣୁ ଅନୁରୋଧ ଆପଣ ଭୁଲବଶତଃରେ ଜାଗାକୁ ନ ଦେଖି ଓ କାଗଜପତ୍ର ନ ଦେଖି କିଣିଲେ ଆମ୍ଭେ ଦାୟୀ ହେବୁ ନାହିଁ । ସ୍ୱା./- ଶ୍ୱେତା ମହାରଣା

GOVT. OF ODISHA
OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI
AT/PO: PARALAKHEMUNDI, DIST: GAJAPATI.
e-mail- eemi_gajapati@yahoo.co.in eemigajapatiparalakhemundi@gmail.com
e-Procurement Notice No. 809 Date. 19/03/2026
BID IDENTIFICATION NO. MIDGJP-08/2025-26

No.32001/233/2526 : The Superintending Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Double Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work : Improvement to Minor Irrigation Projects under Critical Scheme/ 2026-27.
2. No. of works : 2 Nos. (Two)
3. Estimated cost Rs. 59.00 to 84.00 Lakhs.
4. Class of Contractor : "B" class Contractor
5. Period of completion : 6 (Six) calendar months (Including Rain Season)
6. Date and time of availability of bid documents in the portal: from 10.30 Hours of 26.03.2026 to 17.00 Hours of 04.04.2026.
7. Last date/time for receipt of bids in the portal : 17.00 Hours of 04.04.2026
8. Date of opening of Technical Bid: 11.00 Hours on 06.04.2026.
9. Name and address of the Officer inviting Bid : Superintending Engineer, Minor Irrigation Division, Gajapati, At/PO- Paralakhemundi, Dist.- Gajapati. PIN-761200

Further details can be seen from the e-procurement portal https://tendersodisha.gov.in

Sd./- Superintending Engineer
MI Division, Gajapati
Paralakhemundi

OIPR-32001/32013/1/25-26/0001

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
CENTRAL IRRIGATION CIRCLE, BHUBANESWAR
No.32001/232/2526
'e' Procurement Notice No. ACECIC - 15/2025-26

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, BHUBANESWAR | PRD-08/2025-26 | Protection to Scoured Bank on KSDR Embankment from RD.13.400 Km to 13.725 Km. | 248.90 | 249000/- (Online) | 10000/- (Online) | "B" & "A" Class | 24.03.2026 At 10.00 Hours | 07.04.2026 At 17.00 Hours | 08.04.2026 At 11.00 Hours | 06 (Six Calendar Months) |

e-mail ID : secic_dowr@yahoo.com
Further detail conditions can be seen from Govt. website www.tenderorissa.gov.in

Sd./- Additional Chief Engineer,
Central Irrigation Circle

OIPR-32001/32160/1/25-26/0001

Bhubaneswar Smart City Limited
5th Floor, ICOMC Tower, Bhoi Nagar, Unit-IX, Bhubaneswar- 751022
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone-0674-2548428 FAX: 0674-2540811

No.13001/709/2526
Bid Identification No. 511

NOTICE INVITING BID

Dt. 19-03-2026

The General Manager-I invites proposals from the agencies for Upgradation, Commissioning and Maintenance of Adaptive Traffic Signals at 50 Junctions, 6 Pelicans and 5 Blinkers along with Supply, installation, commissioning and maintenance of new Adaptive Traffic Signal Control System at 25 Locations with Emergency Vehicle Priority System, including Implementation and Maintenance of Traffic Management Analytics Solution along with Simulation and Prediction Module in Bhubaneswar City.

| Sl. No. | Name of the Work | Concerned Nodal Officer with Head quarters | EMD/Bid Security (in Rs.) (Offline) | Cost of Bid Document (in Rs.) (Offline) | Period of Service |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | Selection of agency for Upgradation, Commissioning and Maintenance of Adaptive Traffic Signals at 50 Junctions, 6 Pelicans and 5 Blinkers along with Supply, installation, commissioning and maintenance of new Adaptive Traffic Signal Control Syatem at 25 Locations with Emergency Vehicle Priority System, including Implementation and Maintenance of Traffic Management Analytics Solution along with Simulation and Prediction Module in Bhubaneswar City | General Manager-I | Rs.50,00,000/- | Rs.11,800/- (Tender Cost : Rs.10,000/- + G.S.T. Rs.1,800/-) | 6 Years and 270 Days |

1. The REQUEST FOR PROPOSAL document shall be available in the website https://tendersodisha.gov.in/ from 20-03-2026 (05:00 PM) to 04-04-2026 (05:00 P.M) for online bidding. The bidders have to participate in ONLINE bidding only. The web-site for "ONLINE BIDDING" is https://tendersodisha.gov.in/.
2. The Bidders shall submit an amount of Rs. 10,000/- +18% GST towards cost of RFP in shape of DD (Non-refundable) column No.5 drawn from any Nationalize/Scheduled Bank payable at Bhubaneswar in favour of Bhubaneswar Smart City Limited.
3. After the date & time of receipt of bid is over, the original Bid security and Demand Draft towards cost of bid documents shall be submitted in the office of the undersigned on or before 11:30 hours of 06-04-2026, during office hours on working days failing which the bid will be rejected.
4. The technical bid will be opened on 06-04-2026 at 15:30 hours in the board room of Bhubaneswar Smart City Limited, 5th Floor, ICOMC Tower, Bhoi Nagar, Unit - 9, Bhubaneswar - 751022, Odisha in the presence of bidders/representative who wish to attend. If the office happens to be closed on the schedule date of opening of the tender then the bid will be opened on the next working day at same time and same venue.
5. The Competent Authority reserves the right to postpone/cancel the REQUEST FOR PROPOSAL and intimation thereof will be sent by e-mail to the Bidders.
6. Further details with any addendum, corrigendum and cancellation can be seen from the website https://tendersodisha.gov.in/.

Sd./- General Manager-I
Bhubaneswar Smart City Limited

OIPR-13001/13070/1/25-26/0008

# ଗଙ୍ଗୁଆ ନାଳ, ଦୟା ପଶ୍ଚିମ କେନାଲର ହେବ ପୁନରୁଦ୍ଧାର

## ୩୭ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷାକଲେ ଏମ୍‌ପି ଅପରାଜିତା

■ରାଜଧାନୀରେ ଟ୍ରାଫିକ୍ ଭିଡ଼ କମାଇବାକୁ ନିଆଯିବ ପଦକ୍ଷେପ

■ ଗଙ୍ଗୁଆ ପାଇଁ ୮୭୩୬ କୋଟି, ଦୟା ୱେଷ୍ଟ କେନାଲ ଲାଗି ଖର୍ଚ୍ଚ ହେବ ୪୪୮ କୋଟି





ସମୀକ୍ଷା ବୈଠକରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

ଭୁବନେଶ୍ୱର,୨୧।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଚାଲିଥିବା ବିଭିନ୍ନ ବିଭାଗର ବିକାଶମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଶନିବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଦୂରକରିବାକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ପୂର୍ତ୍ତ ବିଭାଗ ଅଧୀନରେ ଥିବା ୩୭ଟି ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ଏଥିମଧ୍ୟରୁ ୩ଟି ପ୍ରକଳ୍ପର ଟେଣ୍ଡର ହୋଇଥିବାବେଳେ ବାକି ୩୪ଟି ପ୍ରକଳ୍ପର ଟେଣ୍ଡର ଯଥାଶୀଘ୍ର ହୋଇ କାର୍ଯ୍ୟ ଆରମ୍ଭ କରିବା ନେଇ ବିଭାଗୀୟ ସଚିବ ସଞ୍ଜୟ ସିଂଙ୍କ ସହ ଆଲୋଚନା କରିଥିଲେ। ସେହିପରି ଜଳ ସମ୍ପଦ ବିଭାଗ ସଚିବଙ୍କ ସହିତ ଗଙ୍ଗୁଆ ନାଳର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କାମ ସମ୍ପର୍କରେ ଆଲୋଚନା ହୋଇଥିଲା। ଗଙ୍ଗୁଆ ନାଳ ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ଦିଗରେ ମୋଟ୍ ୮ହଜାର ୭୩୬କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ଏହି ପୁନରୁଦ୍ଧାର କାର୍ଯ୍ୟ ରାଜଧାନୀ ଇଞ୍ଜିନିୟରିଂ କଲେଜ ନିକଟରୁ ଆରମ୍ଭ ହୋଇ ପ୍ରାୟ ୩୩ କି.ମି. ପର୍ଯ୍ୟନ୍ତ ଜଟଣୀ ନିକଟ କଣ୍ଟି ଗ୍ରାମ ପର୍ଯ୍ୟନ୍ତ କରାଯିବ। ଯଥାଶୀଘ୍ର କାମ ଆରମ୍ଭ କରିବା ନେଇ ବିଭାଗୀୟ ମୁଖ୍ୟ ସଚିବ ଶୁଭା ସିଂଙ୍କ ସହ ଏମ୍‌ପି ଆଲୋଚନା କରିଥିଲେ। ଏହା ସହିତ ଦୟା ୱେଷ୍ଟ କେନାଲର ପୁନରୁଦ୍ଧାର ଓ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ୪୪୮ କୋଟି ଟଙ୍କା ବ୍ୟୟ ଅଟକଳରେ ବାରଙ୍ଗଠାରୁ ଆରମ୍ଭକରି ଜଟଣୀ ପର୍ଯ୍ୟନ୍ତ ପ୍ରାୟ ୩୪.୮୬ କିଲୋମିଟର ଦୂର ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ହାତକୁ ନିଆଯାଇଛି। ସେହିପରି ସହରର ଡ୍ରେନ୍ ସମସ୍ୟା ନେଇ ବିଏମ୍‌ସି କମିଶନରଙ୍କ ସହ ଏମ୍‌ପି ଆଲୋଚନା କରିଥିଲେ। ବର୍ଷାଦିନ ପୂର୍ବରୁ ସମସ୍ତ ଡ୍ରେନେଜ ସଫେଇ ଓ ପୁନରୁଦ୍ଧାର କାମ ସାରିବାକୁ ଏମ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଏମ୍‌ସି, ପୂର୍ତ୍ତ ଓ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ

## ଜମି ଦେବାକୁ କହି ୧୦.୪୦ ଲକ୍ଷ ଠକେଇ ମାମଲା

ଭୁବନେଶ୍ୱର,୨୧।୩(ତ୍ରିନାଥ ମହାନ୍ତି)

ଏକ ଠକେଇ ମାମଲାର ଶୁଣାଣି କରି ଜେଏମ୍‌ଏଫ୍‌ସି-୪ ଅଭିଯୁକ୍ତ ମନୋରଞ୍ଜନ ତ୍ରିପାଠୀଙ୍କୁ ୨ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ୪ଜଣ ସାକ୍ଷୀ ଏବଂ ୧୧ଟି ଦସ୍ତାବିଜ୍‌କୁ ପରଖିବା ପରେ କୋର୍ଟ ଏହି ରାୟ ଦେଇଛନ୍ତି। ଅଭିଯୋଗକାରୀ ବସନ୍ତ କୁମାର ତ୍ରିପାଠୀଙ୍କ ସହ ଅଭିଯୁକ୍ତ ମନୋରଞ୍ଜନଙ୍କ ୨୦୧୫ ମସିହାରୁ ଘନିଷ୍ଠ ସମ୍ପର୍କ ଥିଲା। ଅଭିଯୁକ୍ତ ଭୁବନେଶ୍ୱରରେ ଜମି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ବସନ୍ତଙ୍କୁ ପ୍ରଲୋଭିତ କରିଥିଲେ। ୨୦୧୫ରେ ଅଭିଯୁକ୍ତ ତାଙ୍କ ମିଳିତ ସମ୍ପତ୍ତିର ଅଂଶକୁ ମୋଟ ୧୧ ଲକ୍ଷ ଟଙ୍କାରେ ବିକ୍ରୟ କରିବେ ବୋଲି ବସନ୍ତଙ୍କ ସହ ଚୁକ୍ତି କରିଥିଲେ। ଚୁକ୍ତି ଅନୁଯାୟୀ ପ୍ରଥମେ ୬୦ ହଜାର ଟଙ୍କା ଏବଂ ବଳକା ରାଶି କିସ୍ତିରେ ଦେବାକୁ ଥିଲା। ୨୦୧୫ରୁ ୨୦୧୭ ମଧ୍ୟରେ ଆର୍‌ଟିଜିଏସ୍ ଏବଂ ବ୍ୟାଙ୍କ ସ୍ଥାନାନ୍ତର ମାଧ୍ୟମରେ ଅଭିଯୁକ୍ତ ଓ ତାଙ୍କ ସ୍ତ୍ରୀଙ୍କ ଖାତାକୁ ବସନ୍ତ ମୋଟ ୧୦ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅଭିଯୁକ୍ତ ବିଭିନ୍ନ ବାହାନା ଦେଖାଇ ଜମି ଦେଇ ନ ଥିଲେ। ଏପରି କି ଟଙ୍କା ଫେରସ୍ତ ମାଗିବାରୁ ବିଭିନ୍ନ ଧମକ ଚମକ ଦେଇଥିଲେ। ଶେଷରେ ନ୍ୟାୟ ପାଇଁ ବସନ୍ତ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା କରି ମନୋରଞ୍ଜନଙ୍କୁ ଗିରଫ କରିଥିଲା।

# ଆରମ୍ଭ ହେଲା ପ୍ରସିଦ୍ଧ କଣ୍ଢେଇ ମେଳଣ

## ବିମାନରେ ବୁଲିଲେ, ଚାଚେରୀ ଭୋଗ ଖାଇଲେ



ବିମାନରେ ସାହି ପରିକ୍ରମା ବେଳେ ଶ୍ରଦ୍ଧାଳୁମାନେ କଣ୍ଢେଇ ଠାକୁରାଣୀଙ୍କୁ ଚାଚେରୀ ଭୋଗ ଅର୍ପଣ କରୁଛନ୍ତି।

ଭୁବନେଶ୍ୱର,୨୧।୩ (ସୌମ୍ୟରଞ୍ଜନ ରାଉତ)

ମା' ଛୋଟୀ ଭୁଆସୁଣୀ କଣ୍ଢେଇ ମେଳଣ କମିଟି ପକ୍ଷରୁ ଓଡ଼ିଶା ପ୍ରସିଦ୍ଧ ୬୫ତମ କଣ୍ଢେଇ ମେଳଣ ଶନିବାର ଭଗବାନପୁର-ପାତ୍ରପଡ଼ାଠାରେ ଆରମ୍ଭ ହୋଇଛି। କୁନିକୁନି ପିଲାଙ୍କ ଦ୍ୱାରା କାଠ, ବାଉଁଶ, ସୋଲୋ ଓ ରଙ୍ଗିନ କାଗଜରେ ତିଆରି ଛୋଟ ଛୋଟ ବିମାନରେ ବିରାଜମାନ କରିଛନ୍ତି କାଠ, ମାଟି ଓ ପ୍ଲାଷ୍ଟିକ୍‌ରେ ନିର୍ମିତ କଣ୍ଢେଇ। ବିମାନରେ ବୁଲିବା ସମୟରେ ଭଗବାନପୁର ଓ ପାତ୍ରପଡ଼ା ଗ୍ରାମବାସୀ ସାହି ସାହିରେ କଣ୍ଢେଇ ଠାକୁରାଣୀଙ୍କୁ ଚାଚେରୀ ଭୋଗ ଅର୍ପଣ କରୁଛନ୍ତି। ବିମାନ ଶୋଭାଯାତ୍ରାରେ ଓଡ଼ିଶାର ପାରମ୍ପରିକ ବାଜା ସାଙ୍ଗକୁ ଘୋଡ଼ାନାଚ, ବାଘନାଚ, ବୁଢ଼ାବୁଢ଼ୀ ନାଚ, ବଗବଗୁଲୀ ନାଚ, ହରିଣ, ମାଙ୍କଡ଼, ବଣ ମଣିଷ ସହ ନାଗାନାଚ ବିଶେଷ ଆକର୍ଷଣ ସାଜୁଛି। ମେଳଣର ଅତିଥିଭାବେ ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ୬୫ନଂ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ ପ୍ରମୁଖ ଯୋଗଦେଇଥିଲେ। ଏହି କଣ୍ଢେଇ ମେଳଣ ଆସନ୍ତା ୨୩ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ହାଇୱା-ଟ୍ରକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ବାରଙ୍ଗ,୨୧।୩(ଲିଙ୍ଗରାଜ ରାଉତ): ଗୋଡ଼ିସାହି ଫାଣ୍ଡି ଅଧୀନ ଗୋବିନ୍ଦପୁର ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାଇୱା ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିର ଚାଳକ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ତେବେ ଗୁରୁତରଦ୍ୱୟଙ୍କ ପରିଚୟ ମିଳିପାରି ନାହିଁ। ଏଥିସହ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଟ୍ରକ୍ ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

ବାଲିଅନ୍ତା,୨୧।୩ (ନୀଳମାଧବ ସାହୁ): ହଂସପାଳ-ବନମାଳିପୁର ଅଭିମୁଖୀ ରାସ୍ତାର ବାଲିଅନ୍ତା ବଜାର ଛକରେ ଶନିବାର ଧାନ ବୋଝେଇ ଟ୍ରକ୍ ଧକ୍କାରେ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଗାଡ଼ିରେ ଲୋଡ ଧାନ ବସ୍ତା ଅଖା ଲାଗିଯିବାରୁ ଖୁଣ୍ଟଟି ଟାଣି ହୋଇ ଅଧାରୁ ଭାଙ୍ଗି ଯାଇଥିଲା। ଏଥିରେ କାହାର କିଛି କ୍ଷତି ହୋଇନାହିଁ। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। ଏଥିସହ ଉପଭୋକ୍ତାଙ୍କ ସର୍ଭିସ ତାରକୁ କାଟି ଅନ୍ୟ ଏକ ଖୁଣ୍ଟରେ ଲଗାଇ ବିଦ୍ୟୁତ୍ ସେବା ଯୋଗାଇ ଦେଇଥିଲେ।

# ଜୁଆଆଡ୍ଡାରେ ଚଢ଼ାଉ, ୩ ଗିରଫ

ବାରଙ୍ଗ,୨୧।୩(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ପୋଲିସ ଦାଢ଼ାପାଟଣା ଅଞ୍ଚଳର ଏକ ଜୁଆଆଡ୍ଡାରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାହୁଲ ପରିଡ଼ା, ଚନ୍ଦନ ପାତ୍ର ଏବଂ ବିନୋଦ ସେଠୀ। ଜୁଆ ସାମଗ୍ରୀ ସହିତ ୧୬,୨୦୦ ଟଙ୍କା ଜବତ କରାଯାଇଛି। ସୂଚନାଥାଉ କି, ଦାଢ଼ାପାଟଣା ଗ୍ରାମରେ ଶୁକ୍ରବାର ରାତିରେ ଅପେରା ଚାଲୁଥିବା ବେଳେ ଏହାର ସୁଯୋଗରେ ଜୁଆ ଖେଳ ହେଉଥିଲା। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ଏକ ଟିମ୍ ସହ ଜୁଆଆଡ୍ଡାରେ ଚଢ଼ାଉ କରିଥିଲେ। ଅନ୍ଧାର ସୁଯୋଗ ନେଇ କେଜେଣ ଖସି ପଳାଇଥିବା ବେଳେ ୩ଜଣ ଧରାପଡ଼ିଥିଲେ।

# ମନ୍ତ୍ରମୁଗ୍ଧକଲା ଶାସ୍ତ୍ରୀୟ ସଙ୍ଗୀତ



ଜଣେ ଶିଳ୍ପୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଓଡ଼ିଶୀ ସଙ୍ଗୀତ ମହୋତ୍ସବ

ଭୁବନେଶ୍ୱର,୨୧।୩ (ସୌମ୍ୟରଞ୍ଜନ ରାଉତ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଓଡ଼ିଶୀ ସଙ୍ଗୀତ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ଦିବସ। ଅତିଥି ଭାବେ ସଙ୍ଗୀତ ଗୁରୁ ଘନଶ୍ୟାମ ପଣ୍ଡା, ଜିନ୍ଦଲ ଷ୍ଟିଲ୍‌ର ମହାପ୍ରବନ୍ଧକ ସୁଧୀରଞ୍ଜନ ମିଶ୍ର, ଓଡ଼ିଶା ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମର ଅର୍ଥ ପରାମର୍ଶଦାତା ମନୋରଞ୍ଜନ ମହାପାତ୍ର, ଫାଉଣ୍ଡେଶନ ଅଧ୍ୟକ୍ଷ ମନୋରଞ୍ଜନ ପାଣିଗ୍ରାହୀ, ସମ୍ପାଦକ ଗୁରୁ ରାମହରି ଦାସ, କୋଷାଧ୍ୟକ୍ଷ ରଘୁନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଶିଳ୍ପୀମାନେ ଗୁରୁ ପ୍ରଦୀପ କୁମାର ଦାସଙ୍କ ପରିଚାଳନାରେ କଳାବତୀ ରାଗ ଉପସ୍ଥାପନାରେ 'ସଙ୍ଗୀନୀରେ ଚାହାଁ ବେଣୁ ପାଣିକି' ପରିବେଷଣ କରିଥିଲେ। ଏକକ ଗାୟନରେ ଶିଳ୍ପୀ ରୂପକ ପରିଡ଼ା ରାଗ କଲ୍ୟାଣ ସହ ନାଟାଙ୍ଗୀରେ 'ନାହିଁ କେ କରି ଦେଲା' ପରିବେଷଣକରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ ଶିଳ୍ପୀ ଗୀତା ମଞ୍ଜରୀ ବେହେରା, ଅନୁଜା ତାରିଣୀ ମିଶ୍ର, ଡ. ରାସ ବିହାରୀ ନାଥ, ପ୍ରତିଭା ପ୍ରଧାନ, ଡ. ସୁଶାନ୍ତ ପାଣିଙ୍କ ସମେତ ଶିଳ୍ପୀମାନେ ବିଭିନ୍ନ ରାଗ ଓ ତାଳ ଆଧାରିତ ଗାୟନରେ ଓଡ଼ିଶୀର ଶାସ୍ତ୍ରୀୟତାକୁ ପ୍ରତିପାଦନ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଶାଶୁଙ୍କୁ ଛୁରାମାଡ଼, ସ୍ୱାମୀ ଗିରଫ

ଭୁବନେଶ୍ୱର,୨୧।୩(ତ୍ରିନାଥ ମହାନ୍ତି)

ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଶାଶୁଙ୍କୁ ଆକ୍ରମଣ ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଅଭିଯୁକ୍ତ କାଳନ୍ଦୀ ସେଠୀଙ୍କୁ ଗିରଫ କରିଛି। ଅଭିଯୁକ୍ତ କାଳନ୍ଦୀ ନିଶା ସେବନ କରନ୍ତି। ଅନ୍ୟମାନଙ୍କ ସହିତ ଅବୈଧ ସମ୍ପର୍କ ସନ୍ଦେହ କରି ପ୍ରାୟତଃ ସେ ସ୍ତ୍ରୀଙ୍କ ସହ ଝଗଡା କରନ୍ତି। ଏହି କାରଣରୁ କାଳନ୍ଦୀଙ୍କ ସ୍ତ୍ରୀ ୧୦ଦିନ ହେଲା ସୁନ୍ଦରପଦାସ୍ଥିତ ବାପ ଘରେ ରହୁଥିଲେ। ଶନିବାର ଅଭିଯୁକ୍ତ କାଳନ୍ଦୀ ସ୍ତ୍ରୀଙ୍କ ବାପଘରକୁ ଯାଇ ଝଗଡ଼ା କରିଥିଲେ। ଏହାକୁ ଶାଶୁ ବିରୋଧ କରିବାରୁ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଛୁରିରେ ଭୁସିଥିଲେ। ଏପରି କି ସ୍ତ୍ରୀଙ୍କୁ ମଧ୍ୟ ଛୁରି ଭୁସିବା ପାଇଁ ଉଦ୍ୟମ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ କାଳନ୍ଦୀଙ୍କ ଶାଶୁଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିବା ସହ ଅଭିଯୁକ୍ତଙ୍କୁ କାବୁ କରି ପୋଲିସକୁ ଦେଇଥିଲେ।

# ପାସ୍‌ପୋର୍ଟ ଅଫିସ ସମ୍ମୁଖରେ ଦଲାଲ ସାଜି ବନ୍ଧାହେଲେ ଯୁବକ

ଭୁବନେଶ୍ୱର,୨୧।୩(ତ୍ରିନାଥ ମହାନ୍ତି)

ପାସ୍‌ପୋର୍ଟ ଅଫିସ ଆଗରେ ରହି ଗ୍ରାହକଙ୍କୁ ପାସ୍‌ପୋର୍ଟ ଶୀଘ୍ର କରାଇ ଦେବାକୁ କହି ଠକୁଥିବା ଜଣେ ଦଲାଲଙ୍କୁ ଗିରଫ କରିଛି ନୟାପଲ୍ଲୀ ପୋଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସନ୍ତୋଷ କୁମାର ସ୍ୱାଇଁ। ସୂଚନାଯୋଗ୍ୟ, ଅଭିଯୁକ୍ତ ସନ୍ତୋଷ ପାସ୍‌ପୋର୍ଟ ଅଫିସ ନିକଟରେ ଛିଡ଼ା ହୋଇ ଅଭିଯୋଗକାରୀ ବିଭୂତି ଭୂଷଣ ଜେନାଙ୍କୁ ଭେଟି ଅଳ୍ପ ସମୟ ମଧ୍ୟରେ ପାସ୍‌ପୋର୍ଟ ପ୍ରକ୍ରିୟାକରଣ କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ଉପରେ ବିଶ୍ୱାସ କରି ଅଭିଯୋଗକାରୀ ୧୦ ହଜାର ଟଙ୍କା ଦେଇଥିଲେ। ପରେ ଅଭିଯୁକ୍ତ କାମ ସମାପ୍ତ କରି ନ ଥିଲେ କିମ୍ବା ଟଙ୍କା ଫେରସ୍ତ କରି ନ ଥିଲେ। ଏପରି କି ଟଙ୍କା ଫେରାଇବାକୁ କହିବାରୁ ଅଭିଯୋଗକାରୀଙ୍କୁ ଧମକ ଦେଇ ଅଧିକ ଟଙ୍କା ଦାବି କରିଥିଲେ। ଅଭିଯୁକ୍ତ ପାସପୋର୍ଟ ଅଫିସକୁ ଆସୁଥିବା ଲୋକମାନଙ୍କୁ ଟାର୍ଗେଟ କରି ସମାନ ପ୍ରକାରର ଠକେଇ କରୁଥିଲେ। ସେ ପ୍ରଥମେ ଅଳ୍ପ ପରିମାଣର ଟଙ୍କା ନେଇ ବିଶ୍ୱାସ ହାସଲ କରି ପରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଅଧିକ ଟଙ୍କା ଆଦାୟ କରୁଥିଲେ। ବିଶ୍ୱସ୍ତ ସୂଚନା ଆଧାରରେ ପୋଲିସ ପାସପୋର୍ଟ ଅଫିସ ନିକଟରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ସମୟରେ ସେ ଅପରାଧ ସ୍ୱୀକାର କରିଥିଲେ ଏବଂ ଅନେକ ଲୋକଙ୍କୁ ଠକିଥିବା କଥା ମଧ୍ୟ କହିଥିଲେ। ଅନ୍ୟଜଣେ ପୀଡିତଙ୍କଠାରୁ ସେ ୧୫ ହଜାର ୪୦୦ ଟଙ୍କା ନେଇଥିବା ଜଣାପଡିଛି। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ। ନୟାପଲ୍ଲୀ, ମଞ୍ଚେଶ୍ୱର ଇତ୍ୟାଦି ଥାନାରେ ପଞ୍ଜୀକୃତ ସମାନ ପ୍ରକୃତିର ୬ରୁ ଅଧିକ ମାମଲାରେ ସେ ଜଡ଼ିତ ଥିବା ଜଣାପଡ଼ିଛି।

# ଦେବଦାସ, ଗୁରୁପ୍ରସାଦଙ୍କୁ 'ନବୀନ ସୂତ୍ରଧର କବିତା ସମ୍ମାନ'

ଭୁବନେଶ୍ୱର,୨୧।୩ (ସୌମ୍ୟରଞ୍ଜନ ରାଉତ)



ସମ୍ମାନିତ ଶିଳ୍ପୀଙ୍କ ସହ ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଅଶ୍ୱିନୀ କୁମାର ମିଶ୍ର ଓ ଅନ୍ୟ ଅତିଥିମାନେ।

ନବୀନ ସୂତ୍ରଧର ଟ୍ରଷ୍ଟ ପକ୍ଷରୁ ବିଶ୍ୱ କବିତା ଦିବସ ଶନିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଅଶ୍ୱିନୀ କୁମାର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, କବିତାର ଭାଷା ସର୍ବଦା ଜନମାନସର ବୁଝିବାର ଭାଷା ହୋଇ ସମାଜକୁ ଠିକ୍ ପଥରେ ଯିବା ପାଇଁ ମାର୍ଗ ଦର୍ଶନ କରିବା ଉଚିତ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ସଂଘମିତ୍ରା ମିଶ୍ର, ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହୃଷୀକେଶ ମଲ୍ଲିକ, ସୂର୍ଯ୍ୟ ମିଶ୍ର ପ୍ରମୁଖ ଭାଷା ସାହିତ୍ୟର ବିଭିନ୍ନ ଅନାଲୋଚିତ ଦିଗ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ଦେବଦାସ ଛୋଟରାୟ ଓ ଗୀତିକାର ଗୁରୁପ୍ରସାଦ ଶତପଥୀଙ୍କୁ 'ନବୀନ ସୂତ୍ରଧର କବିତା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ୯ଜଣ ଯୁବ ଓ ପ୍ରବୀଣ ଓଡ଼ିଆ ଜାତିର ବାର୍ତ୍ତାବହଙ୍କୁ 'ନବୀନ ସୂତ୍ରଧର କବିତା ଆଶୀର୍ବାଦ ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ସାରା ରାଜ୍ୟରୁ ତଥା ରାଜ୍ୟ ବାହାରୁ ଆସିଥିବା ୮୦ରୁ ଉର୍ଦ୍ଧ୍ୱ ଓଡ଼ିଆ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଚମକ ଚାନ୍ଦିନୀ ଦାଶ, ସୁଷମା ସ୍ୱାଇଁ ଓ ଦେବଦତ୍ତ ପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ନବୀନ ଦାସ ଧନ୍ୟବାଦ ଦେଇଥିଲେ।

## ଫଟୋ ରେ ଖବର




ଗୀତଗୋବିନ୍ଦ ସଦନରେ ଶୁକ୍ରବାର ଅନୁଷ୍ଠିତ ଅମିତ ଭାଓଲିନ୍ ଏକାଡେମୀର ବାର୍ଷିକ ଉତ୍ସବରେ ଦଳଗତ ଭାଓଲିନ ବାଦନ କରୁଛନ୍ତି।



ପବିତ୍ର ଇଦ୍ ଅବସରରେ ଶନିବାର ଝାରପଡ଼ାସ୍ଥିତ ମୁସରଫ୍ ଖାନଙ୍କ ବାସଗୃହରେ ଆୟୋଜିତ ଇଫ୍‌ତାର ପାର୍ଟିରେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସହ ଅନ୍ୟମାନେ।

# ୬୨ଜଣଙ୍କ ନାଁରେ ୫,୮୮,୧୧୫ ଟଙ୍କା ଜରିମାନା

ବାଘମାରୀ,୨୧।୩(ମିହିର ରଞ୍ଜନ ମହାପାତ୍ର)

ଆଞ୍ଚଳିକ ପରିବହନ ବିଭାଗ ଖୋର୍ଦ୍ଧା ଏବଂ ବାଘମାରୀ ପୋଲିସ ପକ୍ଷରୁ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ନେତୃତ୍ୱରେ ଶନିବାର ମିଳିତଭାବେ ବାଘମାରୀ-ଶିମୋର ରାସ୍ତାରେ ଯାନବାହନ ଯାଞ୍ଚ କରାଯାଇଥିଲା। ବିନା ହେଲମେଟ୍, ସିଟ ବେଲ୍ଟ, ମଦ ପିଇ ଗାଡି ଚଳାଇବା, ଡ୍ରାଇଭିଂ ଲାଇସେନ୍ସ ନ ଥିବା ଏବଂ ଗାଡି ଚାଳନା ନିୟମ ଉଲ୍ଲଂଘନ କରିଥିବା ମୋଟ୍ ୬୨ ଜଣଙ୍କ ନାଁରେ ଚାଲାଣ କଟାଯାଇ ୫,୮୮,୧୧୫ ଟଙ୍କା ଜରିମାନା କରାଯାଇଛି। ସେଥିରୁ ୧୯,୦୩୦ ଟଙ୍କା ଆଦାୟ କରାଯାଇଛି। ଆଉ ଏକ ସ୍ଥାନରେ ଯାଞ୍ଚ କରାଯାଇ ବାଘମାରୀ ପୋଲିସ ପକ୍ଷରୁ ୨୮,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଅଭିଯୋଗ ସତ୍ତ୍ୱେ ଲୁଟେରାଙ୍କୁ ଧରୁନି ପୋଲିସ

## ବେଗୁନିଆ ଥାନା

■ଫାଇଲ ଭିତରେ ଏକାଧିକ ମାମଲା

ବେଗୁନିଆ,୨୧।୩(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ଚୋରି, ଦୁର୍ଘଟଣା ଏବଂ ଅସାମାଜିକଙ୍କ ଉତ୍ପାତ ଦିନକୁଦିନ ବଢ଼ିଚାଲିଛି। ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ପ୍ରତିଦିନ କେହିନା କେହି ଲୁଟର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଛନ୍ତି। ଏଫ୍‌ଆଇଆର କପି ନେଇ ଘରକୁ ଯାଅ, ଅନୁସନ୍ଧାନ ପରେ ଖବର ଦେବୁ ବୋଲି କହି ପୋଲିସ ଫେରାଇ ଦେଉଛି। ପରେ ପୋଲିସ ଆସି ଲୁଟ୍ ଏବଂ ଅପରାଧ ସ୍ଥଳରେ ତଦନ୍ତ କରି ଫେରିଯାଉଛି। ହେଲେ ଅଭିଯୋଗକାରୀମାନେ ନ୍ୟାୟ ପାଇପାରୁ ନାହାନ୍ତି। ତେବେ କେତେକ ମାମଲାରେ ପୋଲିସକୁ ସଫଳତା ମିଳିଥିବା ବେଳେ ଅନ୍ୟ ସବୁ ମାମଲା ଫାଇଲ ଭିତରେ ରହିଯାଇଛି। ପୋଲିସ ଉପରୁ ଆସ୍ଥା ତୁଟାଇ ଲୋକେ ନ୍ୟାୟ ପାଇବା ଆଶା ଛାଡ଼ି ଦେଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

ସୂଚନାଥାଉ କି, ସନ୍ଧ୍ୟା ହେଲେ ସ୍କୁଲ ବାରଣ୍ଡା, ପରିତ୍ୟକ୍ତ ସରକାରୀ କାର୍ଯ୍ୟାଳୟ ଏବଂ ରାସ୍ତାକଡ଼ ନିଛାଟିଆ ସ୍ଥାନରେ ଅସାମାଜିକମାନେ ଆଡ୍ଡା ଜମାଉଛନ୍ତି। ଚୋରା ନିଶାଦ୍ରବ୍ୟ କାରବାରକୁ ସ୍ଥାନୀୟ ଲୋକେ ଦାୟୀ କରୁଛନ୍ତି। ଏହି ଅଞ୍ଚଳରୁ ଦେଶୀ ରନ୍ଧା ମଦ, ପୋଚ ପ୍ରସ୍ତୁତ କରାଯାଇ ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନ୍‌ସୁଗାର ଏବଂ ପଶ୍ଚିମ ଓଡ଼ିଶାରୁ ଗଞ୍ଜେଇ ଏହି ଥାନା ଅଞ୍ଚଳକୁ ଆସୁଛି। ଫଳରେ ସ୍ଥାନୀୟ ଯୁବପିଢ଼ି ନିଶା ସେବନ କରି ଚୋରି ଓ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ରହୁଥିବା ଅଭିଯୋଗ ହେଉଛି। ଗତ ୧୪ମାସ ମଧ୍ୟରେ ଥାନା ଅଞ୍ଚଳରେ ପ୍ରାୟ ୬୦ରୁ ଅଧିକ ଚୋରି ଏବଂ ଆପରାଧିକ ଘଟଣା ଘଟିଥିବା ନେଇ ଥାନାରେ ମାମଲା ରୁଜୁ ହୋଇଛି। କେତେକ ମାମଲାରେ ପୋଲିସକୁ ସଫଳତା ମିଳିଥିବା ବେଳେ ଅନ୍ୟ ସବୁ ମାମଲା ଫାଇଲ ଭିତରେ ରହିଯାଇଛି। ବେଗୁନିଆ ଥାନା ଅଧୀନ ଗେଡ଼ିଆପଲ୍ଲୀ, ବଡ଼ନୂଆପଲ୍ଲୀ, ବେଗୁନିଆ ସଦର, ଚଟୁଆ, କଡ଼ବ, ଛତ୍ରପଡ଼ା, ଗଡ଼ମାଣତୀର, ଡିଙ୍ଗର, ପରିଛଳ, ରାଉତପଡା, କେନ୍ଦୁପଲ୍ଲି ଆଦି ଗ୍ରାମର କେତେଜଣଙ୍କ ଘରୁ ଚୋରି ହୋଇଥିଲା। ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଲୁଟ୍ ହୋଇଥିବା ନଜିର ରହିଛି। ସେହିପରି ଗ୍ରାମ୍ୟ ରାସ୍ତା ଉପରେ ମଧ୍ୟ ବିଗତ ଦିନରେ ବହୁ ଲୋକେ ଲୁଟର ଶିକାର ହୋଇ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ମଧ୍ୟ ପୋଲିସ ପଦକ୍ଷେପ ନ ନେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି ଯେ, ଅଭିଯୋଗର ସତ୍ୟତା ଆଧାରରେ ତଦନ୍ତ କରାଯାଉଛି। ଅନେକ ମାମଲାର ସଫଳତା ମିଳିଥିବା ବେଳେ ଆଉ କେତେକ ମାମଲାର ତଦନ୍ତ ଜାରି ରହିଛି। ଏବେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି।

# କଣ୍ଢେଇ ମେଳଣ ଆରମ୍ଭ



ଯାଁଳା,୨୧।୩(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଭଗବାନପୁର-ପାତ୍ରପଡ଼ାଠାରେ କଣ୍ଢେଇ ମେଳଣ ଆରମ୍ଭ ହୋଇଛି। ଶନିବାର ଜମାଣ କାର୍ଯ୍ୟକ୍ରମରେ ପାରମ୍ପରିକ ବାଦ୍ୟ ସହିତ ପାଇକ ଆଖଡ଼ା, ଘୋଡ଼ାନାଚ, ବାଘ ନାଚ, ବୁଢ଼ାବୁଢ଼ୀନାଚ, ବଗବଗୁଲୀ ନାଚ, ନାଗା ନାଚ ଆଦି ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି କୁନି ପିଲାମାନଙ୍କ ଦ୍ୱାରା କାଠ, ବାଉଁଶ, ସୋଲୋ ଓ ରଙ୍ଗିନ କାଗଜରେ ପ୍ରସ୍ତୁତ ଦୋଳ ବିମାନରେ ବିରାଜମାନ କରିଥିବା କାଠନିର୍ମିତ କଣ୍ଢେଇ, ମାଟି ତିଆରି କଣ୍ଢେଇ, ପ୍ଲାଷ୍ଟିକ କଣ୍ଢେଇକୁ ଭଗବାନପୁର ଓ ପାତ୍ରପଡ଼ା ଗ୍ରାମବାସୀ ଚାଚେରୀ ଭୋଗ ଅର୍ପଣ କରିଥିଲେ। ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଜଟଣୀର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ମେଳଣ ଆସନ୍ତା ସୋମବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରବିବାର ଓ ସୋମବାର ସନ୍ଧ୍ୟାରେ କଣ୍ଢେଇ ନାଚ ପ୍ରଦର୍ଶିତ ହେବ। ସମସ୍ତ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

# ପଲିଥିନ୍, ପ୍ଲାଷ୍ଟିକ୍ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୨୧।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଧୀନ ବ୍ରହ୍ମପୁର ଚିଲିକା କୂଳ ଏବଂ ରାଜହଂସ ନିକଟ ବଙ୍ଗୋପସାଗର କୂଳଠାରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ପଲିଥିନ, ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ଶୁକ୍ରବାର ସକାଳେ ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ବ୍ରହ୍ମପୁରରେ ଏକ ଶୋଭାଯାତ୍ରା ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏଥିରେ ସ୍ୱେଚ୍ଛାସେବୀ, ଗ୍ରାମବାସୀ, ଶିକ୍ଷାର୍ଥୀମାନେ ଯୋଗଦେଇଥିଲେ। ଚିଲିକାକୂଳ ଏବଂ ସମୁଦ୍ର କୂଳରୁ ଅଳିଆ ଆବର୍ଜନା, ପଲିଥିନକୁ ସଫେଇ କରାଯାଇଥିଲା। ଚିଲିକା ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ସୌମ୍ୟ ରଞ୍ଜନ ସାହୁ, ସାତପଡ଼ା ରେଞ୍ଜର ରଞ୍ଜନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସମୁଦ୍ର, ଚିଲିକା କୂଳରୁ ସଫେଇ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବନପାଳ ପ୍ରତୀୟ ଜୟସିଂହ, ବନପାଳ ସୁଦୀପ କୁମାର ବେହେରା, ବନପାଳ ଅନିଲ ଲେଙ୍କା, ବନପାଳ ବିଶ୍ୱନାଥ ଟୁଡୁ, ବନରକ୍ଷୀ ଭାବଗ୍ରାହୀ ନାୟକ, ଅନିତା ଜୟସିଂହ, ଶିବ ପ୍ରସାଦ ପଲାଇ, ମାନସ ରଞ୍ଜନ ନାୟକ, ସାମାଜିକ କର୍ମୀ ନିର୍ମଳ ରଣସିଂହଙ୍କ ସମେତ ପରିବେଶବିତ୍‌ମାନେ ଯୋଗଦେଇଥିଲେ।



ଜଟଣୀ କୁଦିଆରୀ ଗ୍ରାମର ମା'ଜାଗୁଳାଇ ଏବଂ ନିରାକାରପୁର ରାମେଶ୍ୱର ପଞ୍ଚାୟତର ମା'ବନଦୁର୍ଗାଙ୍କ ଚନ୍ଦ୍ରଘଣ୍ଟା ବେଶ।

# ବଡ଼ବେରଣା-ଗୋବିନ୍ଦପୁର-କୋଲୁହାପାଟଣା ରାସ୍ତା ସଂଯୋଗ ଦାବି

ବେଗୁନିଆ,୨୧।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମ ନୂଆସାହିଠାରୁ ଦୁର୍ଗାପୁର ଦେଇ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ପକ୍କାରାସ୍ତା ନିର୍ମାଣ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି। ଏହି ରାସ୍ତାଟି ଖାଲଖମା ହୋଇ ଅବହେଳିତ ଅବସ୍ଥାରେ ପଡ଼ିଥିବା ବେଳେ କେତେବେଳେ ପଞ୍ଚାୟତ ପାଣ୍ଠି ହେଉ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ମୋରମ ବିଛାଯାଇ କାର୍ଯ୍ୟ କରାଯାଇଥାଏ। ତେବେ ପରବର୍ତ୍ତୀ ସମୟରେ ରାସ୍ତାର ଦୂରବସ୍ଥା ଯୋଗୁ ଲୋକେ ଯାତାୟାତ କରିବାରେ ହଇରାଣ ହୋଇଥାନ୍ତି। ରାସ୍ତାର ଦୂରତା ଦୁଇରୁ ଅଢ଼େଇ କିମି ହୋଇଥିବା ବେଳେ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଛପଟକୁ ଲାଗି ରହିଥିବା ସାହି ଭିତର ଦେଇ କୋଲୁହାପାଟଣା ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଲଗ୍ନ କରାଗଲେ କାର୍ଯ୍ୟ ଠିକ୍‌ଭାବେ ହୋଇପାରନ୍ତା ବୋଲି ତପନ କୁମାର ମିଶ୍ର, ନିହାର ରଞ୍ଜନ ମହାପାତ୍ର, ମନୋରଞ୍ଜନ ଷଡ଼ଙ୍ଗୀ, ଲିଙ୍ଗରାଜ ପ୍ରଧାନ, ମାନସ ପ୍ରଧାନ, ପ୍ରଭାତ କୁମାର ପଣ୍ଡା, ବ୍ରହ୍ମାନନ୍ଦ ସ୍ୱାଇଁ, ବିଜୟ କୁମାର ପଣ୍ଡା ପ୍ରମୁଖ କହିଛନ୍ତି। ଏହାଦ୍ୱାରା ବଡବେରଣା-ଦୁର୍ଗାପୁର-ଗୋବିନ୍ଦପୁର-କୋଲୁହାପାଟଣା ଗ୍ରାମକୁ ଗମନାଗମନ ପାଇଁ ଦୂରତ୍ୱ କମିବା ସହିତ ଲୋକମାନେ ଉପକୃତ ହେବେ। ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଅନୁଦାନ ରାଶି ମଞ୍ଜୁର କରିବା ସହ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ କରିବା ପାଇଁ ଦାବି ହୋଇଛି। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ଅର୍ଥ ଆସିଲେ କାର୍ଯ୍ୟ ଆରମ୍ଭ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ରବୀନ୍ଦ୍ର କୁମାର ଜେନା କହିଛନ୍ତି।

# ତାଳତୋଳା ମେଢ଼ ପୁରସ୍କୃତ

କୃଷ୍ଣପ୍ରସାଦ,୨୧।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ମାଲୁଦ ପଞ୍ଚଦୋଳ ଯାତ୍ରା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ମାଲୁଦର ଦଧିବାମନ ଦେବ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨୩ ଠାକୁର ପଞ୍ଚଦୋଳ ପଡ଼ିଆରେ ନିଜ ଆସ୍ଥାନ ଉପରେ ବିଜେ ହୋଇଥିଲେ। ଆକର୍ଷଣ ସାଜିଥିଲା ୧୨ଠାକୁର ଚିଲିକା ଜଳରାଶି ଦେଇ ଆଗମନ କରିବା। ଏହି ପଞ୍ଚଦୋଳ ଯାତ୍ରାର ଫଟୋ ଏବଂ ଭିଡିଓ ଦେଖି ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ତେବେ ପଞ୍ଚଦୋଳକୁ ଆସୁଥିବା କାରୁକାର୍ଯ୍ୟ ପୂର୍ଣ୍ଣ ମେଢ଼ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ। ଏଥର ବଜ୍ରକୋଟ ପଞ୍ଚାୟତ ତାଳତୋଳା ଗ୍ରାମର ରାଧାକୃଷ୍ଣ ଦେବଙ୍କ ମେଢ଼ ଶ୍ରେଷ୍ଠ ପୁରସ୍କାର ପାଇଛି। ମାଲୁଦସ୍ଥିତ ନନ୍ଦିଘୋଷ ଫର୍ନିଚର ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଉକ୍ତ ରାଧାକୃଷ୍ଣ କ୍ଲବର ସକ୍ରିୟ ସଭ୍ୟଙ୍କୁ ଉପଢୌକନ ସହ ୩ହଜାର ଟଙ୍କାର ଏକ ଚେକ୍, ବୁଦ୍ଧଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ମାଲୁଦ ଫାଣ୍ଡି ଅଧିକାରୀ ଧ୍ରୁବଚରଣ ଲେଙ୍କା, ଶିକ୍ଷାବିତ ପ୍ରଦୀପ ଦାସ, ବିଦ୍ୟାଧର ପଲେଇ, ଜୟରାମ ଦାସ, ମହେନ୍ଦ୍ର ବେହେରା, ସୁରେଶ ପଲେଇ, ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ ବହୁ ଅତିଥିଭାବେ ଯୋଗଦେଇ ସମ୍ମାନିତ କରିଥିଲେ। ରାଧାକୃଷ୍ଣ କ୍ଲବର ସଭ୍ୟ ବିଚ୍ଛନ୍ଦ ଜେନା, ଅମିନ ପ୍ରଧାନ, ଦୀପକ ପ୍ରଧାନ, ବିଚିତ୍ରା ନନ୍ଦ ବିଶ୍ୱାଳ ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ। ନନ୍ଦିଘୋଷ ମାଲିକ ଲକି ବାରିକ, ମ୍ୟାନେଜର ସୁକାନ୍ତ କୁମାର ବିଶ୍ୱାଳଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ରାଧାକୃଷ୍ଣ କ୍ଲବର ସଭ୍ୟଙ୍କୁ ଚେକ୍ ପ୍ରଦାନ କରାଯାଉଛି।

# କବିତା ଦିବସରେ ବିଶ୍ୱ ଶାନ୍ତି ପାଇଁ ଆହ୍ୱାନ




ବିଶ୍ୱ କବିତା ଦିବସ ପାଳନ ଅବସରରେ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ।

ଖୋର୍ଦ୍ଧା,୨୧।୩(ପ୍ରଭାତ ପାଣିଗ୍ରାହୀ)

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧାର ସଭାଗୃହରେ ଡ.ପ୍ରମୋଦ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଶନିବାର ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ୨୦୦୦ ମସିହାରୁ ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଏହାର ବିଷୟ ରହିଛି ଶାନ୍ତି ଓ ଅନ୍ତର୍ଭୁକ୍ତି ପାଇଁ ଏକ ସେତୁ ଭାବେ କବିତାର ଭୂମିକାକୁ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ଆଜିରେ ଦିନରେ 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ, 'ଧ୍ୱଂସ ନୁହେଁ ସୃଷ୍ଟି ଚାହୁଁ', 'ମୃତ୍ୟୁ ନୁହେଁ ଜୀବନ ଚାହୁଁ ବୋଲି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଚେତନତା ବାର୍ତ୍ତା ଦିଆଯାଇଛି। ଅନୁଷ୍ଠାନର ସଭାପତି ବିଧାନ ଚନ୍ଦ୍ର ମହାନ୍ତି ସଭାପତିତ୍ୱ ଭାଷଣରେ କହିଥିଲେ ଆମେରିକା ଓ ଇସ୍ରାଇଲ ମିଳିତ ଭାବେ ଇରାନ୍ ଉପରେ କରିଥିବା ଆକ୍ରମଣ କେବଳ ମଧ୍ୟପ୍ରାଚ୍ୟ ନୁହେଁ ସମଗ୍ର ଏସିଆ ମହାଦେଶ ପାଇଁ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଛି । ଏପରି କି ତୃତୀୟ ବିଶ୍ୱଯୁଦ୍ଧ ଓ ପରମାଣୁ ବୋମାର ବ୍ୟବହାର କରିବାକୁ ନେଇ ବିଶ୍ୱ ଧ୍ୱଂସ ଆଡ଼କୁ ମୁହାଁଉଛି ବୋଲି ଆଶଙ୍କା ଦେଖାଦେଇଛି। ଏଭଳି ସଙ୍କଟ ସମୟରେ ଜାତିସଂଘର ଭୂମିକା ଅପ୍ରାସଙ୍ଗିକ ହୋଇପଡ଼ିବା ବିଶ୍ୱଶାନ୍ତି ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜିତ କବିତା ପାଠୋତ୍ସବରେ ଅନସୂୟା ସାମନ୍ତରାୟ, ସୌଦାମିନୀ ପଟ୍ଟନାୟକ, ଡ. ଚପଳା ପଣ୍ଡା, କବିତାରାଣୀ ମିଶ୍ର, ବୈକୁଣ୍ଠନାଥ ରାଜଗୁରୁ, ଡ.ପ୍ରଫୁଲ୍ଲ ସାମନ୍ତରାୟ, ବନବିହାରୀ ପଟ୍ଟନାୟକ, ଜୟକୃଷ୍ଣ ବାରିକ, ରମେଶ ଦାଶ, ଦିବାକର ମୁଦୁଲି, ବିନାୟକ ପାଇକରାୟ, ପ୍ରଫୁଲ୍ଲ ସାହୁ, ବଂଶୀଧର ଦାସ, ରାଜକିଶୋର ବଳିୟାରସିଂହ, କୈଳାସ ଚନ୍ଦ୍ର ପୃଷ୍ଟି, ଡ.ବୃନ୍ଦାବନ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଭା ଆରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ଓ ଶେଷରେ 'ଜାତୀୟ ସଙ୍ଗୀତ' ଗାନ କରାଯାଇଥିଲା। ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଲ୍ଡେନ ରାଇଡର ଚାମ୍ପିୟନ



କୃଷ୍ଣପ୍ରସାଦ,୨୧।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଚିଲିକା ନୂଆପଡ଼ାରେ ପିପିଏଲ୍ ଟ୍ରାକ କ୍ରିକେଟ ଟୁର୍ନାମେଣ୍ଟରେ ଗୋଲ୍ଡେନ ରାଇଡର ଟିମ୍ ଚାମ୍ପିୟନ ହୋଇଛି। ଏହି କ୍ରିକେଟ ଟୁର୍ନାମେଣ୍ଟ ୩ଦିନ ଧରି ଚାଲିଥିବା ବେଳେ ଆର୍.କେ ୱାରିୟର, ଗୋଲ୍ଡେନ ରାଇଡର, ଆର୍.ଏସ୍. ଆଲଫର୍ଟ ଏବଂ ଆର୍‌ସି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଗାଲ୍ଡେନ ରାଇଡର ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଟିମ୍‌କୁ ୮ହଜାର ଟଙ୍କା ଓ ଶିଲ୍‌ପ୍ରଦାନ କରାଯାଇଛି। ରାକେଶ କୁମାର ଦାସ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ। ରଞ୍ଜନ କୁମାର ବେହେରା, ଅମୂଲ୍ୟ କୁମାର ବେହେରା, ସୌମ୍ୟ ରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଆଦର୍ଶ ପଞ୍ଚାୟତ ଗଠନ ପାଇଁ ପ୍ରଶିକ୍ଷଣ

ଟାଙ୍ଗୀ,୨୧।୩(ରଘୁନାଥ ସାହୁ)

ସରକାରଙ୍କ ବିଭିନ୍ନ ଯୋଜନାକୁ ସଫଳ କରିବା, ମହିଳାମାନଙ୍କ ସୁରକ୍ଷା ସହିତ, ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଆଦର୍ଶ ପଞ୍ଚାୟତ ଗଠନ କରିବା ଲକ୍ଷ୍ୟ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଚାନ୍ଦପୁର ଗ୍ରାମ ପଞ୍ଚାୟତ ପରିସରରେ ଏମ୍‌ବିକେ ସରିତା ସାହୁଙ୍କ ପ୍ରତିନିଧିତ୍ୱରେ ମାଷ୍ଟର ଟ୍ରେନର ରେଣୁବାଳା ମିଶ୍ର, ଲକ୍ଷ୍ମୀପ୍ରିୟା ରାଉତ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାମଚଣ୍ଡୀ ମଞ୍ଚ, ଐଶାନେଶ୍ୱର ମଞ୍ଚ, ରଘୁନାଥ ମଞ୍ଚ, ମା'ଡୋମଣୀ ମଞ୍ଚ, ମା'ଖିଲାମୁଣ୍ଡା ମଞ୍ଚ ଓ ପାର୍ବତୀ ମଞ୍ଚର ୧୮ଜଣ ସଦସ୍ୟା ଏହି ଶିବିରରେ ଯୋଗଦେଇ ପ୍ରାଚୀରପତ୍ର ମାଧ୍ୟମରେ ଆଦର୍ଶ ପଞ୍ଚାୟତ ଗଠନର ପରିକଳ୍ପନା କରିଥିଲେ।

# ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଫିତର

ବେଗୁନିଆ/ବୋଲଗଡ଼/ଜଟଣୀ, ୨୧।୩(ହରପ୍ରସନ୍ନ ପଣ୍ଡା/ଦେବବ୍ରତ ହୋତା/ରବୀନ୍ଦ୍ରନାଥ ମହାକୁଡ଼)



ଭାଇଚାରା ଓ ସଦ୍‌ଭାବନାର ପର୍ବ ଇଦ୍-ଉଲ୍-ଫିତର ଶନିବାର ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ପରିପେକ୍ଷୀରେ ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା, ସିକୋ, ଶରଧାପୁର, ପଙ୍ଗାରସିଂହ, କୁଶପଲ୍ଲା ଆଦି ଅଞ୍ଚଳରେ ଥିବା ମସଜିଦରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ଇସଲାମ୍ ଧର୍ମାବଲମ୍ବୀମାନେ ଏକାଠି ହୋଇ ମସ୍‌ଜିଦ୍‌ରେ ନମାଜ ପାଠ କରିଥିଲେ। ବିଶ୍ୱ ଭ୍ରାତୃତ୍ୱ, ହିଂସା ଦ୍ୱେଷମୁକ୍ତ ପୃଥିବୀ ଗଠନ ପାଇଁ ପ୍ରାର୍ଥନା କରିଥିଲେ। ପରେ ପରସ୍ପର ମଧ୍ୟରେ ମିଠା ଖୁଆଇ ଶାନ୍ତି ଓ ସୌହାର୍ଦ୍ଧ୍ୟର ବାର୍ତ୍ତା ବାଣ୍ଟିଥିଲେ। ସେହିପରି ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକାଗୋଡା (ଦଳେଇସାହି), ଫାସିଓଦା(ଟାଙ୍ଗିସାହି), ଅରଖପଲ୍ଲୀ, ଇଛାପୁର, ଚୁଡା, ହରିପୁର ପାଟଣା, କେନ୍ଦୁପଲ୍ଲୀ, କାଉଁରି ପାଟଣା, ଜାମୁସାହି, ଦକ୍ଷିଣ ପାରିଖିତା ଅଞ୍ଚଳରେ ଥିବା ମସଜିଦରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ବିଧାୟକ ପ୍ରଦୀପ ସାହୁ, କଂଗ୍ରସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଭାଜପା ନେତା ଯତୀନ ମହାନ୍ତି ପ୍ରମୁଖ ମୁସଲମାନ ଭାଇଭଉଣୀଙ୍କୁ ଭେଟି ଇଦ୍ ପର୍ବର ଶୁଭେଚ୍ଛା ଜଣାଇଥିଲେ। ସେହିପରି ଜଟଣୀର ବିଭିନ୍ନ ସ୍ଥାନରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ଜଟଣୀ ସହରରେ ୬ଟି ମସ୍‌ଜିଦ ସମେତ ବେଣାପଞ୍ଜାରୀ, ତରାବୋଇ ଓ ରଥିପୁର ଅଞ୍ଚଳରେ ଥିବା ମସ୍‌ଜିଦ ଓ ଇଦ୍‌ଗାରେ ନମାଜ ପାଠ କରାଯାଇଥିଲା। ନମାଜିମାନେ ନୂତନ ବସ୍ତ୍ର ପରିଧାନକରି ନମାଜ ପାଠ କରିବାକୁ ଆସିଥିବା ଦେଖିବାକୁ ମିଳିଥିଲା। ନମାଜ ପାଠ ପରେ ମୌଲବୀମାନଙ୍କ ଦ୍ୱାରା ବିଶ୍ୱର କଲ୍ୟାଣ ନିମନ୍ତେ ଦୁଆ(ପ୍ରାର୍ଥନା) କରାଯାଇଥିଲା। ଶେଷରେ ପରସ୍ପରକୁ ଆଲିଙ୍ଗନ ପୂର୍ବକ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

# ଦେଉଳଟାଙ୍ଗୀ, କାଇପଦର ଫାଇନାଲରେ

ଖୋର୍ଦ୍ଧା,୨୧।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀଠାରେ ମା'ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିବସରେ ଦେଉଳଟାଙ୍ଗୀ ଏବଂ କାଇପଦର ଟିମ୍ ଫାଇନାଲରେ ପ୍ରବେଶ କରିଛି। ଶନିବାର ପ୍ରଥମ ମ୍ୟାଚ୍ କଲ୍ୟାଣପୁର ଏବଂ ଦେଉଳଟାଙ୍ଗୀ ଟିମ୍ ମଧ୍ୟରେ ହୋଇଥିଲା। ଦେଉଳଟାଙ୍ଗୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ଉଇକେଟ ବିନିମୟରେ ୧୪୭ ରନ ସଂଗ୍ରହ କରିଥିଲା। ଜବାବରେ କଲ୍ୟାଣପୁର ଟିମ୍ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୩ରନ ସଂଗ୍ରହ କରିଥିଲା। ଫଳରେ ଦେଉଳଟାଙ୍ଗୀ ଟିମ୍ ୯୪ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଗୋପୀନାଥ ମାଝି ୧୮ବଲରୁ ୩୪ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କାଇପଦର ଏବଂ ପଳାସପୁର ମଧ୍ୟରେ ହୋଇଥିଲା। ପଳାସପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୬୨ରନ ସଂଗ୍ରହ କରିଥିଲା। ଜବାବରେ କାଇପଦର ଟିମ୍ ୧୩.୫ ଓଭରରେ ୫ ଉଇକେଟ ବିନିମୟରେ ୧୬୫ ରନ ସଂଗ୍ରହ କରିଥିଲା। ଫଳରେ ୫ ଉଇକେଟରେ କାଇପଦର ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ କୁଲଦୀପ ପାଇକରାୟ ୧୬ ବଲରେ ୪୧ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝଜ ସାମନ୍ତରାୟ ଏବଂ ମଦନମୋହନ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ସନ୍ତୋଷ କୁମାର ସାହୁ ସ୍କୋରର ଏବଂ ଜିତେନ୍ଦ୍ର ପ୍ରଧାନ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ।



ଅତିଥିଙ୍କଠାରୁ ଦୁଇ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ଜୈବ ସଂବର୍ଦ୍ଧିତ କନ୍ଦ ଫସଲ ପ୍ରଶିକ୍ଷଣ ଶିବିର

ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)- ଡେଲାଙ୍ଗ ବ୍ଲକର ଧାନକେରା ପଞ୍ଚାୟତରେ କାର୍ଯ୍ୟରତ ମହିଳା ବିକାଶ ସଂଗଠନର ମହିଳା ବିକାଶ ସମିତି ଓ ଭାରତ ସରକାରଙ୍କ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମହିଳା କୃଷି ଗବେଷଣା ସଂସ୍ଥାନର ମିଳିତ ଆନୁକୂଲ୍ୟରେ ଅନୁସୂଚିତ ଜାତି ଉପଯୋଜନା ପ୍ରୋଗ୍ରାମ ଅଧୀନରେ ମାର୍ଚ୍ଚ ୧୮ରୁ ୨୦ ତିନିଦିନିଆ ଜୈବ-ସଂବର୍ଦ୍ଧିତ କନ୍ଦ ଫସଲ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଧାନକେରା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୦ଜଣ ଅନୁସୂଚିତ ଜାତି ବର୍ଗର ମହିଳା ଭାଗ ନେଇଥିବା ବେଳେ କେନ୍ଦ୍ରୀୟ ସଂସ୍ଥାନର ବୈଜ୍ଞାନିକ ଡ. ତାନିଆ ସେଠ୍ ଓ ଡ. ସଞ୍ଜୟ କୁମାର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆଗାମୀ ଦିନରେ କିଭଳି ଅନୁସୂଚିତ ଜାତି ଓ ଜନଜାତିର ମହିଳାମାନେ କୃଷିକ୍ଷେତ୍ରରେ ଅଗ୍ରଗତି ଲାଭ କରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୩।୨୦୨୬

| | |
|---|---|
| ୫,୬୮,୬୯୩ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଫିଟ୍‌ନେସ ପାଇଁ ଯୋଗ ଜରୁରୀ

### ଫିଟନେସ କା ଡୋଜ, ଅଧାଘଣ୍ଟା ରୋଜ୍

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

ପ୍ରତ୍ୟେକଙ୍କ ପାଇଁ ଫିଟ୍‌ନେସ୍ ରହିବା ଲାଗି ଯୋଗକୁ ଏକ ଆନ୍ଦୋଳନରେ ପରିଣତ କରିବା ଜରୁରୀ ବୋଲି କହିଛନ୍ତି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ଶନିବାର ପୂର୍ବାହ୍ନରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ୩ଦିନିଆ ଫିଟ୍ ଇଣ୍ଡିଆ କାର୍ନିଭାଲ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସୂରଜ କହିଛନ୍ତି, ଦେଶର ଶତକଡ଼ା ୬୫ଭାଗ ଯୁବବର୍ଗ। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ପୂରଣ ପାଇଁ ଆମେ ବୟସ ନିର୍ବିଶେଷରେ ସମସ୍ତେ ସୁସ୍ଥ ଓ ଫିଟ୍ ରହିବା ଜରୁରୀ ବୋଲି କହିଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ 'ଫିଟ୍‌ନେସ୍ କା ଡୋଜ୍ ଅଧାଘଣ୍ଟା ରୋଜ୍'କୁ ଆମେ ମାନିବା ଓ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ଅନ୍ତତଃ ଅଧାଘଣ୍ଟା ସମୟ ଦେବା।

ବର୍ତ୍ତମାନ ସମୟରେ ସମାଜରେ ବୃଦ୍ଧି ପାଉଥିବା ମାନସିକ ଅବସାଦ, ଟେନ୍‌ସନ, ପାନିକ, ଏନ୍‌ଜାଇଟ୍‌କୁ ପ୍ରତିହତ କରିବାର ଏହା ଏକ ସହଜ ଉପାୟ ବୋଲି କହିଥିଲେ। ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ସ୍ୱାସ୍ଥ୍ୟ ସଚେତନ ହେବା ଓ ସୁସ୍ଥ ରହିବାର ମନ୍ତ୍ର ଏହି ଫିଟ୍ ଇଣ୍ଡିଆ କାର୍ନିଭାଲର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଅଲିମ୍ପିଆନ ଆଥ୍‌ଲେଟ ଅନୁରାଧା ବିଶ୍ୱାଳ ଓ ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଆଞ୍ଚଳିକ ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିରେ ଫିଟ୍ ଇଣ୍ଡିଆ କାର୍ନିଭାଲ ଅବସରରେ ଅନୁଷ୍ଠିତ ଯୋଗାଭ୍ୟାସ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଖବରଦାତା ସମ୍ମିଳନୀରେ ଅସନ୍ତୋଷ ଝାଡ଼ିଲେ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

ବିଜେଡି ପକ୍ଷରୁ ଶୁକ୍ରବାର ଦଳବିରୋଧୀ କାର୍ଯ୍ୟ ନିମନ୍ତେ ପୁରୀ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଗୌରହରି ପ୍ରଧାନଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ପରେ ପ୍ରଧାନ ଭାଜପାରେ ମିଶିବା ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ସ୍ୱାଧୀନ ଭାବେ ଆଗାମୀ ନିର୍ବାଚନ ଲଢ଼ିବେ ବୋଲି ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି। ପ୍ରଧାନ ଶନିବାର ନାୟକ ପ୍ଲାଜା ଠାରେ ଖବରଦାତା ସମ୍ମିଳନୀ କରି ତାଙ୍କ ମତପ୍ରକାଶ କରିଛନ୍ତି, ଦିଲ୍ଲୀପ ରାୟଙ୍କୁ କେନ୍ଦ୍ରକରି ମୋ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଯୁକ୍ତିଯୁକ୍ତ ନୁହେଁ। ମୁଁ ବିଜୁବାବୁଙ୍କର ଦୃଢ଼ ସମର୍ଥକ। ଦିଲ୍ଲୀପ ରାୟ ବିଜୁ ବାବୁଙ୍କର ମାନସ ସନ୍ତାନ। ସେ ଦୃଷ୍ଟିରୁ ମୁଁ ତାଙ୍କୁ ସମର୍ଥନ କରି ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ କରିବାକୁ କହିଥିଲି। ପକ୍ଷ ରଖିବାର ସୁଯୋଗ ନ ଦେଇ ଏକତାଟିଆ ଭାବେ ଏହି ନିଷ୍ପତ୍ତି ଗଣତାନ୍ତ୍ରିକ ପ୍ରକ୍ରିୟା ନୁହେଁ। ମୁଁ ଜନସେବା ସହ ଥିଲି, ଆଗକୁ ମଧ୍ୟ ରହିବି। ଆଗରୁ ସ୍ୱାଧୀନ ଭାବେ ଲଢ଼ି ନିର୍ବାଚିତ ହୋଇଛି, ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ସେ କହିଛନ୍ତି। ରାଜ୍ୟସଭା ନିର୍ବାଚନରେ ସେ ଦିଲ୍ଲୀପ ରାୟଙ୍କୁ ସମର୍ଥନ ଦେବା ପାଇଁ ସାମ୍ବାଦିକ ସମ୍ମିଳନୀ କରି ଦଳୀୟ ବିଧାୟକଙ୍କୁ ଅନୁରୋଧ କରିଥିଲେ। ଦିଲ୍ଲୀପ ରାୟ ବିଜୁ ଲିଗାସି ନେତା ବୋଲି କହିବା ସହ ବିବେକ ଅନୁଯାୟୀ ଭୋଟ ଦିଲ୍ଲୀପଙ୍କୁ ଦେବା ଉଚିତ ବୋଲି କହିଥିଲେ। ଦଳ ପକ୍ଷରୁ କୌଣସି ଚିଠି ପାଇନାହିଁ। ସୋସିଆଲ ମିଡିଆରୁ ଏନେଇ ଖବର ପାଇଛି। ତେବେ କ'ଣ ଦଳବିରୋଧୀ କାର୍ଯ୍ୟ କରିଛି, ତାହା ମୁଁ ଜାଣି ପାରୁନି। ଅନେକ ସମୟରେ ପୂର୍ବରୁ ଦଳ ବିରୋଧରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ବିଜୟ ଲାଭ କରିଥିବା ବେଳେ ଦଳ ସେତେବେଳେ ତାଙ୍କୁ ଦଳରୁ ବହିଷ୍କାର କରି ନ ଥିଲା। ଏବେ କାହିଁକି କଲା ବୋଲି ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### ନରେନ୍ଦ୍ର ପୋଖରୀରୁ ମାଛ ଧରୁଥିବା ଅଭିଯୋଗ

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

କୁମ୍ଭାରପଡ଼ା ଥାନା ଅଞ୍ଚଳରେ ଥିବା ନରେନ୍ଦ୍ର ପୋଖରୀରେ ଜଣେ ବ୍ୟକ୍ତି ଅବୈଧ ଜାଲ ପକାଇ ମାଛ ଧରୁଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜାଲ ଜବତ କରିବା ସହ ମାଛକୁ ପୋଖରୀରେ ଛାଡ଼ିଦେଇଛି। ସୂଚନାଯାୟୀ, ଶୁକ୍ରବାର ରାତିରେ ନରେନ୍ଦ୍ର ପୁଷ୍କରିଣୀରେ ଏକ ବ୍ୟକ୍ତି ଜାଲ ପକାଇ ମାଛ ଧରୁଥିବା ନେଇ ଖବର ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜାଲ୍ ଜବତ କରିବା ସହିତ ସମସ୍ତ ମାଛକୁ ପୁଣିଥରେ ପୋଖରୀରେ ଛାଡ଼ିଛି। ଏହି ଘଟଣା ସମ୍ପର୍କରେ ଅଜଣା ବ୍ୟକ୍ତିଙ୍କ ବିରୋଧରେ ପୋଲିସ ପକ୍ଷରୁ ଆଇନ ଅନୁସାରେ ମାମଲା ରୁଜୁ କରାଯାଇଛି। ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ବିଶ୍ୱଜିତ ଭାଜପା ଜିଲା ଯୁବମୋର୍ଚ୍ଚାର ନୂତନ ସଭାପତି

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

ଭାରତୀୟ ଜନତା ପାର୍ଟି ପକ୍ଷରୁ ପୁରୀ ଜିଲା ଯୁବମୋର୍ଚ୍ଚାର ନୂତନ ସଭାପତି ଭାବେ ବିଶ୍ୱଜିତ ମହାନ୍ତିଙ୍କ ନାମ ଘୋଷଣା କରାଯାଇଛି। ଦଳର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କ ସୁପାରିସକ୍ରମେ ଘୋଷଣା ହୋଇଥିବା ସୂଚନା ମିଳିଛି। ପୂର୍ବରୁ ବିଶ୍ୱଜିତ ମହାନ୍ତି ଜିଲା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ଦଳର ନିର୍ଦ୍ଦେଶ ଅନୁସାରେ ସେ ସମସ୍ତ କାର୍ଯ୍ୟକୁ ସଫଳତାର ସହ କରି ଆସୁଥିବାରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ନୂତନ ସଭାପତି ଭାବେ ନିୟୋଜିତ ହେବା ପରେ ବିଶ୍ୱଜିତ ମହାନ୍ତି କହିଛନ୍ତି, ପୁରୀ ଜିଲାରେ ସଂଗଠନକୁ ଆହୁରି ସୁଦୃଢ଼ କରିବା, ଯୁବକଙ୍କୁ ଦଳ ସହ ଯୋଡ଼ିବା ଓ ଦଳର ନୀତି, ଆଦର୍ଶକୁ ଆଧାର କରି ସମସ୍ତ କାର୍ଯ୍ୟକୁ ଆଗେଇ ନେବେ। ଦଳ ଯେଉଁ ଦାୟିତ୍ୱ ଦେଇଛି, ତାହାକୁ ସଫଳତାର ସହ ପାଳନ କରିବା ପାଇଁ ସେ ସଦା ପ୍ରତିବଦ୍ଧ ରହିବେ।

### ଦୃଷ୍ଟିହୀନ ଜିତୁଙ୍କ ପରିବାରକୁ ମାରୁତିସେନାର ସହାୟତା

ଅସ୍ତରଙ୍ଗ,୨୧।୩(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ କଟକଣା ଗ୍ରାମର ଜିତୁ ଜେନା(୩୮) ଜଣେ ଯେ କି ଦୃଷ୍ଟିହୀନ ସାଙ୍ଗକୁ ଦିବ୍ୟାଙ୍ଗ। ଖବରପାଇ ମାରୁତି ସେନାର ରାଜ୍ୟ ସଭାପତି ପପୁ ଦଳବେହେରା ଓ ଜିଲା ସଭାପତି ବଳରାମ ବାରିକ ସ୍ୱତନ୍ତ୍ର ଟିମ୍ ସହ ଜିତୁଙ୍କ ଘରେ ପହଞ୍ଚି ତାଙ୍କୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛନ୍ତି। ଜିତୁଙ୍କ ଡାହାଣପଟ ଗୋଡ଼ଟି ପିଲାଦିନୁ ୮୦% ଦିବ୍ୟାଙ୍ଗ ଥିଲା ତଥାପି ସେ ଗ୍ରାମରେ ମୂଲ ମଜୁରି ଲାଗି ଓ ଗୁପ୍‌ଚୁପ ବେପାର କରି ପରିବାର ଚଳାଉଥିଲେ। ପରିବାର କହିଲେ ଜିତୁ, ତାଙ୍କ ସ୍ତ୍ରୀ, ଦୁଇ ଝିଅ ଓ ଗୋଟେ ପୁଅ। ଆଜିକୁ ୪ବର୍ଷ ତଳେ ଜିତୁଙ୍କ ବାମପଟ ଆଖିରେ ଏକ ପୋକ ମାଡ଼ହୋଇ ଯିବାରୁ ଆଖି ନାଲିପଡ଼ି ଲୁହ ଦେଲା ଓ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଖି ଅପରେଶନ କରାଯାଇଥିଲା। ଦୁର୍ଭାଗ୍ୟର ବିଷୟ, ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ଜିତୁଙ୍କ ଦୁଇଟି ଯାକ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏପଟେ ସରକାରୀ ସହାୟତା କହିଲେ କେବଳ ଦିବ୍ୟାଙ୍ଗ ଭତ୍ତା ଓ ୧୫ କିଲୋ ଚାଉଳ, ଘର ଡିହ କି ଘର ଖଣ୍ଡେ ନାହିଁ। ଖବରପାଇ ମାରୁତି ସେନା ସଂଗଠନ ପକ୍ଷରୁ ରାଶନ, ପନିପରିବା, ଡ୍ରେସ, ଲୁଗାପଟା, ପିଲାଙ୍କ ପାଇଁ ଖାତା, କଲମ, ବ୍ୟାଗ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଅସହାୟ ଜିତୁ କିପରି ସରକାରୀ ସହାୟତା ପାଇବେ ସେ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଜନଗଣନା-୨୦୨୭ ପରିପ୍ରେକ୍ଷୀରେ ବାଲୁକା କଳା ପ୍ରଦର୍ଶିତ





ଜନଗଣନା-୨୦୨୭ ସଚେତନତା ବୃଦ୍ଧି ପାଇଁ ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

ପୁରୀ,୨୧।୩( ଅଜିତ୍ କୁମାର ମହାନ୍ତି)

ଆଗାମୀ ୨୦୨୭ ଜନଗଣନା ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ଅପରାହ୍ନରେ ପୁରୀ ନୀଳାଦ୍ରି ବିଚ୍‌ଠାରେ ଏକ ବାଲୁକା କଳା ପ୍ରଦର୍ଶିତ ହୋଇଥିଲା। ଚଳିତ ଜନଗଣନା ଭାରତର ପ୍ରଥମ ଡିଜିଟାଲ ଜନଗଣନା। ଏହାର ଉଦ୍ଦେଶ୍ୟ ଜନଗଣନାରୁ ଜନକଲ୍ୟାଣ। ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ଚଳିତ ବର୍ଷ ଏପ୍ରିଲ୍ ୧୬ରୁ ମେ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମସିହା ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ଜନଗଣନା ଅନୁଷ୍ଠିତ ହେବ ବୋଲି ଜନଗଣନା ଅଧିକାରୀ ଅବଗତ କରାଇଛନ୍ତି। ଏଥିରେ ଅନ୍ତର୍ଜାତୀୟ ବାଲୁକା କଳା ଶିଳ୍ପୀ ତଥା ଜନଗଣନାର ବ୍ରାଣ୍ଡ ଆମ୍ବାସାଡର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜନଗଣନାର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂ, ସହକାରୀ ନିର୍ଦ୍ଦେଶକ ଲକ୍ଷଣ ମୁଖୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜନଗଣନାର ଜିଲା ଇନ୍‌ଚାର୍ଜ ବିଜୟ କୁମାର ସାହୁ, ଡେପୁଟି କଲେକ୍ଟର ଦିବ୍ୟଜ୍ୟୋତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।



କୁମ୍ଭାରପଡ଼ା ଠାରେ ଥିବା ମସ୍‌ଜିଦରେ ଇଦ୍ ଅବସରରେ ମୁସଲମାନ ଭାଇମାନେ ପ୍ରାର୍ଥନା କରୁଛନ୍ତି।

## ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ, ୨୧।୩(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମଗିରି ଅଞ୍ଚଳରେ ନାବାଳକଙ୍କୁ ନିର୍ଯାତନା ଦେବା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆପ୍ ପକ୍ଷରୁ ଶନିବାର ଏସ୍‌ପିଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଆପ୍ ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି, ପୁରୀ ଏକ ଶାନ୍ତିପ୍ରିୟ ଜାଗା, ଏହା ଏକ ଧର୍ମକ୍ଷେତ୍ର, ଏଠି ଅପରାଧୀଙ୍କ ସ୍ଥାନ ନାହିଁ। ଶୁକ୍ରବାର ଏକ ଅଭାବନୀୟ ଘଟଣା ବ୍ରହ୍ମଗିରିରେ ଘଟିଯାଇଛି। ଚୋରି ସନ୍ଦେହରେ ଜଣେ ବ୍ୟକ୍ତି ନାବାଳକଙ୍କୁ ରାସ୍ତାରେ ହାତବାନ୍ଧି ଚଲେଇ ଚଲେଇ ନେଉଥିବାର ଦୃଶ୍ୟ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରୁ ଆମେ ଜାଣିବାକୁ ପାଇଲୁ। ଏହା ଆଇନ ସେକ୍ସନ ୭୫କୁ ଉଲ୍ଲଂଘନ କରିବା ସତ୍ତ୍ୱେ ଏଥିରେ ଏପର୍ଯ୍ୟନ୍ତ ଗିରଫଦାରି ନ ହେବା ଏକ ଦୁଃଖଦ ଘଟଣା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ସନ୍ଧ୍ୟା ପର୍ଯ୍ୟନ୍ତ ବ୍ୟକ୍ତି ଜଣଙ୍କ ବଜାରରେ ଥିଲେ ମଧ୍ୟ ତାଙ୍କୁ ଗିରଫ ନ କରିବା କୌଣସି ଚାପର ସଂକେତ ଦେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଉକ୍ତ ଘଟଣାକୁ ସମ୍ବେଦନଶୀଳ ଘଟଣା ରୂପେ ଆଇନ ହାତକୁ ନେଇଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଉ ବୋଲି ଆପ୍ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଆପ୍‌ର ଜିଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି, ଜିଲା ସଭାପତି ସଞ୍ଜୀବ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଏପ୍ରିଲ୍ ୨୪ରୁ ମଙ୍ଗଳା ମହୋତ୍ସବ

କାକଟପୁର /ଅସ୍ତରଙ୍ଗ ,୨୧।୩ (ଶୁଭଦର୍ଶନ ମିଶ୍ର /ପ୍ରଦୀପ୍ତ କୁମାର ଦୀକ୍ଷିତ )

ଏକତା ସୂତ୍ରରେ ଯୋଡ଼ିରଖେ ମହୋତ୍ସବ। ଭାଇଚାରାକୁ ବଢ଼ାଏ। ଅଞ୍ଚଳର ବଣମାଲ୍ଲୀକୁ ପ୍ରସ୍ଫୁଟିତ କରାଇବାରେ ସହଯୋଗ କରେ ବୋଲି ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି। କାକଟପୁର ଜଳସେଚନ ଡାକବଙ୍ଗଳାଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ବିଧାୟକ ବେହେରାଙ୍କ ତତ୍ତ୍ୱାବଧାନରେ ମଙ୍ଗଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ୍ ୨୪ରୁ ୨୬ତାରିଖ ୩ ଦିନ ବ୍ୟାପି ଆୟୋଜିତ ହେବ ବୋଲି କମିଟି ତରଫରୁ ସୂଚନା ମିଳିଛି।

## ଏକ ଦିବସୀୟ ସଚେତନତା କର୍ମଶାଳା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

ସାମାଜିକ ଅନୁଷ୍ଠାନ ସଖୀ ତରଫରୁ ଶନିବାର ନାୟକ ପ୍ଲାଜା ଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ ଏକଦିବସୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାର ଉଦ୍ଦେଶ୍ୟ ଥିଲା ଟ୍ରାନ୍ସଜେଣ୍ଡର (ବ୍ୟକ୍ତି) ସୁରକ୍ଷା ଆଇନ ୨୦୧୯-୨୦ରେ ଟ୍ରାନ୍ସଜେଣ୍ଡର ଗୋଷ୍ଠୀଙ୍କ ପାଇଁ ଯେଉଁ ସୁବିଧା ଓ ସୁଯୋଗ ସୃଷ୍ଟି କରାଯାଇଛି ତାହା କେବଳ ଆଇନରେ ସୀମିତ ନ ରହି ସାମାଜିକ, ଅର୍ଥନୈତିକ ଓ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟରେ ପରିଣତ ହେବା ଦରକାର। ଭାରତ ସରକାର ଓ ଓଡିଶା ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ଯଥା ଏସଏସ୍ଇପିଡି ଡିପାର୍ଟମେଣ୍ଟ ଅଧୀନରେ ସ୍ୱୀକୃତି ଯୋଜନା, ଗାରିମା ଗୃହ ମାଧ୍ୟମରେ ସୀମିତ ସମୟ ପାଇଁ ବାସସ୍ଥାନର ବ୍ୟବସ୍ଥା, ଧନ୍ଦାମୂଳକ ତାଲିମ ଆଦିର ବ୍ୟବସ୍ଥା ରହିଛି । ଏହି ସବୁ ବ୍ୟବସ୍ଥାର ସୁବିନିଯୋଗ ସେତେବେଳେ ସମ୍ଭବ, ଯେତେବେଳେ ଜଣେ ବ୍ୟକ୍ତି ସମ୍ମାନର ସହ ଓ ନିଜର ଉଚିତ ପରିଚୟ ସହ ବଞ୍ଚିବାର ଅଧିକାର ପାଇପାରିବ। ସେଥିପାଇଁ ପରିବାରସ୍ତରରୁ ସଚେତନତା ସହ ଟ୍ରାନ୍ସଜେଣ୍ଡର ପିଲାଟିକୁ ପିତାମାତା ତା'ର ପରିଚୟ ସହ ଆଗକୁ ବଢ଼ିବା ଓ ପାଠ ପଢ଼ିବାରେ ସମ୍ପୂର୍ଣ୍ଣ ସୁଯୋଗ ଯୋଗାଇଦେବା ଦରକାର। ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଏବଂ ସ୍ୱାସ୍ଥ୍ୟକ୍ଷେତ୍ରରେ ବିଶେଷ ସୁବିଧା ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କର ଯୋଗଦାନକୁ ସୁନିଶ୍ଚିତ କରିବାରେ ସାମାଜିକ ବ୍ୟବସ୍ଥା ବାଧା ସୃଷ୍ଟି ନ କରିବା ପାଇଁ ଆୟୋଜକଙ୍କ ତରଫରୁ ନିବେଦନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଦେବଦତ୍ତ ଚୌଧୁରୀ, ସାମାଜିକ କର୍ମୀ ଡ. ମିତାଲି ମହାନ୍ତି, ସ୍ୱାଧୀନ କୁମାର ପଣ୍ଡା, ସଖୀ ତରଫରୁ ନେହା ମହାପାତ୍ର, ସସ୍ମିତା ସାହୁ ଓ ପୁରୀ କିନ୍ନର ସଂଘର ସଭାନେତ୍ରୀ ପ୍ରିୟାଂଶୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଯାମଳଗୋଡା ସବ୍‌ଷ୍ଟେସନରୁ କଣାସକୁ ବିଦ୍ୟୁତ୍ ଯୋଗାଣ ହେଉ

କଣାସ,୨୧।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକକୁ ୧୯୭୫ ମସିହାରୁ ଖୋର୍ଦ୍ଧା ଗ୍ରୀଡ୍‌ରୁ ବିଦ୍ୟୁତ୍ ଯୋଗାଣ ହେଉଛି। ଦୀର୍ଘ ୪୦ କି.ମି. ବଣ, ପାହାଡ଼ ଓ ନଦୀ ଅତିକ୍ରମ କରି ବିଦ୍ୟୁତ୍ ଯୋଗାଣ ହେଉଥିଲା। ବିଦ୍ୟୁତ୍ ବିଭ୍ରାଟ ହେବା ଦ୍ୱାରା କଣାସ ଅଞ୍ଚଳର ଉପଭୋକ୍ତାମାନେ ଦୀର୍ଘ ସମୟ ଧରି ଅନ୍ଧାରରେ ରହୁଥିଲେ। ଏହାର ସ୍ଥାୟୀ ସମାଧାନ ପାଇଁ ଉପଭୋକ୍ତାମାନେ ଦାବି କରିବାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯାମଳଗୋଡାଠାରେ ଏକ ବିଦ୍ୟୁତ୍ ଷ୍ଟ୍ରକଚର୍ ନିର୍ମାଣ କରି ପୁରୀ ଗ୍ରୀଡ୍‌ରୁ ବିଦ୍ୟୁତ୍ ଯୋଗାଇବା ପାଇଁ ମନସ୍ଥ କରିଥିଲେ। ପୁରୀ ଗ୍ରୀଡ୍‌ରୁ ବ୍ରହ୍ମଗିରି, ଖଜୁରିଆ, ସାତପଡ଼ା, ପଣସପଦାକୁ ବିଦ୍ୟୁତ୍ ଯୋଗାଣ ପୂର୍ବରୁ ହେଉଥିବାବେଳେ ଖଜୁରିଆ ସବ୍‌ଷ୍ଟେସନକୁ ସେଥିରେ ଯୋଡ଼ିବାରୁ ଆବଶ୍ୟକ ମୁତାବକ ଯୋଗାଣ ପୁରୀ ଗ୍ରୀଡ୍ କରିପାରିଲା ନାହିଁ। ଫଳରେ ଯାମଳଗୋଡା ବିଦ୍ୟୁତ୍ ସବ୍‌ଷ୍ଟେସନକୁ ବିଦ୍ୟୁତ୍ ଯୋଗାଣ ହୋଇ ନ ପାରିବାରୁ କଣାସବାସୀ ବିଦ୍ୟୁତ୍ ସମସ୍ୟା ଭୋଗୁଛନ୍ତି।

ଏ ସମ୍ପର୍କରେ କଣାସ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଜେନା କହିଛନ୍ତି, ଯଦି ସାହୁପଡ଼ା ପଞ୍ଚାୟତର ଜଳିଆପଡ଼ାଠାରେ ନିର୍ମାଣ କରାଯାଇଥିବା ବିଦ୍ୟୁତ୍ ସବ୍‌ଷ୍ଟେସନରୁ ଯାମଳଗୋଡା ସବ୍‌ଷ୍ଟେସନକୁ ବିଦ୍ୟୁତ୍ ସଂଯୋଗ କରାଯାଇପାରନ୍ତା, ତେବେ କଣାସ ଅଞ୍ଚଳରେ ଠିକ୍ ଭାବେ ବିଦ୍ୟୁତ୍ ଯୋଗାଣ ହୋଇପାରନ୍ତା। ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ ପାଇଁ ଦୃଷ୍ଟିଦେବାକୁ କଣାସ ଅଞ୍ଚଳର ଉପଭୋକ୍ତାମାନେ ଦାବି କରିଛନ୍ତି।

## କଫ୍ ସିରପ ବିକ୍ରି ଅଭିଯୋଗରେ ୨ ଗିରଫ

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

ଅପରେଶନ ଚକ୍ର ଅଭିଯାନରେ ୨ ଜଣ କଫ୍‌ସିରପ ବ୍ୟବସାୟୀଙ୍କୁ ଟାଉନ୍ ଥାନା ପୋଲିସ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ରାଜେଶ ସିଂ (୪୬), ପ୍ରୀୟାଂଶୁ ନାୟକ (୨୪)। ବୁଢ଼ିମାତୋଟାରେ ନିଶାଗ୍ରସ୍ତ ଯୁବକଙ୍କୁ କଫ୍‌ସିରପ ବିକ୍ରି କରୁଥିବା ବେଳେ ଟାଉନ୍ ଥାନା ପୋଲିସ ବିଶେଷସୂତ୍ରରୁ ଖବରପାଇ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ୧୩୨ଟି କଫ୍ ସିରପ୍ ବଟଲ, ୨ଟି ମୋବାଇଲ, ୩୬୦୦ଟଙ୍କା ଏବଂ ଗୋଟିଏ ସ୍କୁଟି ଜବତ କରିଛି। ଟାଉନ୍ ଥାନା କେସ ନମ୍ବର ୧୯୧/୨୬ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି।

## ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ବିହିତ କାର୍ଯ୍ୟକ୍ରମ

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

ସମୁଦ୍ରକୂଳ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ଓ ସାମାଜିକ ସୁରକ୍ଷା ବଜାୟ ରଖିବା ପାଇଁ ୨୦୨୬ ବର୍ଷର ଆରମ୍ଭରୁ ଏପର୍ଯ୍ୟନ୍ତ ପୋଲିସ ଦ୍ୱାରା ବିଭିନ୍ନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୬ ଜାନୁଆରୀ ୧ରୁ ଏପର୍ଯ୍ୟନ୍ତ ଥାନାରେ ମୋଟ ୯ଟି ଏକ୍ସାଇଜ୍ ମାମଲା ରେଜିଷ୍ଟର୍ ହୋଇଥିବା ବେଳେ ୪୧.୩୪ ଲିଟର ବିଦେଶୀ ମଦ ଓ ୫୫ ଲିଟର ଦେଶୀ ମଦ ଜବତ କରାଯାଇଛି। ମଦ୍ୟପାନ କରିଯାନଚାଳନା ବିରୋଧରେ କଡ଼ା ଅଭିଯାନ ଚଳାଇ ୧୫ଟି ଡ୍ରଙ୍କେନ ଆଣ୍ଡ ଡ୍ରାଇଭ୍ ମାମଲା ରେଜିଷ୍ଟର କରାଯାଇଛି। ସେହିପରି ସାଧାରଣ ସ୍ଥାନରେ ମଦ୍ୟପାନ କରିବା ବିରୋଧରେ ୨୬୬ଟି ପିଆର୍ ମାମଲା ଦାଖଲ ହୋଇଛି। ସାମାଜିକ ଶାନ୍ତି ଓ ନିରାପତ୍ତା ନିମନ୍ତେ ଚାଲିଥିବା ବିଶେଷ ଅଭିଯାନରେ ଏହି ବର୍ଷ ଥାନା ପକ୍ଷରୁ ୩୦ ଜଣ ଅସାମାଜିକଙ୍କୁ ଗିରଫ କରାଯାଇଛି। ସେମାନଙ୍କ ବିରୋଧରେ ବିଭିନ୍ନ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାସହ ଅଭ୍ୟାସଗତ ଅପରାଧୀମାନଙ୍କୁ ରୋକିବା ପାଇଁ ୨୦୨୬ରେ ୩ ଜଣ ହାବିଚୁଆଲ୍ ଅଫେଣ୍ଡରଙ୍କ ବିରୋଧରେ ୧୨୯ ବିଏନ୍‌ଏସ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୨୦୨୫ରେ ଏହି ଆଇନ ଅନୁଯାୟୀ ୨୬ ଜଣଙ୍କ ବିରୋଧରେ ମଧ୍ୟ ମାମଲା ହୋଇଥିଲା। କୌଣସି ଅସାମାଜିକ କାର୍ଯ୍ୟକଳାପ ଦେଖିଲେ ୧୧୨ରେ କଲ୍ କରି ପୋଲିସକୁ ସୂଚନା ଦେବାକୁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସଂସ୍କୃତି, ପରମ୍ପରା ସହ ଯୋଡ଼ିହୋଇଛି ମହୋତ୍ସବ

- ଜାଗୃତି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା
- ମାହାରୀ, ମାଲଖମ୍ବ ନୃତ୍ୟରେ ବିମୋହିତ ହେଲେ ଦର୍ଶକ

ପିପିଲି,୨୧।୩(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲିରେ ଓଡ଼ିଶାର ଅଗ୍ରଣୀ ୩ଦିନିଆ ସପ୍ତଦଶ ଜାଗୃତି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମାଲଖମ୍ବ ଓ ମାହାରୀ ନୃତ୍ୟରେ ବିମୋହିତ ହେଲେ ହଜାର ହଜାର ଦର୍ଶକ। ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ଆୟୋଜିତ ମହୋତ୍ସବରେ ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ମେଡିକାଲ୍‌ର ମୁଖ୍ୟ ପ୍ରଶାସନିକ ଅଧିକାରୀ ମାଲକିନ ବେହେରା ଯୋଗଦେଇ ହିନ୍ଦୁ, ସଂସ୍କୃତି, ପରମ୍ପରାକୁ ନେଇ ଜାଗୃତି ସଂଗଠନର ପ୍ରୟାସକୁ ବହୁପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ପୁରୀ-ନିମାପଡ଼ା ସମ୍ମିଳିତ ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ସମ୍ମାନିତ ଅତିଥି ଭାବେ ସିନେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଅତିଥିଭାବେ ସାମାଜିକ କର୍ମୀ ଦୀନବନ୍ଧୁ ବେଉରା ପ୍ରମୁଖ ଯୋଗଦେଇ ଭାରତୀୟ ନବବର୍ଷ ଗରିମା ଉପରେ ଆଲୋକପାତ କରିଥିଲେ। ଭାରତୀୟ ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଜାଗୃତି ମହୋତ୍ସବର ଜାଗ୍ରତ କରିବାର ସ୍ୱତନ୍ତ୍ର ପ୍ରୟାସ ଜାରି ରହୁ ବୋଲି ଅତିଥିମାନେ ମତବ୍ୟକ୍ତ ପ୍ରକାଶ କରିଥିଲେ।

ଜାଗୃତି ମହୋତ୍ସବରେ ବିଶେଷ ଆକର୍ଷଣ ଥିଲା ଓଡ଼ିଆଣୀ ବୋହୂ ପ୍ରତିଯୋଗିତା। କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା କରଞ୍ଜିଆର ମାଲଖମ୍ବ ଦଳ ଓ ଗଞ୍ଜାମର ଚଢ଼େୟା ଚଢ଼େୟାଣୀ ନୃତ୍ୟ ବେଶ୍ ମନ ମୋହିଥିଲା। ସ୍ଥାନୀୟ କଳାକାରଙ୍କ ମାହାରୀ ନୃତ୍ୟ ପରିବେଷଣ ହଜାର ହଜାର ଦର୍ଶକଙ୍କ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ତତ୍‌ସହିତ ପ୍ରଥମ ପିପିଲି ପୁସ୍ତକ ମେଳାରେ ପ୍ରାୟ ୧୫ଟି ପୁସ୍ତକ ପ୍ରକାଶନ ଷ୍ଟଲ୍ ଖୋଲାଯାଇଛି। କବି ସମ୍ମିଳନୀ, ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ଆଲୋଚନାଚକ୍ର କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମିଡିଆ ଆବାହକ ତଥା ଖବରଦାତା ମନୋରଞ୍ଜନ ମହାପାତ୍ର ଉପସ୍ଥିତ ଥିବାବେଳେ ସାଧାରଣ ସମ୍ପାଦକ ବିଭୂତି ସାମନ୍ତରାୟ, ଉପସଭାପତି ମନୋଜ ପ୍ରଧାନ, ସୁରେନ୍ଦ୍ର ମହାପାତ୍ର, ବିକାଶ ଅଗ୍ରୱାଲ, ସତୀଶ ପାଣିଗ୍ରାହୀ, ମୁନୁ ଅଗ୍ରୱାଲ, ପ୍ରଫୁଲ୍ଲ ସାହୁ, ବାପୁ ବେହେରା, ସମ୍ପଦ ମହାପାତ୍ର, ପ୍ରଫୁଲ୍ଲ ପ୍ରଧାନ, ପ୍ରୀତମ ବେହେରା, ଚନ୍ଦନ ମହାନ୍ତି, ପିନାକୀ ଦାଶ, ଗଜେନ୍ଦ୍ର ବେହେରାଙ୍କ ସହ ଜାଗୃତି ସଂଗଠନର ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।





ଜାଗୃତି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ଆଲୋଚନାଚକ୍ର**

କଟକ,(କୁମାରଶ୍ରୀ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ଭାରତର ଗଣତାନ୍ତ୍ରିକ ପରୀକ୍ଷଣ: ବହୁମୁଖୀ ସମାଜରେ ରାଜନୈତିକ ପ୍ରକ୍ରିୟା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ରାଜନୀତି ବିଜ୍ଞାନର ପ୍ରଫେସର ନେତାଜୀ ଅଭିନନ୍ଦନ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇଥିଲେ। ସେ କହିଥିଲେ ଭାରତର ଗଣତାନ୍ତ୍ରିକ ପରୀକ୍ଷଣ ପ୍ରେରଣାଦାୟକ ଏବଂ ଜଟିଳ। ଭାରତ ବିବିଧ ପରିସ୍ଥିତି ସତ୍ତ୍ୱେ ଏକ ସୁଦୃଢ଼ ଗଣତାନ୍ତ୍ରିକ ଦେଶ ଭାବରେ ସଫଳତାର ସହ ଛିଡ଼ାହୋଇଛି। ଏହା ସତ୍ତ୍ୱେ ଗଣତନ୍ତ୍ର ନିର୍ବାଚନ ପ୍ରକ୍ରିୟାରେ ସାମିତ ହୋଇଯାଉଛି ଏବଂ ଦଳୀୟ ବ୍ୟବସ୍ଥାର ବିବର୍ତ୍ତନ ଆମ ଗଣତନ୍ତ୍ର ପାଇଁ ଏକ ଆହ୍ୱାନ ଭାବରେ ଉଭା ହୋଇଛି ବୋଲି ନେତାଜୀ ମତବ୍ୟକ୍ତ କରିଥିଲେ।



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର କରି ବୃଦ୍ଧ ଗିରଫ

କଣ୍ଟାପଡା,୨୧।୩(ସୁରନାରାୟଣ ସାହୁ)

ଗୋବିନ୍ଦପୁର ଥାନା ଅଞ୍ଚଳର ଏକ ଗ୍ରାମର ୧୫ ବର୍ଷର ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କିଶୋର ସାହୁ (୭୧)। ଏ ନେଇ ଗୋବିନ୍ଦପୁର ଥାନା ପୋକ୍ସୋ ଆକ୍ଟରେ ମାମଲା (ନଂ. ୭୧/୨୬) ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି। ପୋଲିସ ସୂତ୍ରରୁ ପ୍ରକାଶ, କିଶୋର ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କ ସହିତ ବାରମ୍ବାର ବଳାତ୍କାର କରିଥିଲେ। ଅସହ୍ୟ ହେବାରୁ ନାବାଳିକା ପରିବାର ଲୋକଙ୍କୁ ଜଣାଇଥିଲେ। ଶୁକ୍ରବାର ପୀଡିତାଙ୍କ ବାପା ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନାବାଳିକାଙ୍କ ଡାକ୍ତରୀ ମାଇନା କରିବା ସହ କିଶୋରଙ୍କୁ ଗିରଫ କରଥିଲା।

### ଦଲାଲ ମୁକ୍ତ ପାଇଁ ସଚେତନତା କାର୍ଯ୍ୟକ୍ରମ

କଟକ,୨୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଦଲାଲ ଏବେ ସକ୍ରିୟ ହେଉଥିବାବେଳେ ଦଲାଲ ମୁକ୍ତ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ଅପରାଧ ଯାଞ୍ଚ ବ୍ୟୁରୋ, ନାଗରିକ ଅଧିକାର ସୁରକ୍ଷା ପରିଷଦ ଏବଂ ଓଡିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚର ମିଳିତ ଆନୁକୂଲ୍ୟରେ ମେଡିକାଲ ପରିସରରେ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ଏସ୍‌ସିବି ଏକ ନିର୍ଭରଶୀଳ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ହୋଇଥିବାରୁ ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଗରିବ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସିଥାନ୍ତି। ସଚେତନତା ସୃଷ୍ଟି ଲକ୍ଷ୍ୟରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହଯୋଗକ୍ରମେ ମୁଖ୍ୟ ଫାଟକସ୍ଥିତ ସହାୟତା କେନ୍ଦ୍ର, ଟ୍ରମା କେୟାର, ନନ୍‌ଟ୍ରମା କେୟାର, ବ୍ଲଡ ବ୍ୟାଙ୍କ, ସାମ୍ପଲ କଲେକ୍ସନ ସେଣ୍ଟର, ଜେନେରାଲ ଓପିଡି ଆଦି ବହୁଳ ଜନସମାଗମ ସ୍ଥାନରେ ଦଲାଲ ମୁକ୍ତ ରୋଗୀ ସୁରକ୍ଷା ପାଇଁ ସଚେତନତା ପୋଷ୍ଟର ଲଗାଯାଇଛି। ଏହି କାର୍ଯ୍ୟକ୍ରମକୁ ଏନ୍‌ସିଆଇବିର ରାଜ୍ୟ ନିର୍ଦ୍ଦେଶକ ସୁଦାମ ଚରଣ ଦାସଙ୍କ ନିର୍ଦ୍ଦେଶରେ ଜିଲ୍ଲା ଅଧିକାରୀ ବୈଦ୍ୟନାଥ ସାହୁ, ଆଇନଜୀବୀ ଅମିୟ ଭୂଷଣ ବିଶ୍ୱାଳ, ମନୋଜ କୁମାର ଚକ୍ର, ସୁରେଶ କୁମାର ନାୟକ, ଇଂ. ଅନ୍ୱୟ ଅଭିନବ ପ୍ରମୁଖ ଉପସ୍ଥିତ ଥିଲେ।

### ନବୋଦୟ ପ୍ରବେଶିକାରେ ଭକ୍ତିମୟୀଙ୍କ କୃତିତ୍ୱ

ଖୁଣ୍ଟୁଣୀ,୨୧।୩(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ଶ୍ରେଣୀ ଛାତ୍ରୀ ଭକ୍ତିମୟୀ ସାହୁ ନବୋଦୟ ବିଦ୍ୟାଳୟରେ ଅଧ୍ୟୟନ ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଚଳିତବର୍ଷ ହୋଇଥିବା ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଭକ୍ତିମୟୀ ୯୦ ପ୍ରତିଶତ ନମ୍ବର ସହ ୬୫ ନମ୍ବର ର୍ୟାଙ୍କ ରଖି ଏହି କୃତିତ୍ୱ ପାଇଛନ୍ତି। ଚକ୍ରଧର ସାହୁ ଓ ସ୍ୱର୍ଣ୍ଣପ୍ରଭା ସାହୁଙ୍କ ଝିଅ ଭକ୍ତିମୟୀ ନବୋଦୟ ବିଦ୍ୟାଳୟରେ ଅଧ୍ୟୟନ କରିବାରେ ଖୁଣ୍ଟୁଣୀ ଗ୍ରାମର ପ୍ରଥମ ବିଦ୍ୟାର୍ଥୀ। ଖୁଣ୍ଟୁଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ରାଉଳ ଓ ସମସ୍ତ ଗୁରୁମା-ଗୁରୁଜୀ ଭକ୍ତିମୟୀଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ରାଉତ୍ରାପୁରରେ ଇଦ୍-ଉଲ୍-ଫିତର ପାଳିତ

କଟକ ସଦର,୨୧।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ରାଉତ୍ରାପୁରରେ ଇଦ ଉଲ ଫିତର ଶନିବାର ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ସକାଳେ ସମସ୍ତ ମୁସଲିମ ଭାଇମାନେ ସ୍ଥାନୀୟ ମସଜିଦରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ପରେ ନମାଜ ସ୍ଥଳୀରେ ପରସ୍ପରକୁ ଆଲିଙ୍ଗନ କରିବା ସହିତ ଇଦ ମୁବାରକ ଜଣାଇଥିଲେ। ଗ୍ରାମ୍ୟ କମିଟି ମୁଖ୍ୟ ଖଲିକୁଦ ଜମାନ, ମସଜିଦ କମିଟି ସଭାପତି ଆୟୁବ ଆବେଦିନ ଖାଁ, ସମ୍ପାଦକ ନସିମ ଜାଭେଦ, ମିର୍ଜା ସରଫତ ଅଲ୍ଲୀ, ଡ. ଏସ.କେ. କଲିମୁଲ୍ଲା, ମହମ୍ମଦ ଫୟାଯୁଲ ହକ, ଅମଜାଦ ଖାଁ, ମିର୍ଜା ସର୍ଫରାଜ ବେଗ, ମିର୍ଜା ଯାହିଦ ବେଗ, ସେକ ଓବେଦୁଲ୍ଲା, ମିର୍ଜା ଆଲମ ବେଗ, ମିର୍ଜା ଖଲିଲ ବେଗ, ମିର୍ଜା ଆଫ୍ରିଦ, ମହମ୍ମଦ ସିରାଜ ଓ ମହମ୍ମଦ ଜାକିର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ନିଶା ଛାଡ଼ି ପାଠମନସ୍କ ୨୦ ପିଲା

କଟକ,୨୧।୩(କୁମାରଶ୍ରୀ)

**ନୂଆ ଜୀବନ ଦେଉଛି 'ନବଦିଶା'**

ଶୈଶବକୁ ବାନ୍ଧି ରଖିଥିଲା ନିଶା। କୋମଳ ବୟସରେ ନିଶାର କବ୍‌ଜାରେ ପଡ଼ି ସାଧାରଣ ଜୀବନଠାରୁ ଖୁବ୍ ଦୂରରେ ଥିଲେ। ବସ୍ତିରେ ଜିଉଁଥିଲେ, ସାମାଜିକ ଚଳଣୀ କ'ଣ ଜାଣି ନ ଥିଲେ। କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଉଦ୍ଧାର ହୋଇ ଅଣାଯିବା ପରେ ଏବେ ନିଶା ଛାଡ଼ି ୨୦ଜଣ ପିଲା ପାଠ ମନସ୍କ ହୋଇଛନ୍ତି। ନିତିଦିନ ବିଦ୍ୟାଳୟକୁ ଯାଉଛନ୍ତି। ଶୃଙ୍ଖଳିତ ଜୀବନ ଜିଉଁଛନ୍ତି। ସୁନ୍ଦର ଭବିଷ୍ୟତ ଗଠନର ବାଟ ଖୋଜି ପାଇଛନ୍ତି। ବସୁନ୍ଧରା ଅନୁଷ୍ଠାନ ପକ୍ଷରୁ ଖୋଲିଥିବା ନିଶାମୁକ୍ତି ଏବଂ ଦକ୍ଷତା ବିକାଶ କେନ୍ଦ୍ର 'ନବଦିଶା'ର ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଉଛି। ନିଶାମୁକ୍ତ ଶୈଶବ ଉପରେ ସଚେତନତା କାର୍ଯ୍ୟକ୍ରମ ଏବଂ ନିଶାସକ୍ତ ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନବଦିଶାର ମୂଳଲକ୍ଷ୍ୟ। ବିଡାନାସୀ ଅଞ୍ଚଳରେ ଥିବା ଏହି କେନ୍ଦ୍ରରେ ଏବେ ୨୦ଜଣ ପିଲା ରହୁଛନ୍ତି। ଯେଉଁମାନଙ୍କ ବୟସ ୫ବର୍ଷରୁ ଆରମ୍ଭ କରି ୧୫ବର୍ଷ ବୟସ ପର୍ଯ୍ୟନ୍ତ ରହିଛି। ଏମାନଙ୍କ ମଧ୍ୟରେ ୨ଜଣ ବାଳିକା ମଧ୍ୟ ଅଛନ୍ତି। ଅଭିଭାବକଙ୍କ ଅବହେଳା ଯୋଗୁ କୋମଳ ବୟସରେ ପିଲାମାନେ ନିଶା ସେବନରେ ମାତିଥିଲେ। ମଦ, ଗଞ୍ଜେଇ, ଡେନଡ୍ରାଇଟ ଭଳି ମାରାତ୍ମକ ନିଶାର କବଳରେ ପଡ଼ିଯାଇଥିଲେ। ତେବେ ନବଦିଶା ସଙ୍ଗଠନ କଟକରେ ଆରମ୍ଭ କରାଯିବା ପରେ ଏଭଳି ଶିଶୁଙ୍କ ଭବିଷ୍ୟତ ଗଠନ ଦିଗରେ ଏବେ ଉଦ୍ୟମ ଆରମ୍ଭ ହୋଇଛି। ବିଡାନାସୀ ମ୍ୟୁନିସିପାଲିଟି ସ୍କୁଲରେ ଏହି କେନ୍ଦ୍ରର ପିଲାମାନଙ୍କ ନାମ ଲେଖାଯାଇଛି। ବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ପିଲାମାନଙ୍କ ଭିତରେ ପାଠପଢ଼ା ପାଇଁ ଉତ୍କଣ୍ଠା ବଢ଼ିଛି। ପ୍ରଥମ କିଛି ଦିନ ସେମାନେ ଅନ୍ୟ ସହ ମିଶିବା ପାଇଁ ସଙ୍କୋଚ କରୁଥିଲେ। ହେଲେ ଏବେ ଭଲ ପାଠ ପଢ଼ିବା ସହ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି।

ବସୁନ୍ଧରା ଅନୁଷ୍ଠାନର ମୁଖ୍ୟ ଶୈଳ ବେହେରାଙ୍କ କହିବା ଅନୁସାରେ, ଖୁବକମ୍ ବୟସରୁ ନିଶା ସେବନ କରି ପିଲାମାନେ ନିଜ ଜୀବନ ନଷ୍ଟ କରିବାକୁ ଲାଗିଥିଲେ। ନିଶାର ବେଡିରୁ ମୁକୁଳାଇ ସେମାନଙ୍କୁ ନୂଆ ଜୀବନ ଦେବା ପାଇଁ ଚେଷ୍ଟା କରାଯାଉଛି। ଏହା ଏକ ସାମାଜିକ ଅଭିଯାନ ବୋଲି ଶୈଳ କୁହନ୍ତି।




ପବିତ୍ର ଇଦ୍-ଉଲ୍-ଫିତର ପର୍ବ ପାଳନ ଅବସରରେ ଶନିବାର କଟକ ସତୀଚୌରାସ୍ଥିତ ଇଦ୍‌ଗାଠାରେ ଅନୁଷ୍ଠିତ ସମୂହ ନମାଜପାଠ ଓ ଦୁଇ ଶିଶୁ ପରସ୍ପରକୁ ଶୁଭେଚ୍ଛା ଜଣାଉଛନ୍ତି।।(ଫଟୋ: ରାଜକିଶୋର ମହାନ୍ତି)

# ଇଦ୍‌ରେ ମୋକିମ୍-ଦେବୀଙ୍କ ଆଲିଙ୍ଗନକୁ ନେଇ ଚର୍ଚ୍ଚା



ଇଦ୍ ପାଳନ ଅବସରରେ ଦେବୀ ଓ ମୋକିମ୍ ପରସ୍ପରଙ୍କୁ ଆଲିଙ୍ଗନ କରୁଛନ୍ତି।

କଟକ,୨୧।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସହରର କଦମରସୁଲ ଇଦ୍‌ଗାଠାରେ ଶନିବାର ଇଦ୍ ପାଳନ ଅବସରରେ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ, ବିଜେଡି ନେତା ତଥା ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ବହୁ ନେତା ଯୋଗଦେଇ ପରସ୍ପରଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଛନ୍ତି। ଦେବୀରଞ୍ଜନଙ୍କୁ ମୋକିମ ଆଲିଙ୍ଗନ କରି ଓ ହାତ ମିଳାଇ ଇଦ୍ ମୁବାରକ ଜଣାଇଛନ୍ତି। ସେଠାରେ ସୋଫିଆ ମଧ୍ୟ ଉପସ୍ଥିତ ଥିଲେ। ଆଲିଙ୍ଗନ ସମୟର ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହାକୁ ନେଇ ଏବେ ବେଶ୍ ଚର୍ଚ୍ଚା ଚାଲିଛି। ଏପରିକି ଦେବୀ ନିଜ ନିର୍ବାଚନମଣ୍ଡଳୀରେ ବିଜୁ ବାବୁ ଅମର ରହେ ବ୍ୟାନରରେ ନିଜ ଶକ୍ତି ପ୍ରଦର୍ଶନ କରିବା ପରେ କଟକରେ ପ୍ରଥମ କରି ଇଦ୍ ପାଳିବାରୁ ଏବେ କଟକ ରାଜନୀତି ସରଗରମ ହୋଇଯାଇଛି। ସେହିପରି ପ୍ରତିବର୍ଷ ପରି କଟକ ଭାଇଚାରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ମେୟର ସୁବାସ ଓ ମୋକିମ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏନେଇ ମୋକିମ କହିଛନ୍ତି, କଟକ ଭାଇଚାରାର ସହର। ସବୁ ପର୍ବ ଆମେ ଏକଜୁଟ୍ ହୋଇ ପାଳିଥାଉ। ଏଥିରେ ରାଜନୀତି ନ ହେବା ଭଲ। ଦେବୀ କହିଛନ୍ତି, କଟକରେ ଏପରି ପର୍ବ ପାଳିବା ଏକ ନିଆରା ପରିବେଶ ସୃଷ୍ଟି କରିଛି। କଟକ ସହରର ଭାଇଚାରା ଏଭଳି ବଜାୟ ରହୁ ବୋଲି ସେ କହିଛନ୍ତି। ସୋଫିଆ କହିଛନ୍ତି, ଆଜି ଉତ୍ସବର ଦିନ, ସବୁ ଏକଜୁଟ୍ ହୋଇ ପର୍ବ ପାଳୁଛୁ। ରାଜନୀତିକୁ ନେଇ କିଛି କହିବିନି, କଟକରେ ନିର୍ବାଚନ କେବଳ ଦୃଢ ସମ୍ପର୍କକୁ ନେଇ ଜିତିଛି। ଲୋକଙ୍କ ପାଇଁ ପୂର୍ବରୁ ଯେଉଁଭଳି ମିଶି କାମ କରୁଥିଲି ଏବେ ସେହି କାମ ଆହୁରି ଦ୍ୱିଗୁଣିତ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ମେୟର ସୁବାସ କହିଛନ୍ତି, ଭାଇଚାରା ହେଉଛି କଟକର ଏକ ପରିଚୟ। ଆଜି ସବୁ ଧର୍ମର ଲୋକ ଏକଜୁଟ୍ ହୋଇଛୁ ବୋଲି ସେ କହିଛନ୍ତି।

# ଅସନ୍ତୋଷ ଝାଡ଼ିଲେ ଦେବୀରଞ୍ଜନ, ପ୍ରଭାତ ବିଶ୍ୱାଳ

କଟକ,୨୧।୩(ଶିଳ୍ପା ପ୍ରିୟଦର୍ଶିନୀ)

- ରାଜନୀତିରୁ ସନ୍ନ୍ୟାସ ନେବା ପରେ ବି ସେ ଦଳରେ ସକ୍ରିୟ ଅଛନ୍ତି: ପ୍ରଭାତ
- ଦଳରେ ପାଣ୍ଡିଆନଙ୍କ ଚିନ୍ତାଧାରା ଗ୍ରାସ କରିଛି: ଦେବୀ

କଟକର କଦମରସୁଲଠାରୁ ଆରମ୍ଭ କରି ବିଭିନ୍ନ ମସ୍‌ଜିଦରେ ନମାଜ ପାଠ କରି ପରସ୍ପରଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଛନ୍ତି ସହରବାସୀ। ଏହି ଅବସରରେ ଇଦ୍‌ଗାଠାରେ ପହଞ୍ଚି ଲୋକଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ। ଇଦ୍ ପାଳିବା ସହ ପ୍ରଭାତ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ କାର୍ତ୍ତିକେୟନ ପାଣ୍ଡିଆନଙ୍କୁ ଟାର୍ଗେଟ କରି କହିଛନ୍ତି, ମୁଁ ଯେଉଁ ଟ୍ରଷ୍ଟ ବିଷୟରେ ସ୍ୱର ଉଠାଇଥିଲି ତାହା ଏବେ ସତ ହୋଇଛି। ଟ୍ରଷ୍ଟ ଗଠନ କଥା ଏବେ ନବୀନ ପଟ୍ଟନାୟକ ମାନିଛନ୍ତି। ପୂର୍ବରୁ ୪୦ ବିଧାୟକଙ୍କ ଆଗରେ ପଚାରିବାରୁ ସଂତୃପ୍ତ ମିଶ୍ର ମନା କରିଥିଲେ। ନବୀନ ମାନିବା ପରେ ଆଜି ସବୁ ସତ ପଦାକୁ ଆସିଯାଇଛି। ରାଜନୀତିରୁ ସନ୍ନ୍ୟାସ ନେବା ପରେ ବି ପାଣ୍ଡିଆନ ସବୁ କିଛି କରୁଛନ୍ତି। ପୂର୍ବରୁ ପ୍ୟାରୀବାବୁ ସବୁ କରୁଥିଲେ, ପରେ ପାଣ୍ଡିଆନ ସବୁ କିଛି କଲେ, ହେଲେ ନବୀନ ବାବୁ କେବଳ ଦସ୍ତଖତ କରି ଆସୁଛନ୍ତି। ନବୀନଙ୍କୁ ସତ ଘଟଣା ବିଷୟରେ ପଚାରିଲି ବୋଲି ମୋତେ ଅପମାନ କରାଗଲା, ତାର ପ୍ରତିଶୋଧ ନେଇଛି ସୌଭିକ୍। ମୋ ପୁଅ କିଛି ଭୁଲ୍ କରିନି ତାକୁ ଯାହା ଠିକ୍ ଲାଗିଛି ସେଥିରେ ସେ ଭୋଟ୍ ଦେଇଛି ବୋଲି ସେ କହିଛନ୍ତି। ସେହିପରି ପାଣ୍ଡିଆନଙ୍କୁ ଟାର୍ଗେଟ କରି ଦେବୀରଞ୍ଜନ କହିଛନ୍ତି, ଧୀରେ ଧୀରେ ବିଜେଡିରେ ଏବେ ପାଣ୍ଡିଆନଙ୍କ ଚିନ୍ତାଧାରା ଗ୍ରାସ କରିବାରେ ଲାଗିଛି। ଏଥିରେ ସଂସ୍କାର ଆଣିବାକୁ ସମୟ ଲାଗିବ। ମୁଁ ଭୋଟ୍ ମୋ ନିଜସ୍ୱ ଇଚ୍ଛାରେ ଦେଇଛି, ମୋତେ ସୋ-କଜ୍ ଦେବାର କୌଣସି ଅର୍ଥ ନାହିଁ। ଟ୍ରଷ୍ଟ ପାଇଁ ମନା କରାଗଲା, ହେଲେ ପରେ ଟ୍ରଷ୍ଟ ଥିବା ନେଇ ନବୀନ ବାବୁ କହିଲେ। ଏବେ ବିଜୁ ବାବୁଙ୍କ ବିଚାରକୁ ପୁଣି ପ୍ରତିଷ୍ଠା କରିବା ନେଇ ଆମେ କାର୍ଯ୍ୟ କରୁଛୁ ବୋଲି ସେ କହିଛନ୍ତି।

## ସଡ଼କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ

# ଗୋଟିଏ ଦିନରେ ୨୧୯ ଚାଲାଣ

କଟକ,୨୧।୩(କାର୍ତ୍ତିକ ସାହୁ)

କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ପକ୍ଷରୁ ଶନିବାର ସଡ଼କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ କରାଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶଙ୍କ ନିର୍ଦ୍ଦେଶକ୍ରମେ ମଗ୍ଗୁଲି, ଓମପି ଛକ, ତ୍ରିଶୁଳିଆ, ବାଙ୍କୀ ରୋଡ, କନ୍ଦରପୁର, ନରାଜ ଓ କିଶନନଗର ଅଞ୍ଚଳରେ ଯାଞ୍ଚ କରାଯାଇଛି। ଗୋଟିଏ ଦିନରେ ହୋଇଥିବା ବିଶେଷ ଅଭିଯାନରେ ମୋଟ ୨୧୯ଟି ଚାଲାଣ ଆଦାୟ କରାଯାଇଛି। ଏଥିରେ ଦ୍ରୁତଗତି ୮୪, ହେଲମେଟ ନ ପିନ୍ଧିବା ୩୭, କର ଆଦାୟ ୫୮, ନୋ ପାର୍କିଂ ୧୦, ଟ୍ରିପଲ ରାଇଡିଂ ୩, ମୋବାଇଲ ବ୍ୟବହାର କରି ଡ୍ରାଇଭିଂ ୩, ଓଭରଲୋଡ ୨, ଓଡିସି ୨, ଭୁଲ ପଥରେ ଚାଳନା ୨, ଜିଭିସିପି ୨, ଏଫ୍ସି/ଆଇସି/ଆର୍ପି ସମ୍ବନ୍ଧୀୟ ୧୫ ଓ ମଦ୍ୟପାନ କରି ଡ୍ରାଇଭିଂରେ ଗୋଟିଏ ମାମଲା ରୁଜୁ ହୋଇଛି। ଏଥିସହିତ ସାଧାରଣ ଲୋକମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ହେଲମେଟ ପିନ୍ଧିବା, ସିଟ ବେଲ୍ଟ ବ୍ୟବହାର, ଡ୍ରାଇଭିଂ ସମୟରେ ମୋବାଇଲ ବ୍ୟବହାର ନ କରିବା ଓ ଯାନରେ ରିଫ୍ଲେକ୍ଟିଭ ଟେପ ବ୍ୟବହାର ବିଷୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଦାଶଙ୍କ ସମେତ ମୋଟର ଭେହିକିଲ ଇନ୍ସପେକ୍ଟର ରୁପାଲିନ ବାହୁବଳେନ୍ଦ୍ର, ଟ୍ରାଫିକ ଇନ୍ସପେକ୍ଟର ରଞ୍ଜନ କୁମାର ଦୋରା, ସହକାରୀ ମୋଟର ଭେହିକିଲ ଇନ୍ସପେକ୍ଟର ନୀହାରିକା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଜନତା କଂଗ୍ରେସ ଲୋକଙ୍କ ପାଇଁ କାମ କରିବ: ମହମ୍ମଦ ମୋକିମ

କଟକ,୨୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଇଦ୍ ପାଳନ ସମୟରେ ଟେରଛା ବାଣ ମାରିଛନ୍ତି ବରିଷ୍ଠ ନେତା ଇଂ. ମହମ୍ମଦ ମୋକମି। ସେ କହିଛନ୍ତି, କଂଗ୍ରେସରୁ ମୁଁ ବହିଷ୍କୃତ ହୋଇସାରିଛି। ସେ ଦଳ ସହ ମୋର କୌଣସି ସମ୍ପର୍କ ନାହିଁ। ଓଡ଼ିଆ ଜନତା କଂଗ୍ରେସ ଏକ ନୂଆ ସଙ୍ଗଠନକୁ ନେଇ କାମ ଆରମ୍ଭ କରିଛି। ଯେଉଁମାନେ ଏହି ଦଳକୁ ଭଲପାଇବେ ସେମାନେ ଏଥିରେ ଏକଜୁଟ୍ ହୋଇ କାମ କରିବେ। ଲୋକପ୍ରତିନିଧି ଯିଏ ଏବେ ଅଛନ୍ତି ତାଙ୍କ ପଦବୀର ଅବଧି ସରିନାହିଁ, ଏପରିକି ସୋଫିଆ ମଧ୍ୟ ଏବେ କଂଗ୍ରେସରେ ରହିଛି। ଏବେ କେବଳ ସମୟ ଅବଧି ସରିବାକୁ ଅପେକ୍ଷା ରହିଛି। ସମୟ ସରିଲେ ଜଣାପଡିବ କିଏ କାହା ସହ ରହିଛି। ରବିବାର ଯାଜପୁରରେ ୭ଟି ନିର୍ବାଚନମଣ୍ଡଳୀକୁ ନେଇ ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇଛି। ପରେ ଅନ୍ୟାନ୍ୟ ସ୍ଥାନରେ ମିଶ୍ରଣ ପର୍ବ କରିବା ଏବଂ ଶେଷରେ ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆରେ କାର୍ଯ୍ୟକ୍ରମ କରାଯିବ। ଆନୁଷ୍ଠାନିକ ଭାବେ ଏହି ଦଳର ଆରମ୍ଭ ହେବ ଏବଂ ଏହି ଦଳ ସାଧାରଣ ଲୋକଙ୍କ ପାଇଁ କାମ କରିବ। ଓଡ଼ିଆ ଜନତା କଂଗ୍ରେସ ଭାଜପାର ବିକଳ୍ପ ଭାବେ କାମ କରିବ। କାରଣ ଏବେ ବିଜେଡି ଓ କଂଗ୍ରେସର ସ୍ଥିତି ଠିକନାହିଁ। ଆସନ୍ତା ପୌର ନିର୍ବାଚନ ଓଡିଶା ଜନତା କଂଗ୍ରେସ ପାଇଁ ଏକ ମାପକାଠି ହେବ। ଏହାସହ ଉତ୍କଳ ଦିବସରେ ଲୋକ ଦେଖିବେ କଟକର ସଂଗଠନ କେଉଁ ଦଳ ସହ ରହିଛି ବୋଲି ମୋକିମ କହିଛନ୍ତି।



କଟକ କ୍ଲବ୍ ପରିସରରେ ଅନୁଷ୍ଠିତ ପଖାଳ ଦିବସରେ ସାଧାରଣ ଲୋକ ପଖାଳ ଖାଇ ମଜା ନେଉଛନ୍ତି।

# ଆଜି ଜାତୀୟ ସମ୍ମିଳନୀ 'ଫାର୍ମା ଅନୱେଷଣ'

କଣ୍ଟାପଡା,୨୧।୩(ସୁରନାରାୟଣ ସାହୁ)

ଜାତୀୟ ଫାର୍ମାସି ପରିଷଦର ତତ୍ତ୍ୱାବଧାନରେ ଭାରତରେ ଫାର୍ମାସି ଶିକ୍ଷାର ଜନକ ଏମ୍‌ଏଲ୍ ସ୍କେଫଙ୍କ ୧୨୩ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଦଧିଚୀ କଲେଜ ଅଫ ଫାର୍ମାସି ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ରାଜ୍ୟ ଇଞ୍ଜିନିୟର୍ସ କେନ୍ଦ୍ରଠାରେ ଏକାଡେମୀୟା ଶିଳ୍ପ ଜାତୀୟ ସମ୍ମିଳନୀ 'ଫାର୍ମା ଅନୱେଷଣ' ୨୦୨୬ ଆୟୋଜନ ହେବ। ଏହି କାର୍ଯ୍ୟକ୍ରମ ଫାର୍ମାସି ଶିଳ୍ପର ସ୍ଥାୟୀ ବିକାଶ ସହ ନୂତନ ଭାରତର ଦୃଷ୍ଟିକୋଣ ସହ ଜଡିତ ବୋଲି ଦଧିଚୀ ଫାର୍ମାସି କଲେଜ ଅଧ୍ୟକ୍ଷ ଡ. ରଜତ କୁମାର କର କହିଛନ୍ତି। ସମ୍ମିଳନୀ ଜରିଆରେ ଭାରତର ଫାର୍ମାସି କ୍ଷେତ୍ରରେ ନବସୃଜନ ସହସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯିବା ଫଳରେ ଶିଳ୍ପ ଶୈକ୍ଷିକ ବ୍ୟବଧାନ ହ୍ରାସ କରିବା ସହିତ କୁଶଳୀ ଯୁବସମାଜ ପ୍ରସ୍ତୁତ କରାଯାଇପାରିବ ବୋଲି ଦଧିଚୀ ଶିକ୍ଷାସମୂହ ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ ଦାଶ କହିଛନ୍ତି। ସମ୍ମିଳନୀ ଦ୍ୱାରା ଫାର୍ମାସି ଶିକ୍ଷା, ଶିଳ୍ପ ସହଭାଗିତା, ନୀତି ଆଲୋଚନା, ଗବେଷଣା ବିନିମୟ ଏବଂ ବୃତ୍ତିଗତ ନେଟୱାର୍କିଂ ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ ବୋଲି ସମ୍ମିଳନୀରେ ଆୟୋଜକମାନେ କହିଛନ୍ତି। ସମ୍ମିଳନୀରେ ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ, ଔଷଧ ଶିଳ୍ପ ଗବେଷକ ଓ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିବେ।




'ଫାର୍ମା ଅନୱେଷଣ' ୨୦୨୬ର ବ୍ରୋସରକୁ ଉନ୍ମୋଚନ କରାଯାଉଛି।

# ୧୭ତମ କୋଟିଲେଇ ମହୋତ୍ସବ ଉଦ୍‌ଘାଟିତ

କଟକ ସଦର,୨୧।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ସଫିପୁର ଗ୍ରାମ ଦେବୀଙ୍କ ପୀଠରେ ଶନିବାର ୧୭ତମ କୋଟିଲେଇ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଚଭାଡି ଯାତ୍ରା ପରମହଂସ, ରାଜହଂସ, ହାଟସାହି, ସଫିପୁର ପରିକ୍ରମା କରିବା ପରେ ମୁଖ୍ୟ ମନ୍ଦିରକୁ ଆସିଥିଲେ। ମହୋତ୍ସବ କମିଟି ସଭାପତି ପ୍ରଫୁଲ୍ଲ କୁମାର ସିଂହ, ସମ୍ପାଦକ ସୁମନ୍ତ ପଣ୍ଡା, ସୁବୋଧ ବେହେରା, ଅନିରୁଦ୍ଧ ରାଉଳ, କିଶୋର ହରି, ହୃଷୀକେଶ ରଣା, ପୁଷ୍ପରାଜ ପ୍ରଧାନ, ଅର୍ଚ୍ଚନା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ରବିବାର ମା'ଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହେବ।



ସଫିପୁର ଗ୍ରାମରେ ସାଇବାବାଙ୍କ ଚଭାଡ଼ି ଓ କଳସ ଶୋଭାଯାତ୍ରା।

# ବ୍ୟାଙ୍କ କର୍ମଚାରୀମାନେ ଶ୍ରମଜୀବୀ ଜନଗଣଙ୍କ ଏକ ଅଂଶ

କଟକ,୨୧।୩(କାର୍ତ୍ତିକ ସାହୁ)




ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘର ରାଜ୍ୟ ସମ୍ମିଳନୀରେ ଉପସ୍ଥିତ ଅତିଥି।

ବ୍ୟାଙ୍କ କର୍ମଚାରୀମାନେ ଶ୍ରମଜୀବୀ ଜନଗଣଙ୍କ ଏକ ଅଂଶ। ଶ୍ରମିକ କର୍ମଚାରୀମାନଙ୍କ ସହ ମିଶି ଦେଶର ବ୍ୟାଙ୍କ କର୍ମଚାରୀମାନେ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସୁରକ୍ଷା ପାଇଁ ଅଗ୍ରଣୀ ଭୂମିକା ନେବାକୁ ହେବ। ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଶନିବାର ଆୟୋଜିତ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘର ରାଜ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଏଆଇବିଇଏର ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟାଚଳମ୍ ଏହି ମତପ୍ରକାଶ କରିଛନ୍ତି। ଏଆଇବିଇଏ ସମ୍ପାଦକ ବି. ଏସ. ରାମବାବୁ ବ୍ୟାଙ୍କ କର୍ମଚାରୀ, ଅଫିସର ଓ ଉଚ୍ଚ ପଦାଧିକାରୀଙ୍କ ପାଇଁ ସମାନ ପ୍ରକାରର ଲାଭ ସହ ଭତ୍ତା ପ୍ରଦାନ ଉଲ୍ଲଂଘନ ହେବା ଦ୍ୱାରା ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ସୃଷ୍ଟ ବିଭେଦ ବିରୋଧରେ ୟୁ.ଏଫ.ବି.ୟୁ. ଆନ୍ଦୋଳନର ଡାକରା ଦେଇଛି ଓ ଆବଶ୍ୟକ ପଡ଼ିଲେ ଧର୍ମଘଟ କରାଯିବ ବୋଲି କହିଥିଲେ। ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା କହିଲେ, ଶ୍ରମ ସଂସ୍କାର ନାମରେ କଳା ଶ୍ରମକୋଡ ପ୍ରଚଳନ କରି ଶ୍ରମିକମାନଙ୍କୁ ଶୋଷଣ କରାଯିବ। ସର୍ବଭାରତୀୟ ବ୍ୟାଙ୍କ ଅଫିସର ସଂଘର ରାଜ୍ୟ ସମ୍ପାଦକ ରବୀନ୍ଦ୍ର ନାଥ ଦାସ ଅଫିସର ଓ କର୍ମଚାରୀଙ୍କ ଐକ୍ୟବଦ୍ଧ ଆନ୍ଦୋଳନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ପ୍ରଭାତ କୁମାର ବେଉରାଙ୍କ ରଚିତ ସଂଗ୍ରାମୀ ଏଚ. ଏଲ. ପରୱାନାଙ୍କ ଜୀବନୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଅଭ୍ୟର୍ଥନା ସମିତିର ସଭାପତି ଏ.ଆଇ.ଟି.ୟୁ.ସି.ର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସଞ୍ଜୀବ ପତି ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଅତିଥି ପରିଚୟ ଓ ବିଶୁଦ୍ଧ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ବ୍ୟାରିକେଡ୍ ଡେଇଁବାବେଳେ ପାଚିକା-ପୋଲିସ ମୁହାଁମୁହିଁ

## ଚେତା ହରାଇଲେ ୫, ଆତ୍ମାହୁତି ଉଦ୍ୟମ, ରାସ୍ତାରେ ଶୋଇ ଗୁହାରିକଲେ



ଅଚେତ ହୋଇପଡ଼ିଥିବା ଜଣେ ପାଚିକାଙ୍କୁ ଜଣେ ପୋଲିସ ଉଦ୍ଧାର କରୁଛି।



ଲୋୟର ପିଏମ୍‌ଜିରେ ପୋଲିସ ସହ ମୁହାଁମୁହିଁ ହୋଇଥିବା ଆନ୍ଦୋଳନକାରୀ।

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)

ଦୈନିକ ସର୍ବନିମ୍ନ ମଜୁରି ୪୬୨ ଟଙ୍କା ପ୍ରଦାନ, ପ୍ରତିଦିନ ଶିକ୍ଷକ ଓ କମିଟି ପକ୍ଷରୁ ଚାକିରିକୁ ନେଇ ଦିଆଯାଉଥିବା ଧମକ ବନ୍ଦ, ୩ ମାସର ବକେୟା ଦରମା ପ୍ରଦାନ ଆଦି ୭ଦଫା ଦାବି ନେଇ ନିଖିଳ ଓଡ଼ିଶା ପାଚକପାଚିକା ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନ ଶନିବାର ପ୍ରତ୍ୟାହୃତ ହୋଇଛି। ହେଲେ ଶେଷ ଦିନରେ ଆନ୍ଦୋଳନସ୍ଥଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନରତ ପାଚକପାଚିକାମାନେ ଏକାଠି ହୋଇ ବ୍ୟାରିକେଡ୍ ଭାଙ୍ଗି ଆଗକୁ ମାଡ଼ିଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ କେତେଜଣ ପାଚିକା କାନ୍ଦି କାନ୍ଦି ରାସ୍ତାରେ ଶୋଇ ସରକାରଙ୍କୁ ଗୁହାରି କରୁଥିବା ଦେଖିବାକୁ ମିଳିଥିଲା। ଆଉ କେତେଜଣ ଆତ୍ମାହୁତି ଓ ଆତ୍ମହତ୍ୟା ଭଳି ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଥିବାବେଳେ ପୋଲିସ ସେମାନଙ୍କୁ ନିବୃତ୍ତ ରଖିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଜଣେ ପାଚିକା ହାତରେ ଦିଆସିଲି ଧରିଥିବା ଦେଖି ପୋଲିସ ବିପଦ ଆଶଙ୍କାରେ ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲା। ପାଚିକା ଜଣକ ଦୌଡ଼ି ପଳାଉଥିବାବେଳେ ଫୁଟ୍‌ପାଥ୍ ଉପରେ ପାଚିକା ଓ ପୋଲିସ ପଡିଯାଇଥିଲେ। ପାଚିକା ଜଣକ ତଳେ ପଡିଯିବାରୁ ସେ ଅଚେତ ହୋଇପଡିଥିଲେ। ଉପସ୍ଥିତ ପୋଲିସ ଓ ଅନ୍ୟ ପାଚିକାମାନେ ପାଣି ସିଞ୍ଚି ତାଙ୍କ ଚେତା ଫେରାଇ ଆଣିଥିଲେ। ସେହିଭଳି ଧସ୍ତାଧସ୍ତି ଭିତରେ ୫ରୁ ଊର୍ଦ୍ଧ୍ୱ ପାଚିକା ଅସୁସ୍ଥ ଓ ଅଚେତ ହୋଇପଡିଥିଲେ।

ସୂଚନାଯୋଗ୍ୟ, ସଂଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ୫ଦିନ ଧରି ଲୋୟର ପିଏମ୍‌ଜିରେ ଅହୋରାତ୍ର ଧାରଣା ଚାଲିଥିଲା। ପ୍ରତିଦିନ ନିଆରା ଢଙ୍ଗରେ ପାଚିକା ମାଆମାନେ ପ୍ରତିବାଦ କରୁଥିଲେ। ଶୁକ୍ରବାର ସେମାନେ ପାଟିରେ ନଡ଼ା କାମୁଡ଼ି ପ୍ରତିବାଦ କରିବା ପରେ ଶନିବାର ପେଟରେ ଓଦା କପଡ଼ା ପକାଇ ପ୍ରତିବାଦ କରିଥିଲେ। ତେବେ ଶୁକ୍ରବାର ଏକାମ୍ର ବିଧାୟକ ବାବୁ ସିଂ ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧାରଣାସ୍ଥଳକୁ ଆସି ସମସ୍ତ ଦାବି ଶୁଣିବା ପରେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଆଲୋଚନା ପାଇଁ ସ୍ଥିର ହୋଇଥିଲା। ହେଲେ ଶନିବାର ସକାଳ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ଆଲୋଚନା ନ ହେବାରୁ ପାଚିକା ମାଆମାନେ ବାଧ ହୋଇ ପୁଣି ରାଜରାସ୍ତାରେ ପ୍ରତିବାଦ କରିଥିଲେ। ଖରାରେ ବସି ଅପେକ୍ଷା କରିବାର ଧୈର୍ଯ୍ୟହରା ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ବାହାରିଥିଲେ। ସେମାନେ ବ୍ୟାରିକେଡ୍ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ବାଟ ଓଗାଳିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ବୁଝାଶୁଝା କରିବା ସହ ଆଲୋଚନା ପାଇଁ କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

ପୋଲିସ ଓ ପାଚିକାଙ୍କ ମଧ୍ୟରେ ଧସ୍ତାଧସ୍ତି ପରେ ସଂଘର ଏକ ପ୍ରତିନିଧି ମଣ୍ଡଳୀ ପ୍ରଥମେ ଗଣଶିକ୍ଷା ସଚିବ ଏନ୍. ତିରୁମାଲା ନାୟକଙ୍କ ସହ ଆଲୋଚନା କରିଥିଲେ। କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ତାଙ୍କ ବାସଭବନକୁ ଯାଇଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ବିଧାୟକ ବାବୁ ସିଂ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ସମସ୍ତ ପାଚିକାଙ୍କୁ ୧ମାସ ଭିତରେ ପରିଚୟପତ୍ର ପ୍ରଦାନ, ଅଙ୍ଗନୱାଡ଼ି ସହାୟକଙ୍କ ଦରମା ଭଳି ୫୮୦୦ ଟଙ୍କା ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସକାରାତ୍ମକ ପ୍ରସ୍ତାବ ଉପରେ ସ୍ୱତନ୍ତ୍ର ପଦକ୍ଷେପ ପାଇଁ କମିଟି ଗଠନ, ପ୍ରତି ମାସର ୧୦ ତାରିଖ ସୁଦ୍ଧା ଦରମା ପ୍ରଦାନ ଆଦି ଦାବିକୁ ମନ୍ତ୍ରୀ ଗ୍ରହଣ କରିଥିଲେ। ଏଥିସହ ବକେୟା ୩ ମାସର ଦରମା ଆସନ୍ତା ସପ୍ତାହ ଭିତରେ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ନିଖିଳ ଓଡ଼ିଶା ପାଚିକା ରାଜ୍ୟ ସଂଘ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଆଗାମୀ ଦିନରେ ପ୍ରତିଶ୍ରୁତି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସଂଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଥିବା ସଂଘର କାର୍ଯ୍ୟକାରୀ ସଭାପତି ସରୋଜିନୀ କୁମରା, ସାଧାରଣ ସମ୍ପାଦିକା ସୁମିତ୍ରା ରଥ, ଉପସଭାପତି ଶାନ୍ତି ଲୋହାର, ସମ୍ପାଦିକା ସଞ୍ଜୁଲତା ବିଶ୍ୱାଳ, ସନ୍ଧ୍ୟାରାଣୀ ସ୍ୱାଇଁ, ସଂଯୁକ୍ତା ବିଷୋୟୀ, ଗାୟତ୍ରୀ ମହାରଣା ପ୍ରମୁଖ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅନୀତା



@ ରଶ୍ମି



@ ସତ୍ୟ



@ ସୁବ୍ରତ



@ ବିନି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନମାଜ ପଢ଼ିଲେ, ଇଦ୍ ଶୁଭେଚ୍ଛା ଜଣାଇଲେ

ଭୁବନେଶ୍ୱର,୨୧।୩ (ସୌମ୍ୟରଞ୍ଜନ ରାଉତ)

ଆନନ୍ଦ ଉତ୍ସାହର ସହ ଶନିବାର ଇଦ୍-ଉଲ୍-ଫିତର ରାଜଧାନୀର ବିଭିନ୍ନ ମସ୍‌ଜିଦ୍‌ରେ ପାଳିତ ହୋଇଯାଇଛି। ଇଦ୍ ପାଇଁ ଇସ୍‌ଲାମ ଧର୍ମାବଲମ୍ବୀଙ୍କ ଭିତରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ବିଭିନ୍ନ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ କରିବା ସହ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଇଦ୍ ପାଇଁ ନିଷ୍ଠାର ସହ ପୂରା ମାସ ପବିତ୍ର ରୋଜା ପାଳିଥିଲେ ଇସ୍‌ଲାମ୍ ଧର୍ମାବଲମ୍ବୀ। ଶୁକ୍ରବାର ସନ୍ଧ୍ୟା ୬ଟା ୨ରେ ଚାନ୍ଦ ଦେଖିବା ପରେ ରୋଜା ଭାଙ୍ଗିଥିଲେ। ଶନିବାର ସମସ୍ତେ ଖୁସିର ସହ ଇଦ୍-ଉଲ୍- ଫିତର ପାଳନ କରିଥିଲେ ବୋଲି ୟୁନିଟ୍-୪ ଜାମା ମସ୍‌ଜିଦ୍‌ର ସଭାପତି ସକିଲୁ ରହମନ୍ କହିଛନ୍ତି। ସେହିପରି ଝାରପଡ଼ା, ସତ୍ୟନଗର, ଭୌମନଗର, ଆଚାର୍ଯ୍ୟ ବିହାର, ଡୁମ୍‌ଡୁମା ଆଦି ବିଭିନ୍ନ ସ୍ଥାନରେ ଥିବା ମସ୍‌ଜିଦ୍‌ରେ ମହା ଆଡ଼ମ୍ବରରେ ଇଦ୍ ପାଳନ କରାଯିବା ସହ ସମୂହ ନମାଜ ପାଠ କରାଯାଇଥିଲା।



ଭୁବନେଶ୍ୱର ୟୁନିଟ୍-୪ ଜାମା ମସ୍‌ଜିଦ୍‌ରେ ଛୋଟ ପିଲାମାନେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ- ବିକାଶ ନାୟକ)

## ମେଡିକାଲ ଅଧିକାରୀଙ୍କ ମଧ୍ୟରେ ହୋଇପାରେ ଅଦଳବଦଳ

### ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା

କଟକ,୨୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ୧୩ ରୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଗୁରୁତରଙ୍କ ଚିକିତ୍ସା ଜାରି ରହିଛି। ଏହି ଘଟଣାକୁ ଶନିବାର ୬ ଦିନ ପୂରିଛି। ଏଥିରେ କେବଳ ୪ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଫ୍ୟାକ୍ଟ ଫାଇଣ୍ଡିଂ ରିପୋର୍ଟ ଆଧାରରେ ସ୍ୱାସ୍ଥ୍ୟ ବିଭାଗ ଏକ ବଡ଼ ପଦକ୍ଷେପ ଗ୍ରହଣ କରିବା ନେଇ ଯୋଜନା କରୁଥିବା ଜଣାପଡ଼ିଛି। ବିଭିନ୍ନ ମହଲରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ସମେତ ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଥିବାବେଳେ ଏହା ସରକାରଙ୍କ ଉପରେ ଏକପ୍ରକାର ଚାପ ପଡୁଛି। ଫଳରେ ମେଡିକାଲ ଅଧିକାରୀଙ୍କ ମଧ୍ୟରେ ବଡ଼ଧରଣର ଅଦଳବଦଳ ହୋଇପାରେ ବୋଲି ଜଣାପଡିଛି। ସେହିପରି ବିଚାର ବିଭାଗୀୟ ତଦନ୍ତ କମିଟି ଅବସରପ୍ରାପ୍ତ ବିଚାରପତି ଏହି ଘଟଣାର ତଦନ୍ତ କରିବାକୁ ଯାଉଛନ୍ତି। କମିଟି ୬୦ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ଏହି ରିପୋର୍ଟ ଆଧାରରେ ଏସ୍‌ସିବିରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ପରିବର୍ତ୍ତନ କରିବାକୁ ସରକାର ଯୋଜନା କରୁଛନ୍ତି। ପ୍ରକାଶଯୋଗ୍ୟ, ଗତ ରବିବାର ବିଳମ୍ବିତ ରାତିରେ ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ ବିଚାର ବିଭାଗୀୟ ତଦନ୍ତ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହାସହ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପ୍ରାଥମିକ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ମେଡିକାଲର କେତେଜଣ ବରିଷ୍ଠ ଅଧିକାରୀଙ୍କ ସମେତ ପ୍ରଶାସନିକସ୍ତରରେ ମଧ୍ୟ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।

## ହସ୍ପିଟାଲରେ ବାପା, ବସ୍ ଧକ୍କାରେ ଗଲା ପୁଅର ଜୀବନ

### ହମ୍ପ ନିର୍ମାଣ ଦାବିରେ ୪୦ ମିନିଟ୍ ରାସ୍ତାରୋକୋ

ଗୋପ,୨୧।୩ (ଭାରତୀ ଭୂଷଣ ଉପାଧ୍ୟାୟ)

ପଶ୍ଚିମବଙ୍ଗ ବସ୍ ଧକ୍କାରେ ଶନିବାର ମଧ୍ୟାହ୍ନରେ ଜଣେ ଯୁବକଙ୍କ ଜୀବନ ଚାଲିଯାଇଛି। ଘଟଣାସ୍ଥଳରୁ ବସ୍‌ଟି ଖସି ପଳାଇଥିବା ବେଳେ ଲୋକମାନେ ଗୋଡ଼ାଇ ବସ୍‌ଟିକୁ ଅଟକାଇବା ପରେ ପୋଲିସ ପହଞ୍ଚି ଚାଳକଙ୍କୁ ଗିରଫ କରିବା ସହ ବସ୍ ଜବତ କରିଛି। ମୃତକ କୋଣାର୍କ ଥାନା ଅନ୍ତର୍ଗତ ଜନ୍ତନା ଗ୍ରାମର ପ୍ରଶାନ୍ତ କୁମାର ମଲ୍ଲିକ (୪୦)। ମୃତକଙ୍କ ପୁଅ ନିଶିକାନ୍ତ ମଲ୍ଲିକଙ୍କ ଅଭିଯୋଗକୁ ନେଇ ପୋଲିସ ନଂ.୮୯/୨୬ରେ ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

ପ୍ରକାଶ ଯେ, ଶୁକ୍ରବାର ପ୍ରଶାନ୍ତଙ୍କ ବାପା ଭଗବାନ ମଲ୍ଲିକଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥ ଭଗବାନଙ୍କ ନିକଟରେ ପରିବାର ସଦସ୍ୟମାନେ ଥିବାବେଳେ ଶନିବାର ଘରୁ ବାପାଙ୍କ ପାଇଁ ରୋଷେଇ କରି ପ୍ରଶାନ୍ତ ତାଙ୍କ ବାଇକ ଯୋଗେ ଭୁବନେଶ୍ୱର ଯାଉଥିଲେ। ଗୋପ-ନିମାପଡ଼ା ରାସ୍ତାର ସେବା ନର୍ସିଂ ନିକଟରେ ପଶ୍ଚିମବଙ୍ଗ ଅଞ୍ଚଳର ଏକ ବସ୍ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଯୁବକ ଜଣଙ୍କ ଭାରସାମ୍ୟ ହରାଇ ବସ୍ ପଛ ଚକାତଳେ ରହିଥିବାରୁ ତାଙ୍କ ମୁଣ୍ଡ ଉପରେ ବସ୍ ଚଢ଼ିଯାଇଥିଲା ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଗାଡ଼ି ଅଟକାଇ ପୋଲିସକୁ ଫୋନ କରିବା କ୍ଷଣି ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର, ଏସ୍‌ଆଇ ବୁଦ୍ଧରାୟ ମାଝୀ, ଦେବସ୍ମିତା ସିଂ, ଏଏସ୍‌ଆଇ ମହନ୍ତ ବିଭୁପ୍ରସାଦ ଦାସ ଘଟଣାସ୍ଥଳରେ ପହଞ୍ଚି ବସ୍ ଜବତ କରି ଚାଳକ ତାପସ ମଣ୍ଡଳଙ୍କୁ ଗିରଫ କରିଥିଲେ। ମୃତକଙ୍କ ବାପା ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ବେଳେ ପ୍ରଶାନ୍ତ ପରିବାରର ଏକମାତ୍ର ପୁତ୍ର ବୋଲି ଜଣାପଡ଼ିଛି। ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ବନାଖଣ୍ଡି ସମିତିସଭ୍ୟା ଭାରତୀ ମଲ୍ଲିକ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳର ଲୋକେ ୪୦ ମିନିଟ୍ ଧରି ରାସ୍ତାରୋକୋ କରିଥିଲେ। ଖବରପାଇ ଅତିରିକ୍ତ ତହସିଲ୍‌ଦାର ଓ ପୋଲିସ ଅଧିକାରୀ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

## ଶ୍ରୀ ସାକ୍ଷୀଗୋପାଳଙ୍କୁ ଦର୍ଶନକରି ଟଳିପଡ଼ିଲେ ବୃଦ୍ଧା

ସାକ୍ଷୀଗୋପାଳ,୨୧।୩ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଶ୍ରୀ ସାକ୍ଷୀଗୋପାଳଙ୍କୁ ଶନିବାର ସନ୍ଧ୍ୟାରେ ଦର୍ଶନ କରିବା ପରେ ଜଣେ ବୃଦ୍ଧା ତୀର୍ଥଯାତ୍ରୀ ହଠାତ୍ ଟଳିପଡ଼ିଥିଲେ। ସହଯାତ୍ରୀମାନେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତାଙ୍କ ନାମ ପଦ୍ମାରାଣୀ ଶାହା(୭୯)। ଝାଡ଼ଖଣ୍ଡ ଧାନ୍‌ବାଦ ଅଞ୍ଚଳର ବୃଦ୍ଧା ଜଣକ ପୁତ୍ର ଚନ୍ଦ୍ରକାନ୍ତ ସାହା ଓ ବୋହୂଙ୍କ ସହ ତୀର୍ଥଯାତ୍ରାରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଶନିବାର ସକାଳେ ସେମାନେ କୋଣାର୍କ ମନ୍ଦିର, ଲିଙ୍ଗରାଜ ମନ୍ଦିର ଆଦି ବୁଲିସାରିବା ପରେ ତୀର୍ଥଯାତ୍ରାର ସାକ୍ଷୀଦେବାକୁ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନକରି ଘରକୁ ଫେରିଯିବାକୁ ଲକ୍ଷ୍ୟ ରଖିଥିଲେ। ମାତ୍ର ସାକ୍ଷୀଗୋପାଳଙ୍କ ଦର୍ଶନ ପରେ ସେ ନିର୍ବାଣ ଲଭିଥିବା ନେଇ ଶ୍ରଦ୍ଧାଳୁମାନେ କହିଛନ୍ତି।

## ପାରାଦୀପ ବନ୍ଦରରେ ଇଡି

- ବନ୍ଦରର ଜଣେ ଅଧିକାରୀଙ୍କ ସମ୍ପର୍କରେ ତଥ୍ୟ ମାଗିଲା ଇଡି
- ନିଜ ପଦବୀର ଅପବ୍ୟବହାର କରି ବିଭିନ୍ନ ସଂସ୍ଥାକୁ ଅନୁକମ୍ପା ଦେଖାଇଥିଲେ
- ୧୦ କୋଟିରୁ ଊର୍ଦ୍ଧ୍ୱ ସରକାରୀ ସମ୍ପତ୍ତି ହରିଲୁଟ ଅଭିଯୋଗ

ଭୁବନେଶ୍ୱର,୨୧।୩ (ତ୍ରିନାଥ ମହାନ୍ତି)

ପାରାଦୀପ ପୋର୍ଟରେ ଏବେ ପଶିଛି ଇଡି। ପୋର୍ଟର ଟ୍ରାଫିକ୍ ବିଭାଗରେ ଚାକିରି କରୁଥିବା ଜଣେ ବଡ଼ ଅଧିକାରୀ ନିଜ ପଦବୀର ଅପବ୍ୟବହାର କରି ବିଭିନ୍ନ ସଂସ୍ଥାକୁ ଅନୁକମ୍ପା ଦେଖାଇ ଅର୍ଥ ହରିଲୁଟ କରିଥିବା ଅଭିଯୋଗ ହୋଇଛି। ପାଖାପାଖି ୧୦ କୋଟିରୁ ଊର୍ଦ୍ଧ୍ୱ ଠକେଇ ହୋଇଥିବାନେଇ ପ୍ରଥମେ ଲୋକପାଳରେ ଅଭିଯୋଗ ହୋଇଥିଲା। ଲୋକପାଳଙ୍କ ପରାମର୍ଶ ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଉକ୍ତ ଅଧିକାରୀଙ୍କ ସମ୍ପର୍କରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଠାରୁ ତଥ୍ୟ ମାଗିଥିବା ଜଣାପଡ଼ିଛି। ସେ କେବେଠୁ ପାରାଦୀପରେ ଚାକିରି କରିବା ସହ କେତେ ଦରମା ପାଉଥିଲେ। ସରକାରଙ୍କୁ ପ୍ରତିବର୍ଷ ଦେଉଥିବା ସମ୍ପତ୍ତି ତାଲିକା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଡି ମାଗିଥିବା ସୂଚନା ମିଳିଛି। ସମସ୍ତ ତଥ୍ୟ ପାଇବା ପରେ ଖୁବ୍ ଶୀଘ୍ର ଇଡି ଚଢ଼ାଉ କରିବ ବୋଲି ଜଣାପଡ଼ିଛି।

ଅଧିକାରୀ ଜଣଙ୍କ ଉଚ୍ଚ ପଦବୀରେ ଥିବାରୁ ପରିଚାଳନା ଦାୟିତ୍ୱ ଆଳରେ ପାରାଦୀପ ବନ୍ଦର ସହିତ ଜଡ଼ିତ ବିଭିନ୍ନ ସଂସ୍ଥାଠାରୁ ବିପୁଳ ଅର୍ଥ ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଲୋକପାଳରେ ଅଭିନାଶ ଗୁରୁ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଲୋକପାଳ ଏକ ମାମଲା କରି ଇଡିକୁ ତଦନ୍ତ କରିବାକୁ ପରାମର୍ଶ ଦେଇଥିଲେ। ଇଡି ଏହି ମାମଲାର ତଦନ୍ତ କରି ପାରାଦୀପ ପୋର୍ଟକୁ ଉକ୍ତ ଅଧିକାରୀଙ୍କ ତଥ୍ୟ ମାଗିଛି। ଉକ୍ତ ଅଧିକାରୀଜଣଙ୍କ କୁଜଙ୍ଗ ବାମଦେଇପୁର ଜେଏସ୍‌ଡବ୍ଲ୍ୟୁ କାରଖାନା ନିକଟରେ ୬.୧୧ ଏକର ଜମି କିଣିଥିବା ଜଣାପଡ଼ିଛି। ସାଧାରଣତଃ ଯେକୌଣସି ଶିଳ୍ପାନୁଷ୍ଠାନ ନିକଟସ୍ଥ ଜମିର ମୂଲ୍ୟ ଢେର ଅଧିକ ରହିଥାଏ। ହେଲେ ଉକ୍ତ ଜମିକୁ ବଜାର ମୂଲ୍ୟ ଠାରୁ ଢେର କମ୍‌ରେ କିଣାଯାଇଥିବା ଅଭିଯୋଗ ହୋଇଛି। କେବଳ ଏହି ଗୋଟିଏ ସମ୍ପତ୍ତି ନୁହେଁ ନିକଟରେ ଏକାଧିକ ପ୍ଲଟ କିଣିଥିଲେ ମଧ୍ୟ ସରକାରୀଙ୍କୁ ସମ୍ପତ୍ତି ତାଲିକାରେ ଏହାକୁ ଦର୍ଶାଇ ନାହାନ୍ତି। ଉକ୍ତ ଅଧିକାରୀଙ୍କ ଭୁବନେଶ୍ୱର, କଟକ, ପୁରୀ ବ୍ୟତୀତ ଅନ୍ୟ କେତେକ ସହରରେ ବହୁତଳ କୋଠା, ବ୍ୟବସାୟିକ ପ୍ରତିଷ୍ଠାନ ଆଦି ରହିଛି। ମୁଖ୍ୟତଃ ବନ୍ଦର ବର୍ଥରେ ଜାହାଜକୁ ସଅଳ ପ୍ରବେଶ ଅନୁମତି ଏବଂ ଆଙ୍କରିଂ ପ୍ରଦାନ ଆଳରେ ଅଧିକାରୀ ଜଣଙ୍କ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ପୋର୍ଟର ସଚିବ କେ.ବାପି ରାଜୁ କହିଛନ୍ତି, ଜଣେ ବ୍ୟକ୍ତିଙ୍କ ବିରୋଧରେ ଇଡି ତଥ୍ୟ ମାଗିଛି। ପୋର୍ଟରେ କୌଣସି ଦୁର୍ନୀତି ସମ୍ପର୍କିତ ନୁହେଁ। ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଇଡି ତଦନ୍ତ କରୁଥିବାରୁ କିଛି କହି ହେବ ନାହିଁ ବୋଲି ସେ କହିଛନ୍ତି।

# ଅରବପତି ଯୁବ ଉଦ୍ୟୋଗୀ

**ଚାକିରି ହିଁ ରୋଜଗାରର ଏକମାତ୍ର ବଳିଷ୍ଠ ମାଧ୍ୟମ; ଅନେକଙ୍କ ମନରେ ଥିବା ଏହି ଭାବନାକୁ ସେମାନେ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି। ନିଜସ୍ୱ ଉଦ୍ୟମରେ ସଫଳ ବିଜ୍‌ନେସ୍ ଷ୍ଟାର୍ଟଅପ୍ ଆରମ୍ଭ କରି ପୃଥିବୀର ସବୁଠୁ ଧନୀ ଯୁବ ଅରବପତିଙ୍କ ତାଲିକାରେ ନିଜ ନାମ ସାମିଲ କରି କୋଟି କୋଟି ଯୁବପିଢ଼ିଙ୍କ ପାଇଁ ପାଲଟିଛନ୍ତି ଉଦାହରଣ ଆଉ ସେମାନଙ୍କ ମନରେ ଭରି ଦେଇଛନ୍ତି ଲକ୍ଷ୍ୟ ହାସଲ କରିବାର ସୁନେଲି ସ୍ୱପ୍ନ। ସେହିଭଳି କେତେଜଣ ସଫଳ ଯୁବ ଉଦ୍ୟୋଗୀଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...**



**ସୂର୍ଯ୍ୟା ମିଧା:** ଦୃଢ଼ ଇଚ୍ଛାଶକ୍ତି, ନିଷ୍ଠା ଓ ଅହରହ ପ୍ରଚେଷ୍ଟା ଦ୍ୱାରା ମଣିଷ ସଫଳତାର ଶୀର୍ଷରେ ପହଞ୍ଚିପାରିବ, ସେ କଥାକୁ ସେ ପ୍ରମାଣ କରି ଦେଖାଇଛନ୍ତି। ପୈତୃକ ସମ୍ପତ୍ତି ନୁହେଁ, ବରଂ ନିଜସ୍ୱ ଉଦ୍ୟମରେ ପୃଥିବୀର ସବୁଠୁ କମ୍ ବୟସ୍କ ଅରବପତି ଭାବେ ଚଳିତବର୍ଷ ଅର୍ଥାତ୍ ୧୩ ମାର୍ଚ୍ଚ ୨୦୨୬ରେ ଫୋର୍ବ୍ସ ପତ୍ରିକାରେ ପ୍ରକାଶ ପାଇଥିବା ପୃଥିବୀର ସବୁଠୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ନିଜ ନାମକୁ ସାମିଲ କରିବାରେ ସଫଳ ହୋଇ ପାରିଛନ୍ତି ୨୨ ବର୍ଷୀୟ ଯୁବ ଉଦ୍ୟୋଗୀ ସୂର୍ଯ୍ୟା ମିଧା। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ପ୍ରଥମଥର ଏହି ତାଲିକାରେ ସାମିଲ ହେବା ସହ ସେ ଫେସ୍‌ବୁକ୍‌ର କୋ-ଫାଉଣ୍ଡର ମାର୍କ ଜୁକରବର୍ଗ (୨୩ ବର୍ଷରେ ଏହି ତାଲିକାଭୁକ୍ତ ହୋଇଥିଲେ)ଙ୍କ ରେକର୍ଡ ଭାଙ୍ଗି ପାରିଛନ୍ତି। ସେ ହେଉଛନ୍ତି ଏଆଇ ଦ୍ୱାରା ନିଯୁକ୍ତି ଯୋଗାଇ ଦେଉଥିବା ଷ୍ଟାର୍ଟଅପ୍ କମ୍ପାନୀ ମେର୍‌କର୍‌ର ଚେୟାରପର୍ସନ ଏବଂ କୋ-ଫାଉଣ୍ଡର। ତାଙ୍କ ସହ ଏହି ତାଲିକାରେ ତାଙ୍କର ଅନ୍ୟ ଦୁଇ କୋ-ଫାଉଣ୍ଡର ବ୍ରେଣ୍ଡାନ୍ ଫୁଡୀ ଏବଂ ଆଦର୍ଶ ହିରେମାଥ୍‌ଙ୍କ ନାମ ବି ସାମିଲ ହୋଇଛି। ତିନିଜଣଙ୍କ ମଧ୍ୟରେ ମିଧାଙ୍କ ବୟସ ସବୁଠୁ କମ୍ ଏବଂ ସେମାନଙ୍କ ଷ୍ଟାର୍ଟଅପ୍‌ର ବର୍ତ୍ତମାନ ମୂଲ୍ୟ ପ୍ରାୟ ୧୦ ବିଲିୟନ୍ ଡଲାର ବୋଲି ଆକଳନ କରାଯାଇଛି। ତେବେ କେବଳ ମିଧାଙ୍କର ବର୍ତ୍ତମାନର ସମ୍ପତ୍ତି ୨.୨ ବିଲିଅନ୍ ଡଲାର। ମିଧାଙ୍କ ମା'ବାପା ଦିଲ୍ଲୀର ମୂଳ ବାସିନ୍ଦା ହୋଇଥିବା ବେଳେ ଆମେରିକାର ନାଗରିକତ୍ୱ ଗ୍ରହଣକରି ରହୁଛନ୍ତି। ପୃଥିବୀର ସବୁଠୁ ଇନ୍‌ଫ୍ଲୁଏନ୍ସିଆଲ୍ ଟେକ୍ନୋଲୋଜି ହବ୍ ଭାବେ ପରିଚିତ କାଲିଫର୍ନିର ସାନ୍‌ଜୋସ୍‌ଠାରେ ପିଲାବେଳୁ ରହି ବଢ଼ିଥିବାରୁ ସେ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହ ଜଡିତ ଥିଲେ, ଯାହାକି ତାଙ୍କୁ ଏହି ସଫଳତା ହାସଲ କରିବାରେ ବେଶ୍ କାମରେ ଆସିଲା। ସେ ଜର୍ଜଟାଉନ୍ ୟୁନିଭର୍ସିଟିରେ ପାଠପଢ଼ା ସମାପ୍ତ କରିଛନ୍ତି।

**ଲୁସି ଗୁଓ:** ମଣିଷର ସଫଳତା ଯେ କେବଳ ଡିଗ୍ରୀ ଉପରେ ନିର୍ଭର କରେ ତା' ନୁହେଁ, ବରଂ ସାହସ, ଉଦ୍ୟମ ଏବଂ ଠିକ୍ କାମ ପାଇଁ ସମୟର ସଦୁପଯୋଗ ଜଣଙ୍କୁ ସଫଳ କରିପାରେ ଏକଥାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ନିକଟରେ ଫୋର୍ବ୍ସ ସର୍ବକନିଷ୍ଠ ଧନୀ ଯୁବତୀ ତାଲିକାରେ ନିଜ ନାମ ସାମିଲ କରିଥିବା ଲୁସି ଗୁଓ। ଲୋକପ୍ରିୟ ସିଙ୍ଗର୍ ଟେଲର୍ ସ୍ୱିଫ୍ଟ ୩୬ ବର୍ଷ ବୟସରେ ଏହି ତାଲିକାରେ ନାମ ସାମିଲ କରିଥିବା ବେଳେ ଲୁସି ନିଜସ୍ୱ ଉଦ୍ୟମରେ ମାତ୍ର ୩୦ ବର୍ଷ ବୟସରେ ୧.୩ ବିଲିୟନ୍ ଆମେରିକୀୟ ଡଲାର (ପ୍ରାୟ ୧୧,୪୪୫ କୋଟି ଟଙ୍କା)ର ସମ୍ପତ୍ତିର ମାଲିକାଣୀ ହୋଇ ତାଙ୍କ ରେକର୍ଡ ଭାଙ୍ଗିବାରେ ସଫଳ ହୋଇପାରିଛନ୍ତି। ଚାଇନାର ମୂଳବାସିନ୍ଦା ଏବଂ ପରେ ଆମେରିକାରେ ରହୁଥିବା ଏକ ମଧ୍ୟବିତ୍ତ ପରିବାରରେ ତାଙ୍କର ଜନ୍ମ। ପିଲାବେଳୁ ନିଓପେଟ୍ସ ନାମକ ଏକ ମୋବାଇଲ୍ ଗେମ୍‌ରେ ଭର୍ଚୁଆଲ୍ ଆଇଟମ୍ ଏବଂ କରେନ୍ସି ବିକି ପ୍ରକୃତ ଟଙ୍କା ରୋଜଗାର ଆରମ୍ଭ କରିଦେଇଥିଲେ। ଧୀରେ ଧୀରେ କୋଡିଂ ଏବଂ ପ୍ରୋଗ୍ରାମିଂ ବି ଶିଖିଲେ। ଅଧିକ ପାଠ ପଢ଼ି ଚାକିରି କରିବା ଅପେକ୍ଷା ନିଜେ କିଛି କରି ଅଧିକ ରୋଜଗାର କରିବାର ନିଶା ତାଙ୍କ ଭିତରେ ସବୁବେଳେ ଥିଲା। ତେଣୁ ସେ କାର୍ନେଜି ମେଲନ୍ ୟୁନିଭର୍ସିଟିରେ କମ୍ପ୍ୟୁଟର ସାଇନ୍ସ ପଢ଼ା ଅଧାରୁ ଛାଡ଼ି ଥିଏଲ୍ ଫେଲୋଶିପ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ସେଠାରେ ଯୁବ ଉଦ୍ୟୋଗୀମାନଙ୍କୁ ନିଜସ୍ୱ କମ୍ପାନି କରିବା ଲାଗି ୨ ଲକ୍ଷ ଡଲାର୍ ଫଣ୍ଡିଂ ମିଳୁଥିଲା। ଏହି ଟଙ୍କା ବ୍ୟବହାର କରି ସେ ଟେକ୍ନୋଲୋଜି ଏବଂ ଷ୍ଟାର୍ଟଅପ୍ ଦୁନିଆରେ ପାଦ ଥାପିଥିଲେ। ସେ ଆଲେକ୍‌ଜାଣ୍ଡର ୱାଙ୍ଗ୍‌ଙ୍କ ସହ ମିଶି ୨୦୧୬ରେ 'ସ୍କେଲ୍ ଏଆଇ' ନାମକ ଏକ ଷ୍ଟାର୍ଟଅପ୍ କମ୍ପାନୀ ଆରମ୍ଭ କରିଥିଲେ। ପରେ ସେ ଏହାକୁ ଛାଡ଼ି ୨୦୨୨ରେ 'ପାସେସ୍' ନାମକ ନିଜସ୍ୱ ଷ୍ଟାର୍ଟଅପ୍ କମ୍ପାନୀ ଆରମ୍ଭ କଲେ। ଏହା ଏକ କ୍ରିଏଟର୍ ମନିଟାଇଜେଶନ୍ ପ୍ଲାଟଫର୍ମ, ଯାହାକି କଣ୍ଟେଣ୍ଟ କ୍ରିଏଟର୍ସମାନଙ୍କ ମଧ୍ୟରେ ଖୁବ୍ ପ୍ରିୟ ପାଲଟିଛି।

**କୈବଲ୍ୟ ବୋହରା ଏବଂ ଆଦିତ୍ ପାଲିଚା:** କିଛି ଭିନ୍ନ କରି ରୋଜଗାର କରିବାର ଇଚ୍ଛା ପିଲାବେଳୁ ସେମାନଙ୍କ ଭିତରେ ଥିଲା। ଆଉ ଏହି ଆଗ୍ରହ ଓ ପ୍ରଚେଷ୍ଟା ବଳରେ ୨୦୨୪ରେ ପ୍ରକାଶ ପାଇଥିବା ହୁରୁନ୍ ରିଚ୍ ଲିଷ୍ଟ ରିପୋର୍ଟ ମୁତାବକ ଭାରତର ସବୁଠୁ ଯୁବ ଅରବପତିଙ୍କ ତାଲିକାରେ ନିଜ ନାମ ସାମିଲ କରିବାରେ ସଫଳ ହୋଇପାରିଛନ୍ତି ବେଙ୍ଗାଲୁରୁରେ ଜନ୍ମିତ କୈବଲ୍ୟ ବୋହରା(୨୧) ଏବଂ ମୁମ୍ବାଇରେ ଜନ୍ମିତ ଆଦିତ୍ ପାଲିଚା(୨୨)। ବର୍ତ୍ତମାନ କୈବଲ୍ୟଙ୍କ ସମ୍ପତ୍ତି ପ୍ରାୟ ୪,୪୮୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଆଦିତ୍‌ଙ୍କ ସମ୍ପତ୍ତିର ମୂଲ୍ୟ ୫,୩୮୦ କୋଟିରୁ ଊର୍ଦ୍ଧ୍ୱ ବୋଲି ଆକଳନ କରାଯାଇଛି। ଦୁଇଜଣ ପିଲାବେଳୁ ଏକାଠି ମୁମ୍ବାଇରେ ଏବଂ ପରେ ଦୁବାଇରେ ପାଠ ପଢ଼ିଥିଲେ। ପରେ କାଲିଫର୍ନିଆର ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିରେ କମ୍ପ୍ୟୁଟର ସାଇନ୍ସ ପଢୁଥିବା ବେଳେ କୋଭିଡ୍ ମହାମାରୀ ସମୟରେ ତାଙ୍କୁ ମୁମ୍ବାଇ ଫେରିବାକୁ ପଡ଼ିଥିଲା। ହେଲେ ସେମାନେ ଅନ୍‌ଲାଇନ୍‌ରେ ପାଠ ପଢ଼ିବା ଅପେକ୍ଷା ନିଜସ୍ୱ ବିଜ୍‌ନେସ୍ ଷ୍ଟାର୍ଟଅପ୍ କରିବାକୁ ନିଷ୍ପତ୍ତି ନେଲେ। ମହାମାରୀରେ ବାହାରକୁ ଯାଇ ଗ୍ରୋସେରି ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ କିଣିବାରେ ଲୋକଙ୍କୁ ଅସୁବିଧା ହେଉଥିବାରୁ କିଭଳି ଏସବୁ ସାମଗ୍ରୀ ସେମାନଙ୍କ ପାଖରେ ସହଜରେ ପହଞ୍ଚାଯାଇ ପାରିବ, ସେଥିପାଇଁ ଯୋଜନା କରିଥିଲେ। କଲେଜ ପାଠପଢ଼ା ଛାଡ଼ି ମାତ୍ର ୧୭ ବର୍ଷ ବୟସରେ ସେମାନେ ଆରମ୍ଭ କଲେ କିରାନାକାର୍ଟ ନାମକ ଏକ ଇ-ଶପିଂ ସାଇଟ୍। ୨୦୨୧ରେ ସେମାନେ ଏହାକୁ ପରିବର୍ତ୍ତନ କରି ଜିପ୍ଟୋ ନାମକ କ୍ୱିକ୍ କମର୍ସ କମ୍ପାନୀ ଆରମ୍ଭ କଲେ ଆଉ ମାତ୍ର ୧୦ ମିନିଟ୍‌ରେ ଗ୍ରାହକଙ୍କ ପାଖରେ ଗ୍ରୋସେରୀ ପହଞ୍ଚାଇଦେଲେ। ଉଭୟଙ୍କ ପରିବାର ସଦସ୍ୟ ଅଧାରୁ ପାଠପଢ଼ା ଛାଡ଼ିବାକୁ ନେଇ ଆଦୌ ରାଜି ନ ଥିଲେ। ହେଲେ ଜିପ୍ଟୋ ଲଞ୍ଚ୍ ହେବାର ମାତ୍ର ୫ମାସ ମଧ୍ୟରେ ୫୦୦ କୋଟିରୁ ଅଧିକ ରୋଜଗାର କରିବାରେ ସଫଳ ହୋଇପାରିଲା। ତେଣୁ ଧୀରେ ଧୀରେ ପିଲାମାନଙ୍କ ସଫଳତା ଦେଖି ଅଭିଭାବକ ମଧ୍ୟ ଖୁସି ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ସେମାନଙ୍କ କମ୍ପାନୀର ଆୟ ୫.୯ ବିଲିୟନ୍ ଡଲାରରୁ ଊର୍ଦ୍ଧ୍ୱ ହୋଇସାରିଥିବା ବେଳେ ସେମାନେ ଭବିଷ୍ୟତରେ ଆହୁରି ଉନ୍ନତି କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ରୋଜଗାର ଯୋଗାଇଦେବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି।



ସୂର୍ଯ୍ୟା ମିଧା




କୈବଲ୍ୟ ବୋହରା

ଆଦିତ୍ ପାଲିଚା

ଲୁସି ଗୁଓ

## ଏ ସପ୍ତାହର ପ୍ରଶ୍ନ ?

୧- ନିକଟରେ ଆବିଷ୍କୃତ ହୋଇଥିବା ଟାକିଡ୍ରୋମ୍ସ ଅଲ୍‌ଟ୍ରାପାନେସିସ୍ ଏକ ପ୍ରକାର .......... ପ୍ରଜାତିର ଜୀବ ?

୨- ଦି ପ୍ରେସିଜନ୍ ଷ୍ଟ୍ରାଇକ୍ ମିସାଇଲ୍ ......... ଦେଶ ଦ୍ୱାରା ନିର୍ମିତ ହୋଇଛି ?

୩- ଲୋ ଟେମ୍ପରେଚର୍ ଥର୍ମାଲ୍ ଡିସାଲାଇନେଶନ୍ ପ୍ରୋଗ୍ରାମ୍ .............. ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?

୪- ଭାରତ ନେଟ୍ ପ୍ରୋଜେକ୍ଟର ମୁଖ୍ୟ ଉଦ୍ଦେଶ୍ୟ .............. ?

୫- ଏଚ୍‌ଏମ୍‌ପିଭିର ଫୁଲ୍‌ଫର୍ମ ............... ?

## ଗତ ଥରର ଉତ୍ତର

୧ ଉପନଦୀ

୨ ତାମିଲନାଡୁ

୩ ତ୍ରିପୁରା

୪ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ

୫ ୨୦୧୪ ମସିହା

## ଉତ୍ତରଦାତା



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ଅନ୍ନଦା ପ୍ରସାଦ ପଟ୍ଟନାୟକ,
କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ-ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

### ସର୍ବାଧିକ ହେଲିକପ୍ଟର ପ୍ରସ୍ତୁତକାରୀ

୧. ଏୟାରବସ୍ ହେଲିକପ୍ଟର୍ସ ........................ ଫ୍ରାନ୍ସ/ୟୁରୋପିଆନ୍ ୟୁନିଅନ୍

୨. ଲିଓନାର୍ଡୋ ହେଲିକପ୍ଟର୍ସ ...................... ଇଟାଲୀ/ୟୁନାଇଟେଡ୍ କିଙ୍ଗ୍‌ଡମ୍

୩. ବେଲ୍ ଟେକ୍ସଟ୍ରନ୍ .............................................. ଆମେରିକା

୪. ସିକର୍‌ସ୍କାଏ (ଲକ୍‌ହିଡ୍ ମାର୍ଟିନ୍)..................................... ଆମେରିକା

୫. ବୋଇଂ ଡିଫେନ୍ସ, ସ୍ପେସ୍ ଆଣ୍ଡ ସିକ୍ୟୁରିଟି........................... ଆମେରିକା

୬. ରୁଷିଆନ୍ ହେଲିକପ୍ଟର୍ସ .............................................. ରୁଷିଆ

୭. ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ................................... ଭାରତ

୮. ରବିନ୍‌ସନ୍ ହେଲିକପ୍ଟର କମ୍ପାନି .................................. ଆମେରିକା

୯. ଆଭିଏଶନ୍ ଇଣ୍ଡଷ୍ଟ୍ରି କର୍ପୋରେଶନ୍ ଅଫ୍ ଚାଇନା....................... ଚାଇନା

୧୦. ଏମ୍‌ଡି ହେଲିକପ୍ଟର୍ସ ............................................. ଆମେରିକା

## ୟୁଥ୍ ଆଲର୍ଟ

# ଅଧିକ ସମୟ ଏସିରେ ରହୁଥିଲେ

**ଧୀରେ ଧୀରେ ଗରମ ବଢୁଛି, ଯେଉଁଥିପାଇଁ ଏସିର ବ୍ୟବହାର ବି ବଢ଼ିବା ଆରମ୍ଭ ହେଲାଣି। ଏମିତିରେ ବିଶେଷକରି ଯୁବପିଢ଼ି ଘରଠୁ କଲେଜ, ଅଫିସ୍ ଏବଂ ଗାଡ଼ି ପର୍ଯ୍ୟନ୍ତ ସବୁଠି ଏୟାର କଣ୍ଡିଶନର(ଏସି)ର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଅଧିକ ସମୟ ଏସି ବ୍ୟବହାର କରୁଥିଲେ କେତେକ ଦିଗ ପ୍ରତି ସତର୍କ ରହିବା ଜରୁରୀ...**

- ଅତ୍ୟଧିକ ଗରମ ବେଳେ ଏସିର ଥଣ୍ଡା ପରିବେଶରେ ରହିବାକୁ କାହାକୁ ବା ଭଲ ନ ଲାଗେ! ହେଲେ ଅଧିକ ସମୟ ଏସିରେ ରହିବା ପରେ ବାହାରକୁ ଗରମରେ ବାହାରିଲେ ହଠାତ୍ ଶରୀରର ତାପମାତ୍ରା ଅସନ୍ତୁଳିତ ହୋଇପଡ଼େ, ଯଦ୍ୱାରା ଷ୍ଟ୍ରୋକ୍ ହେବାର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।
- ଅଧିକ ସମୟ ଏସିରେ ରହିଲେ ନାକ ଶୁଖିବା, ପୋଡ଼ିବା, ବ୍ଲକ୍ ହେବା, ଗଳାରେ ଯନ୍ତ୍ରଣା ହେବା ଭଳି ସମସ୍ୟା ମଧ୍ୟ ଦେଖାଦେଇଥାଏ। ଏହି ଆଲର୍ଜିକ୍ ରିଆକ୍ସନ୍ ଧୀରେ ଧୀରେ ଶ୍ୱାସଜନିତ ସମସ୍ୟାର କାରଣ ସାଜିପାରେ। ତେଣୁ ଅଧିକ ସମୟ ଏସିରେ ରହିବା ବିଶେଷକରି ପୂର୍ବରୁ କୌଣସି ଥଣ୍ଡା ଆଲର୍ଜି କିମ୍ବା ଶ୍ୱାସ ବା ଆଜ୍‌ମା ସମସ୍ୟା ଥିଲେ ଏହା କ୍ଷତିକାରକ ହୋଇପାରେ।
- ହେଲେ ଦୀର୍ଘ ସମୟ ଏସି ରୁମ୍‌ରେ ରହିବା ଦ୍ୱାରା ଶରୀରରୁ ଜଳୀୟାଂଶ ଖୁବ୍‌ଶୀଘ୍ର କମିଥାଏ। ଫଳରେ ଡିହାଇଡ୍ରେଶନ୍ ସମସ୍ୟା ଉପୁଜିପାରେ। ତେଣୁ ଏହି ସମସ୍ୟା ନ ହେବା ଲାଗି ଏସି ଟେମ୍ପରେଚର ବହୁତ କମ୍ ନ କରି ନର୍ମାଲ ରଖନ୍ତୁ ଏବଂ ମଝିରେ ମଝିରେ ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।
- ଅଧିକ ସମୟ ଏସିରେ ରହିବା ଦ୍ୱାରା ଡ୍ରାଏ ଆଇ ବା ଆଖି ଶୁଷ୍କ ହେବା ସମସ୍ୟା ଦେଖାଦିଏ। ଫଳରେ ଆଖି କୁଣ୍ଡେଇ ହୋଇ ଲାଲ୍ ପଡ଼ିଥାଏ। ଯେଉଁମାନଙ୍କଠାରେ ପୂର୍ବରୁ ଏଭଳି ସମସ୍ୟା ଥାଏ, ସେମାନେ ଏସିରେ ଅଧିକ ସମୟ ଆଦୌ ରହିବା ଠିକ୍ ନୁହେଁ, ନଚେତ୍ ସମସ୍ୟା ବଢ଼ିପାରେ।
- ସେହିପରି ଏସିରେ ଦୀର୍ଘ ସମୟ ରହିବା ଦ୍ୱାରା ମଶ୍ଚରାଇଜର କମିଯିବା ଦ୍ୱାରା ସ୍କିନ୍ ଡ୍ରାଏ ହୋଇଯାଏ। ଏଥିପାଇଁ ମଧ୍ୟ କାହା କାହାଠାରେ ତ୍ୱଚା କୁଣ୍ଡେଇ ହେବା ଭଳି ବିଭିନ୍ନ ଲକ୍ଷଣ ଦେଖାଦିଏ।
- କେବଳ ଏତିକି ନୁହେଁ, କାହା କାହାଠାରେ ଏସି ଯୋଗୁ ମୁଣ୍ଡବିନ୍ଧା, ମାଇଗ୍ରେନ୍ ଆଦି ସମସ୍ୟା ବି ଦେଖାଦେଇ ଥାଏ। ତେଣୁ ଏଭଳି ଅସୁବିଧା ଦୂର କରିବା ଲାଗି ଏସି ବ୍ୟବହାର କମ୍ କରନ୍ତୁ।



## ଜାଣନ୍ତୁ ଦୁନିଆ

# ଯେଉଁ ଗାଁରେ ପୁରୁଷ ପ୍ରବେଶ ମନା

**ପୃଥିବୀରେ ଏମିତି ଏକ ଗାଁ ରହିଛି, ଯେଉଁଠାକୁ ପୁରୁଷଙ୍କ ପ୍ରବେଶ ନିଷେଧ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏକଥା ସତ। ତେବେ ଉମଜା ନାମକ ଏହି ଗାଁଟି ରହିଛି କେନିଆର ସାମବୁରୁ ଅଞ୍ଚଳରେ। ଜାଣିବା ଏହା ସମ୍ପର୍କରେ ...**

- କେନିଆର ରାଜଧାନୀ ନାଇରୋବିଠାରୁ ୩୮୦ କିମି. ଦୂରରେ ଥିବା ଏହି ଗାଁ ସମଗ୍ର ପୃଥିବୀରେ ଏଭଳି ଏକ ଗାଁ, ଯେଉଁଠାରେ ଦୀର୍ଘ ୨୬ ବର୍ଷ ହେବ କେବଳ ମହିଳା ରହୁଛନ୍ତି।
- ୧୯୯୦ରେ ସମାଜସେବୀ ରେବେକା ଲୋଲୋସେଲିଙ୍କ ଦ୍ୱାରା ଏହି ଗାଁକୁ ବ୍ରିଟିଶ୍ ଯବାନଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିବା ୧୪ ଜଣ ମହିଳାଙ୍କ ରହିବା ଲାଗି ବଛା ଯାଇଥିଲା। ସେବେଠୁ ପୁରୁଷପ୍ରଧାନ ସମାଜରେ ହିଂସାର ଶିକାର ହୋଇଥିବା ମହିଳା କିମ୍ବା ବାଲ୍ୟ ବିବାହ କରିଥିବା ମହିଳାମାନେ ରହି ଆସୁଛନ୍ତି। ବର୍ତ୍ତମାନ ଏଠାରେ ପ୍ରାୟ ୨୫୦ ଜଣ ମହିଳା ଏବଂ ସେମାନଙ୍କ ପିଲାମାନେ ରହୁଛନ୍ତି।
- ସେହି ମହିଳାମାନେ ଗାଁରେ ଥିବା ପାଠଶାଳା, ସାଂସ୍କୃତିକ କେନ୍ଦ୍ର ଏବଂ ସାମବୁରୁର ରାଷ୍ଟ୍ରୀୟ ଉଦ୍ୟାନକୁ ଆସୁଥିବା ପର୍ଯ୍ୟଟକଙ୍କ ଲାଗି କ୍ୟାମ୍ପିଂ ସାଇଟ୍ ଚଳାଉଛନ୍ତି। କେବଳ ଏତିକି ନୁହେଁ, ରୋଜଗାର ନିମନ୍ତେ ସେମାନେ ପାରମ୍ପରିକ ପୋଷାକ, ଆଭୂଷଣ, ହସ୍ତକଳା ସାମଗ୍ରୀ ପ୍ରସ୍ତୁତ କରି ଉମୋଜା ୱାସୋ ଓମେନ୍ସ କଲ୍‌ଚରାଲ୍ ସେଣ୍ଟରରେ ଏବଂ ୱେବ୍‌ସାଇଟ୍‌ରେ ମଧ୍ୟ ବିକ୍ରି କରିଥା'ନ୍ତି। ଏହି ସଂସ୍ଥାଗୁଡ଼ିକରୁ ହେଉଥିବା ନିୟମିତ ଆମଦାନୀରେ ସେମାନେ ଘରଖର୍ଚ୍ଚ ଚଳାଇଥାନ୍ତି।



- ଏଠାରେ ରହୁଥିବା ମହିଳା ପାରମ୍ପରିକ ପୋଷାକ ଓ ଆଭୂଷଣ ପିନ୍ଧିବା ବାଧ୍ୟତାମୂଳକ।
- ନିୟମ ଅନୁଯାୟୀ ଏଠାକୁ ପୁରୁଷ ବୁଲିବାକୁ ଆସିପାରିବେ, ହେଲେ ରହିବାର ଅନୁମତି ନାହିଁ। ଏମିତିକି ପିଲାବେଳୁ ନିଜ ମା'ଙ୍କ ସହ ରହି ଆସିଥିବା ପୁଅମାନଙ୍କୁ ମଧ୍ୟ ୧୮ ବର୍ଷ ହେବା ପରେ ଆଉ ଏଠାରେ ରହିବାର ଅନୁମତି ନାହିଁ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ